Q&A

# WORK BOOK
CUM
# QUESTION BANK WITH ANSWERS

# M.I.L. (ODIA)

CLASS - XII

## COMMERCE

SCHEDULED CASTES & SCHEDULED TRIBES
RESEARCH & TRAINING INSTITUTE (SCSTRTI)
ST & SC DEVELOPMENT DEPARTMENT
BHUBANESWAR

# Work Book
# cum
# Question Bank with Answers

# M.I.L. (ODIA)

## CLASS-XII

## COMMERCE

*Compiled by :*

**Dr. Nishamani Swain,** M.A., Ph.D.
Retd. Principal
D.R. College, Nayapalli, Bhubaneswar

**SCHEDULED CASTES & SCHEDULED TRIBES**
**RESEARCH & TRAINING INSTITUTE (SCSTRTI)**
**ST & SC DEVELOPMENT DEPARTMENT**
BHUBANESWAR

**2020**

# FOREWORD



An innovative education program has been initiated by ST & SC Development Department, Govt. of Odisha for the students appearing in +2 Science and Commerce examination pursuing studies in the ST & SC Development Department Schools (EMRS & HSS) to ensure quality education at +2 level.

In this regard it is to mention that an Academic Performance Monitoring Cell (APMC)has been set up in SCSTRTI to monitor the Training and Capacity Building of Teachers of SSD Higher Secondary Schools and Ekalabya Model Residential Schools (EMRS) to enhance quality education for better performance of the students appearing +2 Science and Commerce examination.This effort by APMC will certainly help the students to equip themselves for appropriate answering the question in the examination in an efficient manner.

In order to materialize the effort, thebest ofsubject experts of the state have been roped into formulate self-contained and self-explanatory "Work book cumQuestions Bankwith Answers" as per the syllabi of CHSE,Odisha.They have tried to make the material as far as activity based and solution based as possible.This novel effort is first of its kind at +2 level in Odisha.

I would like to extend my thanks to Prof.(Dr.) A.B. Ota, Advisor-Cum-Director and Special Secretary, SCSTRTI and the team of Subject experts for their sincere effort for bringingout the study materials in quick time.

Hope, these study materials will be extremely useful for the students appearing the +2 examination in Science and Commerce of our SSD Schools.

**Ranjana Chopra**
Principal Secretary
ST & SC Development Department
Govt. of Odisha

# PREFACE



The ST and SC Development Department, Government of Odisha, has initiated an innovative effort by setting up an Academic Performance Monitoring Cell (APMC) in Scheduled Castes and Scheduled Tribes Research and Training Institute (SCSTRTI) to monitor the Training and Capacity Building of teachers of SSD Higher Secondary Schools and Ekalavya Model Residential Schools (EMRS) and to ensure quality education of students studying at +2 level under the administrative control of the ST & SC Development Department. This innovative programme is intended to ensure quality education in the Higher Secondary Level of the schools of the ST & SC Development Department.

Since the introduction of +2 Science and +2 Commerce stream by the Council of Higher Secondary Education, Odisha, there was a great demand to cater to the needs of the students appearing the +2 Examination. But no organisation or institute has taken the initiative to fulfil the needs of the students appearing the +2 examination. Realizing the necessities and requirements of students to perform better and secure better marks in the examination and proper pattern of answering the question in a scientific way, the APMC under the banner of SCSTRTI has taken the initiative for the first time in Odisha to prepare Questions Banks in Physics, Chemistry, Botany, Zoology, Mathematics, IT, English & Odia of the Science Stream and all the disciplines of the Commerce stream in line with the Syllabus of the Council of Higher Secondary Education (CHSE).

These questions banks are first of this kind in Odisha, as per syllabi of CHSE and are self contained and self explanatory. The subject expert, who are the best in their respective subjects in the state have been roped in for the exercise. They have given their precious time to make the question banks as activity based and solution based as possible.

I take this opportunity to thank all the subject experts of different subjects for rendering help and assistance to prepare the question banks within a record time. I hope, this material will be extremely useful for the students preparing for the +2 examination in different subjects of Science & Commerce streams.

**Prof. (Dr.) A.B. Ota**
Advisor cum Director & Special Secretary
SCSTRTI, Govt. of Odisha

# M.I.L. (Odia) (2nd Year) Syllabus

## ପ୍ରଥମ ଏକକ - ଗଦ୍ୟ (୧୬ ପିରିଅଡ଼୍)

୧. ଇତିହାସ - ବିଶ୍ୱନାଥ କର

୨. ସ୍ୱାଧୀନ ଦେଶର ଶିକ୍ଷା ଚିନ୍ତା - ଗୋଲୋକ ବିହାରୀ ଧଳ

୩. ପୁଷ୍ପପୁରରେ ବର୍ଷାବରଣ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୪. ତିନି ତୁଣ୍ଡରେ - ଭୁବନେଶ୍ୱର ବେହେରା

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧x୫=୫ ନମ୍ବର।

- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧x୩=୩ ନମ୍ବର।

- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୨x୨=୪ ନମ୍ବର।

- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୩ x ୧ = ୩ ନମ୍ବର।

- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ ନମ୍ବର।

## ଦ୍ୱିତୀୟ ଏକକ - ପଦ୍ୟ (୧୬ ପିରିଅଡ଼୍)

୧. ବଡ଼ପଣ - ରାଧାନାଥ ରାୟ

୨. ତପସ୍ୱିନୀର ପତ୍ର - ଗଙ୍ଗାଧର ମେହେର

୩. ବନ୍ଦୀର ବିରହ ବ୍ୟଥା - ଗୋପବନ୍ଧୁ ଦାସ

୪. ବାର୍ତ୍ତା - ସଚ୍ଚିଦାନନ୍ଦ ରାଉତରାୟ

୫. ପିଙ୍ଗଳାର ଅଭିସାର - ରାଧାମୋହନ ଗଡ଼ନାୟକ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧x୫=୫ ନମ୍ବର।

- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧x୩ = ୩ ନମ୍ବର।

- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୨x୨=୪ ନମ୍ବର।

- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୩x୧=୩ ନମ୍ବର।

- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

  ଏହାର ମୂଲ୍ୟ ୫ ନମ୍ବର।

## ତୃତୀୟ ଏକକ - ଗଦ୍ୟ (୧୬ ପିରିଅଡ଼୍)

୧. ସଭ୍ୟ ଜମିଦାର - ଫକୀର ମୋହନ ସେନାପତି

୨. ପତାକା ଉତ୍ତୋଳନ - ସୁରେନ୍ଦ୍ର ମହାନ୍ତି

୩. ରୂପନାରାୟଣ ସାହା - ଅଖିଳ ମୋହନ ପଟ୍ଟନାୟକ

୪. ଆକାଶ କଇଁଚ - ମନୋଜ ଦାସ

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ। ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।

  ଏହାର ମୂଲ୍ୟ ୧x୫=୫ ନମ୍ବର।

- ୪ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।

  ଏହାର ମୂଲ୍ୟ ୧ x ୩ = ୩ ନମ୍ବର।

- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୨ x ୨=୪ ନମ୍ବର।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୩x୧=୩ ନମ୍ବର।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।
  ଏହାର ମୂଲ୍ୟ ୫ ନମ୍ବର।

## ଚତୁର୍ଥ ଏକକ - ବୋଧଜ୍ଞାନ (୧୬ ପିରିଅଡ଼)

୧. ଅବବୋଧ ପରୀକ୍ଷର

(କ) ଗଦ୍ୟାଂଶ

(ଖ) ପଦ୍ୟାଂଶ

୨. ସର୍ଜନାତ୍ମକ ରଚନା

(ରୂଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ)

- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। ସେଥିରୁ ପ୍ରଥମ ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୧x୪=୪ ନମ୍ବର।

  ପୁନଶ୍ଚ

  ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୨x୩ = ୬ ନମ୍ବର।
- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ପଦ୍ୟ ଅନୁଚ୍ଛେଦ ଦିଆଯିବ। ସେଥିରୁ ୫ଟି ପ୍ରଶ୍ନ ପଡ଼ିବ। ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
  ଏହାର ମୂଲ୍ୟ ୧x୫=୫ନମ୍ବର।
- ରୁଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ ସର୍ଜନାମୂଳକ ଲିଖନ ସମ୍ବନ୍ଧୀୟ ୩ଟି ପ୍ରଶ୍ନ ପଡ଼ିବ। ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ।
  ଏହାର ମୂଲ୍ୟ ୧x୫=୫ ନମ୍ବର।

## ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ (୧୬ ପିରିଅଡ଼)

(କ) ଦରଖାସ୍ତ ଓ ପତ୍ର ଲିଖନ

(ବ୍ୟବସାୟିକ, ବ୍ୟକ୍ତିଗତ, ବୃତ୍ତି ନିମିତ୍ତ, ସରକାରୀ କାର୍ଯ୍ୟାଳୟ ସମ୍ବନ୍ଧୀୟ, ସାମୟିକ ଛୁଟି ଓ ସମ୍ପାଦକଙ୍କୁ ପତ୍ର)

(ଖ) ସଂକ୍ଷିପ୍ତକରଣ

(ଗ) ବ୍ୟାକରଣ

୧) ରୂଢ଼ିକୁ ବାକ୍ୟରେ ପ୍ରୟୋଗ

୨) ଏକପଦୀକରଣ

୩) ସମୋଚାରିତ ଭିନ୍ନାର୍ଥବୋଧକ ଶବ୍ଦ

୪) ବିପରୀତ ଅର୍ଥବୋଧକ ଶବ୍ଦ

୫) ଭ୍ରମ ସଂଶୋଧନ (ଶବ୍ଦ)

- ଦରଖାସ୍ତ ଓ ପତ୍ରଲିଖନ ୨ ଟି ପ୍ରଶ୍ନ ପଡ଼ିବ। ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ।
  ଏହାର ମୂଲ୍ୟ ୫x୧=୫ନମ୍ବର।
- ସଂକ୍ଷିପ୍ତକରଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। ସେଥିରୁ ପରୀକ୍ଷାର୍ଥୀ ଏକ ତୃତୀୟାଂଶ ଶବ୍ଦରେ ଉତ୍ତର ଦେବାକୁ ହେବ।
  ଏହାର ମୂଲ୍ୟ ୫x୧=୫ ନମ୍ବର।
- ରୁଢ଼ି ପ୍ରୟୋଗ, ଏକପଦୀକରଣ, ସମୋଚାରିତ ଭିନ୍ନାର୍ଥବୋଧକ ଶବ୍ଦ, ବିପରୀତ ଅର୍ଥବୋଧକ ଶବ୍ଦ ଏବଂ ଭ୍ରମ ସଂଶୋଧନ (ଶବ୍ଦ)ରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ିବ। ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ।
  ଏହାର ମୂଲ୍ୟ
  ୧x୨=୨,୧x୨=୨,୧x୨=୨, ୧x୨=୨ ୧x୨=୨=୧୦

# QUESTION PATTERN OF CHSE

## ୧. ପ୍ରଥମ ଏକକ - ଗଦ୍ୟ ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

## ୨. ଦ୍ୱିତୀୟ ଏକକ - ପଦ୍ୟ ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୩x୧=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

## ୩. ତୃତୀୟ ଏକକ - ଗଳ୍ପ ୨୦ ନମ୍ବର

- ଏହି ଏକକରୁ ୫ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୫=୫)
  ପ୍ରତ୍ୟେକ ପ୍ରଶ୍ନ ପାଇଁ ୪ ଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ଦିଆଯିବ।
  ସେଥିମଧ୍ୟରୁ ପରୀକ୍ଷାର୍ଥୀ କେବଳ ଠିକ୍ ଉତ୍ତରଟି ବାଛି ଲେଖିବେ।
- ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୧x୩=୩)
  ସେଥିରୁ ୩ ଟିର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୨=୪)
  ସେଥିରୁ ୨ଟିର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ୨ ଟି ୩ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୩x୧=୩)
  ସେଥିରୁ ୧ଟିର ଉତ୍ତର ୩୦ଟି ଶବ୍ଦ ମଧ୍ୟରେ ଦେବାକୁ ହେବ।
- ୨ ଟି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ପଡ଼ିବ। (୫)
  ସେଥିରୁ ୧ଟିର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ।

## ୪. ଚତୁର୍ଥ ଏକକ - ବୋଧଜ୍ଞାନ ୨୦ ନମ୍ବର

- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। (୧x୪=୪)
  ସେଥିରୁ ପ୍ରଥମ ୪ ଟି ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ।
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
  ପୁନଶ୍ଚ
  ୩ ଟି ୨ ନମ୍ବର ବିଶିଷ୍ଟ ପ୍ରଶ୍ନ ପଡ଼ିବ। (୨x୩=୬)
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟରେ ଦେବାକୁ ହେବ।
- ଅବବୋଧ ପରୀକ୍ଷଣ ନିମନ୍ତେ ଏକ ପଦ୍ୟ ଅନୁଚ୍ଛେଦ ଦିଆଯିବ। (୧x୫=୫)
  ସେଥିରୁ ୫ଟି ପ୍ରଶ୍ନ ପଡ଼ିବ। ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ।
  ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦେବାକୁ ହେବ।
- ରୁଢ଼ି, ପ୍ରବାଦ, ପ୍ରବଚନ ଓ ସୂକ୍ତି ଆଧାରିତ ସର୍ଜନାମୂଳକ ଲିଖନ ସମ୍ବନ୍ଧୀୟ ୩ଟି ପ୍ରଶ୍ନ ପଡ଼ିବ। (୧x୫=୫)
  ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ।

## ୫. ପଞ୍ଚମ ଏକକ - ପ୍ରବନ୍ଧ ଓ ବ୍ୟାକରଣ ୨୦ ନମ୍ବର

- ଦରଖାସ୍ତ ଓ ପତ୍ରଲିଖନ ୨ ଟି ପ୍ରଶ୍ନ ପଡ଼ିବ। ସେଥିରୁ ଗୋଟିଏ ଉତ୍ତର ଦେବାକୁ ହେବ। (୫x୧=୫)
- ସଂକ୍ଷିପ୍ତକରଣ ନିମନ୍ତେ ଏକ ଗଦ୍ୟ ଅନୁଚ୍ଛେଦ ଦିଆଯିବ। (୫x୧=୫)
  ସେଥିରୁ ପରୀକ୍ଷାର୍ଥୀ ଏକ ତୃତୀୟାଂଶ ଶବ୍ଦରେ ଉତ୍ତର ଦେବାକୁ ହେବ।
- ରୁଢ଼ି ପ୍ରୟୋଗ (୧x୨=୨)
  ଏକପଦୀକରଣ (୧x୨=୨)
  ସମୋଚ୍ଚାରିତ ଭିନ୍ନାର୍ଥବୋଧକ ଶବ୍ଦ (୧x୨=୨)
  ବିପରୀତ ଅର୍ଥବୋଧକ ଶବ୍ଦ (୧x୨=୨)
  ଭ୍ରମ ସଂଶୋଧନ (ଶବ୍ଦ)ରୁ ୪ଟି ଲେଖାଏଁ ପ୍ରଶ୍ନ ପଡ଼ିବ। (୧x୨=୨)
  ସେଥିରୁ ୨ଟି ଲେଖାଏଁ ପ୍ରଶ୍ନର ଉତ୍ତର ଦେବାକୁ ହେବ।

***

# CHSE QUESTION PAPERS WITH ANSWERS

## 2019 to 2018

## 2019 (A)

ପୂର୍ଣ୍ଣ ସଂଖ୍ୟା - ୧୦୦      ସମୟ - ୩ ଘଣ୍ଟା

ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚୀତ କରେ।

ସମସ୍ତ ପ୍ରଶ୍ନର ଉତ୍ତର ଦିଅ।

**୧. ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : (୧x୫= ୫)**

(କ) ପଠିତ କବିତାରେ ଉଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ କେଶରୀ – ଔରସରୁ ଜନ୍ମିତ କ'ଣ ବୋଲି ଆକ୍ଷେପ କରାଯାଇଛି ?

(i) ଶ୍ୱାନ (ii) ବାଘ
(iii) ହାତୀ (iv) ସିଂହ

(ଖ) ନୟନର ଜଳେ କ'ଣ ଧୌତ ହେଉଥାଏ ?

(i) ପତ୍ର (ii) ଗଣ୍ଡଦେଶ
(iii) ଆଖି (iv) ବସନ

(ଗ) କେଉଁ ଉଚ୍ଚ ଆସନରେ ବସି ରବି ହସନ୍ତି ?

(i) ଉଦୟାଚଳ (ii) ଅସ୍ତାଚଳ
(iii) ମଳୟାଚଳ (iv) ହିମାଚଳ

(ଘ) ରିକ୍ତ – ଶୁକ୍ତି ଗର୍ଭରେ କ'ଣ ଫଳିଛି ବୋଲି କୁହାଯାଇଛି ?

(i) ହୀରା (ii) ନୀଳା
(iii) ମୁକ୍ତାଫଳ (iv) ମାଣିକ୍ୟ

(ଙ) କାହାର ସିଂହଦ୍ୱାରରୁ ଦୂତ ଆସିଛି ବୋଲି କୁହାଯାଇଛି ?

(i) ଶତାବ୍ଦୀର (ii) ରାଜାଙ୍କର
(iii) ସମ୍ରାଟଙ୍କର (iv) ରାଣୀଙ୍କର

**୨. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :**

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ। (୧x ୩ = ୩)**

(i) ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?

(ii) ବନ୍ଦୀ ଜଣକ ସିପାହୀଙ୍କୁ କି ଅନୁରୋଧ କରିଥିଲେ ?

(iii) ବୈଦେହୀଙ୍କ ପ୍ରଣୟକୁ ରାମଚନ୍ଦ୍ର କିପରି ମଣିବେ ବୋଲି କୁହାଯାଇଛି ?

(iv) ମରିବାବେଳେ କିଏ ଶୂନ୍ୟ ହସ୍ତରେ ଫେରିଯାଇଥିଲେ ବୋଲି କୁହାଯାଇଛି ?

**(ଖ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : (୨X୨ = ୪)**

(i) କେଉଁମାନେ କ'ଣ ବିକିଭାଙ୍ଗି ଚିରକାଳ ଖାଉଛନ୍ତି ବୋଲି ଆକ୍ଷେପ କରାଯାଇଛି ?

(ii) ମୁଁ କିଏ ତାହା ଜାଣିବାର ନୁହେଁ ଆବଶ୍ୟକ – କିଏ କାହା ଉଦ୍ଦେଶ୍ୟରେ କହିଛନ୍ତି ?

(iii) କ'ଣ ଦେଖିଲେ ତାପିତ ଅନ୍ତରରେ କ୍ଷଣେ ସାନ୍ତ୍ୱନା ଆସିବ ?

**(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ୩୦ଟି ଶବ୍ଦରେ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ। (୩)**

(i) ଧର୍ମ-ପୋତକୁ କିଏ କାହିଁକି ଗଢ଼ିଛନ୍ତି ?

(ii) ଯାଉଛନ୍ତି ଶିଶୁଦ୍ୱୟ ମହର୍ଷି ସହିତ – କିଏ କାହା ସହିତ କୁଆଡ଼େ ଯାଉଛନ୍ତି ବୋଲି କୁହାଯାଇଛି ?

**୩. ୧୫୦ଟି ଶବ୍ଦରେ ଉତ୍ତର ଦିଅ। (୫)**

'ବଡ଼ପଣ' କବିତାରୁ କବିଙ୍କ ଆକ୍ଷେପ ଓ କ୍ଷୋଭ ବର୍ଣ୍ଣନା କର।

ଅଥବା

ପଠିତ କବିତା ଅବଲମ୍ବନରେ ବନ୍ଦୀର ବିରହ ବ୍ୟଥା ବର୍ଣ୍ଣନା କର।

**୪. ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧X୫=୫)**

(କ) ଉତ୍କଳରେ କଲିକତି ଧୂଆଁପତ୍ରର ନାମ କ'ଣ ?

(i) ଦୋକ୍ତା (ii) ଚୂନପତ୍ର
(iii) କଡ଼ାପତ୍ର (iv) ବାଲେଶ୍ୱରୀ

(ଖ) କାହାକୁ ନ ଧରି ଲୋକେ ଧୂଆଁପତ୍ର କିଣିବାକୁ ଭରସନ୍ତି ନାହିଁ ?

(i) ବେପାରି (ii) ଖାଉଟି
(iii) ଚିହ୍ନାର ଦଣ୍ଡିଦାର (iv) ମହାଜନ

(ଗ) ଝରକା କବାଟ ବନ୍ଦ କରି ରାୟ ବାହାଦୂର କାହାକୁ ରୁଦ୍ଧକରି ପାରୁନଥିଲେ ?

(i) ଜୟନାଦ (ii) ଆର୍ତ୍ତନାଦ

(iii) ହାସ୍ୟରୋଳ (iv) କ୍ରନ୍ଦନ ଧ୍ୱନି

(ଘ) କେଉଁ ମନ୍ଦିରର ସ୍ୱର୍ଣ୍ଣଚୂଡ଼ା ଆସନ୍ନ ସଂଧ୍ୟାର ମଳିନ ଆଲୁଅରେ ଚକ୍‌ଚକ୍ କରୁଥିଲା ?

(i) କାଶୀ ବିଶ୍ୱନାଥ (ii) ତିରୁପତି

(iii) ବୈଷ୍ଣୋଦେବୀ (iv) କପିଳାସ

(ଙ) ସରୋବରରେ ରହୁଥିବା କଚ୍ଛପଟିର ନାମ କ'ଣ ଥିଲା ?

(i) ଚିତ୍ରଗ୍ରୀବ (ii) କମ୍ବୁଗ୍ରୀବ

(iii) ମଣିଗ୍ରୀବ (iv) ଶଙ୍ଖଗ୍ରୀବ

**୫. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :**

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଯେ କୌଣସି ତିନିଗୋଟି ପ୍ରଶ୍ନର ଉତ୍ତର ଦିଅ । (୧x୩ = ୩)**

(i) ବର୍ଷାଋତୁ ବେଳେ ସରୋବରରେ ଉପନୀତ ହେଉଥିବା ହଂସଦୁଇଟିର ନାମ ଲେଖ ?

(ii) ଅଶୋକଙ୍କ ବାପା ବନାରସରେ କି ଚାକିରି କରୁଥିଲେ ?

(iii) ବହୁର୍ଚ୍ଚିଖାନା ସଫା କରିବା ପାଇଁ କେତେ ବୋତଲ ଫିନାଇଲ ଢଳା ଯାଇଥିଲା ?

(iv) ୟୁନିଅନ୍ ଜାକ୍ କେଉଁ ଦେଶର ଜାତୀୟ ପତାକା ?

**(ଖ) ଲେଖା ଓ ଲେଖକଙ୍କର ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖ । (୨x୨ = ୪)**

(i) ହରିବୋଲ ବାବୁ କେଉଁ ଦୁଇଟି ସଭାର ସଂପାଦକ ଥିଲେ ?

(ii) ସ୍ୱାଧୀନ ଭାରତର ତ୍ରିରଙ୍ଗା ଝଣ୍ଡାର ରଂଗ ଉପରୁ ତଳକୁ ସଜାଇ ଲେଖ ?

(iii) ସହସ୍ର ବର୍ଷରେ ଥରେ ଯାଇ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ – ଏକଥା କିଏ କାହାକୁ କହିଥିଲେ ?

**(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖକରି ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦରେ ଦିଅ । (୩)**

(i) ନୟନ-ତାରା-ଦୁଃଖ-ପାସୋରାର ପିତୃ ପରିଚୟ କ'ଣ ?

(ii) "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା !" – କିଏ କାହାକୁ କହିଥିଲେ ?

**୬. ୧୫୦ଟି ଶବ୍ଦରେ ଉତ୍ତର ଦିଅ । (୫)**

'ପତାକା ଉତ୍ତୋଳନ'ର ଅନ୍ତର୍ନିହିତ ସ୍ୱର ବିଶ୍ଳେଷଣ କର ।

ଅଥବା

ପଠିତ ଗଳ୍ପରୁ ମାଷ୍ଟରଜୀଙ୍କ ଚରିତ୍ର ଚିତ୍ରଣ କର ।

**୭. ନିମ୍ନ ଅନୁଚ୍ଛେଦଟି ପାଠ କରି ଏହା ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ :**

କି ଉପାୟ ଅବଲମ୍ବନ କଲେ ଏହି ମାନବ ଜୀବନ ନିତ୍ୟ ସନ୍ତୋଷର ନିକେତନ ହେବ ? ଏହି ପ୍ରଶ୍ନ ସମସ୍ତଙ୍କ ହୃଦୟରୁ ନିଃସୃତ ହେଉଅଛି, କିନ୍ତୁ ଅଳ୍ପ ଲୋକ ଏହାର ପ୍ରକୃତ ଉତ୍ତର ଶୁଣିବାକୁ ବ୍ୟାକୁଳ ଅଟନ୍ତି । ତେଣୁ ସଂସାରରେ ସୁଖ ସନ୍ତୋଷ ନାହିଁ । ଏହି ହାହାକାର ସର୍ବଦା ଶ୍ରୁତିଗୋଚର ହୁଅଇ । ଯେଉଁମାନଙ୍କର ଅନ୍ତର ପ୍ରକୃତ ଜ୍ଞାନାଲୋକରେ ବିଭୂଷିତ ଏବଂ ଯେଉଁମାନେ ସର୍ବଦା ହୃଦୟରେ ପବିତ୍ର ସୁଖ ସନ୍ତୋଷ ଅନୁଭବ କରୁଅଛନ୍ତି ସେମାନଙ୍କୁ ଜିଜ୍ଞାସା କଲେ ସେମାନେ ଯେଉଁ ଉତ୍ତର ପ୍ରଦାନ କରିବେ, ତାହା ହିଁ ଆମ୍ଭମାନଙ୍କର ଶିକ୍ଷଣୀୟ ଏବଂ ଗ୍ରହଣୀୟ । ସବୁଦେଶରେ ଏବଂ ସର୍ବକାଳରେ ଜ୍ଞାନୀମାନେ ମୁକ୍ତକଣ୍ଠରେ କହି ଅଛନ୍ତି ଯେ ସର୍ବଦା ସତ୍‌କାର୍ଯ୍ୟରେ ନିଯୁକ୍ତଥିବା ସୁଖଲାଭର ପ୍ରକୃଷ୍ଟ ଉପାୟ ଅଟେ । ଏହି ଶ୍ରେଷ୍ଠ ଉପଦେଶ ସମସ୍ତଙ୍କର ଅବଲମ୍ବନୀୟ; ଏହା ହିଁ ପ୍ରସ୍ତାବିତ ପ୍ରଶ୍ନର ପ୍ରକୃତ ଉତ୍ତର ଅଟେ । କୌଣସି ପ୍ରକାର ସତ୍‌କାର୍ଯ୍ୟରେ ନିଯୁକ୍ତ ହେବି, ଏହି ପବିତ୍ର ସଂକଳ୍ପ ମନରେ ଉଦିତ ହେଲାକ୍ଷଣି ଜୀବନର ଜଡ଼ତା ଦୂର ହୁଏ, ଆଳସ୍ୟ ଅପସାରିତ ହୁଏ, ବୃଦ୍ଧିବୃତ୍ତି, ସଦୁପାୟମାନ ଚିନ୍ତିବା ପାଇଁ ଜାଗ୍ରତ ହୁଏ, ଆଶାର ଉଜ୍ଜ୍ୱଳ କିରଣରେ ଜୀବନମାର୍ଗ ଆଲୋକିତ ହୁଏ ।

**ପ୍ରଶ୍ନାବଳୀ :**

(କ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଉତ୍ତର ଦିଅ: (୧x୪=୪)

(i) କେଉଁ ପ୍ରଶ୍ନ ସମସ୍ତଙ୍କ ହୃଦୟରୁ ନିଃସୃତ ହେଉଅଛି ?

(ii) କେଉଁ ହାହାକାର ସର୍ବଦା ଶ୍ରୁତିଗୋଚର ହୁଏ ?

(iii) କେଉଁ ଉପଦେଶ ସମସ୍ତଙ୍କର ଅବଲମ୍ବନୀୟ ?

(iv) ଆଳସ୍ୟ କିପରି ଅପସାରିତ ହୁଏ ?

(ଖ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ: (୨x୩=୬)

(i) କ'ଣ ଆମ୍ଭମାନଙ୍କର ଶିକ୍ଷଣୀୟ ?

(ii) ଜୀବନମାର୍ଗ କିପରି ଆଲୋକିତ ହୁଏ ?

(iii) ପବିତ୍ର ସଂକଳ୍ପ ଉଦିତ ହେଲେ କ'ଣ ହୁଏ ?

(ଗ) ନିମ୍ନ କବିତାଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : (୧x୫=୫)

ପାହିଲା ଅନ୍ଧାର ରଜନୀ, ଉଠ ଉଠ ବାଳକେ ।
ନବୀନ ପ୍ରଭାତ ସମୟ, ଏବେ ଗାଅ ପୁଲକେ ॥

ଦଶଦିଗ ଦେଖ ଉଜ୍ଜ୍ୱଳ, ପାଇ ରବି କିରଣ ।
ଫୁଲ ଫୁଟିଅଛି କାନନେ, ଧୀରେ ବହେ ପବନ ॥

ଥିଲେ ଅଚେତନ ନିଦ୍ରାରେ, ସର୍ବେ ଧରଣୀବାସୀ ।
କି ମନ୍ତ୍ର ପଢ଼ିଲା ପ୍ରଭାତ, କେଉଁ ଦେଶରୁ ଆସି ॥

ନବପ୍ରାଣ ଲଭି କ୍ଷଣକେ, ଜାଗି ଉଠିଲେ ସର୍ବେ ।
ଆକାଶ ପୃଥିବୀ ପୂରିଲା, ମହାଆନନ୍ଦ ରବେ ॥

ବିହଙ୍ଗେ ଗାଇଲେ ସଙ୍ଗୀତ, ଆହା କି ମନୋହର ।
ସେ ଗୀତ ଶ୍ରବଣେ ହୃଦୟ, ନାଚି ଉଠେ ମୋହର ॥

ବିହଙ୍ଗ ସଙ୍ଗତେ ବାଳକେ, ଗାଅ ଆନନ୍ଦମନେ ।
ହୃଦୟେ ସୁମରି ଜଗତ ପିତା ସୃଷ୍ଟି କାରଣେ ॥

**ପ୍ରଶ୍ନାବଳୀ**

(i) କେଉଁ ସମୟରେ ବାଳକମାନେ ଆନନ୍ଦରେ ଗାଇ ଉଠିବେ ?
(ii) ଦଶଦିଗ କାହିଁକି ଉଜ୍ଜ୍ୱଳ ଦିଶିଲେ ?
(iii) କେତେବେଳେ ଧରଣୀବାସୀ ଅଚେତନ ଥିଲେ ?
(iv) କେତେବେଳେ ଏବଂ କିଏ ନବପ୍ରାଣ ଲାଭକଲେ ?
(v) କବିଙ୍କ ହୃଦୟ କାହିଁକି ନାଚିଉଠିଛି ?

**୮. ଯେକୌଣସି ଗୋଟିକର ଭାବ ସଂପ୍ରସାରଣ କର: (୫)**

(କ) ମୋତେ ଯେତେ ମାଠିବୁ ମାଠ ।
(ଖ) ସ୍ୱର୍ଗକୁ ନିଶୁଣି ନାହିଁ ।
(ଗ) ନ ଦେଖିଲା ଓଉ ଛ'ଫଡ଼ା ।

୯. (କ) ତୁମ ବାସଗୃହ ଆଖପାଖରେ ଗଚ୍ଛିତ ବର୍ଷାଜଳ ଜନିତ ଅସୁବିଧାର ଦୂରୀକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏକ ଦରଖାସ୍ତ ଲେଖ । (୫)

ଅଥବା

ମହାବିଦ୍ୟାଳୟରେ ନାମ ଲେଖା ବେଳେ ନିଜ ପସନ୍ଦର ପାଠ୍ୟ ବିଷୟ ମିଳିନଥିବାରୁ ତୁମ ମନର ଅବସ୍ଥା ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ ।

(ଖ) ନିମ୍ନ ଅନୁଚ୍ଛେଦର ଏକତୃତୀୟାଂଶ ପାଠ୍ୟ ପ୍ରସ୍ତୁତ କର: (୫)

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସୃଷ୍ଟି ଯେପରି ରହସ୍ୟମୟ, ତାଙ୍କର ସେବାପୂଜା, ରୀତିନୀତି ମଧ୍ୟ ସେହିପରି ସ୍ୱତନ୍ତ୍ର । ସମଗ୍ର ଭାରତବର୍ଷରେ ଏପରି କୌଣସି ମନ୍ଦିର ନାହିଁ, ଯାହା ଶ୍ରୀମନ୍ଦିର ସହିତ ତୁଳନୀୟ । ଶ୍ରୀଜଗନ୍ନାଥଙ୍କର ଏହି ରୀତିନୀତି ଓ ପରଂପରା ଶହ ଶହ ବର୍ଷ ଧରି ଅକ୍ଷୁଣ୍ଣ ରହିଛି ।

ଅତ୍ୟଧିକ ସ୍ନାନଯୋଗୁଁ ଜ୍ୱରରେ ପୀଡ଼ିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଚିକିତ୍ସା ପାଇଁ ସ୍ନାନ ପୂର୍ଣ୍ଣମୀଠାରୁ ଯେଉଁ ପନ୍ଦରଦିନ ବିଶ୍ରାମ ନେଇଥାନ୍ତି, ସେ ସମୟକୁ ଅଣସର କାଳ କୁହାଯାଏ । ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ଅନୁଯାୟୀ ବୈଦ୍ୟରାଜ ଶ୍ରୀଜୀଉମାନଙ୍କୁ ଦଶମୂଳ ମୋଦକ ଖାଇବାକୁ ଦିଅନ୍ତି ।

ଅଣସର ଘରେ ଯେଉଁ ପନ୍ଦରଦିନ ଜୀଉମାନେ ରହନ୍ତି, ସେତେବେଳେ ବିଗ୍ରହମାନଙ୍କର ଯେଉଁ ଯେଉଁ କାର୍ଯ୍ୟ ସଂପାଦନ କରାଯିବ, ତାହା ପୂର୍ବରୁ ନିର୍ଦ୍ଦିଷ୍ଟ ହୋଇଥାଏ । ଅଣସରର ପ୍ରଥମ ଚାରିଦିନଧରି ସ୍ନାନରେ ଭିଜିଯାଇଥିବା ବିଗ୍ରହମାନଙ୍କର ପଟ୍ଟବସ୍ତ୍ରକୁ ଶ୍ରୀଅଙ୍ଗରୁ ବାହାର କରାଯାଏ । ଏହା ସହିତ ବିଗ୍ରହମାନଙ୍କ ଉପରେ ଥିବା କର୍ପୂର, କସ୍ତୁରୀ, ଝୁଣା, ଚୂଆ ଓ ଚନ୍ଦନର ପ୍ରଲେପକୁ ମଧ୍ୟ ଛଡ଼ାଇ ଦିଆଯାଏ । ଏହାକୁ 'କରାଳ' କୁହାଯାଏ । ପଞ୍ଚମରୁ ସପ୍ତମଦିନ ଦଇତାପତିମାନେ ପିଙ୍ଗଣ ଓ ପରଖରେ ରାଶିତେଲ, ଚୂଆ, କର୍ପୂର ରଖି ଶ୍ରୀଅଙ୍ଗରେ ଲେପନ କରନ୍ତି । ଏହାକୁ 'ଫୁଲୁରି ଲାଗି' କୁହାଯାଏ । ଏହି ସାମଗ୍ରୀଗୁଡ଼ିକ ଅନ୍ତତଃ ଏକ ବର୍ଷ ପୂର୍ବରୁ ମାଟିତଳେ ପୋତି ରଖାଯାଇଥାଏ ।

(ଗ) ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :

(i) ନିମ୍ନ ରୂଢ଼ି ମଧ୍ୟରୁ ଦୁଇଟିକୁ ବାକ୍ୟରେ ବ୍ୟବହାର କର : (୧x୨=୨)

ବିଷଦାନ୍ତ ଭାଙ୍ଗିବା, ଗୋଡ଼ ତଳେ ନ ଲାଗିବା, ଆଖୁ କିଆରିରେ ପଶିବା, ମାଙ୍କଡ଼ ହାତରେ ଶାଳଗ୍ରାମ

(ii) ଯେକୌଣସି ଦୁଇଟିକୁ ଏକପଦରେ ପ୍ରକାଶ କର : (୧x୨=୨)

ଯିଏ ବୋଲ କରେ ନାହିଁ, ସାଗରଠାରୁ ନିଉନ, ଚାରିମୁହଁ ମିଶିଚି ଯେଉଁଠି, ଭିକ୍ଷାର ଅଭାବ

(iii) ଯେକୌଣସି ଦୁଇଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : (୧x୨=୨)

ଆୟତ - ଆୟତ୍ତ, ଦିନ-ଦୀନ, ନିଧନ-ନିର୍ଦ୍ଧନ, ପାବନି-ପାବନୀ

(iv) ଯେକୌଣସି ଦୁଇଟିର ବିପରୀତାର୍ଥବୋଧକ ଶବ୍ଦ ଲେଖ : (୧x୨=୨)

ଶୁଷ୍କ, ଅନୁଗ୍ରହ, ତେଲିଆ, ଅଧସ୍ତନ

(v) ଭ୍ରମ ଥିଲେ ଯେକୌଣସି ଦୁଇଟିର ସଂଶୋଧନ କର : (୧x୨=୨)

ଉପଯୋଗୀତା, ଅପୁତ୍ରିକ, ଅପଦସ୍ଥ, ଶୀର୍ଷାକ୍ଷନ

**୧୦. ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : (୧x୫ = ୫)**

(କ) କେଉଁ ମଣିଷର ମନ ନିତ୍ୟ କ୍ରିୟାଶୀଳ ?

(i) ପ୍ରକୃତିସ୍ଥ (ii) ଧ୍ୟାନସ୍ଥ
(iii) ପରିଶ୍ରମୀ (iv) ଭୋଗବାଦୀ

(ଖ) ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା ________ ନୁହେଁ।

(i) ଅର୍ଥପୂର୍ଣ୍ଣ (ii) ଅର୍ଥଶୂନ୍ୟ
(iii) ଇନ୍ଦ୍ରିୟଭୋଗ୍ୟ (iv) ବାସ୍ତବ

(ଗ) ପୁଷ୍ପପୁରର ପ୍ରାସାଦ ବାତାୟନ ପଥରେ ବାରିବାହ ଆଗମନରେ କ'ଣ ବାଜିଉଠିଛି ?

(i) ଶତ ଶତ ଯୁଦ୍ଧଭେରୀ
(ii) ଶତ ଶୁଭ ଶଙ୍ଖ
(iii) ବୀରତ୍ୱର ଆହ୍ୱାନ
(iv) ଘଡ଼ଘଡ଼ିର ନିର୍ଘୋଷ

(ଘ) ଭଲ ମନ୍ଦ ଚିହ୍ନିବାରେ ଯୋଗ୍ୟତା ଯେଉଁଠି ନାହିଁ, ସେଠାରେ ମୁଖ୍ୟତଃ କାହାର ବିଜୟ ହୁଏ ?

(i) ପ୍ରୋପାଗଣ୍ଡାର (ii) ଆତ୍ମବଡ଼ିମାର
(iii) ବିବେକର (iv) ସରଳତାର

(ଙ) ପଡ଼ିଆ ଭୂଇଁରେ ଫସଲ ବୁଣିଲେ କ'ଣ ହୁଏ ?

(i) ଗଛ ଉଠେନାହିଁ (ii) ଗୋରୁ ଚରିଯାନ୍ତି
(iii) ଲାଭ ହୁଏ (iv) କ୍ଷତି ହୁଏ

**୧୧. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ।**

(କ) ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : (୧**x**୩= ୩)

(i) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେ ନାହିଁ ?

(ii) ଏହି ଭ୍ରାମ୍ୟମାଣ ଉଦାସୀନା ଧରଣୀ କେଉଁଥିରେ ବିଚଳିତ ହୁଏନାହିଁ ?

(iii) କ'ଣ ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ?

(iv) ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କ'ଣ କହିଛନ୍ତି ?

(ଖ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ : (୨**x**୨=୪)

(i) ଆମ ଦେଶର କେଉଁ ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରି କଷ୍ଟ ?

(ii) କ'ଣ କରିବା ଉଦ୍ଦେଶ୍ୟରେ ଅଗଣିତ ପାଣ୍ଡୁ, ରାଧୁ ଆଉ ଅଗାଧୁ ବାହାରି ପଡ଼ିଛନ୍ତି ?

(iii) ମହର୍ଷି-ପ୍ରତିପାଳିତ କେଉଁମାନେ ଆଜି ସୁଦ୍ଧା ସମସ୍ତଙ୍କୁ ନିର୍ବିଶେଷରେ ଶ୍ୟାମ ଛାୟା ଦେଇଥାନ୍ତି ?

(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ୩୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : (୩)

(i) ପ୍ରତ୍ୟେକ ବ୍ୟକ୍ତି ନିକଟରେ କ'ଣ ସବୁ ଜୀବନ୍ତ ଇତିହାସ ରୂପେ ପ୍ରତିଭାତ ହୁଏ ?

(ii) ସ୍କୁଲ ଶିକ୍ଷକ ଜଣଙ୍କ ତାଙ୍କ ପ୍ରବନ୍ଧରେ ଖୋଲାଖୋଲି କ'ଣ ଲେଖିଛନ୍ତି ?

**୧୨. ୧୫୦ଟି ଶବ୍ଦରେ ପ୍ରଶ୍ନର ଉତର ଦିଅ : (୫)**

ପଠିତ ପ୍ରବନ୍ଧ ଅବଲମ୍ବନରେ ପରୀକ୍ଷା ପଦ୍ଧତି ଉପର ପ୍ରାବନ୍ଧିକଙ୍କ ଆଭିମୁଖ୍ୟ ଆଲୋଚନା କର।

ଅଥବା

ଗଣତନ୍ତ୍ରର ସଫଳତା ବିଡ଼ମ୍ବନାରେ ପରିଣତ ହେବା ପଛରେ ଲେଖକଙ୍କ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର।

***

# 2019 ANSWER

୧. (କ) (i) ଶ୍ୱାନ
(ଖ) (i) ପତ୍ର
(ଗ) (ii) ଅସ୍ତାଚଳ
(ଘ) (iii) ମୁକ୍ତାଫଳ
(ଙ) (i) ଶତାବ୍ଦୀର

୨. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :

(କ) (i) ପିଙ୍ଗଳା ଆଉ କେଳି ଦୀପ ଜାଳିବ ନାହିଁ ବୋଲି କହିଛି।

(ii) ବନ୍ଦୀଶାଳାରେ ଋବି ନଦେବା ଲାଗି ଅନୁରୋଧ କରିଥିଲେ।

(iii) ବୈଦେହୀଙ୍କ ପ୍ରଣୟକୁ ରାମଚନ୍ଦ୍ର ସ୍ୱପ୍ନ ଭଳି ମଣିବାକ କୁହାଯାଇଛି।

(iv) ମରିବାବେଳେ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତରେ ଫେରି ଯାଇଥିଲେ ବୋଲି କୁହାଯାଇଛି।

(ଖ) (i) କବିତା - ବଡ଼ପଣ - କବି - ରାଧାନାଥ ରାୟ
'ଦରବାର' ସମୟର ଦରବାରୀ ରାଜାମାନେ ପୂର୍ବ ପୁରୁଷଙ୍କର ବିଶାଳ ପ୍ରତିଷ୍ଠାକୁ ବିକି ଭାଙ୍ଗି କେତେ କାଳ ଖାଇବେ ବୋଲି ଆକ୍ଷେପ କରାଯାଇଛି।

(ii) କବିତା - ତପସ୍ୱିନୀର ପତ୍ର-କବି-ଗଙ୍ଗାଧର ମେହେର ଦେବୀ ସୀତା ପ୍ରଭୁ ରାମଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖିଲା ବେଳେ ଏହା କହିଛନ୍ତି।

(iii) କବିତା-ବନ୍ଦୀର ବିରହ ବ୍ୟଥା-କବି-ଗୋପବନ୍ଧୁ ଦାସ ବିଶ୍ୱ ପ୍ରକୃତିରେ ସମହୃଦ ବେଦନା ଦେଖିଲେ ତାପିତ ଅନ୍ତରରେ କ୍ଷଣକ ଲାଗି ସାନ୍ତ୍ୱନା ଆସିବ ବୋଲି କବି କହିଛନ୍ତି।

(ଗ) (i) କବିତା - ବଡ଼ପଣ - କବି - ରାଧାନାଥ ରାୟ
କବି ଏଠାରେ ଧର୍ମର ମହାନୀୟତାକୁ ବର୍ଣ୍ଣନା କରିଛନ୍ତି।ଏ ଅଢ଼େଇ ଦିନିଆ ସଂସାରରେ ଧନ ହିଁ ମହତ୍। ଧର୍ମପୋତକୁ ବିଧାତା ତିଆରି କରିଛନ୍ତି। କେବଳ ଏହାରି ଦ୍ୱାରା ହିଁ ଏ ବିଷମ ସଂସାର ସାଗରକୁ ଅତିକ୍ରମ କରିହେବ।

(ii) କବିତା-ତପସ୍ୱିନୀର ପତ୍ର- କବି-ଗଙ୍ଗାଧର ମେହେର ଏଠାରେ ଦେବୀ ସୀତାଙ୍କ ଦୁଇ ପୁତ୍ର ଲବ ଓ କୁଶ ପିତା ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିବାକୁ ଅଯୋଧ୍ୟା ଯାଉଛନ୍ତି। ମହର୍ଷି ବାଲ୍ମୀକିଙ୍କ ସହିତ ସେମାନେ ଅଯୋଧ୍ୟା ଯାଉଛନ୍ତି ମହାଯଜ୍ଞ ଦେଖିବେ ଓ ଜନକ ରାମଚନ୍ଦ୍ରଙ୍କ ସହିତ ମିଳିତ ହେବେ।

୩. ବଡ଼ପଣ କବିତାର କବି ରାଧାନାଥ ରାୟ ଦରବାରୀ ରାଜା, ମହାରାଜା ମାନଙ୍କର ବୃଥା ଅହଂକାର, ଆସ୍ଫାଳନକୁ ଆକ୍ଷେପ କରିଛନ୍ତି। ସେମାନଙ୍କର ପୂର୍ବ ପୁରୁଷ ମାନଙ୍କର ସୁ ଶାସନ, ମହାନତା, ଗୁଣ ଓ ଧର୍ମ, ପ୍ରଜାପାଳନ, କୁଶାସନ ଇତ୍ୟାଦିକୁ ଉଲ୍ଲେଖ କରିଛନ୍ତି - ସେମାନଙ୍କ ବଂଶରେ ଜନ୍ମ ହୋଇ ଏମାନଙ୍କର ଅଯୋଗ୍ୟ ପଣିଆ - ଅତ୍ୟାଚାରୀ - ଧନଲୋଭ - କ୍ଷମତା ଲୋଭକୁ ସମାଲୋଚନା କରିବା ସହିତ - କ୍ଷୋଭ ପ୍ରକାର କରିଛନ୍ତି।

ଅଥବା

କବି ଗୋପବନ୍ଧୁ ଦାସ ବନ୍ଦୀଜୀବନ ଅତିବାହିତ କଲାବେଳେ ବାସନ୍ତି ସଂଧ୍ୟାର ମନୋରମ ଦୃଶ୍ୟ ଉପଭୋଗ - ପ୍ରକୃତିର ଦୃଶ୍ୟ ଭିତରେ ବିରହର ସୂଚନା - ବିରହୀକବି ପ୍ରାଣରେ ଉଦ୍‌ବେଳନ- ପ୍ରକୃତିର ସମଦଶା ଭୋଗ କରୁଥିବା କବିଙ୍କ ବ୍ୟଥା ଓ ବେଦନାର-ସାର୍ଥକ ରୂପ କବିତାଟି।

୪. (କ) (iv) ବାଲେଶ୍ୱରୀ
(ଖ) (iii) ଚିହ୍ନାରର ଦଣ୍ଡିଦାର
(ଗ) (i) ଜୟନାଦ
(ଘ) (i) କାଶୀ ବିଶ୍ୱନାଥ
(ଙ) (ii) କମ୍ବୁଗ୍ରୀବ

୫.କ) (i) ସଙ୍କଟ ଓ ବିକଟ
(ii) ମିଲିଟାରୀ ଡାକ୍ତର
(iii) ଋରିବୋତଲ ଫିନାଇଲ୍
(iv) ବ୍ରିଟିଶଦେଶ

ଖ) (i) ଗଳ୍ପ - ସଭ୍ୟ ଜମିଦାର, ଗାଳ୍ପିକ
ଫକୀର ମୋହନ ସେନାପତି
ହରିବୋଲ ବାବୁ 'ଜ୍ଞାନ ବର୍ଦ୍ଧନୀ'ଓ 'ସ୍ୱାଧୀନତା ବିବର୍ଦ୍ଧନୀ' ଏହି ଦୁଇଟି ସଭାର ସଂପାଦକ ଥିଲେ।

(ii) ଗଳ୍ପ - ପତାକା ଉତୋଳନ,
ଗାଳ୍ପିକ - ସୁରେନ୍ଦ୍ର ମହାନ୍ତି
ତ୍ରିରଙ୍ଗାର ଉପର ନାରଙ୍ଗୀ ଅଂଶ, ମଧ୍ୟଭାଗ ଧଳା ରଂଗ ଓ ନିମ୍ନ ଭାଗ ସବୁଜ ରଂଗ

(iii) ଗଳ୍ପ - ଆକାଶ କଇଁଛ -
ଗାଳ୍ପିକ - ମନୋଜ ଦାସ
ଦରବାରର କବିରାଜ ଜ୍ୟୋତିଷ ସହସ୍ର ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ ବୋଲି ରାଜାଙ୍କୁ କହିଥିଲେ।

(ଗ) (i) ଗଳ୍ପ - ସଭ୍ୟ ଜମିଦାର
ଗାଳ୍ପିକ - ଫକୀର ମୋହନ ସେନାପତି
ଆସାମ ଚା ବଗିଚାରେ ମାନେଜର ସାହେବଙ୍କ ବଟ୍ଲର୍ କାମରେ ନିଯୁକ୍ତି ପାଇଥିବା ଓ ପରେ ପଦୋନ୍ନତି ପାଇ ଖାନସମା ହୋଇଥିବା ମକ୍ରା ମଳିକ। ଜାତି, କୁଳ, ଗ୍ରାମ, ଘର କିଛି ଜଣାନାହିଁ।

(ii) ଗଳ୍ପ : ଆକାଶ କଇଁଛ - ଗାଳ୍ପିକ-ମନୋଜ ଦାସ
'ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶାସିନା' କଥାଟି ରାଜା ବିଦେଶୀ ରାଜଦୂତଙ୍କୁ କହିଥିଲେ। କାରଣ ବିଦେଶୀ ରାଜଦୂତ ତାଙ୍କ ରାଜ୍ୟରେ ମଇଁଷି ଆକାରର ବିହଙ୍ଗ ଅଛନ୍ତି ବୋଲି କହିଥିବାରୁ ସେଥିରୁ ହଳେ ନେଇ ଆସିବାକୁ ଆଦେଶ ଦେଇଛନ୍ତି ରାଜା। ନହେଲେ ତାଙ୍କ ରାଜ୍ୟ ରାଜାଙ୍କ ରାଜ୍ୟର ଏକ ତାଲୁକରେ ପରିଣତ ହେବ। ଯୁଦ୍ଧନଥିବାରୁ ସୈନ୍ୟମାନେ ମୋଟେଇ ଯାଉଛନ୍ତି ଓ ସେନାପତି ଗଣ୍ଠିବାତ ଭୋଗୁଛନ୍ତି।

୬. ଗାଳ୍ପିକ ସୁରେନ୍ଦ୍ର ମହାନ୍ତି - ସ୍ୱାଧୀନତା ଲାଭର ପୂର୍ବ ଦିନ ରାତ୍ରି ଓ ତା ପରଦିନ ଘଟଣା - ଦେଶପ୍ରେମ - ସରକାରୀ କର୍ମଚାରୀଙ୍କ ବିଦେଶୀ ପ୍ରୀତି - ପଦପଦବୀର ମୋହ - ଏସବୁ ସତ୍ତ୍ୱେବି ଅନ୍ତଃସ୍ଥଳରେ ବାତ୍ସଲ୍ୟ ପ୍ରେମର ଫଲ୍‌ଗୁ ପ୍ରବାହିତ - ଦେଶପ୍ରେମର ବିଜୟ।

ଅଥବା

ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ-ଗଳ୍ପ-ରୂପନାରାୟଣ ସାହା ମାଷ୍ଟରଜୀ - ଦରିଦ୍ର - ସ୍ୱଳ୍ପବେତନଭୋଗୀ - ପରିବାରର ବୋଝ - ସେ ସତ୍ୟବାଦୀ - ନିର୍ଭିକ - ସ୍ପଷ୍ଟବାଦୀ - ଜୀବନ ସଂଘର୍ଷମୟ - ତଥାପି ହାରିନାହାନ୍ତି - ଚାକିରୀରୁ ବରଖାସ୍ତ - ପତ୍ନୀ ବିୟୋଗ - ତଥାପି ଭାଙ୍ଗି ପଡ଼ି ନାହାନ୍ତି। ସେ ଧୈର୍ଯ୍ୟବାନ - କଷ୍ଟ ସହିଷ୍ଣୁ ରୋଗଗ୍ରସ୍ତ - ଅଥଚ ଜଣେ ସଫଳ ସୈନିକ।

୭.କ)(i) କେଉଁ ଉପାୟ ଅବଲମ୍ବନ କଲେ ମଣିଷ ଚିରନ୍ତନ ସନ୍ତୋଷର ଗନ୍ତାଘର ହେବ; ଏହି ପ୍ରଶ୍ନ ସମସ୍ତଙ୍କ ହୃଦୟରୁ ନିଃଶୃତ ହେଉଛି।

(ii) ସଂସାରରେ ସୁଖ ସନ୍ତୋଷ ନାହିଁ ଏହି ହାହାକାର ସର୍ବଦା ଶ୍ରୁତିଗୋଚର ହୁଏ।

(iii) ସବୁବେଳେ ସତ୍ କାର୍ଯ୍ୟରେ ନିଯୁକ୍ତ ରହିଲେ ହିଁ ସୁଖ ଲାଭ ସହଜ ହେବ ଏହାହିଁ ସମସ୍ତଙ୍କର ଅବଲମ୍ବନୀୟ।

(iv) କୌଣସି ପ୍ରକାର ସତ୍‌କାର୍ଯ୍ୟରେ ନିଯୁକ୍ତ ହେବି, ଏ ସଂକଳ୍ପ ମନରେ ଜାଗ୍ରତ ହେଲେ ଆଳସ୍ୟ ଅପସାରିତ ହୁଏ।

(ଖ) (i) ଯେଉଁମାନଙ୍କର ଅନ୍ତର ଜ୍ଞାନାଲୋକରେ ଆଲୋକିତ, ଏବଂ ଯେଉଁମାନେ ହୃଦୟରେ ପବିତ୍ର ସୁଖ ଓ ସନ୍ତୋଷ ଅନୁଭବ କରୁଛନ୍ତି ସେମାନଙ୍କୁ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳିବ, ତାହାହିଁ ଆମ ମାନଙ୍କର ଶିକ୍ଷଣୀୟ।

(ii) ଜୀବନରେ କୌଣସି ପ୍ରକାର ସତ୍ କାର୍ଯ୍ୟରେ ପ୍ରବୃତ୍ତହେବି, ଏହି ସଂକଳ୍ପ ମନରେ ଜାତ ହେଲେ ଜଡ଼ତା ଦୂର ହୁଏ ଏବଂ ଆଶାର ଉଜ୍ଜ୍ୱଳ କିରଣରେ ଜୀବନ ମାର୍ଗ ଆଲୋକିତ ହୁଏ।

(iii) ପବିତ୍ର ସଂକଳ୍ପ ଉଦିତ ହେଲେ ଜୀବନର ଜଡ଼ତା ଦୂର ହୁଏ। ଆଳସ୍ୟ ଅପସାରିତ ହୁଏ, ବୃଦ୍ଧିବୃତ୍ତି, ସତ୍ ଉପାୟମାନ ଜାଗ୍ରତ ହୁଏ ଏବଂ ଆଶାର କିରଣରେ ଜୀବନ ମାର୍ଗ ଆଲୋକିତ ହୁଏ।

(ଗ) (i) ନୂଆ ସକାଳ ସମୟରେ ଆନନ୍ଦରେ ଗାଇବେ।

(ii) ସୂର୍ଯ୍ୟଙ୍କର କିରଣ ପାଇ ଦଶଦିଗ ଉଜ୍ଜ୍ୱଳ ହୋଇଛି।

(iii) ରାତିର ଅନ୍ଧକାରରେ ଧରଣୀବାସୀ ନିଦ୍ରାରେ ଅଚେତନ ଥିଲେ।

(iv) ସକାଳର ମନ୍ତ୍ରପାଠ ଶୁଣି ସମସ୍ତ ଧରଣୀବାସୀ ନୂଆ ପ୍ରାଣ ଲାଭ କଲେ।

(v) ବିହଙ୍ଗ ସଂଗୀତ ଶୁଣିଲା କ୍ଷଣେ କବିଙ୍କ ହୃଦୟ ନାଚି ଉଠିଛି।

**୮. ମୋତେ ଯେତେ ମାଠିବୁ ମାଠ**

ଆମ ଲୋକ ଜୀବନରେ ଗୋଟିଏ ବହୁ ପ୍ରଚଳିତ ଉକ୍ତି ପ୍ରଚଳିତ। "ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ"।

ଏହାର ଅର୍ଥ ହେଲେ ଗୋଟିଏ ଦରପୋଡ଼ା କାଠକୁ ଯେତେ ପ୍ରକାରର ଆକୃତି ଦେବାକୁ ଚେଷ୍ଟାକଲେ ବି ସେ ଦରପୋଡ଼ା କାଠ ହିଁ ହୋଇଥାଏ। ଆକୃତି ଦେବାର ପ୍ରଚେଷ୍ଟା ସର୍ବଦା ବ୍ୟର୍ଥ ହୁଏ। କିନ୍ତୁ ଏହି କଥାଟିର ଅନ୍ତରାଳରେ ଏକ ବହୁ ଗୁରୁତ୍ୱର୍ଣ୍ଣ ଉପଦେଶାତ୍ମକ ସତର୍କବାଣୀ ବିଦ୍ୟମାନ।

ବ୍ୟକ୍ତିଟି ଅସାବଧାନତା ବଶତଃ କେତେବେଳେ ଅକରଣୀୟ କାର୍ଯ୍ୟ କରି ବସେ। ଯାହାର ଆବଶ୍ୟକତା ନାହିଁ, କିମ୍ବା ଯାହା ବିପଦରେ ପକାଇବାର ଆଶଂକା ଥାଏ। ସେହିଭଳି କାର୍ଯ୍ୟ ହୋଇଥାଏ। ମାତ୍ର ଯେତେବେଳେ ସେହି ପ୍ରକାର କାର୍ଯ୍ୟ ବାରବାର ସେ କରିବାକୁ ବସେ, ତାହା ତା'ର ଅସାବଧାନତା ବା ଅଜ୍ଞତାବଶତଃ କାର୍ଯ୍ୟ ଭାବରେ ବିବେଚିତ ହୋଇପାରେ ନାହିଁ। ଭାବେ ସେ ଜ୍ଞାତସାରରେ ଏସବୁ କାର୍ଯ୍ୟ କରିଚାଲିଛି। ତେଣୁ ଭବିଷ୍ୟତରେ ମଧ୍ୟ ସେହି ପ୍ରକାର କାର୍ଯ୍ୟର ପୁନରାବୃତ୍ତି ଯେ ନ ହେବ ତା'ର କିଛି ସଠିକତା ନାହିଁ। ତେଣୁ ଅତ୍ୟନ୍ତ ସତର୍କବାଣୀ ପ୍ରଦାନ କରି ଏହିଭଳି ଢଗଟି ସାଧାରଣ ଜୀବନରେ ଉଲ୍ଲିଖିତ ହୋଇଥାଏ।

**ସ୍ୱର୍ଗକୁ ନିଶୁଣି ନାହିଁ :**

ଯେତେବେଳେ କୌଣସି ମାନ୍ୟଗଣ୍ୟ ପ୍ରତିଷ୍ଠିତ ବ୍ୟକ୍ତି ନିଜର ମତ ଉପସ୍ଥାପନା କଲାବେଳେ ପ୍ରକୃତ ସତ୍ୟର ବିପରୀତରେ ମତ ବ୍ୟକ୍ତ କରିଥାନ୍ତି ସେତେବେଳର ଅବସ୍ଥାକୁ ପ୍ରକାଶ କରିବାପାଇଁ ଏକ ଉକ୍ତିର ବହୁଳ ପ୍ରଚଳନ ଦେଖିବାକୁ ମିଳେ। ତାହା ହେଲା - "ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ଲୋକକୁ ଉତ୍ତର ନାହିଁ।"

ବାସ୍ତବରେ ସ୍ୱର୍ଗ ଲୋକ ଏକ କଳ୍ପିତ ଲୋକ। ଲୌକିକ ଜଗତରେ ବ୍ୟବହୃତ ସିଡ଼ି ସାହାଯ୍ୟରେ ସେଇ ଲୋକକୁ ଯିବା ସମ୍ଭବ ନୁହେଁ। କାରଣ ସିଡ଼ି ସ୍ଥାପନ ପାଇଁ ଯେଉଁ ଆଧାର ଆବଶ୍ୟକ ତାହା ସ୍ୱର୍ଗ ପୁରରେ କେଉଁଠୁ ମିଳିବ ? ତେଣୁ ସ୍ୱର୍ଗ ପାଇଁ ନିଶୁଣି ଏକ ଅବାସ୍ତବ ପରିକଳ୍ପନା ଅଥବା ଦୁଃସାହସ ଭାବରେ ପରିଗଣିତ ହୁଏ। ଯେପରି ସମାଜରେ କୌଣସି ପ୍ରତିଷ୍ଠିତ ବ୍ୟକ୍ତି ବା ନାମକରା ବ୍ୟକ୍ତିର ମନ୍ତବ୍ୟ ଉପରେ ଆଉ କାହାର ମନ୍ତବ୍ୟ ରଖିବାର ଅଧିକାର ନଥାଏ, କି କେହି ତାଙ୍କର ନିଷ୍ପତ୍ତିରେ କୌଣସି ମନ୍ତବ୍ୟ ରଖିପାରନ୍ତି ନାହିଁ।

ଯେପରି ସେଦିନ ଗାଁ'ର ସଭାକୁ ଜଳସେଚନ ମନ୍ତ୍ରୀ ଆସି କହିଗଲେ, ତଥାପି ମରୁଡ଼ି ଆସିନାହିଁ। ବର୍ଷା ଆସିବ, ପୁଣି ପତ୍ର କଅଁଳିବ। ଗୋରୁ ଗାଈ ବାହାରେ ବିଲ ବାଡ଼ିର ଘାସ ଆନନ୍ଦରେ ଖାଇବେ। ଲୋକେ ଆନନ୍ଦରେ ଋଷ କରିବେ। ବର୍ଷା ନ ଆସିଲେ ଜଳସେଚନର ବନ୍ଦୋବସ୍ତ କରାଯାଇଛି। ଏଣେ ମହାନଦୀ ଶୁଷ୍କ, ଅନ୍ୟାନ୍ୟ ନଦୀର ଜଳଧାରା ସ୍ରୋତହୀନ। ଜଳ ଆସିବ କୁଆଡୁ ଜଳସେଚନର ବନ୍ଦୋବସ୍ତ ହେବ! ଏ ସବୁ କଥା ଶୁଣି ସପନି 'ମିଳିକ' ମନକୁ ଅତି ଚତୁର ଢଗଟିଏ ଆସିଲା - "ସ୍ୱର୍ଗକୁ ନିଶୁଣି ନାହିଁକି ବଡ଼ ଲୋକକୁ ଉତ୍ତର ନାହିଁ"।

**ନଦେଖିଲା ଓଉ ଛ'ଫଡ଼ା**

ଯେତେବେଳେ କୌଣସି ଅସମ୍ଭବ ଘଟଣା ସଂପର୍କରେ ବର୍ଣ୍ଣନା କରାଯାଉଥାଏ ସେତେବେଳେ ସେହି ଅସମ୍ଭବ ପଣିଆକୁ ବର୍ଣ୍ଣନା କରିବାକୁ ଆମ ଭାଷାରେ ଯେଉଁ ସରଳ ସହଜ କଥାରେ କୁହାଯାଏ ତାହା ହେଉଛି 'ନ ଦେଖିଲା ଓଉ ଛ' ଫଡ଼ା।'

ଓଉ ଏକ ଫଳଜାତୀୟ ପରିବା। ଏହାର ସାଧାରଣତଃ ୫ଟି ପାଖୁଡ଼ାଥାଏ। ଯାହାକୁ ଫଡ଼ା କୁହାଯାଏ। ଛ' ଫଡା ଯୁକ୍ତ ଓଉ ସାଧାରଣତଃ ମିଳିବା ଅତ୍ୟନ୍ତ ଅସମ୍ଭବ। ତେଣୁ ଯେତେବେଳେ ସେହିଭଳି ଅସମ୍ଭବ ଘଟଣାର ଉଲ୍ଲେଖ କରାଯାଏ ସେତେବେଳେ ଏଇ ରୂଢ଼ିଟି ପ୍ରୟୋଗ କରାଯାଏ।

ଆମ ଗାଁ ଶତୁରା କଲିକତାରେ ଗୋଟିଏ ଲଣ୍ଡ୍ରି କରି ଲୁଗା କାଚେ, ଇସ୍ତ୍ରୀ ଦିଏ। ବେଶ୍ ଦି' ପଇସା ରୋଜଗାର କରେ। ପୁନେଇ ପର୍ବରେ ବି ବାବୁଙ୍କ ଘରୁ ଭେଟି ପାଏ। ତେଣୁ ଆଗ ଉପର ଦାନ୍ତ ଦୁଇଟିରେ ସେ ସୁନାର ଖିଲ ଲଗେଇଥିଲା। ଗାଁକୁ ଆସେ। ପିଲାଦିନ ଦେଖିଛି ବି ତାକୁ। ତା' ଠାରୁ ଶୁଣିଛି , କଲିକତୀ କାଉ ବହୁତ ବଡ଼ ବଡ଼। ଆମର ବଳଦମାନେ ଯେପରି ହଳ କରନ୍ତି ସେଠି କୁଆଡ଼େ କାଉ ମାନେ ବି ହଳ କରିଥାନ୍ତି।

ବେଳେବେଳେ ବାପା କହୁଥିଲେ, ହଇରେ ଶତୁରା; ନ ଦେଖିଲା ଓଉ ଛ'ଫଡ଼ାଟି !

୯. ମାନନୀୟ
ଚେୟାରମ୍ୟାନ୍
ଭୁବନେଶ୍ୱର ମ୍ୟୁନିସ୍‌ପାଲିଟି
ଭୁବନେଶ୍ୱର

ମହୋଦୟ .................... ସମୀପେଷୁ
(ସ୍ଥାନୀୟ କର୍ପୋରେଟରଙ୍କ ଜରିଆରେ)

ମହାଶୟ,

ନିବେଦନର ଅଭିପ୍ରାୟ ଏହିକି ଆମେ ନିମ୍ନ ସ୍ୱାକ୍ଷରକାରୀ ଭୁବନେଶ୍ୱରର ୫୦ ନମ୍ବର ୱାର୍ଡ଼ର ମନ୍ଦିର ପାଖ ସାହିର ବାସିନ୍ଦା। ସାଧାରଣ ରାସ୍ତା ଠାରୁ ଆମର ସାହିର ଅବସ୍ଥିତି ତଳୁଆ ହୋଇଥିବାରୁ ଏଠାରେ ବର୍ଷା ଜଳ ନିଷ୍କାସିତ ହେବାର କୌଣସି ଉପାୟ ନାହିଁ। ଜଳ ଜମି ଘର ଭିତରକୁ ପଶିବାକୁ ଆରମ୍ଭ କରିଛି। ପୁଣି ଯେଉଁ ଜଳ ଜମି କରି ରହିଛି ଯିବା ଆସିବା ପାଇଁ ବହୁତ ଅସୁବିଧା ହେଉଛି। ଆଣ୍ଠୁ ଉପରକୁ ଲୁଗା ନଟେକିଲେ ଏଠିକୁ ପଶିବା ସମ୍ଭବପର ନୁହେଁ। ଝିଅ ବୋହୂ ସ୍ତ୍ରୀ ଲୋକ ମାନଙ୍କ ପାଇଁ ଏହା ବେଶ୍ ଅସୁବିଧା ସୃଷ୍ଟି କରୁଛି।

ଜଳ ନିଷ୍କାସିତ ନହେବା ହେତୁ ମଶା ଉପଦ୍ରବ ଆରମ୍ଭ ହେବାକୁ ବସିଲାଣି। ଫଳରେ ଜଳବାହିତ ରୋଗ ବ୍ୟାପିବାର ମଧ୍ୟ ଆଶଂକା ରହିଛି।

ଏଣୁ ବିନୀତ ଅନୁରୋଧ କରୁକି ଜଳ ନିଷ୍କାସନର ତୁରନ୍ତ ବନ୍ଦୋବସ୍ତ କରି ଏ ବସ୍ତିର ବାସିନ୍ଦାଙ୍କର ଜୀବନଯାପନକୁ ସ୍ୱାଭାବିକ କରିବେ।

ଆପଣଙ୍କର ବିଶ୍ୱସ୍ତ
ଭୁବନେଶ୍ୱର — ସନାତନ ଡ଼ାଲି
ତା. ୨୫।୭।୧୮ — ସୁବ୍ରତ କୁମାର ଭୋଇ
ଲକ୍ଷ୍ମଣ ଟୁଡୁ ଇତ୍ୟାଦି
୫୦ ନମ୍ବର ୱାର୍ଡ଼ର ମନ୍ଦିରପାଖ ସାହି ବାସିନ୍ଦା

ଅଥବା

ପ୍ରିୟ ସତ୍ୟ –

ମୋର ଶୁଭେଚ୍ଛା ନେବୁ।

ବଡ଼ କଲେଜରେ ପଢ଼ିବି ବୋଲି ଗାଁରୁ ଚାଲିଆସିଲି। ନୂଆ ଜାଗା, ନୂଆ ଲୋକ, ନୂଆ ଜୀବନକୁ ନୂଆର କରି ଦେଖିବାର ଲୋଭ ଓ ଆଗ୍ରହ ନେଇ ଆସିଥିଲି। ହେଲେ ଯେଉଁ ବିଷୟ ମୁଁ ଇଚ୍ଛା କରୁଥିଲି, ତାହା ମୋତେ ମିଳିଲା ନାହିଁ।

ଅର୍ଥଶାସ୍ତ୍ର, ଗଣିତ ବିଦ୍ୟା ସହିତ ତର୍କଶାସ୍ତ୍ରକୁ ମୁଖ୍ୟ ବିଷୟ ନେଇ ଚତୁର୍ଥ ବିଷୟ ପରିସଂଖ୍ୟାନ ରଖିଥିଲେ ମୋର ଭଲ ନମ୍ବର ରହିଥାନ୍ତା। ପରେ ଅର୍ଥଶାସ୍ତ୍ରରେ ଉଚ୍ଚ ଶିକ୍ଷା ଲାଭରେ କୌଣସି ଅସୁବିଧା ନ ହୋଇ ବରଂ ସୁବିଧା ହୋଇଥାନ୍ତା। ମାତ୍ର ମୋ ଦୁର୍ଭାଗ୍ୟକୁ ମୋତେ କେବଳ ଅର୍ଥଶାସ୍ତ୍ର, ତର୍କଶାସ୍ତ୍ର ସହିତ ରାଜନୀତି ବିଜ୍ଞାନ, ବିଜ୍ଞାନ ମିଳିଲା। ଚତୁର୍ଥ ପତ୍ର ପାଇଁ ମୋ ନାଁ ୱେଟିଙ୍ଗ୍ ଲିଷ୍ଟରେ ଅଛି। ଇଚ୍ଛାନୁସାରେ ବିଷୟ ନମିଳିଥିବାରୁ ମନସ୍ତାପରେ ଅଛି। ଜୀବନର ଲକ୍ଷ୍ୟ ଟିକିଏ ସେପଟ ଏପଟ ହୋଇଗଲା। ଦେଖିବା କ'ଣ ହେବ।

ଆଉ ତୋ ଖବର କ'ଣ। ତୋତେ କ'ଣ ସବୁ ବିଷୟ ମିଳିଲା – ଲେଖି ଜଣାଇବୁ ରହିଲି।

ତୋର ସାଙ୍ଗ ଅନୁପମ୍

| | |
|---|---|
| ପ୍ରେରକ | ପ୍ରାପ୍ତେଷୁ |
| ଅନୁପମ ସାହୁ | ସତ୍ୟ ପ୍ରକାଶ ସାହୁ |
| ସାନଖେମୁଣ୍ଡି +୨ କଲେଜ, | ଗ୍ରା.ପୋ.-ରଡାଖଣ୍ଡ, ହରିହରପୁର, |
| ସାନଖେମୁଣ୍ଡି, ଗଞ୍ଜାମ | ଗଞ୍ଜାମ |

**(ଖ)** ରହସ୍ୟମୟ ସୃଷ୍ଟିର ଅଧିକାରୀ ଜଗନ୍ନାଥଙ୍କ ସେବାପୂଜା, ନୀତି, କାନ୍ତି ସବୁ ରହସ୍ୟ ମୟ। ଶହ ଶହ ବର୍ଷ ଧରି ଏହି ପରଂପରା ଭାରତ ବର୍ଷରେ ଅନ୍ୟାନ୍ୟ ମନ୍ଦିର ତୁଳନାରେ ଏହାକୁ ସ୍ୱତନ୍ତ୍ର କରିଛି।

ସ୍ନାନ ପୂର୍ଣ୍ଣମୀରେ ଅତ୍ୟଧିକ ସ୍ନାନ ହେତୁ ଜ୍ୱର ପୀଡ଼ିତ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରାଙ୍କ ବୈଦ୍ୟରାଜ ଚିକିତ୍ସା ଶାସ୍ତ୍ର ଅନୁସାରେ ଦଶମୂଳ ମୋଦକ ଦେଇଥାନ୍ତି। ଏ ୧୫ ଦିନ କାଳକୁ ଅଣସର କୁହାଯାଏ।

ଅଣସରରେ ବ୍ରତରେ ୧୫ ଦିନ ଯାଏ। ଜୀଉଙ୍କ ରହଣୀର ନୀତି କାନ୍ତି ପୂର୍ବ ନିର୍ଦ୍ଦିଷ୍ଟ। ପ୍ରଥମ ଚାରିଦିନରେ ବିଗ୍ରହମାନଙ୍କ ଦେହରୁ ପ୍ରଲେପ ଛଡ଼େଇ ଓଦା ପାଟବସ୍ତ୍ରକୁ ବାହାର କରାଯାଏ। ଏହି ପ୍ରଲେପ ଛଡ଼ା ପ୍ରକ୍ରିୟା କରାଳ ପଞ୍ଚମରୁ ସପ୍ତମୀ ଦିନ ଯାଏ। ଫୁଲୁରି ତେଲ ଲାଗି ହୁଏ। ଏଥିରେ ବ୍ୟବହୃତ ସାମଗ୍ରୀ ବର୍ଷକ ତଳୁ ମାଟି ତଳେରହିଥାଏ।

ବ୍ୟବହୃତ ଶବ୍ଦ ସଂଖ୍ୟା – ୭୭

**(ଗ)** (i) ରୂଢ଼ିକୁ ବାକ୍ୟରେ ବ୍ୟବହାର : ବିଷଦାନ୍ତ ଭାଙ୍ଗିବା – ଏ ନିର୍ବାଚନରେ ଦଳବଦଳକାରୀଙ୍କ ବିଷଦାନ୍ତ ଭାଙ୍ଗିଯାଇଛି।

ଗୋଡ଼ ତଳେ ନ ଲାଗିବା – ଶାନ୍ତି ମା'ର ଝିଅ ଜ୍ୱାଇଁ, ନାତି ଆଜି ଆସିଛନ୍ତି ତ ତା ଗୋଡ଼ ତଳେ ଲାଗୁନାହିଁ।

ଆଖୁ କିଆରିରେ ପଶିବା–ଫୁଲ ଚୋରୀ କରିବ କ'ଣ –ସେନାପତି ବାବୁ ତ ଆଖୁ କିଆରିରେ ପଶିଛନ୍ତି !

ମାଙ୍କଡ଼ ହାତରେ ଶାଳଗ୍ରାମ – ମାଙ୍କଡ଼ ହାତରେ ତ ଶାଳଗ୍ରାମ ପଡ଼ିଚି – ଦେଖ ରାଜ୍ୟର ଅବସ୍ଥା ?

(ii)

| | | |
|---|---|---|
| ଯିଏ ବୋଲ କରେ ନାହିଁ | – | ଅବୋଲକରା |
| ସାଗର ଠାରୁ ନିଉନ | – | ଉପସାଗର |
| ଚାରି ମୁହଁ ମିଶିଛି ଯେଉଁଠି | – | ଚଉ ମୁହାଣି |
| ଭିକ୍ଷାର ଅଭାବ | – | ଦୁର୍ଭିକ୍ଷ |

(iii)

| | | |
|---|---|---|
| ଆୟତ | – | ବିସ୍ତୃତ |
| ଆୟତ୍ତ | – | ଅଧୀନ |
| ଦିନ | – | ଦିବସ |
| ଦୀନ | – | ଦରିଦ୍ର |
| ନିଧନ | – | ହତ୍ୟା |
| ନିର୍ଦ୍ଧନ | – | ଧନହୀନ |
| ପାବନୀ | – | ଗଙ୍ଗା |
| ପାବନି | – | ହନୁମାନ |

(iv) ବିପରୀତାର୍ଥ ବୋଧକ ଶବ୍ଦ

| | | |
|---|---|---|
| ଶୁଷ୍କ | – | ଆର୍ଦ୍ର |
| ଅନୁଗ୍ରହ | – | ନିଗ୍ରହ |
| ତେଲିଆ | – | ନୁଖୁରା |
| ଅଧସ୍ତନ | – | ଉର୍ଦ୍ଧ୍ୱତନ |

(v)

| **ଅଶୁଦ୍ଧ** | | **ଶୁଦ୍ଧ** |
|---|---|---|
| ଉପଯୋଗୀତା | – | ଉପଯୋଗିତା |
| ଅପୁତ୍ରିକ | – | ଅପୁତ୍ରକ |
| ଅପଦସ୍ଥ | – | ଅପଦସ୍ତ |
| ଶୀର୍ଷାସନ | – | ଶୀର୍ଷାସନ |

୧୦. (କ) (i) ପ୍ରକୃତିସ୍ଥ
(ଖ) (i) ଅର୍ଥପୂର୍ଣ୍ଣ
(ଗ) (ii) ଶତ ଶୁଭ ଶଙ୍ଖ
(ଘ) (i) ପ୍ରୋପାଗଣ୍ଡାର
(ଙ) (ii) ଗୋରୁ ଚରିଯାନ୍ତି

୧୧. କ)(i) ଅନନ୍ତ ଅତୀତଓ ଅନନ୍ତ ଭବିଷ୍ୟତର ଘନିଷ୍ଠ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ମାନବ ଜୀବନର ମୂଲ୍ୟ କିଛି ରହେନାହିଁ।

(ii) ଏହି ଭ୍ରାମ୍ୟମାଣା ଉଦାସୀନା ଧରଣୀ ବ୍ୟକ୍ତି ବିଶେଷର ଲାଭକ୍ଷତିରେ ବିଚଳିତ ହୁଏ ନାହିଁ।

(iii) ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶାକରିବା ବିଡ଼ମ୍ବନା ମାତ୍ର।

(iv) ଜାତିସଂଘ ତାଙ୍କ ଶିକ୍ଷା ରିପୋର୍ଟରେ କହିଛନ୍ତି, ଲୋକମାନେ ଅଶିକ୍ଷିତ ନିରକ୍ଷର ହୋଇଥିବାରୁ ଉନ୍ନୟନ କାର୍ଯ୍ୟ ଅନେକ ପଛରେ ପଡ଼ିଯାଇଛି।

ଖ) (i) ପ୍ରବନ୍ଧ - ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା -
ପ୍ରାବନ୍ଧିକ- ଗୋଲକ ବିହାରୀ ଧଳ
ଆମ ଦେଶର ପରୀକ୍ଷା ପଦ୍ଧତିରେ ଛାତ୍ରମାନଙ୍କର ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ କରିବା ଭାରି କଷ୍ଟ।

(ii) ପ୍ରବନ୍ଧ - ତିନି ତୁଣ୍ଡରେ,
ପ୍ରାବନ୍ଧିକ - ଭୁବନେଶ୍ୱର ବେହେରା
ଆଜି ଆମ ଦେଶରେ ଛେଳିକୁ କୁକୁର ଓ କୁକୁରକୁ ଛେଳି କରିବା ଉଦ୍ଦେଶ୍ୟରେ ଅଗଣିତ ପାଣ୍ଡୁ, ରାଧୁ ଆଉ ଅଗାଧୁ ବାହାରି ପଡ଼ିଛନ୍ତି।

(iii) ପ୍ରବନ୍ଧ - ପୁଷ୍ପପୁରରେ ବର୍ଷାବରଣ -
ଲେଖକ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମହର୍ଷି ପ୍ରତିପାଳିତ ମଞ୍ଜୁଛୁରୀ ଅନା କୁଞ୍ଜ ଓ ବକୁଳ ବନ ଆଜି ସୁଦ୍ଧା ଆଦର୍ଶ ରଖିଛନ୍ତି ଓ ଏମାନେ ସମସ୍ତଙ୍କୁ ନିର୍ବିଶେଷରେ ଶ୍ୟାମଛାୟା ଦେଇଥାନ୍ତି।

ଗ) (i) ପ୍ରବନ୍ଧ - ଇତିହାସ-ପ୍ରାବନ୍ଧିକ-ବିଶ୍ୱନାଥ କର
ମାନବ ସମାଜ ନିକଟରେସାହିତ୍ୟ, ଶିଳ୍ପ, ବାଣିଜ୍ୟ, ଧର୍ମ, ନୀତି, କାବ୍ୟ, ଉପନ୍ୟାସ, ବିଜ୍ଞାନ, ଦର୍ଶନ ସମସ୍ତ ସତ୍ୟମୟ। ତେବେ ପ୍ରତ୍ୟେକ ବ୍ୟକ୍ତିର ଜୀବନ, ଆହାର, ପରିଚ୍ଛଦ ତାହା ନିକଟରେ ଜୀବନ୍ତ ଇତିହାସ ରୂପେ ପ୍ରତିଭାତ ହୁଏ।

(ii) ପ୍ରବନ୍ଧ - ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା -ପ୍ରାବନ୍ଧିକ - ଗୋଲକ ବିହାରୀ ଧଳ
ଜଣେ ସ୍କୁଲ ଶିକ୍ଷକ ଖୋଲାଖୋଲି ଗୋଟିଏ ପ୍ରବନ୍ଧରେ ଲେଖିଛନ୍ତି, ଯଦି ଆଜିକାଲି କୌଣସି ଅନୁଷ୍ଠାନରୁ ବହୁତ ଭଲ ଛାତ୍ର ଖୁବ୍‌ଭଲ ଫଳ ଦେଖାଇଥାନ୍ତି ତେବେ ସେ ପ୍ରକାର ଫଳକୁ ସନ୍ଦେହ ଚକ୍ଷୁରେ ଦେଖିବାକୁ ହେବ।

୧୨. ପ୍ରାବନ୍ଧିକ ଗୋଲକ ବିହାରୀ ଧଳ - ବିଶିଷ୍ଟ ଶିକ୍ଷାବିତ୍ - ଦେଶରେ ସ୍ୱାଧୀନତା ପରେ ସରକାରଙ୍କ କମ୍ ଗୁରୁତ୍ୱ ପ୍ରଦାପ - ଆମ ଦେଶର ପରୀକ୍ଷା ପଦ୍ଧତିରେ ଛାତ୍ର ମାନଙ୍କ ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ  ବହୁତ କଷ୍ଟ - କଳିଙ୍ଗ ଖବର କାଗଜର ଉପାଗ୍ରଲେଖା - ନୋଟ୍ ବହିର ପ୍ରାଧାନ୍ୟ - ପରୀକ୍ଷାର ଭଲ କରିବାକୁ ଅସାଧୁ ଉପାୟ ଅବଲମ୍ବନ - ପ୍ରଶ୍ନ ପତ୍ର ପ୍ରଘଟ ଓ ବିକ୍ରି - ପ୍ରଶ୍ନୋତର ବହିର ଚାହିଦା - ପରୀକ୍ଷା ଫଳ ପ୍ରକାଶ ଅନିୟମିତତାର ବର୍ଣ୍ଣନା ରହିବ।

ଅଥବା

ପ୍ରାବନ୍ଧିକ ଭୁବନେଶ୍ୱର ବେହେରା ପ୍ରବନ୍ଧ 'ତିନି ତୁଣ୍ଡରେ' - ଗଣତନତ୍ର ଶାସନର ସୁଫଳ - ନିର୍ବାଚନ - ପ୍ରତିନିଧି ଚୟନ - ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ - ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ - ଭଲ ମନ୍ଦର ବିଚାର ଯୋଗ୍ୟତା ନଥିଲେ ପ୍ରୋପାଗଣ୍ଡାର ଜୟ - ଉପଯୁକ୍ତ ପ୍ରତିନିଧି ଚୟନ ହୋଇପାରିନଥାଏ। ନିର୍ବାଚନ ପ୍ରଚାରରେ ମାତ୍ରାଧିକ କାର୍ଯ୍ୟ- ନିଜ ଢ଼ୋଲ ନିଜେ ପିଟିବା - ଆତ୍ମ ପ୍ରଚାର ସର୍ବସ୍ୱ ପ୍ରତିନିଧି ଭାବେ ନିର୍ବାଚିତ ବ୍ୟକ୍ତିର କୁଶାସନ ଓ ସ୍ୱାର୍ଥନ୍ୱେଷି ପ୍ରବୃତି ଗଣତନ୍ତ୍ରର ପରିପନ୍ଥି। ଏହିକ୍ରମରେ ଆଲୋଚନା କରାଯିବ।

***

# 2018 (A)

**ପୂର୍ଣ୍ଣ ସଂଖ୍ୟା - ୧୦୦** **ସମୟ - ୩ ଘଣ୍ଟା**

**ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚୀତ କରେ।**

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ।**

**୧. ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି। ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x୫=୫)**

(କ) ଉତ୍କଳ ସ୍ୱାମୀଙ୍କର ବଂଶଧର ହୋଇ ମଧ୍ୟ ତାଙ୍କର ଗତି କିପରି ହୋଇଛି ବୋଲି କବି ବର୍ଣ୍ଣନା କରିଛନ୍ତି ?

(i) ସୂର୍ଯ୍ୟ ରଶ୍ମି ପରି (ii) ଜଳଧାରା ପରି
(iii) ଚନ୍ଦ୍ର କିରଣ ପରି (iv) ଶିଶିର ବିନ୍ଦୁ ପରି

(ଖ) ନବ-ବାମା କେଉଁଠି ଶୋଭିତ ହେଉଥିବେ ବୋଲି କୁହାଯାଇଛି ?

(i) ସମ୍ମୁଖରେ (ii) ସ୍ୱର୍ଣ୍ଣ ସିଂହାସନେ
(iii) ଦକ୍ଷିଣାଙ୍କେ (iv) ବାମାଙ୍କେ

(ଗ) ସୂର୍ଯ୍ୟ କେଉଁ ରଙ୍ଗର ପାଟ ଦିଅନ୍ତି ବୋଲି ବର୍ଣ୍ଣିତ ?

(i) ଶୁଭ୍ରବରଣୀ (ii) ରକ୍ତବରଣୀ
(iii) ହେମବରଣୀ (iv) ନୀଳ ବରଣୀ

(ଘ) କେଉଁ ମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?

(i) ମୁକ୍ତାମାଳା (ii) ମଣିକାଂଚନ ମାଳା
(iii) ପ୍ରବାଳ ମାଳା (iv) ହୀରକମାଳା

(ଙ) କାହା ମଧ୍ୟରୁ ଦୀକ୍ଷା ଗ୍ରହଣ କରିବାପାଇଁ କବି ଆହ୍ୱାନ ଦେଇଛନ୍ତି ?

(i) କ୍ରୁସର ସାଧନା (ii) ପୀଡ଼ନ
(iii) ଉତ୍ପୀଡ଼ନ (iv) ଭସ୍ମ

**୨. ନିର୍ଦ୍ଦେଶ ଅନୁସାରେ ଉତର ଦିଅ : (୧x ୩ = ୩)**

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ।**

(i) କାହାର ପ୍ରତିଶୋଧ ନେବାପାଇଁ ଦୂତ ହାତରେ ବାର୍ତା ପ୍ରେରିତ ହୋଇଛି ?

(ii) ପିଙ୍ଗଳା କେଉଁଠାରୁ ବିଦାୟ ଦେବାର ପ୍ରସ୍ତୁତ କରୁଥିବାର କଥା ଉଲ୍ଲିଖିତ ହୋଇଛି ?

(iii) ସୂର୍ଯ୍ୟଙ୍କର ପାଟ ପ୍ରଦାନକୁ କାହା ସହିତ ତୁଳନା କରାଯାଇଛି ?

(iv) ଜନନୀ ଜୀବନ କିପରି କନ୍ଦାଇ ଜାଣିଛନ୍ତି ବୋଲି କବିତାରେ କୁହାଯାଇଛି ?

**(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ :**

(i) କେଉଁ କଠିନ ଝିଙ୍କାଝିଙ୍କିରୁ ନିସ୍ତାର ପାଇଁ ଆଗୁ ହୁସିଆର ହେବାପାଇଁ କୁହାଯାଇଛି ?

(ii) କେଉଁ ଭିକ୍ଷା ଦାନରେ କୃପଣ ନ ହେବାକୁ ସୀତା ନିବେଦନ କରିଛନ୍ତି ?

(iii) କେଉଁ ପ୍ରଣୟ ପ୍ରଭାବ ଦେଖିବେ ବୋଲି କବି ଆଶା ପୋଷଣ କରିଛନ୍ତି ?

**(ଗ) ୩୦ ଶବ୍ଦରେ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ :**

(i) କେଉଁ କଥା ପଚାରିବା ପାଇଁ ଆଜି ସମୟ ଆସିଛି ବୋଲି କବି କହିଛନ୍ତି ?

(ii) ଅସ୍ତାଚଳ ଉଚ୍ଚ ଆସନରେ ବସି ରବି ପ୍ରାଚୀ ଦିଗରେ କ'ଣ କହୁଛନ୍ତି ବୋଲି ବର୍ଣ୍ଣନା କରାଯାଇଛି ?

**୩. ୧୫୦ ଶବ୍ଦରେ ଉତ୍ତର ଦିଅ।**

ତପସ୍ୱିନୀ ସୀତା ରାମଚନ୍ଦ୍ରଙ୍କ ପାଖକୁ ପ୍ରେରିତ ପତ୍ରରେ ଯେଉଁ ଦ୍ୱିତୀୟ ଅନୁରୋଧ କରିଛନ୍ତି - ତାହା ବର୍ଣ୍ଣନା କର।

ଅଥବା

ନିଜକୁ ପ୍ରେମ ସନ୍ୟାସିନୀ କରି ପିଙ୍ଗଳା ଯେଉଁ ଜୀବନର ପରିକଳ୍ପନା କରିଛନ୍ତି, ତାହାର ବିବରଣୀ ଦିଅ ।

**(୪) ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧X ୫ = ୫)**

(କ) କଲିକତା ଆମଦାନୀ ମାଲ ମଧ୍ୟରେ କିଏ ପ୍ରଧାନ ?

(i) ହଳଦୀ (ii) ଧୂଆଁପତ୍ର
(iii) ଝୋଟ (iv) ସୋରିଷ

(ଖ) ରାୟବାହାଦୂର ଘରେ କ'ଣ ଶୁଣି ଚମକି ଉଠିଲେ ?

(i) ଶଙ୍ଖଧ୍ୱନି (ii) କୋଳାହଳ
(iii) କ୍ରନ୍ଦନ (iv) ପିସ୍ତଲଫୁଟା

(ଗ) ମାତାଜୀଙ୍କ ହାତରେ କ'ଣ ଭୁଲି ହୁଏ ନାହିଁ ଜିନ୍ଦ୍‌ଗୀଭର୍ ?

(i) ପିଠୁଳି (ii) ଆଚାର
(iii) ହାଲୁଆ (iv) ଆମ୍ବ

(ଘ) ପ୍ରତିବର୍ଷ କେଉଁ ଋତୁ ସମାଗତ ହେଲେ ସଙ୍କଟ ଓ ବିକଟ ସରୋବରରେ ଉପନୀତ ହେଉଥିଲେ ?

(i) ଶରତ ଋତୁ (ii) ଶୀତ ଋତୁ
(iii) ଗ୍ରୀଷ୍ମଋତୁ (iv) ବର୍ଷାଋତୁ

(ଙ) ବବୁର୍ଚ୍ଚିଖାନାରେ ଗୋରୁଗୁହ ଢଳା ଯିବାର ପ୍ରତିକାର ସ୍ୱରୂପ କ'ଣ ଖରିବୋତଲ ଢଳାଗଲା ?

(i) ଅତର (ii) ସୁବାସିତ ଜଳ

(iii) ଫେନାଇଲ (iv) ଲେଭେଣ୍ଡର

**(୫) ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ। (୫)**

**(କ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଯେ କୌଣସି ତିନିଗୋଟି ପ୍ରଶ୍ନର ଉତ୍ତର ଦିଅ। (୧X ୩ = ୩)**

(i) ପାଞ୍ଜିଆ ରଙ୍ଗାଧର ମହାନ୍ତିଙ୍କର କିପରି ବର୍ଣ୍ଣନା ଦିଆଯାଇଛି ?

(ii) ରାୟ ବାହାଦୂର ଡ୍ରୟାର ଭିତରୁ କ'ଣ କାଢ଼ିଲେ ?

(iii) ମାଷ୍ଟରଜୀଙ୍କ କେଉଁ ଦୁଇଜଣ ଶିଷ୍ୟଙ୍କ ସଂପର୍କରେ ଉଲ୍ଲେଖ କରାଯାଇଛି ?

(iv) ରିକ୍ସା ଯାଇ କେଉଁଠି ପହଂଚିଯାଇ ଥିବା କଥା କୁହାଯାଇଛି ?

**(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ। (୨X୨ = ୪)**

(i) ବିଗତ ବର୍ଷ ମାନଙ୍କରେ ରାୟବାହାଦୂର ନିଜକୁ ନିଜେ କିପରି ସାନ୍ତ୍ୱନା ଦେଇ ଆସୁଥିଲେ ?

(ii) ମିସେସ୍ ମହାପାତ୍ର ପ୍ରାତଃକାଳରେ କ'ଣ କରିଥାନ୍ତି ବୋଲି କୁହାଯାଇଛି ?

(iii) ନିରାଶାବାଦୀ ଭାବରେ ଜଣାଶୁଣା କାଉଟିଏ କଚ୍ଛପର ଆକାଶ ଗତି ଦେଖି କ'ଣ କହିଲା ?

**(ଗ) ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୩୦ଟି ଶବ୍ଦରେ ଦିଅ :**

(i) ମହାଜନଙ୍କ ଅନୁମତି ଘେନି ସାନବାବୁ କ'ଣ କଲେ ?

(ii) ମାଷ୍ଟରଜୀ ସାମ୍ନାର ଯେଉଁ ବୃଦ୍ଧା ଆଡ଼କୁ ଆଙ୍ଗୁଳି ବଢ଼ାଇ ଦେଖେଇଥିଲେ ସେ କିପରିଥିଲେ ?

**୬. ୧୫୦ଟି ଶବ୍ଦରେ ଉତ୍ତର ଦିଅ। (୫)**

ଯେଉଁ ମୁଖ୍ୟ ଘଟଣାଟି ଗୋପାଳିଆକୁ ବାବୁ ଗୋପାଳ ଚନ୍ଦ୍ରମହାପାତ୍ରରେ ପରିଣତ କରିଥିଲା ତାହା ଉଲ୍ଲେଖ କର।

ଅଥବା

କିପରି ଉପସ୍ଥିତ ସମସ୍ତ ପାରିଷଦ 'ବୁଦ୍ଧୁ' ହୋଇଥିବା ସମ୍ଭାବନାରୁ ମୁକ୍ତ ହୋଇଥିଲେ, ପଠିତ ଗଳ୍ପ ଆଧାରରେ ବର୍ଣ୍ଣନା କର।

**୭. ନିମ୍ନ ଅନୁଚ୍ଛେଦଟି ପାଠ କରି ଏହା ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : (୫)**

ଆଲୋକମଣ୍ଡଳ ଅହରହ ଆନ୍ଦୋଳିତ। ଫଳରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଲୋକମଣ୍ଡଳ ପୃଷ୍ଠରେ ସୌର କଳଙ୍କ ଦେଖାଦିଏ। ତାହାହିଁ ଝଡ଼ର ସୂଚନା। ସେତେବେଳେ ବର୍ଣ୍ଣମଣ୍ଡଳ ଓ କିରୀଟ-ମଣ୍ଡଳରେ ଶିହରଣ ଖେଳିଯାଏ। କିରୀଟମଣ୍ଡଳରୁ ଯେଉଁ ଉତ୍ତପ୍ତ ଅଗ୍ନି ହୁଳା ଉଠେ ତାହା ମହାଶୂନ୍ୟକୁ ନିୟୁତ ନିୟୁତ କିଲୋମିଟର ଜିଭ ଲହ ଲହ କରି ଲମ୍ବିଯାଏ। କି ପ୍ରଚଣ୍ଡ ବେଗରେ ସେ ଖେଳିଯାଏ। ସେକେଣ୍ଡକୁ ପ୍ରାୟ ୪/୫ ଶହ କିଲୋମିଟର। ବେଳେ ବେଳେ ସୂର୍ଯ୍ୟରୁ ତାହା ଛିଣ୍ଡି ପଡ଼େ। ମନେ ହୁଏ ସୂର୍ଯ୍ୟ ଯେପରି ସୃଷ୍ଟିକୁ ଧ୍ୱଂସ କରି ଦେବ। ସେତେବେଳେ ଅସଂଖ୍ୟ ବୈଦ୍ୟୁତିକ କଣିକା ମହାଶୂନ୍ୟକୁ ବିଞ୍ଚିହୋଇ ପଡ଼େ। ଚୁମ୍ବକ ଝଡ଼ ସୃଷ୍ଟି ହୁଏ; ରେଡ଼ିଓ ଷ୍ଟେସନର ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହୁଏ, ରେଡ଼ାର ଯନ୍ତ୍ରପାତି କ୍ଷଣକ ପାଇଁ ଅଚଞ୍ଚଳ ହୋଇପଡ଼େ। ମେରୁ ଅଞ୍ଚଳରେ ଜାହାଜର କମ୍ପାସ ଚୁମ୍ବକ ଦିଗ ହରାଏ। ସତର୍କ ନ ହେଲେ ସେତେବେଳେ ନାବିକ ପଥବଣା ହେବା ବିଚିତ୍ର ନୁହେଁ। ସେତେବେଳେ ପୃଥିବୀର ମେରୁ ଅଞ୍ଚଳରେ ପ୍ରଜ୍ୱଳିତ ହୁଏ ମେରୁ ପ୍ରଭା। ଆକାଶ ଓ ପୃଥିବୀ ମଧ୍ୟରେ ଆଲୋକର ଭୀଷଣ ତାଣ୍ଡବ ଲୀଳା। ଏହା ହିଁ ଅବୋଧ୍ୟ ସୌର ଝଡ଼ର ଲାକ୍ଷଣିକ ସୂଚନା।

ସୌର କଳଙ୍କର ଆବିର୍ଭାବ ହିଁ ସୌର ଝଡ଼ର ସୂଚନା ଦିଏ। ସୌର କଳଙ୍କ କ'ଣ ଅନେକ ବର୍ଷ ପର୍ଯ୍ୟନ୍ତ କେହି ଜାଣି ନଥିଲେ। ପୂର୍ବକାଳରେ ଚୀନା ଲୋକେ ଭାବୁଥିଲେ ସୂର୍ଯ୍ୟ ଆକାଶରେ ପଲ ପଲ ଚଢ଼େଇ ଉଡ଼ି ଯାଉଛନ୍ତି। ସେମାନଙ୍କ ଛାଇ ସବୁ ସୌର କଳଙ୍କ ରୂପେ ଦେଖାଯାଉଛି। କେତେକ କହୁଥିଲେ ସୂର୍ଯ୍ୟ ଚାରିପଟେ ଘୂରୁଥିବା ବୁଧ ଗ୍ରହର ଛାଇ ପଡ଼ି ସେମିତି କଳାଦାଗ ଦିଶୁଛି। ଏମିତି କିଏ କେତେ କଳ୍ପନା କରୁଥିଲା। ୧୬୧୦ ମସିହା ବେଳକୁ ଗାଲିଲିଓ ସେଗୁଡ଼ିକ ପ୍ରତି ଧ୍ୟାନ ଦେଲେ। ସେ ନୂଆ ନୂଆ ଟେଲିସ୍କୋପ ଉଦ୍ଭାବନ କରିଥାନ୍ତି। ସେଥିରେ ସେ ସୌର କଳଙ୍କଗୁଡ଼ିକୁ ଅନେଇଲେ। ସେ ଦେଖିଲେ ସେଗୁଡ଼ିକ ଆଲୋକମଣ୍ଡଳର ପୃଷ୍ଠରେ ହିଁ ସୃଷ୍ଟି ହୁଏ। ପ୍ରଥମେ ସାନ ହୋଇ ଏଗୁଡ଼ିକ ସୃଷ୍ଟି ହୁଏ; ପରେ ଖୁବ୍ ବଡ଼ ଆକାର ଧାରଣ କରେ।

ପରେ ଜର୍ମାନ ବୈଜ୍ଞାନିକ ଶଉବେ ବର୍ଷ ବର୍ଷ ଧରି ଏଗୁଡ଼ିକୁ ପର୍ଯ୍ୟବେକ୍ଷଣ କଲେ । କ୍ରମାଗତ ୧୨ ବର୍ଷ ପର୍ଯ୍ୟବେକ୍ଷଣ କରି ସେ ସିଦ୍ଧାନ୍ତ କଲେ ପ୍ରତି ୧୧ ବର୍ଷରେ ଥରେ ସୂର୍ଯ୍ୟରେ ସୌରଦାଗୁଡ଼ିକୁ ଯଥେଷ୍ଟ ବୃଦ୍ଧି ପାଏ । ୩୦ ବର୍ଷ କାଳ ଟେଲିସ୍କୋପ୍ ଧରି ସେ ସୂର୍ଯ୍ୟର ଏହି ଦାଗଗୁଡ଼ିକ ଏକାଗ୍ର ଚିତ୍ତରେ ଲକ୍ଷ୍ୟ କଲେ । ତାଙ୍କ ଏହି ଧୈର୍ଯ୍ୟ ଓ ଏକାଗ୍ରତାପାଇଁ ତାଙ୍କ ସହରରେ ଲୋକେ କୁହାକୁହି ହୁଅନ୍ତି ଯେ ଶଉବେଙ୍କ ଟେଲିସ୍କୋପ ନ ଦେଖିଲେ ସୂର୍ଯ୍ୟ ଆକାଶରେ ଉଅଁନ୍ତି ନାହିଁ । ଜର୍ମାନ ବୈଜ୍ଞାନିକ ଶଉବେ ଓ ସୁଇଜରଲାଣ୍ଡର ଉଲ୍‌ଫଙ୍କ ବୈଜ୍ଞାନିକ ଗବେଷଣାରୁ ସୌର କଳଙ୍କର ଅନେକ ତଥ୍ୟ ଜଣାପଡ଼ିଥିଲା । କଳଙ୍କଗୁଡ଼ିକ ଏତେ ବଡ଼ ହେଉଥିଲା ଯେ ସେଥିରେ ଶହ ଶହ ପୃଥିବୀ ବିଛେଇ ହୋଇ ରହିଯିବ । ସୂର୍ଯ୍ୟର ମେରୁ ବା ବିଷୁବ ମଣ୍ଡଳରେ ସେଗୁଡ଼ିକ ଦେଖାଯାଉ ନଥିଲା । ପରେ ଯୁକ୍ତରାଷ୍ଟ୍ରର ବୈଜ୍ଞାନିକ ହେଲେ ସୂଚନା ଦେଲେ ଯେ ସୌର କଳଙ୍କର ଚୁମ୍ବକତ୍ୱ ଅଛି । ସେଗୁଡ଼ିକ କଳା ଦେଖାଯିବାର କାରଣ ହେଲା ତାହାର ତାପମାତ୍ରା ଅନ୍ୟ ଅଞ୍ଚଳର ତାପମାତ୍ରାଠାରୁ ଏକ ହଜାରରୁ ୧୫୦୦ ଡିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଥାଏ ।

**ପ୍ରଶ୍ନାବଳୀ :**

(କ) ପ୍ରତ୍ୟେକକୁ ଗୋଟିଏ ବାକ୍ୟରେ ଉତ୍ତର ଦିଅ: (୧x୪=୪)

(i) ଆଲୋକମଣ୍ଡଳ ପୃଷ୍ଠରେ ସୌର କଳଙ୍କ କାହିଁକି ଦେଖାଯାଏ ?

(ii) ସୌରମଣ୍ଡଳରେ ଝଡ଼ ଦେଖାଦେଲେ ମେରୁମଣ୍ଡଳରେ କ'ଣ ହୁଏ ?

(iii) ସୌର କଳଙ୍କ ପ୍ରତି କିଏ କେବେ ଧ୍ୟାନ ଦେଇଥିଲେ ?

(iv) ଶଉବେ କେଉଁ ଦେଶର ବୈଜ୍ଞାନିକ ଥିଲେ ।

(ଖ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ଲେଖାଏଁ ବାକ୍ୟରେ ଦିଅ: (୨x୩=୬)

(i) ସୌର ଝଡ଼ର ଦୁଇଟି ଲାକ୍ଷଣିକ ସୂଚନା ଦିଅ ।

(ii) ଗାଲିଲିଓ ସୌରକଳଙ୍କ ବିଷୟରେ କ'ଣ ଦେଖିଥିବାର ଉଲ୍ଲେଖ ଅଛି ?

(iii) ବୈଜ୍ଞାନିକ ହେଲେ ସୌରକଳଙ୍କ ସମ୍ପର୍କରେ କେଉଁ ସୂଚନା ଦେଇଥିଲେ ?

(ଗ) ନିମ୍ନ କବିତାଂଶଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ : (୧x୫=୫)

ପୁଷମାସେ ବଡ଼ ଶୀତ କଷ୍ଟ ଦିଏ ଅପ୍ରମିତ
ବିନା ବସନରେ ବୃକ୍ଷ ବକଳରେ
କି ଦୁଃଖ ନ ହେବ ଜାତ ଲୋ କୋଇଲି ॥
ମାଘରେ ତହୁଁ ଅଧିକ ଗରିବ ଦୁଃଖଦାୟକ
ଅମୂଲ୍ୟ ସୁପାଟି ତେଜି ରଘୁପତି
ବୁଲଇ କାନନ ଯାକ ଲୋ କୋଇଲି ॥
ଫଗୁଣେ ଫଗୁ ଖେଳରେ ମାତିଛନ୍ତି ଘରେ ଘରେ
ମୋ ଅନ୍ଧୁଣି ଧନ ମୋଠୁ ହୋଇ ଭିନ୍ନ
ଭସାଇଲା ଶୋକ ନୀରେ, ଲୋ କୋଇଲି ॥
ଚଇତ୍ର ମାସରେ ଖରା ନିରସ କରଇ ଧରା
ଶରୀରରୁ ଝାଳ ବହେ ଅନର୍ଗଳ
ପରାଣ ହୁଏ ଘାବରା ଲୋ କୋଇଲି ॥
ବଇଶାଖ ଖରା ଚାହିଁ ବାହାରକୁ ନୋହେ ଯାଇ
କେଉଁ ବୃକ୍ଷମୂଳେ ଜୀବନ ବିକଳେ
ଥିବ ମୋର ପୁତ୍ର ରହି ଲୋ କୋଇଲି ॥
ଜ୍ୟେଷ୍ଠ ମୋ ଜ୍ୟେଷ୍ଠ ନନ୍ଦନ ଜାନକୀ ସହ ଲକ୍ଷ୍ମଣ
ନାନା ପକ୍ୱ ଫଳ ଖୋଜି ବୁଲୁଥିବେ
ବିଧିର ଏ ବିଡ଼ମ୍ବନା ଲୋ କୋଇଲି ॥
ଆଷାଢ଼ ମାସରେ ମେଘ ଗରଜିଲା ଯେହ୍ନେ ବାଘ
ବେଳେବେଳେ ଦୃଶ୍ୟ ହୁଅଇ ଅଦୃଶ୍ୟ
ଘୋଟିଯାଏ ଚଉଦିଗ ଲୋ କୋଇଲି ॥

**ପ୍ରଶ୍ନାବଳୀ**

(i) ପୁଷ ମାସର ଶୀତରେ କ'ଣ ହୁଏ ବୋଲି କୁହାଯାଇଛି ?

(ii) ମାଘରେ ରଘୁପତି କ'ଣ କରୁଛନ୍ତି ବୋଲି ବର୍ଣ୍ଣିତ ?

(iii) ଫଗୁଣ ମାସର ପୁତ୍ର ବିଚ୍ଛେଦ ଅନୁଭୂତି କିପରି ଚିତ୍ରିତ ?

(iv) ବଇଶାଖ ମାସ ରଘୁପତି କିପରି କଟଉଥିବେ ବୋଲି ବର୍ଣ୍ଣିତ ?

(v) ଆଷାଢ଼ ମାସର ମେଘର ବର୍ଣ୍ଣନା କିପରି ହୋଇଛି ?

**୮. ଯେକୌଣସି ଗୋଟିକର ଭାବ ସଂପ୍ରସାରଣ କର: (୫)**

(କ) ଆ ବଳଦ ମୋତେ ବିନ୍ଧ୍

(ଖ) ଅଳ୍ପ ବିଦ୍ୟା ଭୟଙ୍କରୀ

(ଗ) ତୁଚ୍ଛାକୁ ଏତେ, ମୁଦି ନାହିଁ ଗୋଡ଼ କଟାଡୁ କେତେ !

୯. (କ) ମହାବିଦ୍ୟାଳୟ ସାଂସ୍କୃତିକ ପରିଷଦର ସମ୍ପାଦକଭାବେ ନିଜ ମହାବିଦ୍ୟାଳୟରେ ଏକ ସ୍ଥାୟୀ ମଞ୍ଚ ନିର୍ମାଣ ପାଇଁ ତୁମ ରାଜ୍ୟର ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀଙ୍କୁ ଏକ ଦରଖାସ୍ତ ଲେଖ। (୫)

ଅଥବା

ନୂଆକରି ଛାତ୍ରାବାସରେ ରହିବାକୁ ଯାଉଥିବା ତୁମ ସାନଭାଇର ଆଞ୍ଚଳିକ ଅଭିଭାବକ ହେବା ପାଇଁ ତୁମର ଜଣେ ସାଙ୍ଗଙ୍କ ନିକଟକୁ ପତ୍ର ଲେଖ।

(ଖ) ନିମ୍ନ ଅନୁଚ୍ଛେଦର ଏକତୃତୀୟାଂଶ ପାଠ୍ୟ ପ୍ରସ୍ତୁତ କର: (୫)

"ବନବାସ ସମୟରେ ଧର୍ମାତ୍ମା ଯୁଧିଷ୍ଠିର ଅନେକ ସମୟ ଧ୍ୟାନମଗ୍ନ ରହିବା ଦ୍ରୌପଦୀଙ୍କୁ ବିଚିତ୍ରବୋଧ ହେଉଥିଲା। ଦିନେ ଯୁଧିଷ୍ଠିର ଧ୍ୟାନରୁ ଉଠିବା ପରେ ପ୍ରଶ୍ନ କରିଥିଲେ - ଧର୍ମରାଜ! ଆପଣ ଭଗବାନଙ୍କୁ ଏତେ ସମୟ ଦରି ଧ୍ୟାନପୂର୍ବକ ପ୍ରାର୍ଥନା କରୁଛନ୍ତି। ଧର୍ମ ପଥରେ ଚାଲି ଆମେ ବାରମ୍ବାର ସମସ୍ୟାର ସମ୍ମୁଖୀନ ହେଉଛୁ, ହେଲେ କାହିଁକି ଦିନେ ତାଙ୍କୁ ପ୍ରାର୍ଥନା କରି କହୁନାହାନ୍ତି ଯେ ଆମର ସଂକଟ ଦୂର କରି ଦେବାକୁ। ବନବାସକୁ ଆଦରି ନେଇ ଅଶେଷ ଦୁଃଖ କଷ୍ଟ ସହୁଛୁ, ସେତିକିରେ କଷ୍ଟର ସମାପ୍ତି ହେଉନାହିଁ। ଏତେ କ୍ଲେଶ, ଏତେ ଦୁଃଖ! କେବେ ତୃଣଶଯ୍ୟା ଉପରେ ତ କେବେ ପଥର ଉପରେ ରାତି ବିତେଇବାକୁ ପଡୁଛି। ଜଙ୍ଗଲର କଣ୍ଟାଝଣ୍ଟା ଭିତରେ ଚାଲି ବାରମ୍ବାର କ୍ଷତାକ୍ତ ହେଉଛୁ। କେତେବେଳେ ନିର୍ଜନ ବନପ୍ରଦେଶରେ କ୍ଷୁଧା ମେଣ୍ଟାଇବା ପାଇଁ ଫଳମୂଳ ତ ଦୂରର କଥା, ତୃଷ୍ଣା ନିବାରଣ ପାଇଁ ପାଣିମୁନ୍ଦେ ମଧ୍ୟ ମିଳୁନାହିଁ। ଏତେ କଷ୍ଟ ଭୋଗୁଥିଲେ ସୁଦ୍ଧା ଆପଣ କାହିଁକି ଦିନେ ହେଲେ ପ୍ରାର୍ଥନା କରୁନାହାନ୍ତି ଯେ ଆମର ଏହି ଦୁର୍ବିସହ ଦୁଃଖ ଯନ୍ତ୍ରଣା ଦୂର କରି ଦିଅନ୍ତୁ ବୋଲି। ଧର୍ମରାଜ ଯୁଧିଷ୍ଠିର ଏହା ଶୁଣି ହସି ହସି କହିଥିଲେ, ଶୁଣ ଦ୍ରୌପଦୀ, ମୁଁ ଭଗବାନଙ୍କୁ ଧ୍ୟାନ ପ୍ରାର୍ଥନା କରୁଛି ଏଥିପାଇଁ ଯେ ଏହାଦ୍ୱାରା ମୋର ଆତ୍ମାକୁ ପରମ ଶାନ୍ତି ମିଳୁଛି। ଏହା ଦ୍ୱାରା ମୁଁ ସବୁ ଦୁଃଖ ଭୁଲି ଯାଉଛି। ମୁଁ ତାଙ୍କୁ କିଛି ହେଲେ ମାଗୁନାହିଁ। ପ୍ରସନ୍ନତା ପ୍ରାପ୍ତି ନିମିତ୍ତ ମୁଁ ଭଗବାନଙ୍କ ଧ୍ୟାନ ପ୍ରାର୍ଥନା କରୁଛି। ତାହାହିଁ ତ ଆତ୍ମିକ ଶାନ୍ତିର ଶ୍ରେଷ୍ଠ ମାର୍ଗ। ଧ୍ୟାନ ପ୍ରାର୍ଥନା ହିଁ ଏକମାତ୍ର ପନ୍ଥା ଯାହା ଦ୍ୱାରା ମନର ଗ୍ଲାନି ଅବସାଦ ଅଚିରେ ଦୂର ହୋଇଯିବ।"

(ଗ) ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ :

(i) ନିମ୍ନ ରୂଢ଼ି ମଧ୍ୟରୁ ଦୁଇଟିକୁ ବାକ୍ୟରେ ବ୍ୟବହାର କର : (୧x୨=୨)

ଗୋଠଖଣ୍ଡିଆ, ଆକାଶକୁସୁମ,
ବାଟ କାଟିବା, ଭେଳା ବୁଡ଼ାଇବା

(ii) ଯେକୌଣସି ଦୁଇଟିକୁ ଏକପଦରେ ପ୍ରକାଶ କର : (୧x୨=୨)

ତର୍କଶାସ୍ତ୍ରରେ ପଣ୍ଡିତ, ଯିଏ ବିଧାନ କରନ୍ତି,
ଭୃଗୁଙ୍କର ପୁତ୍ର, ପଶ୍ଚିମଦିଗରୁ ଆସୁଥିବା

(iii) ଯେକୌଣସି ଦୁଇଯୋଡ଼ା ସମୋଚ୍ଚାରିତ ଶବ୍ଦର ଅର୍ଥ ଲେଖ : (୧x୨=୨)

ଜାଗ - ଯାଗ, ତରଣି - ତରଣୀ,
ବେଳା - ବେଲା, ଦୂତ - ଦ୍ୟୂତ

(iv) ଯେକୌଣସି ଦୁଇଟିର ବିପରୀତାର୍ଥବୋଧକ ଶବ୍ଦ ଲେଖ : (୧x୨=୨)

ଆବୃତ, କପଟ, ଜ୍ୟେଷ୍ଠ, ସଂଯୋଗ

(v) ଭ୍ରମ ଥିଲେ ଯେକୌଣସି ଦୁଇଟିର ସଂଶୋଧନ କର : (୧x୨=୨)

ନାଗରୀକ, ଆବିର୍ଭୁତ, ସିମିତ, ସ୍ୱାଭାବିକ

**୧୦. ଚରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। (୧x୫=୫)**

(କ) କେଉଁ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ପୃଥିବୀର ନାନାବିଧ ଉନ୍ନତି ସଂସାଧିତ ହୁଏ ?

(i) ଚିନ୍ତାଶୀଳ (ii) କ୍ରିୟାଶୀଳ

(iii) ଆଧ୍ୟାତ୍ମିକ (iv) ଭୋଗଶୀଳ

(ଖ) କେଉଁ ଅଂଚଳକୁ ସୂକ୍ଷ୍ମଶାଳୀର ଗନ୍ତାଘର କୁହାଯାଇଛି ?

(i) କଟକ (ii) ସମ୍ବଲପୁର

(iii) ସାକ୍ଷୀଗୋପାଳ (iv) ଗଞ୍ଜାମ

(ଗ) କାହାକୁ ଦେଖି ପୁରୋହିତେ ଘାବରାଇ ଯାଇଥିଲେ ?

(i) ରାଧୁ (ii) ଅଗାଧୁ

(iii) ପାଣ୍ଡୁ (iv) ସାଧୁ

(ଘ) ଜିଲ୍ଲା ପରିଷଦ ପରିଚାଳିତ ଆଂଚଳିକ ସଭାରେ କେଉଁ ବିଷୟ ସବାତଳେ ଆଲୋଚିତ ହେବାକୁ ରଖାଯାଇଥିଲା ?

(i) କୃଷି (ii) ସ୍ୱାସ୍ଥ୍ୟ

(iii) ଗମନାଗମନ (iv) ଶିକ୍ଷା

(ଙ) କେଉଁ ଜାତି ଚିରକାଳ କଳ୍ପନା ପ୍ରିୟତା ପାଇଁ ଖ୍ୟାତ ?

(i) ଶିଖ୍ (ii) ମୁସଲ୍‌ମାନ

(iii) ଖ୍ରୀଷ୍ଟିଆନ୍ (iv) ହିନ୍ଦୁ

**୧୧. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ । (୧x୩=୩)**

**(କ) ଯେ କୌଣସି ତିନୋଟି ପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।**

(i) ମାନବ ଜୀବନ ପ୍ରକୃତ ରୂପେ କିପରି ଗଠିତ ହୁଏ ବୋଲି ବର୍ଣ୍ଣିତ ?

(ii) ଖଣ୍ଡିତ ଉତ୍କଳ ମୋହ ନିଦ୍ରାରେ ନିଦ୍ରିତ ଥିବାବେଳେ କେଉଁମାନେ ଦକ୍ଷିଣାଶା ପଥ ପ୍ରହରୀ ରୂପେ ଜାଗ୍ରତ ଥିଲେ ବୋଲି କୁହାଯାଇଛି ?

(iii) ଗଣତନ୍ତ୍ରର ମେରୁଦଣ୍ଡ କ'ଣ ବୋଲି ଉଲ୍ଲିଖିତ ?

(iv) ଏବେ ମାଟ୍ରିକ୍ ପାଠ କେଉଁଠିକି ନୁହେଁ ବୋଲି ପ୍ରାବନ୍ଧିକ କହିଛନ୍ତି ?

**(ଖ) ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଯେ କୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ । (୨x୨=୪)**

(i) ପ୍ରାବନ୍ଧିକଙ୍କ ମତରେ ମନୁଷ୍ୟର ସ୍ୱଭାବ କ'ଣ ?

(ii) କେଉଁ ଦୀପ ଅଖଣ୍ଡ ରହୁ ବୋଲି ପ୍ରାବନ୍ଧିକ ବର୍ଣ୍ଣନା କରିଛନ୍ତି ?

(iii) ପୁରୋହିତଙ୍କ ଆଶୀର୍ବାଦ ଗ୍ରହଣ କରୁକରୁ ଅଗାଧୁ କ'ଣ କହିଥିଲା ?

**(ଗ) ୩୦ଟି ଶବ୍ଦରେ ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : (୩)**

(i) ଦେଶର ସ୍ୱାଧୀନତା କିପରି ରହିପାରିବ ବୋଲି ପ୍ରାବନ୍ଧିକ ସୂଚନା ଦେଇଛନ୍ତି ?

(ii) ପଠିତ ଗଦ୍ୟରେ ପାଣ୍ଡୁକୁ କିପରି ବର୍ଣ୍ଣନା କରାଯାଇଛି ?

**୧୨. ୧୫୦ଶବ୍ଦରେ ପ୍ରଶ୍ନର ଉତ୍ତର ଦିଅ । (୫)**

ପ୍ରଚାର ଶକ୍ତି ବଳରେ ଜିତିଥିବା ଗୁଣହୀନ କେତେକ ପ୍ରତିନିଧିଙ୍କ କଥା ଉତ୍‌ଥାପନ କାଳରେ ପ୍ରାବନ୍ଧିକ ଯଉଁ ପ୍ରସଙ୍ଗର ଉପସ୍ଥାପନ କରିଛନ୍ତି ତାହା ବର୍ଣ୍ଣନା କର ।

ଅଥବା

କୋଣାର୍କ ସଂପର୍କରେ ପ୍ରାବନ୍ଧିକ ବାରିବାହକୁ ଯେଉଁ ସୂଚନା ପ୍ରଦାନ କରିଛନ୍ତି ତାହା ଦର୍ଶାଅ ।

***

# 2018 ANSWER

୧. (କ) (ii) ଜଳଧାରା ପରି
(ଖ) (iv) ବାମାଙ୍କେ
(ଗ) (iii) ହେମବରଣୀ
(ଘ) (ii) ମଣିକାଂଚନ ମାଳା
(ଙ) (iv) ଭସ୍ମ

୨.କ) (i) ଯୁଗ ବ୍ୟାପୀ ହୀନ ଦାସତ୍ୱର ପ୍ରତିଶୋଧ ନେବା ପାଇଁ ଦୂତହାତରେ ବାର୍ତ୍ତା ପ୍ରେରିତ ହୋଇଛି ।

(ii) ପିଙ୍ଗଳା ବିଦେହ ନଗର ଠାରୁ ବିଦାୟ ନେବାର ପ୍ରସ୍ତୁତି କରୁଥିବାର କଥା ଉଲ୍ଲିଖିତ ହୋଇଛି ।

(iii) ଅନୁରକ୍ତ ଭୃତ୍ୟ ମସ୍ତକରେ ସମ୍ରାଟ ପାଟ ବାନ୍ଧିବା ସହିତ ତୁଳନା କରାଯାଇଛି ।

(iv) ବୀଣା ତନ୍ତ୍ରୀ ସହକାରେ ରାମାୟଣ ଗାନ କରି ଜନନୀ ଜୀବନ କନ୍ଦାଇ ଜାଣିଛନ୍ତି ବୋଲି କୁହାଯାଇଛି ।

ଖ) (i) କବିତା – ବଡ଼ପଣ- କବି- ରାଧାନାଥ ରାୟ

ଆୟୁ ସୂର୍ଯ୍ୟ ତଳେ ଯେତେ ଯେତେ ଗଡ଼ିଯାଏ ମଣିଷର ପାର୍ଥୀବ ମାୟା ସେତେସେତେ ଛାୟା ପରି ବଢ଼ିଯାଇଥାଏ । ମାୟାଚେର ପାର୍ଥୀବ ଲାଳସାରେ ଯେତେ ଭେଦି ଭେଦି ଯିବ ଶେଷ ସମୟରେ କାଳ ସେତିକି ଜୋର୍‌ରେ ଝିଙ୍କିବ ବୋଲି କୁହାଯାଇଛି ।

(ii) କବିତା–ତପସ୍ୱିନୀର ପତ୍ର – କବି–ଗଙ୍ଗାଧର ମେହେର

ଦେବୀ ସୀତା ପ୍ରଭୁ ରାମଚନ୍ଦ୍ରଙ୍କୁ ଛାର ଭିକ୍ଷାଟିଏ ପ୍ରାର୍ଥନା କରିଛନ୍ତି । ଭିକ୍ଷାଟି ହେଉଛି, ଯେଉଁ ନବବାମା ପ୍ରଭୁଙ୍କ କୋଳ ଯୋଗ୍ୟା ହୋଇଛି ସେ କେଉଁ ଘୋର ତପସ୍ୟା କରି, କେଉଁ ମନ୍ତ୍ର କେତେ କାଳ ଜପ କରି ସେ ସୌଭାଗ୍ୟ ଲାଭ କରିଛନ୍ତି ତାହା ଜଣାଇବାକୁ ଅନୁରୋଧ କରିଛନ୍ତି ।

(iii) କବିତା – ବନ୍ଦୀର ବିରହ ବ୍ୟଥା
କବି- ଗୋପବନ୍ଧୁ ଦାସ

ସୂର୍ଯ୍ୟ ଓ ପୃଥିବୀର ପ୍ରେମ ଅତ୍ୟନ୍ତ ନିବିଡ଼ । ସୂର୍ଯ୍ୟଙ୍କ ବିଦାୟ ବେଳାରେ ବିରହ ପ୍ରାଣା ପୃଥିବୀର ମନୋଭାବକୁ କବି ପ୍ରଣୟ ପ୍ରଭାବ ଭାବେ ଦେଖିବାକୁ ଆଶା ପ୍ରକାଶ କରିଛନ୍ତି ।

(ଗ) (i) କବିତା – ବାର୍ତ୍ତା – କବି- ସଚ୍ଚିଦାନନ୍ଦ ରାଉତରାୟ
କବି ସଚ୍ଚିଦାନନ୍ଦଙ୍କ ବାମପନ୍ଥୀ ଚିନ୍ତାଧାରାର ସାର୍ଥକ ପ୍ରକାଶ ଘଟିଛି । ମାନବ ସନ୍ତାନ ଦୀପ୍ତ କଣ୍ଠରେ ପ୍ରଶ୍ନ କରିବ ଏତେ ଦିନ ଧରି ତା'ଲାଗି ଲୌହ ଶୃଙ୍ଖଳ ଓ ଲୌହ କାରାଗାର କାହିଁକି ଥିଲା, ଯୁଗଯୁଗ ଧରି ଯେଉଁ ଭୀମ ଅତ୍ୟାଚାର ମାନବ ଆତ୍ମାକୁ ପୀଡ଼ା ପ୍ରଦାନକରିଛି ତା'ର କୈଫିୟତ ମାଗିବାର ବେଳ ଉପନୀତ ।

(ii) କବିତା–ବନ୍ଦୀର ବିରହ ବ୍ୟଥା–କବି–ଗୋପବନ୍ଧୁ ଦାସ
ଅସ୍ତାଚଳ ଉଚ୍ଚ ଆସନରେ ବସି ରବି ହସ ହସ ବଦନରେ ପ୍ରାଚୀ ଅଭିମୁଖେ ସ୍ୱକନକ କିରଣକୁ ଲମ୍ବାଇ ଦେଇ କୋମଳ ଆଶ୍ୱାସନାରେ ନିଜର ସ୍ନେହ ଆଦର ପ୍ରଦର୍ଶନ କରୁଛନ୍ତି । ମନ୍ଦ ପବନର ମର୍ମରରେ ଖୁବ୍ ଶିଘ୍ର ସେ ଫେରି ଆସିବେ ତେଣୁ ପୃଥିବୀ ଦୁଃଖିତ ନହେବାକୁ ପ୍ରେମପୂର୍ଣ୍ଣ ଅସ୍ପଷ୍ଟ ଭାଷାରେ ପ୍ରକାଶ କରିଛନ୍ତି ।

୩. କବିତା – ତପସ୍ୱିନୀର ପତ୍ର- କବି-ଗଙ୍ଗାଧର ମେହେର
ଦ୍ୱିତୀୟ ଅନୁରୋଧ ବାଳକ ପୁତ୍ର ଦ୍ୱୟ ଲବ ଓ କୁଶଙ୍କ ସଂପର୍କରେ – ସେମାନେ ଅବୋଧ – ପିତୃକୋଳ ଆରୋହଣ ଭାଗ୍ୟ ସେମାନଙ୍କର ନାହିଁ- ପିତୃ ଅନୁରାଗ ସେମାନେ ଜାଣନ୍ତି ନାହିଁ – ବୀଣା ତନ୍ତ୍ରୀରେ ରାମାୟଣ ଗାନ କରି ଜନନୀର ହୃଦୟ କନ୍ଦାଇ ଜାଣିଛନ୍ତି – ପ୍ରଭୁ ରାମଚନ୍ଦ୍ରଙ୍କ ଚରିତ୍ରରେ ମୁଗ୍ଧ ହୋଇ ତାଙ୍କର ଦର୍ଶନ ଲାଗି ମହର୍ଷିଙ୍କ ସହିତ ଅଯୋଧ୍ୟା ଗମନ କରୁଛନ୍ତି ।

ଅଥବା

କବିତା–ପିଙ୍ଗଳାର ଅଭିସାର–କବି- ରାଧାମୋହନ ଗଡ଼ନାୟକ
ପ୍ରେମ ସନ୍ୟାସିନୀ ପିଙ୍ଗଳାର ମୁକ୍ତ ଜୀବଯାପନ – ମୁକ୍ତ ଭୁବନ ଭ୍ରମଣ – ମୁକ୍ତ ଆକାଶ – ଉଷା ଓ ସାୟଂକାଳର ସୌନ୍ଦର୍ଯ୍ୟ ଉପଭୋଗ – ଆକାଶ – ପବନରେ – ମୂରଲୀ ଧ୍ୱନି ଶ୍ରବଣ – ଜ୍ୟୋସ୍ନା ସ୍ନାତ ରାତ୍ରିରେ ପରମ ପୁରୁଷଙ୍କ ହସ-ଅମୃତ ପାଳନ, ଧରଣୀର ତୃଣତଳ୍ପ ଶଯ୍ୟାରେ ଶୟନ – ଉର୍ଦ୍ଧ୍ୱରେ ଆକାଶର ନୀଳଚନ୍ଦ୍ରା ତପକୁ ଅବଲୋକନ ଭଳି ନୂତନ ଜୀବନର ପରିକଳ୍ପନା କହିଛି ।

୪. (କ) (ii) ଧୂଆଁପତ୍ର
(ଖ) (i) ଶଙ୍ଖଧ୍ୱନି
(ଗ) (iii) ହାଲୁଆ
(ଘ) (iii) ଗ୍ରୀଷ୍ମଋତୁ
(ଙ) (iii) ଫେନାଇଲ

୫)କ) (i) ରଙ୍ଗାଧର ମହାନ୍ତି ଶେଠ ପାଞ୍ଜିଆ, ବଡ଼ ବିଶ୍ୱାସୀ, କାମଦାର ଲୋକ, ସାଆନ୍ତାଣୀଙ୍କ ଡାହାଣ ହାତ।

(ii) ରାୟବାହାଦୂର ଡ୍ରୟାର ଭିତରୁ ପରଲୋକଗତ ପୁତ୍ର ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ୍ କାଢ଼ିଲେ।

(iii) ମାଷ୍ଟରଜୀଙ୍କ ଦୁଇ ଶିଷ୍ୟ ମୁନ୍ନା ଅଶୋକଙ୍କ ଡ଼ାକ ନାମ ଓ ତାଙ୍କର ପୋଷା ପାତି ମାଙ୍କଡ଼ ଛୁଆ ମନ୍ନୁଙ୍କ ସଂପର୍କରେ ଉଲ୍ଲେଖ କରାଯାଇଛି।

(iv) ରିକ୍ସା ଆସି କ୍ୟାଣ୍ଟନମେଣ୍ଟ ଛକ ଉପରେ ପହଞ୍ଚିଯିବା କଥା କୁହାଯାଇଛି ?

ଖ) (i) ଗଳ୍ପ – ପତାକା ଉତ୍ତୋଳନ
ଗାଳ୍ପିକ – ସୁରେନ୍ଦ୍ର ମହାନ୍ତି

ରାୟବାହାଦୁରଙ୍କ ପିସ୍ତଲ ଗୁଳିରେ ସତ୍ୟାଗ୍ରହୀ ପୁତ୍ର ଅରୁଣ ଟଳି ପଡ଼ିଥିଲା। ବିଗତ ବର୍ଷ ମାନଙ୍କରେ ଏ ପୁତ୍ର ହତ୍ୟାକୁ ସେ କର୍ତବ୍ୟ ସାଧନ, ହୋଇପାରେ ନିର୍ମମ, ମାତ୍ର ଅନ୍ୟାୟ ନୁହେଁ ବୋଲି କହି ନିଜେ ନିଜକୁ ସାନ୍ତ୍ୱନା ଦେଇଆସିଛନ୍ତି।

(ii) ଗଳ୍ପ : ସଭ୍ୟ ଜମିଦାର
ଗାଳ୍ପିକ – ଫକୀର ମୋହନ ସେନାପତି

ମିସେସ୍ ମହାପାତ୍ର ପ୍ରାତଃକାଳରେ ଚ଼ା ଖାଇ ଆସିବା ପରେ ପୋଷାକ ପିନ୍ଧି ଉଆସ ଚଉପିଠି ବଗିଚ଼ା ଆଉ ଉଆସର ଆଗ ଦାଣ୍ଡରେ ପ୍ରାତଃଭ୍ରମଣ କରିଥାଆନ୍ତି।

(iii) ଗଳ୍ପ–ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ

ନିରାଶାବାଦୀ ଭାବେ ଜଣାଶୁଣା ଗୋଟିଏ କାଉ ଆକାଶର ଭବିଷ୍ୟତ ଅନ୍ଧକାର ବୋଲି କାହିଁ କେତେ ଦିନରୁ ଭବିଷ୍ୟବାଣୀ କରିଥିବାର ପ୍ରକାଶ କଲା। ପୁନଶ୍ଚ କଚ୍ଛପ ଦ୍ୱାରା ଏହି ଆକାଶ ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର ବୋଲି କହିଲା।

ଗ) (i) ଗଳ୍ପ – ସଭ୍ୟ ଜମିଦାର
ଗାଳ୍ପିକ – ଫକୀର ମୋହନ ସେନାପତି

ମହାଜନଙ୍କ ଅନୁମତି ଘେନି ସାନବାବୁ ସଳଖେ ସଳଖେ ଠିକଣା ଜାଗାକୁ ଚ଼ାଲିଗଲେ। ମଝିରେ ଆଉ କାହାକୁ ମଧ୍ୟସ୍ଥ ନରଖି ଚ଼ାଷ ମୁଣ୍ଡରେ ଚ଼ାଷି ମାନଙ୍କ ଠାରୁ ସଉଦା କଲେ। ଦୁଇ ବର୍ଷ ଏହି ପରିକାମ କରିବା ପରେ ଦେଖାଗଲା, ପୂର୍ବ ଠାରୁ ଦୁଇ ଗୁଣ ଲାଭ ବେଶି ହୋଇଛି।

(ii) ଗଳ୍ପ – ରୂପ ନାରାୟଣ ସାହା –
ଗାଳ୍ପିକ – ଅଖିଳ ମୋହନ ପଟ୍ଟନାୟକ

ମାଷ୍ଟରଜୀଙ୍କ ସାମ୍ନାରେ ଯେଉଁ ବୃଦ୍ଧାଙ୍କ ଆଡ଼କୁ ଆଙ୍ଗୁଳି ବଢ଼ାଇ ଦେଖାଇ ଦେଇଥିଲେ ତା ପିଠି ଆଉ ଆଣ୍ଠୁ ଲାଗିଯାଇଥିଲା। ମୁଣ୍ଡରେ କେଇ କେରାବାଳ ଝୋଟ ଫରଫର ଉଡୁଥିଲା। ଦେଖିବା ଓ ଶୁଣିବାର ସମସ୍ତ ଶକ୍ତି ପ୍ରାୟ ଲୋପ ପାଇ ଯିବାକୁ ବସିଲାଣି।

୬. ଗଳ୍ପ – ସଭ୍ୟ ଜମିଦାର – ଗାଳ୍ପିକ
ଫକୀର ମୋହନ ସେନାପତି

ଗୋପାଳିଆ ଗାଁରୁ କଲିକତା ଯିବା – ମହାଜନ ବଳରାମ ବଳଙ୍କ ଗଦିରେ କାମ – ବୋଲ ହାକ – ମୁଖ୍ୟ କଥା – ଆକବରୀ ମୋହର ପୁଟୁଳା ମହାଜନ ଗଦିରେ ଛାଡ଼ିଯିବା – ସକାଳୁ ଗଦି ଝାଡ଼ିଲାବେଳେ ଗୋପାଳ ତାକୁ ପାଇବା – ମହାଜନଙ୍କୁ ଖୋଜିନପାଇବାରୁ – ମହାଜନଙ୍କ ତକିଆ ତଳେ ରଖିଦେବା – ମହାଜନ ମନେ ପଡ଼ିବା ପରେ ସେ ଖୋଜିବା – ଗୋପାଳିଆ ମୋହର ପୁଟୁଳା ମହାଜନଙ୍କୁ ଦେବା – ଗୋପାଳ ସଚ୍ଚୋଟ ପଣିଆ ତାର ଭାଗ୍ୟ ପରିବର୍ତ୍ତନ କରିବା।

ଅଥବା

ଗଳ୍ପ – ଆକାଶ କଇଁଛ – ଗାଳ୍ପିକ– ମନୋଜ ଦାସ

କଚ୍ଛପର 'ବୁଦ୍ଧୁ' ଶବ୍ଦ ଉଚ୍ଚାରଣ ଓ ଭୂପତନ – ରାଜାଙ୍କର ଜଣେ ଜଣେ ପାରିଷଦଙ୍କୁ 'ବୁଦ୍ଧୁ' ନୁହଁନ୍ତି ବୋଲି ଯୁକ୍ତି ପ୍ରସଙ୍ଗରେ ମୁକ୍ତି ଦେବାପୂର୍ବରୁ କଚ୍ଛପ ଭକ୍ଷଣ କରି ବିଭିନ୍ନ ରୋଗରୁ ମୁକ୍ତି ପାଇବାକୁ ଏବଂ ବୃଥା ଆସ୍ଫାଳନ ଦେଖାଇଥିବା ଚରିତ୍ର ଗୁଡ଼ିକୁ ରାଜା ସ୍ୱଯୁକ୍ତି ଛଳରେ ଏଥିରୁ ମୁକ୍ତି କରିବା – ପ୍ରଥମେ ସମ୍ମାନିତ ଅତିଥି ବିଦେଶୀ ରାଜଦୂତ – ତାପରେ ମନ୍ତ୍ରୀ – ସେନାପତି – ଏହିପରି ଜଣକ ପରେ ଜଣେ ମୁକ୍ତି ପାଇଥିଲେ।

୭.କ) (i) ଆଲୋକ ମଣ୍ଡଳ ଅହରହ ଆନ୍ଦୋଳିତ ହେଉଥିବା ହେତୁ ସୌରକଳଙ୍କ ଦେଖାଯାଏ।

(ii) ମେରୁ ଅଂଚଳରେ ଜାହାଜର କମ୍ପାସ ଚୁମ୍ବକ ଦିଗ ହରାଏ।

(iii) ସୌରକଳଙ୍କ ପ୍ରତି ୧୬୧୦ ଖ୍ରୀଷ୍ଟାବ୍ଦରେ ଗାଲିଲିଓ ଧ୍ୟାନ ଦେଲେ।

(iv) ଜର୍ମାନ ଦେଶର ବୈଜ୍ଞାନିକ।

(ଖ) (i) ସୌର ଝଡ଼ ବେଳେ ଅସଂଖ୍ୟ ବୈଦ୍ୟୁତିକ କଣିକା ମହାଶୂନ୍ୟକୁ ବିଞ୍ଚି ହୋଇପଡ଼େ। ଚୁମ୍ବକ ଝଡ଼ ସୃଷ୍ଟି ହୁଏ।

(ii) ଗାଲିଲିଓ ଦେଖିଲେ ସୌରକଳଙ୍କଗୁଡ଼ିକ ଆଲୋକ ମଣ୍ଡଳ ପୃଷ୍ଠରେ ସ୍ପଷ୍ଟ। ପ୍ରଥମେ ସାନ ସାନ ହୋଇ ଏଗୁଡ଼ିକ ସୃଷ୍ଟି ହୁଏ, ପୁଣି ବଡ଼ ଆକାର ଧାରଣ କରେ।

(iii) ହେଲେ ସୂଚନା ଦେଲେ ଯେ ସୌର କଳଙ୍କର ଚୁମ୍ବକତ୍ୱ ଅଛି। ସେଗୁଡ଼ିକ କଳା ଦେଖାଯିବାର କାରଣ ହେଲା ତାହାର ତାପମାତ୍ରା ଅନ୍ୟ ଅଂଚଳର ତାପମାତ୍ରା ଠାରୁ ଏକ ହଜାରରୁ ୧୫୦୦ ଡିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଥାଏ।

(ଗ) (i) ପୁଷମାସରେ ବଡ଼ ଶୀତ ହୁଏ ଏବଂ ଅପ୍ରମିତ କଷ୍ଟ ଦେଇଥାଏ।

(ii) ମାଘ ମାସରେ ରଘୁପତି ଅମୁଲ୍ୟ ସୁପାତି ତ୍ୟାଗ କରି ବନଯାକ ବୁଲୁଛି ବୋଲି କୁହାଯାଇଛି ?

(iii) ମାଘ ମାସରେ ସମସ୍ତେ ଫଗୁ ଖେଳରେ ମାତିଥିଲା ବେଳେ ମାତାଙ୍କ ଠାରୁ ଅଲଗା ହୋଇ ତାଙ୍କୁ ଶୋକ ସାଗରରେ ଭସାଇଲା ବୋଲି ବର୍ଣ୍ଣିତ।

(iv) ବୈଶାଖ ମାସ ଖରାରୁ ରକ୍ଷାପାଇବା ପାଇଁ କେଉଁ ଗଛ ଛାଇରେ ରଘୁପତି ଦିନ କାଟୁଥିବେ।

(v) ଆଷାଢ଼ ମାସରେ ମେଘ ବାଘ ଭଳି ଗର୍ଜନ କରେ, ଏବଂ ବେଳେବେଳେ ଦୃଶ୍ୟ ଓ ଅଦୃଶ୍ୟ ହୋଇ ଚାରିଦିଗ ଘୋଟିଯାଏ ବୋଲି ବର୍ଣ୍ଣିତ ।

## ୮. ଆ' ବଳଦ ମୋତେ ବିନ୍ଧ

କୌଣସି ଅବସ୍ଥା ବା ପ୍ରବନ୍ଧ ନ ଥାଇ ବିପଦକୁ ବରଣ କରିବା ଅବସ୍ଥାକୁ ରୂଢ଼ିରେ ପ୍ରକାଶ କରିବାପାଇଁ ଏହି ଉକ୍ତିଟି ବ୍ୟବହୃତ ହୁଏ।

କଥାଟିଏ ଅଛି; ଘୋଡ଼ାର ପଛ, କୁରାଢ଼ୀର କଡ଼, ଶିଙ୍ଗଥିବା ପଶୁର ଆଗରେ କାରବାର କରାଯିବା କଥା ନୁହେଁ। କାରଣ ଏଗୁଡ଼ିକ କେହି ଯୋଜନା ବଦ୍ଧ ଭାବରେ କାର୍ଯ୍ୟ କରନ୍ତି ନାହିଁ। ଶିଙ୍ଗ ଥିବା ପଶୁ ଆଗରେ ଥିଲେ ଶିଙ୍ଗ ବାଜିବାର ଭୟ ଥାଏ।

ଲୋକଟିଏ ଅନେକ ସମୟରେ ଅସତର୍କ ଅବସ୍ଥାରେ କୌଣସି ଇଚ୍ଛା ବା ଲାଭ ନଥାଇ ଅନ୍ୟକୁ ସାହାଯ୍ୟ କରିବା ପାଇଁ ହେଉ କି ନିଜର ଅଜାଣତରେ ବିପଦକୁ ନିମନ୍ତ୍ରଣ କରିଥାଏ। ହରେକୃଷ୍ଣ ଶାନ୍ତ ସ୍ୱାଭବର ପିଲା। ସାଙ୍ଗ ମାନଙ୍କ ବୁଦ୍ଧିରେ ପଡ଼ି ମଟର ସାଇକେଲରେ ପାହାଡ଼ିଆ ରାସ୍ତାରେ ବୁଲିବାପାଇଁ ବାହାରିଥିଲା। ବାଟରେ ଗୋଟିଏ ଅତି ତୀକ୍ଷ୍ଣ ବୁଲାଣିରେ ଯାଉ ଯାଉ ଆଗ ଆଡୁ ଆସୁଥିବା ଗାଡ଼ିକୁ ନଦେଖି ଅକସ୍ମାତ ମୁହାଁମୁହିଁ ହେବାରୁ ଚାଳକ ବାମ ପଟକୁ କାଟି ଦେବାରୁ ଉଠାଣି ରାସ୍ତାରେ ଭାରସାମ୍ୟ ରକ୍ଷା କରିନପାରି ଗଛରେ ବାଡେଇ ହୋଇଗଲା। ହେଲମେଟ୍ ପିନ୍ଧିଥିଲେ ବି ସାଙ୍ଗର ଗୋଡ଼ ଭାଙ୍ଗିଲା ଆଉ ହରେକୃଷ୍ଣ ଖଣ୍ଡିଆ ଖାବରା ହୋଇ ତିନିଦିନ ଡ଼ାକ୍ତରଖାନାରେ ପଡ଼ି ଘରକୁ ଆସିଲା।

ବିନା କାରଣରେ ଏଭଳି ଏକ ବିପଦକୁ ଆମନ୍ତ୍ରଣ କରିଥିବାରୁ ତା' କକା କହିଲେ – କ'ଣ କରିବ – ଆ' ବଳଦ ମୋତେ ବିନ୍ଧ୍ ଭଳି ଶୂନ୍ୟେ ଶୂନ୍ୟେ ବିପଦକୁ ବରଣ କରିଆଣିଲା ତ ! ଓଡ଼ିଆ ଲୋକ ଜୀବନରେ ଏହା ଏକ ବହୁ ବ୍ୟବହୃତ ଉକ୍ତି ଭାବରେ ଗଣିତ।

### (ଖ) ଅଳ୍ପ ବିଦ୍ୟା ଭୟଙ୍କରୀ :

ଗୋବିନ୍ଦ ଗାଁରେରହେ। ଟିକେ ଆଗଚଲା ସବୁଥିରେ। ଛୋଟ ଗାଁ ପଡ଼ିଶା ଘର ଝିଅର ବାହାଘର ପାଇଁ ସମସ୍ତେ ବ୍ୟସ୍ତ। ଭୋଜି ଭାତ ଚାଲିଛି। ଗାଁକୁ ନୂଆ ନୂଆ ବିଜୁଳି ଆଲୁଅ ଆସିଛି। ଭୋଜି ସ୍ଥାନ ଝକଝକ କରୁଛି। ଅକସ୍ମାତ୍ ଆଲୁଅ ଲିଭିଗଲା। ପେଟ୍ରୋମାକ୍ସର ବନ୍ଦୋବସ୍ତ ନାହିଁ କ'ଣ କରାଯାଏ। ଯେଉଁଠୁ ବିଦ୍ୟୁତ୍ ତା'ର ସଂଯୋଗ ହୋଇଥିଲା, ସେଇଠି ଯାଇ ପହଁଚିଲା ଗୋବିନ୍ଦ। କହିଲା – ଉଠନ୍ତୁ ଉଠନ୍ତୁ। ଗୋଟିଏ ଟର୍ଚ୍ଚ ଲାଇଟ୍ ଆଣନ୍ତୁ। ଆସିଲା। ହାତରେ ଧରିଥିବା ସ୍କ୍ରୁଡ଼ାଇଭରରେ ସେ ଆରମ୍ଭ କଲା ତା ବିଦ୍ୟାବୁଦ୍ଧି। ତାରକୁ ଏପଟ ସେପଟ; କରି ଏଠି ସେଠି ଗୁଞ୍ଜି ବହୁତ ଚେଷ୍ଟା କଲା। ଜାଣି ପାରିଲାନାହିଁ। କି' ଆଲୁଅ ଆସିଲାନାହିଁ। ଶେଷକୁ ଦୁଇଟି ଯାକ ତାରକୁ ଗୋଟିଏ ସକେଟରେ ଗୁଞ୍ଜି ଦେବା ମାତ୍ରେ ଏକ ଢୋ କରି ଶବ୍ଦ କରି ପାଖ ଲାଇନ୍ ବକ୍ସ ଜଳି ଉଠିଲା। ଟେଂଟକୁ ନିଆଁ ବ୍ୟାପିବାରେ ଲାଗିଲା। ଅକସ୍ମାତ ଜଣେ କେହି ଜଳୁଥିବା ଟେଂଟକୁ ଟାଣି ଛିଡ଼େଇ ତଳେ ପକେଇ ତା ଉପରେ ରଖା ହୋଇଥିବା ବାଲିକୁ ବାନ୍ଧିଦେବାରୁ ନିଆଁ ଲିଭିଗଲା – ହେଲେ ସେଇତକ ବିଜୁଳି ଆଘାତରେ ଗୋବିନ୍ଦ ବେହୋସ। ବହୁତ କଷ୍ଟରେ ତା'ର ଚେତା ଆସିଲା। ଲୋକେ କହିଲେ ଅଳ୍ପ ବିଦ୍ୟା ଭୟଙ୍କରୀ।

କୌଣସି କଥା ଠିକ୍ ଭାବରେ ନଜାଣି ସେ କାର୍ଯ୍ୟରେ ହାତ ଦେଇ ଅସଫଳ ହେବାକୁ ଏହିଭଳି ଉକ୍ତିରେ ପ୍ରକାଶିତ କରାଯାଇଥାଏ।

## (ଗ) ତୁଚ୍ଛାକୁ ଏତେ - ମୁଦିନାହିଁ ଗୋଡ଼ କରଡୁ କେତେ

ଯେତେବେଳେ ଲୋକଟିଏ କୌଣସି ଗୁଣର ଅଧିକାରୀ ନହୋଇ ମଧ୍ୟ ଅନେକ ଗୁଣର ଅଧିକାରୀ ବୋଲି ଦେଖାଇ ହୁଏ – ସେତେବେଳେ ଏହି ଲୋକୋକ୍ତିଟିର ବ୍ୟବହାର କରାଯାଏ।

ଗାଁ ପୋଖରୀ କୂଳରେ ସେ ଦିନ ଗାଧୁଆ ତୁଠରେ କଥା ପଡ଼ିଥିଲା ଆର ସାଇର ନୂଆ ବାହାହୋଇ ଆସିଥିବା ମହାକୁଡ଼ ଘର ବୋହୂ କଥା। କୋଉ ସହରରେ ହଷ୍ଟେଲରେ ରହି ପାଠ ଦି ଅକ୍ଷର ପଢ଼ିଛି ବୋଲି ଚର୍ଚ୍ଚା ହେଉଥିଲା। ଯୋଉ ଗାଁର ଯୋଉ ଘରୁ ସେ ଆସିଛି, ସେଠିକି ସେମିତି କିଛି ଦେଖେଇ ଦେବାକୁ କି ଶୁଣେଇ ଦେବାକୁ ନାହିଁ, ତଥାପି ନିପଟ ମଫସଲ ଗାଁକୁ ଆସି, ତା'ର ଢଙ୍ଗରାଙ୍ଗ,ଚାଲି ଚଳଣୀ ଓ କଥାବାର୍ତ୍ତାରେ ଚତୁରୀ ଗାଧୁଆ ତୁଠର ଉପସ୍ଥିତ ମହିଳାଙ୍କୁ ଅଧିକ ବ୍ୟଥିତ କରିଥିଲା।

ନଥିଲା ବାଲା ଘରୁ ଆସି, ଯେଉଁ ବଡ଼ଲୋକୀ ସେ ଦେଖେଇ ହେଉଥିଲା – ତାକୁ ଦେଖି ସାବି ମା' ଆଇ କହୁଥିଲେ – ତୁଚ୍ଛାକୁ ଏତେ – ମୁଦି ନାହିଁ ଗୋଡ଼ କରଡୁ କେତେ ! କିଛି ନଥାଇ, ନଆଣି ତ ଏତେ ଚତର; ଯଦି ଗୋଡ଼ରେ ମୁଦି ଥା'ନ୍ତା ତେବେ ଝମଝମ ହେବାପାଇଁ, ଦେଖେଇ ହେବାପାଇଁ କେତେ କରଡୁଥାନ୍ତା !

ନିଜର ସୀମା, ସରହଦ ସଂପର୍କରେ ସଚେତନ କରାଇବା ପାଇଁ ଏ ଉକ୍ତି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହୁଏ।

୯. ମାନ୍ୟବର ମନ୍ତ୍ରୀ
ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର, ଭୁବେନଶ୍ୱର
ମହୋଦୟ ........................... ସମୀପେଷୁ

ମହାଶୟ,

ମୁଁ ଶ୍ରୀ ନିରାକାର ଦଣ୍ଡଆଳି; ରାସୋଳ + ଦୁଇ ମହାବିଦ୍ୟାଳୟର ସାଂସ୍କୃତିକ ପରିଷଦର ନିର୍ବାଚିତ ସମ୍ପାଦକ ଭାବେ ଆପଣଙ୍କ ଶ୍ରଦ୍ଧା ଦୃଷ୍ଟି ଓ ବିଚାର ନିମ୍ନ ଦିଗ ପ୍ରତି ଆକର୍ଷିତ କରୁଛି।

ଆମ ମହାବିଦ୍ୟାଳୟ ୨୦୦୦ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ଛାତ୍ର ସଂଖ୍ୟା ପ୍ରାୟ ୧୦୦୦ ହେବ। ଆମ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଶିକ୍ଷା ଦାନର ବ୍ୟବସ୍ଥା ରହିଅଛି। ଅତ୍ୟନ୍ତ ଶାନ୍ତ ଓ ନୈସର୍ଗିକ ବାତାବରଣ ମଧ୍ୟରେ ଗୁରୁତ୍ୱର ସହ ଏଠାରେ ବିଦ୍ୟାଦାନ କରାଯାଏ।

କିନ୍ତୁ ଦୁଃଖର କଥା, ଛାତ୍ର ଛାତ୍ରୀମାନଙ୍କର ପ୍ରତିଭା, ବ୍ୟକ୍ତିତ୍ୱକୁ ପ୍ରକାଶିତ କରିବା ପାଇଁ ଯେଉଁ ଭିତ୍ତିଭୂମି ଦରକାର, ତାହା ଆମ ମହାବିଦ୍ୟାଳୟରେ ନାହିଁ। ସଭାସମିତି ହେବା ପାଇଁ, ବାର୍ଷିକ ପ୍ରତିଯୋଗିତା କିମ୍ୱା ବିଭିନ୍ନ ଉତ୍ସବ ପାଳିତ ହେବାପାଇଁ ନାଟକ ଇତ୍ୟାଦି ମନୋରଞ୍ଜନ କାର୍ଯ୍ୟକ୍ରମ ହେବାପାଇଁ ଏକ ସ୍ଥାୟୀ ମଂଚର ଆବଶ୍ୟକତା ଆମେ ଅନୁଭବ କରୁଛୁ।

ବିଶେଷତଃ ଏହି ମହାବିଦ୍ୟାଳୟ ଆପଣଙ୍କର ବିଧାନସଭା କ୍ଷେତ୍ର ମଧ୍ୟରେ ଅନ୍ତର୍ଭୁକ୍ତ। ତେଣୁ ଅନୁରୋଧ କରୁକି, ଆପଣ ଏ ମହାବିଦ୍ୟାଳୟର ପରିସରରେ ଏକସ୍ଥାୟୀ ମଂଚ ପ୍ରତିଷ୍ଠା କରିବାର ବନ୍ଦୋବସ୍ତ କଲେ ଆମେ ଅତ୍ୟନ୍ତ ଉପକୃତ ହେବୁ।

ଆପଣଙ୍କର
ନିରାକାର ଦଣ୍ଡଆଳି

ରାସୋଳ — ସଂପାଦକ, ସାଂସ୍କୃତିକ ପରିଷଦ ରାସୋଳ,
ତା।୧୯।୪।୧୯ — +ଦୁଇ ମହାବିଦ୍ୟାଳୟ, ରାସୋଳ

ପ୍ରାପ୍ତେଷୁ

| | |
|---|---|
| ନିରାକାର ଦଣ୍ଡଆଳି | ମାନ୍ୟବର ମନ୍ତ୍ରୀ |
| ସଂପାଦକ, ସାଂସ୍କୃତିକ ପରିଷଦ, | ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ |
| ରାସୋଳ +ଦୁଇ ମହାବିଦ୍ୟାଳୟ | ଓଡ଼ିଶା ସରକାର, ଭୁବନେଶ୍ୱର |

ଅଥବା

ପ୍ରିୟ ଗୌରାଙ୍ଗ, — ରଙ୍ଗାଢ଼ିପା
ତା.୨୫।୪।୧୯

କେତେ ଦିନ ହେଲାଣି ଚିଠି ଦେଇନି।

ଘରେ ପିଲାମାନଙ୍କ ସହ ଭଲରେ ଥିବୁ। ଏ ଭିତରେ ଗାଁ ଆଡ଼େ ତ ଆସିନୁ। ଗାଁ ଖବର ସବୁ ଠିକ୍ ଠାକ୍ ଚାଲିଛି।

ହଁ, ଏ ପତ୍ର ବାହକ ପିଲାଟି ମୋର ସାନ ଭାଇ ହେମେନ୍ଦ୍ର। ଯାହାକୁ ଆମେ ସବୁ ହେମ ବୋଲି ଡ଼ାକୁ। ଭଲ ନମ୍ୱର ରଖି ମାଟ୍ରିକ୍ ପାଶ କରି ବିଜେବି କଲେଜରେ ନାଁ ଲେଖେଇବାକୁ ଯାଇଛି। ଛାତ୍ରାବାସରେ ରହିବ। ତା'ର ଆଂଚଳିକ ମୁରବୀ ଭାବରେ ତୁ ଯଦି ତା ଦାୟିତ୍ୱ ନିଅନ୍ତୁ ତେବେ ତା'ର ସୁବିଧା ଅସୁବିଧାରେତାକୁ ବାଟ ଦେଖାଇପାରନ୍ତୁ।

ଏତକ କଲେ, ନୂଆ ଜାଗାରେ ତାକୁ ସାହସ ମିଳନ୍ତା। ସେ ଭଲ କରନ୍ତା। ସେଇ ଭରସାରେ ରହିଲି।

ଏବେ ବିଲ ବାଡ଼ି କାମ ଲାଗି ରହିଥିବାରୁ ଯାଇପାରୁନାହିଁ। ଟିକେ ଫୁରୁସତ ମିଳିଲେ ଯାଇ ପହଂଚିବି।

ଆମେ ସବୁ ଭଲ ଅଛୁ। ଚିଠି ପାଇ ଚିଠି ଦେବୁ।

ରହିଲି – ତୋର ସାଙ୍ଗ
ସନାତନ

ପ୍ରାପ୍ତେଷୁ

ଗୌରାଙ୍ଗ ଚରଣ ସେନାନାୟକ
କ୍ୱାଟର ନଂ ୭୪/ IV-R, ୟୁନିଟ୍-୨, ଭୁବନେଶ୍ୱର

ଖ) ବନବାସ କାଳରେ ଯୁଧିଷ୍ଠିରଙ୍କୁ ଅନେକ ସମୟରେ ଧ୍ୟାନମଗ୍ନ ହେବାର ଦେଖି ଦିନେ ଦ୍ରୌପଦୀ ପ୍ରଶ୍ନ କଲେ ଯେ, ଆମେ ଧର୍ମ ପଥରେ ଚାଲି ବାରମ୍ବାର ସମସ୍ୟାର ସମ୍ମୁଖୀନ ହେଉଛୁ; ବନବାସରେ ଦୁଃଖକାଟି ସହୁଛୁ। କେବେ ପଥର ଉପରେ କେବେ ଘାସ ଉପରେ ଦିନରାତି କାଟୁଛୁ। ଫଳମୂଳ ଖାଇବାକୁ କି ପାଣି ଟୋପେ ପିଇବାକୁ ବି ପାଉନାହୁଁ, - ହେଲେ ଆପଣଦିନେ ବି ଏସବୁ କଷ୍ଟରୁ ଉଦ୍ଧାର ପାଇଁ ପ୍ରାର୍ଥନା କରୁନାହାନ୍ତି ! ଏ ପ୍ରଶ୍ନର ଉତ୍ତରରେ ଧର୍ମରାଜ କହିଥିଲେ, ଦ୍ରୌପଦୀ, ମୋ ଆତ୍ମାକ ଶାନ୍ତି ଦେବାପାଇଁ, ପ୍ରସନ୍ନତା ପାଇଁ ମୁଁ ଧ୍ୟାନ କରୁଛି। କିଛି ମାଗିବା ପାଇଁ ନୁହେଁ, ଧ୍ୟାନ ପ୍ରାର୍ଥନା ହିଁ ଏକମାତ୍ର ମାର୍ଗ - ଯାହା ଦ୍ୱାରା ମନର ଗ୍ଲାନି ଅବସାଦ ଦୂର ହୋଇଯାଏ।

ବ୍ୟବହୃତ ଶବ୍ଦ ସଂଖ୍ୟା - ୮୪

(ଗ) (i) ରୂଢ଼ିକୁ ବାକ୍ୟରେ ବ୍ୟବହାର :

ଗୋଠ ଖଣ୍ଡିଆ - ଏମିତି ଗୋଠଖଣ୍ଡିଆ କାରବାର କଲେ କିଏ ତମକୁ ପଚାରିବ ହୋ !

ଆକାଶ କୁସୁମ - ବଡ଼ଲୋକର ସ୍ୱପ୍ନ ଦେଖିବା ତା ପାଇଁ ଆକାଶ କୁସୁମ ସଦୃଶ।

ବାଟ କାଟିବା - ବେଳହୁଁ ବାଟ କାଟିବା ହିଁ ବୁଦ୍ଧିମାନର କାର୍ଯ୍ୟ।

ଭେଳା ବୁଡ଼ାଇବା - ହଇଓ ! ତମେ ତ ଭେଳା ବୁଡ଼ାଇବା ଲୋକ, ତମକୁ କି ଭରସା !

(ii) ଏକପଦୀକରଣ

ତର୍କଶାସ୍ତ୍ରରେ ପଣ୍ଡିତ - ତାର୍କିକ

ଯିଏ ବିଧାନ କରନ୍ତି - ବିଧାତା

ଭୃଗୁଙ୍କର ପୁତ୍ର - ଭାର୍ଗବ

ପଶ୍ଚିମ ଦିଗରୁ ଆସୁଥିବା - ପଶ୍ଚିମା

(iii) ଜାଗ - ଉଠିବା

ଯାଗ - ଯଜ୍ଞ

ତରଣି - ସୂର୍ଯ୍ୟ

ତରଣୀ - ନୌକା

ବେଳା - ସମୟ

ବେଳା - ତୀର

ଦୂତ - ସମ୍ବାଦବାହକ

ଦ୍ୟୂତ - ପଶାଖେଳ

(iv) ଆବୃତ - ଅନାବୃତ

କପଟ - ନିଷ୍କପଟ

ଜ୍ୟେଷ୍ଠ - କନିଷ୍ଠ

ସଂଯୋଗ - ବିଯୋଗ

(v) ଅଶୁଦ୍ଧ ଶୁଦ୍ଧ

ନାଗରୀକ - ନାଗରିକ

ଆବିର୍ଭୁତ - ଆବିର୍ଭୂତ

ସିମିତ - ସୀମିତ

ସ୍ୱଭାବିକ - ସ୍ୱାଭାବିକ

୧୦) କ) (i) ଚିନ୍ତାଶୀଳ

(ଖ) (ii) ସମ୍ବଲପୁର

(ଗ) (iii) ପାଣ୍ଡୁ

(ଘ) (iv) ଶିକ୍ଷା

(ଙ) (iv) ହିନ୍ଦୁ

୧୧. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ।

କ) (i) କେତେବେଳେ ଆଲୋକ, କେତେବେଳେ ଅନ୍ଧକାର, କେତେବେଳେ ଉଚ୍ଚ ହାସ୍ୟଧ୍ୱନି - କେତେବେଳେ ମର୍ମଭେଦୀ ହାହାକାର,ଏହିପରି ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା ଭିତରେ ମାନବ ଜୀବନ ପ୍ରକୃତ ରୂପେ ଗଠିତ ହୁଏ।

(ii) ଗଞ୍ଜାମ ଓ ଜୟପୁର ବାସୀ ମାନେ ଦକ୍ଷିଣାଶା ପଥପ୍ରହରୀ ରୂପେ ଜାଗ୍ରତ ଥିଲେ।

(iii) ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ।

(iv) ଏବେ ମାଟ୍ରିକ ପାଠ ଖଡ଼ିକି ନୁହେଁ କି ପେଡ଼ିକି ନୁହେଁ ବୋଲି ପ୍ରାବନ୍ଧିକ କହିଛନ୍ତି।

**(ଖ)** (i) ପ୍ରାବନ୍ଧିକ-ବିଶ୍ୱନାଥ କର- ପ୍ରବନ୍ଧ - ଇତିହାସ

ମନୁଷ୍ୟର ସ୍ୱଭାବ ହେଉଛି ସେ ନିଜେ ହୀନତା ପ୍ରାପ୍ତ ହେଲେ ଅନ୍ୟ ବ୍ୟକ୍ତିର ମହତ୍ୱ ଦେଖିପାରେନାହିଁ। ପୁନଶ୍ଚ ଆପଣା ମଧ୍ୟରେ ଗୌରବର ବିଷୟ କିଛି ନଥିଲେ ପୂର୍ବ ଗୌରବର ଆସ୍ଫାଳନ ଦ୍ୱାରା ହୃଦୟକୁ କଥଂଚିତ୍ ଆଶ୍ୱସ୍ତ କରିବାକୁ ଚେଷ୍ଟା କରେ।

(ii) ପ୍ରବନ୍ଧ : ପୁଷ୍ପପୁରରେ ବର୍ଷାବରଣ

ପ୍ରାବନ୍ଧିକ - କୃଷ୍ଣଚନ୍ଦ୍ରପାଣିଗ୍ରାହୀ

ଉତ୍କଳ ଉତ୍ତମାଙ୍ଗ କଟକ ଗର୍ବିତ ଗଜପତିର ରାଜଧାନୀ ଥିଲା । ଏହିଠାରେ ବହୁ କବି, ଜ୍ଞାନୀ, ଗୁଣୀ ଓ କର୍ମୀ ଉତ୍କଳର ମହାନିଶାରେ ଉଜାଗର ରହି ଜ୍ଞାନ ଦୀପ ଜାଳି ଗଲେ, ଯେଉଁ ଜ୍ଞାନ ଦୀପ ଅଖଣ୍ଡ ରହୁ ବୋଲି ପ୍ରାବନ୍ଧିକ କହିଛନ୍ତି ।

(iii) ପ୍ରବନ୍ଧ - ତିନି ତୁଣ୍ଡରେ

ପ୍ରାବନ୍ଧିକ - ଭୁବନେଶ୍ୱର ବେହେରା

ପୁରୋହିତଙ୍କ ଆଶୀର୍ବାଦ ଗ୍ରହଣ କରୁକରୁ ସାପ ଉପରେ ଗୋଡ଼ ପଡ଼ିଲା ପରି ଚମକି ଉଠି ଅବଧାନେ ଏମିତି ଜାତିଆ କୁକୁରଟାଏ କୋଉଠୁ ପାଇଲେ ବୋଲି କହିଲା । ଏହାକୁ ଦେଖିଲେ କିଏ ବି ଛେଳି ବୋଲିଭୁଲ୍ କରି ବସିବ ।

**(ଗ)** (i) ପ୍ରବନ୍ଧ - ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା -

ପ୍ରାବନ୍ଧିକ - ଗୋଲକବିହାରୀ ଧଳ

ଏଠାରେ ଲେଖକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପାଠ ବଳରେ ଆମେ ସମସ୍ତଙ୍କ ସହିତ ସମାନ ହୋଇ ପାରିବା । ତେଣୁ ଶିକ୍ଷାକୁ ଶେଷ ସ୍ଥାନ ନଦେଇ ଶୀର୍ଷ ସ୍ଥାନ ଦେଲେ ସ୍ୱାଧୀନତା ରକ୍ଷା କରାଯାଇପାରିବ ।

(ii) ପ୍ରବନ୍ଧ : ତିନି ତୁଣ୍ଡରେ -

ପ୍ରାବନ୍ଧିକ - ଭୁବନେଶ୍ୱର ବେହେରା

ପାଣୁକୁ କଳା ମଚ୍ ମଚ୍ ଦେହ, କହରାନିଶ, ମେହେଗାନି କାଠରେ କୁନ୍ଦିଲା ପରି ହାତ ଆଉ ଫୁଲ୍‌କା ରୁଟି ପରି ଫୁଲି ଉଠିଥିବା ଚୌଡା ଛାତି, ହାତରେ ଲାଠି ଏ ଭଳି ପାଣୁକୁ ବର୍ଣ୍ଣନା କରାଯାଇଛି ।

**୧୨.** ପ୍ରବନ୍ଧ: ତିନି ତୁଣ୍ଡରେ - ପ୍ରାବନ୍ଧିକ - ଭୁବନେଶ୍ୱର ବେହେରା

ପ୍ରଚାର ଶକ୍ତି ବଳରେ ଜିତିଥିବା ଗୁଣହୀନ, ନୀତିହୀନ ପ୍ରତିନିଧିଙ୍କ କ୍ଷମତା ପ୍ରାପ୍ତି - ଗରିବ ଦେଶର ବିବାଦୀ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିଲାବେଳେ - ମାଙ୍କଡ଼ର ବିରାଡ଼ିଙ୍କୁ ପିଠା ବାଣ୍ଟିବା ନ୍ୟାୟ ଯୋଜନା ଅର୍ଥକୁ ପକେଟସ୍ଥ କରିବା - ଜନତା ଜନାର୍ଦ୍ଦନଙ୍କ ଓଠଚଟି ରହିବା ଆଖି ମିଟିମିଟି କରିବା ଛଡ଼ା ନିରୂପାୟ ।

ଅଥବା

ପ୍ରବନ୍ଧ - ପୁଷ୍ପପୁରରେ ବର୍ଷାବରଣ

ପ୍ରାବନ୍ଧିକ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

କଟକରୁ ଦକ୍ଷିଣା ମୁଖରେ ଗଲେ କୋଣାର୍କ - ଋରୂଚୂଡା - ଅତୀତ ଉତ୍କଳର ସ୍ମୃତି ଶ୍ମଶାନ - ଭୁବନମୋହନ କୋଣାର୍କ - ସ୍ୱର୍ଗଚ୍ୟୁତପାରିଜାତ - ଆଜିମ୍ଳାନ ଓ ଛିନ୍ନ - ଦୃପ୍ତ ଓ ଗର୍ବିତ ଜାତିରପରାକ୍ରମର ପ୍ରତୀକ - ଅତୁଳ ଲଳିତକଳାର ଛନ୍ଦୋମୟୀ ଗାଥାଗାନ - ଅତୀତ ବିଭବର ଗାଥା ଗାନ ।

***

# ପ୍ରଥମ ଏକକ

## ପ୍ରବନ୍ଧ ବିଭାଗ

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

୧) ତତ୍ତ୍ୱନିରୂପଣ ପ୍ରୟାସ କାହାର ବିଶେଷ ଲକ୍ଷଣ ।
(i) ଦେବତ୍ୱର (ii) ମନୁଷ୍ୟତ୍ୱର
(iii) ଦାନବତ୍ୱର (iv) ମହାମାନବତ୍ୱର

୨) କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ଓ ସମ୍ଭୋଗ କରନ୍ତି ।
(i) ପ୍ରଥମ (ii) ଦ୍ୱିତୀୟ
(iii) ତୃତୀୟ (iv) ଚତୁର୍ଥ

୩) କାହା ସାଙ୍ଗରେ ମନୁଷ୍ୟର ନିତ୍ୟଯୋଗ ହୋଇଥାଏ ।
(i) ଅନନ୍ତ ପ୍ରକୃତି (ii) ଈଶ୍ୱର
(iii) ପରିବେଶ (iv) ପରମାତ୍ମା

୪) ଅନନ୍ତ ଅତୀତ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ କାହା ଜୀବନର ମୂଲ୍ୟ କିଛି ରହେ ନାହିଁ ।
(i) ମଣିଷ (ii) ଦେବତା
(iii) ପଶୁ (iv) ପ୍ରକୃତି

୫) ପାଦ ମୂଳରୁ କେଉଁ ଦେଶକୁ ଅବତରଣ କଲେ ନରକଙ୍କାଳ ଦେଖିପାରିବା ।
(i) ଉର୍ଦ୍ଧ୍ୱ (ii) ନିମ୍ନ
(iii) ମଧ୍ୟ (iv) ଅପରାର୍ଦ୍ଧ

୬) ଫରାସୀ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମ୍ଭମାନଙ୍କର କ'ଣ ହୁଏ ।
(i) ଗାତ୍ରକମ୍ପ (ii) ହୃତ୍‌କମ୍ପ
(iii) ପ୍ରାଣକମ୍ପ (iv) ଶରୀର କମ୍ପ

(୭) ବର୍ତ୍ତମାନମାନବ ସମାଜ ଦେହରେ କେଉଁ ମାନବସମାଜର ଭାବରାଶି ନିହିତ ଥିବାର ପ୍ରତ୍ୟକ୍ଷ ହୁଏ ।
(i) ସାଂପ୍ରତିକ (ii) ଅତୀତ
(iii) ଭାବାନ୍ତର (iv) କାଳାନ୍ତର

୮) କାହାର ପ୍ରକୃତ ଉନ୍ନତି ସତ୍ୟ ସଙ୍ଗରେ ଘନିଷ୍ଠ ଭାବେ ସମ୍ବନ୍ଧ ।
(i) ମାନବର (ii) ଦେବତାର
(iii) ଅତିମାନବର (iv) ଦାନବର

୯) ମଣିଷ ଜୀବନର ସମସ୍ତ ଘଟଣାର ଲକ୍ଷ୍ୟ ଓ ଗତି କେଉଁଆଡ଼କୁ ।
(i) ଏକ (ii) ଦୁଇ
(iii) ତିନି (iv) ଭିନ୍ନ

୧୦) ପ୍ରକୃତ ପକ୍ଷେ ______ର କୌଣସି ଘଟଣା ଅର୍ଥ ଶୂନ୍ୟ ନୁହେଁ ।
(i) ଦେବତାର (ii) ଜଗତର
(iii) ପ୍ରକୃତିର (iv) ମନୁଷ୍ୟର

୧୧) ସମାଜର ସମସ୍ତ ବ୍ୟାପର କାହାର ଅନ୍ତର୍ଭୁକ୍ତ ।
(i) ଇତିହାସ (ii) ପୁରାଣ
(iii) ବିଜ୍ଞାନ (iv) ଦର୍ଶନ

୧୨) କେଉଁ ଜୀବନର ଇତିହାସକୁ ଆମ୍ଭେମାନେ ଜୀବନ ଚରିତ ଆଖ୍ୟା ଦେଇଥାଉ ।
(i) ବ୍ୟକ୍ତିଗତ (ii) ଗୋଷ୍ଠୀଗତ
(iii) ସମଷ୍ଟିଗତ (iv) ସମାଜଗତ

୧୩) ଆମ୍ଭମାନଙ୍କ ଦେଶରେ ଇତିହାସର ବର୍ଣ୍ଣନାବେଳେ କାହାର ମାତ୍ର ଅତ୍ୟନ୍ତ ଅଧିକ ।
(i) ଭାବନା (ii) କଳ୍ପନା
(iii) ସ୍ୱପ୍ନ (iv) ବାସ୍ତବତା

୧୪) ପ୍ରାଚୀନ ଧର୍ମଶାସ୍ତ୍ର କେଉଁ ସତ୍ୟରେ ପରିପୂର୍ଣ୍ଣ ।
(i) ପୌରାଣିକ (ii) ଐତିହାସିକ
(iii) କାଳ୍ପନିକ (iv) ପାର୍ଥିବ

୧୫) ଇତିହାସକୁ କେତେ ଗୁଡ଼ିଏ ____ର ସମଷ୍ଟି ବୋଲି କୁହାଯାଏ ।
(i) କଳ୍ପନାର (ii) ଘଟଣାର
(iii) ଯୁଦ୍ଧ ବିଗ୍ରହର (iv) ଉତ୍‌ଥାନ ପତନର

୧୬) କେଉଁମାନଙ୍କ ମଧ୍ୟରେ ପ୍ରକୃତିଗତ ସୌସାଦୃଶ୍ୟ ବିଦ୍ୟମାନ ।
(i) ପଶୁ (ii) ମନୁଷ୍ୟ
(iii) ଦେବତା (iv) ଅସୁର

୧୭) କେଉଁ ଶିକ୍ଷା ମଣିଷ ପାଇଁ ଅଧିକ ଉପଯୋଗୀ ।
(i) ଉପଦେଶାତ୍ମକ (ii) କାଳ୍ପନିକ
(iii) ବର୍ଣ୍ଣନାତ୍ମକ (iv) ଦୃଷ୍ଟାନ୍ତମୂଳକ

୧୮) କେଉଁ କଥାଟି ଅହଂକାରୀ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରରେ ଲିଖିତ ।
(i) ପତନ (ii) ଉତ୍‌ଥାନ
(iii) ଅଧପତନ (iv) ବିମନ

୧୯) ଅପରିଣାମଦର୍ଶୀ ମାନବ ପୃଥିବୀର କେଉଁ ଭାବ ଦର୍ଶନ କରି ଅବିଶ୍ୱାସୀ ହୁଏ ।
(i) ବିପରୀତ (ii) ସଂପ୍ରସାରିତ
(iii) ଅନୁକୂଳ (iv) କ୍ରିୟାହୀନ

୨୦) ଇତିହାସକୁ କେଉଁ ଶିକ୍ଷକ ବୋଲି କୁହାଯାଇଛି ।
(i) ପ୍ରଥମ (ii) ଦ୍ୱିତୀୟ
(iii) ତୃତୀୟ (iv) ଚତୁର୍ଥ

୨୧) ପ୍ରୟୋଜନୀୟ ବସ୍ତୁଲାଭପାଇଁ କାହାକୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ।
(i) ଈଶ୍ୱର (ii) ପରମପିତା
(iii) ମହାପୁରୁଷ (iv) ଦିବ୍ୟପୁରୁଷ

୨୨) କିଏ ଭବିଷ୍ୟତରେ ପିତା ରୂପରେ ଦଣ୍ଡାୟମାନ।
(i) ଅତୀତର ଘଟଣା (ii) ଅତୀତର ସନ୍ତାନ
(iii) ଅତୀତର ବସ୍ତୁ (iv) ଅତୀତର ଦୃଶ୍ୟ

୨୩) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ।
(i) ବିଧାତା (ii) ମାନବ
(iii) ପୃଥିବୀ (iv) ବିଶ୍ୱ

୨୪) କିଏ ଯୋଗ୍ୟ ଲୋକକୁ ଉଚ୍ଚ ଅଧିକାର ଦିଅନ୍ତି।
(i) ରାଜା (ii) ଶାସକ
(iii) ବିଧାତା (iv) ମନୁଷ୍ୟ

୨୫) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ଉଦ୍ଧାର କରନ୍ତୁ।
(i) ସରଳ (ii) ବିକୃତ
(iii) ଅପରକୃତ (iv) ଅବିନ୍ୟସ୍ତ

୨୬) ବାରିବାହର ସ୍ନିଗ୍ଧ ଉଜ୍ଜ୍ୱଳକାନ୍ତି କେଉଁଠି ନେତ୍ରୋତ୍ସବ ସୃଷ୍ଟି କରିଛି।
(i) ପୁଷ୍ପପୁର (ii) ସମ୍ବଲପୁର
(iii) କଟକ (iv) ଜୟପୁର

୨୭) କାହାକୁ ଦୂରବନ୍ଧୁ ବୋଲି ପ୍ରାବନ୍ଧିକ ସମ୍ବୋଧନ କରିଛନ୍ତି।
(i) ପୁଷ୍ପପୁର (ii) ବାରିବାହ
(iii) ବାତାୟନ (iv) ଶ୍ୟାମଳ ପୃଥିବୀ

୨୮) କାହାଠାରୁ ଗୋଷ୍ଠୀ ବଡ଼ ବୋଲି ଲେଖକ ଘନକୁ କହିଛନ୍ତି।
(i) ବ୍ୟକ୍ତି (ii) ସମାଜ
(iii) ମନୁଷ୍ୟ (iv) ଜନତା

୨୯) ଜଳର ଅଭାବରେ କେଉଁଠାରେ ହାହାକାର ପଡ଼ିଛି।
(i) ପୁଷ୍ପପୁର (ii) ଉତ୍କଳ
(iii) ପାଟଳିପୁତ୍ର (iv) କୁସୁମଧ୍ୱଜ

୩୦) ପୁଷ୍ପପୁରରେ ସ୍ୱକର୍ମସାରି କେଉଁ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି।
(i) କଳିଙ୍ଗ (ii) ଉତ୍କଳ
(iii) ଦକ୍ଷିଣ (iv) ପଶ୍ଚିମ

୩୧) କାହାଠାରେ ବଦାନ୍ୟତାର ମହତ୍ୱ ଫୁଟିଉଠେ ବୋଲି ପ୍ରାବନ୍ଧିକ କହିଛନ୍ତି।
(i) ଧନୀ (ii) ଦରିଦ୍ର
(iii) ବିତ୍ତଶାଳୀ (iv) ଭୋଗୀ
ଉ:- ଦରିଦ୍ରଠାରେ

୩୨) କେଉଁ ନାରୀମାନଙ୍କ ଗତିକୁ ପ୍ରାବନ୍ଧିକ କୁଜୀହଂସୀର ଗତି ସହ ତୁଳନା କରିଛନ୍ତି।
(i) ନଗରବାସୀ (ii) ବନବାସୀ
(iii) ଜନପଦବାସୀ (iv) ଉପକୂଳବାସୀ

୩୩) ବନବାସୀ ମାନେ କାହାର ଅନୁଗ୍ରହ ଲୋଡ଼ନ୍ତି।
(i) ବାରିବାହ (ii) ପର୍ବତ
(iii) ପ୍ରକୃତି (iv) ବନଲତା

୩୪) ଜଳଦର କୃପାରୁ କେଉଁଠାରେ ନବନୀଳିମା ଖେଳିବୁଲିବ ବୋଲି କୁହାଯାଇଛି।
(i) ଶାଳିକ୍ଷେତ୍ର (ii) ବନଭୂମି
(iii) ଉପକୂଳ (iv) ପାର୍ବତ୍ୟାଞ୍ଚଳ

୩୫) କିଏ ଗିରି ଦରୀରେ କ୍ରିଡ଼ାରତ ବସ୍ତତରୀ ପରି ନାଚିଉଠେ।
(i) ନିର୍ଝରିଣୀ (ii) ସ୍ରୋତସ୍ୱିନୀ
(iii) ତପସ୍ୱିନୀ (iv) ମୃଗଶିଶୁ

୩୬) କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣହେବ ବୋଲି ଲେଖକ କହିଛନ୍ତି।
(i) ଭଞ୍ଜନୃପ (ii) ବନବାସୀ
(iii) ନଗରବାସୀ (iv) ବନତରୁଣୀ

୩୭) କେଉଁ ଅଞ୍ଚଳର ବଧୂମାନଙ୍କୁ ଶେଫାଳୀ ଫୁଲ ପରି ହାସ୍ୟମୟୀ କୁହାଯାଇଛି।
(i) ବନାଞ୍ଚଳ (ii) ସମ୍ବଲପୁର
(iii) ଜୟପୁର (iv) ମୟୂରଭଞ୍ଜ

୩୮) ଉତ୍କଳର ଉତ୍ତମାଙ୍ଗ ବୋଲି ଲେଖକ କାହାକୁ କହିଛନ୍ତି।
(i) କଟକ (ii) ସମ୍ବଲପୁର
(iii) ଭୁବନେଶ୍ୱର (iv) ଗଞ୍ଜାମ

୩୯) ସିନ୍ଧୁର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ କାହାର କାତରଡ଼ାକ ପଡ଼େନାହିଁ।
(i) ପୀଡ଼ିତର (ii) ଦୁଃଖୀର
(iii) ଭକ୍ତର (iv) ଜନତାର

୪୦) ସିନ୍ଧୁପାରି ସାଧବର ସ୍ମୃତିପୂତଭୂମି ବୋଲି କାହାକୁ କୁହାଯାଇଛି।
(i) ସମ୍ବଲପୁର (ii) କଟକ
(iii) ଜୟପୁର (iv) ଭୁବନେଶ୍ୱର

୪୧) ଶାସନ ପଦ୍ଧତି ଗୁଡ଼ିକ ମଧ୍ୟରେ ଗଣତନ୍ତ୍ର ଶାସନ ହିଁ କ'ଣ।
(i) ନିକୃଷ୍ଟ (ii) ସର୍ବୋତ୍କୃଷ୍ଟ
(iii) ପ୍ରକୃଷ୍ଟ (iv) ଅଭୀଷ୍ଟ

୪୨) କେଉଁ ଶାସନରେ ଲୋକେ ନିଜକୁ ଶାସନ କରନ୍ତି।
(i) ଗଣତନ୍ତ୍ର (ii) ରାଜତନ୍ତ୍ର
(iii) ସାମ୍ୟବାଦ (iv) ସାମନ୍ତବାଦ

୪୩) ଗଣଙ୍କ ଦ୍ୱାରା ଶାସନ ଗଣତନ୍ତ୍ରର ପ୍ରଧାନ ଓ ପ୍ରକୃତ ______।
(i) ଲକ୍ଷ୍ୟଣ (ii) ଗୁଣ
(iii) ବିଶେଷତ୍ୱ (iv) ଧର୍ମ

୪୪) ଗଣତନ୍ତ୍ର ଶାସନରେ କିଏ ଏକ ଓ ଅଭିନ୍ନ।
(i) ରାଜା ଓ ପ୍ରଜା (ii) ଶାସକ ଓ ଶାସିତ
(iii) ମନ୍ତ୍ରୀ ଓ ପ୍ରଜା (iv) ରାଜା ଓ ରାଜ କର୍ମଚାରୀ

୪୫) କେଉଁ ଶାସନରେ ପ୍ରଭୁ କିମ୍ବା ଦାସର, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇନପାରେ।
(i) ରାଜତନ୍ତ୍ର (ii) ଗଣତନ୍ତ୍ର
(iii) ସ୍ୱେଚ୍ଛାତନ୍ତ୍ର (iv) ସମଷ୍ଟିଗତ

୪୬) ଭାରତରେ କେଉଁ ନ୍ୟାୟର ସ୍ୱରୂପ ଲଙ୍କାରେ ହରିଶବ୍ଦ ପରି।
(i) ପାରିବାରିକ ନ୍ୟାୟ (ii) ବ୍ୟକ୍ତି ନ୍ୟାୟ
(iii) ସାମାଜିକ ନ୍ୟାୟ (iv) ଗୋଷ୍ଠିଗତ ନ୍ୟାୟ

୪୭) କୁସଂସ୍କାର ପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ ସମଷ୍ଟିଗତ ପ୍ରଗତି କାହାଭଳି କପୋଳକଳ୍ପିତ।
(i) ଚିଲିକା ମାଛ (ii) ଆକାଶ କଇଁଆ
(iii) ସ୍ୱପ୍ନଭଳି (iv) ମରୀଚିକା ଭଳି

୪୮) ଲୋକ ପ୍ରତିନିଧି ମନୋନୟନ କେଉଁ ଶାସନର ମେରୁଦଣ୍ଡ।
(i) ରାଜତନ୍ତ୍ର (ii) ସାମ୍ୟବାଦ
(iii) ଗଣତନ୍ତ୍ର (iv) ସାମନ୍ତବାଦୀ

୪୯) କେଉଁ ଜ୍ଞାନରେ ସୁଶିକ୍ଷିତ ଭୋଟ ଦାତା ମାନେ ଲୋକପ୍ରତିନିଧି ହେବାପାଇଁ ଉପଯୁକ୍ତ।
(i) ସମାଜ ସମ୍ବନ୍ଧୀୟ (ii) ଶିକ୍ଷା ସମ୍ବନ୍ଧୀୟ
(iii) ଶାସନ ସମ୍ବନ୍ଧୀୟ (iv) ଇତିହାସ ସମ୍ବନ୍ଧୀୟ

୫୦) ବିରାଡ଼ି ବୈଷ୍ଣବ ମାନେ ଶାସନ କ୍ଷମତା ପାଇବା ଲୋଭରେ କାହାର ପ୍ରତିନିଧି ହେବାକୁ ବାହାରି ପଡ଼ନ୍ତି।
(i) ଦେଶର (ii) ଜାତିର
(iii) ରାଷ୍ଟ୍ରର (iv) ଜନତାର

୫୧) ପାଣ୍ଡୁଙ୍କୁ ଦେଖି କାହା ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା।
(i) ସାଧୁ (ii) ସନ୍ୟାସୀ
(iii) ଗୋସେଇଁ (iv) ଅଗାଧୁ

୫୨) ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ ଦେଶର ଜନତା ଉପରେ ଗୁଣ ଅପେକ୍ଷା କ'ଣ ବିଶେଷ କାମ କରେ।
(i) ଘୋଷଣା (ii) ପ୍ରତାରଣା
(iii) ପ୍ରୋପାଗଣ୍ଡା (iv) ସାଧୁତା

୫୩) କେତେ ବର୍ଷ ନପୂରିଲେ ତମର ବୁଦ୍ଧିହୁଏନାହିଁ ବୋଲି ଗୋସେଇଁ ପାଣ୍ଡୁଙ୍କୁ କହିଛନ୍ତି।
(i) ୬୦ (ii) ୭୦
(iii) ୮୦ (iv) ୫୦

୫୪) ରାଧୁଙ୍କୁ ଦେଖି ପୁରୋହିତଙ୍କ ଛାତିରେ କ'ଣ ଅଟକି ଗଲା।
(i) ନିଶ୍ୱାସ (ii) ଛେପ
(iii) ପବନ (iv) କଥା

୫୫) କେଉଁ ଭୋଟ୍‌ଦାତାମାନେ ଆଜି ଭୋଟ୍ ଦେବାକୁ ଉଦାସୀନ ହୋଇଥାନ୍ତି।
(i) ନିରକ୍ଷର (ii) ଶିକ୍ଷିତ
(iii) ଅଶିକ୍ଷିତ (iv) ମୂର୍ଖ

୫୬) ଆଜିର କିଏ ଦୁଇ ବିରାଡ଼ି ପରି ଓ଼ଠ ଚାଟି ତରାଜୁ ଧରିଥିବା ପ୍ରତିନିଧି ମାନଙ୍କୁ ଅନାଇ ରହିଛନ୍ତି।
(i) ସାଧାରଣ ବ୍ୟକ୍ତି (ii) ଶିକ୍ଷିତ ଲୋକ
(iii) ମୂର୍ଖ ଲୋକ (iv) ଜନତା ଜନାର୍ଦ୍ଦନ

୫୭) କେଉଁ ଶାସନ ଶ୍ରେଷ୍ଠ ଶାସନ ଏଥିରେ ସନ୍ଦେହ ନାହିଁ।
(i) ରାଜତନ୍ତ୍ର (ii) ଗଣତନ୍ତ୍ର
(iii) ସାମ୍ରାଜ୍ୟବାଦ (iv) ସାମନ୍ତବାଦ

୫୮) ଗଣତନ୍ତ୍ର ଶାସନରେ ଆଜି ଆମର କ'ଣ ପାଇଁ ଆମେ ଦାୟି।
(i) ବ୍ୟବସ୍ଥା (ii) ଅବସ୍ଥା
(iii) ଅନାସ୍ଥା (iv) ହିନସ୍ତା

୫୯) ଆଞ୍ଚଳିକ ସଭାର କେଉଁ ବିଷୟକୁ ସବା ଉପରେ ବିଚାରପାଇଁ ରଖାଯାଇଥିଲା।
(i) ଶିକ୍ଷା (ii) କୃଷି
(iii) ବାଣିଜ୍ୟ (iv) ଶିଳ୍ପ

୬୦) ଜିଲ୍ଲା ପରିଷଦ ସଭାରେ ଶିକ୍ଷାକୁ କେଉଁ ସ୍ଥାନରେ ବିଚାର ବିଷୟ ଭାବେ ରଖାଯାଇଥିଲା।
(i) ସବା ଉପରେ (ii) ସବାତଳେ
(iii) ମଧ୍ୟଭାଗରେ (iv) ଆରମ୍ଭରେ

୬୧) ମଣିଷର ମନକୁ ପ୍ରଥମେ କେଉଁଥିରେ ସଜାଡ଼ି ତାପରେ ତାକୁ ଯୋଜନା କଥା କହିଲେ ସେ ବୁଝିପାରିବ।
(i) ଧର୍ମ ଜ୍ଞାନରେ (ii) ଗବେଷଣାରେ
(iii) ଶିକ୍ଷାରେ (iv) ଯୋଜନାରେ

୬୨) ଲେଖକ ଆଜିକାଲି ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି।
(i) ବିଜ୍ଞାନଯୁଗ (ii) ଉନ୍ନୟନ ଯୁଗ
(iii) ଯୋଜନା ଯୁଗ (iv) ବିଶେଷଜ୍ଞ ଯୁଗ

୬୩) ନିରକ୍ଷରତା ପାଇଁ ଉନ୍ନୟନ ପଛରେ ପଡ଼ିଛି ବୋଲି ଜାତିସଙ୍ଘ ତାଙ୍କ କେଉଁ ରିପୋର୍ଟରେ କହିଛନ୍ତି।
(i) ବାର୍ଷିକ ରିପୋର୍ଟ (ii) ବିକାଶ ରିପୋର୍ଟ
(iii) ଶିକ୍ଷା ରିପୋର୍ଟ (iv) ଯୋଜନା ରିପୋର୍ଟ

୬୪) କେଉଁ ମହାଦେଶରେ ନିରକ୍ଷରତା ସବୁଠୁ ବଡ଼ ସମସ୍ୟା।
(i) ଇଉରୋପ (ii) ଏସିଆ
(iii) ଆମେରିକା (iv) ଆଫ୍ରିକା

୬୫) ଯୋଜନା ଅର୍ଥବିଭାଗଙ୍କ ବିଚାରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ।
(i) ଶିକ୍ଷା (ii) ସ୍ୱାସ୍ଥ୍ୟ
(iii) ଶିଳ୍ପ (iv) ଗ୍ରାମ୍ୟଉନ୍ନୟନ

୬୬) ବିଶେଷଜ୍ଞ ମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ।
(i) ଇଂଲଣ୍ଡ (ii) ଆମେରିକା
(iii) ଭାରତ (iv) ଜାପାନ

୬୭) ଭାରତ ବର୍ଷରେ ସବୁକଥା କେଉଁମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ।
(i) ଗବେଷକ (ii) ବିଶେଷଜ୍ଞ
(iii) ଶାସକ (iv) କମିଶନର

୬୮) 'ସଣ୍ଡେଷ୍ଟାଣ୍ଡାର୍ଡ' କାଗଜରେ ଭାରତରେ ବିଶେଷଜ୍ଞ ମାନଙ୍କୁ କ'ଣ ମିଳୁନାହିଁ ବୋଲି ପ୍ରକାଶ ପାଇଥିଲା।
(i) ବିଶେଷ ଅର୍ଥ (ii) ବିଶେଷ ସମ୍ମାନ
(iii) ବିଶେଷ କ୍ଷମତା (iv) ବିଶେଷ ସୁବିଧା

୬୯) ଶିକ୍ଷାର କ'ଣ ନରୋକିଲେ ଆମର ଅବସ୍ଥା ଶୋଚନୀୟ ହେବବୋଲି କୁହାଯାଇଛି।
(i) ବିପରୀତ ଗତି (ii) ଦୁର୍ଗତି
(iii) ଅଧୋଗତି (iv) ଅବନତି

୭୦) ପରୀକ୍ଷା ପଦ୍ଧତିପ୍ରତି କିଏ ବେଶି ଦୃଷ୍ଟିଦେବେ ବୋଲି ଲେଖକ ଆଶାପ୍ରକାଶ କରିଛନ୍ତି।
(i) ସରକାର (ii) ଶିକ୍ଷା ବିଭାଗ
(iii) ଶିକ୍ଷା କମିଶନ (iv) ଯୋଜନା କମିଶନ

୭୧) 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଉପାଗ୍ର ଲେଖା କେଉଁ କାଗଜରେ ପ୍ରକାଶିତ ହୋଇଥିଲା।
(i) ସମାଜ (ii) ପ୍ରଜାତନ୍ତ୍ର
(iii) କଳିଙ୍ଗ (iv) ଧରିତ୍ରୀ

୭୨) କେଉଁ ପ୍ରଦେଶର ଛାତ୍ରଟିଏ ପ୍ରଶ୍ନପତ୍ର ବିକି ଦଶ ହଜାର ଟଙ୍କା ଲାଭ ଉଠାଇଥିଲା ବୋଲି କୁହାଯାଇଛି।
(i) ବିହାର (ii) ପଶ୍ଚିମବଙ୍ଗ
(iii) ଆନ୍ଧ୍ରପ୍ରଦେଶ (iv) ଉତ୍ତରପ୍ରଦେଶ

୭୩) କେଉଁ ଠାରୁ ପାଣି ଝରିଲା ପରି ସାରା ବର୍ଷଯାକ ପରୀକ୍ଷାଫଳ ଆସ୍ତେଆସ୍ତେ ବାହାରୁଛି ବୋଲି ଲେଖକ କହିଛନ୍ତି।
(i) ନଦୀ ବନ୍ଧରୁ (ii) ହୀରାକୁଦ ବନ୍ଧରୁ
(iii) ଝରଣାରୁ (iv) ଆକାଶରୁ

୭୪) ଆମେ ମାଟ୍ରିକୁଲେସନ ପାଶ୍ କରି ଲୋକେ କେଉଁ କାମ ଚଳେଇ ଦେଉଥିଲେ।
(i) ତହସିଲଦାର (ii) ମାଜିଷ୍ଟ୍ରେଟ୍
(iii) ଇନିସ୍‌ପେକ୍ଟର (iv) ବ୍ଲକ୍ ଅଫିସର

୭୫) ବ୍ରିଟିଶମାନେ କେଉଁ ଗଛକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁଙ୍କୁ ଏ ଦେଶରୁ ତଡ଼ିଥିଲେ।
(i) ନଡ଼ିଆ ଗଛ (ii) ତାଳଗଛ
(iii) ଗୁଆ ଗଛ (iv) ଶାଳ ଗଛ

**(୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) କେଉଁ ଶ୍ରେଣୀର ମନୁଷ୍ୟ ପୃଥିବୀର ନାନାବସ୍ତୁ ଦର୍ଶନ କରନ୍ତି ?
୨) କେଉଁ ଶ୍ରେଣୀର ମନୁଷ୍ୟ ସୂକ୍ଷ୍ମ ଦୃଷ୍ଟି ସମ୍ପନ୍ନ ଓ ଚିନ୍ତାଶୀଳ ?
୩) ଚିନ୍ତାଶୀଳତା ସୂକ୍ଷ୍ମଦୃଷ୍ଟି ବା ତତ୍ତ୍ୱନିରୂପଣ ପ୍ରୟାସ କାହାର ବିଶେଷ ଲକ୍ଷଣ ?
୪) ଅନନ୍ତ ଦେବଙ୍କ ପ୍ରତିକୃତି କିଏ ?
୫) ପ୍ରକୃତିସ୍ଥ ମନୁଷ୍ୟର ମନ କିପରି ?
୬) ଅନନ୍ତ ପ୍ରକୃତି ସଙ୍ଗେ କାହାର ନିତ୍ୟଯୋଗ ହୋଇଥାଏ ?
୭) କେଉଁମାନଙ୍କ ନିକଟରେ ଜଗତଟା କେବଳ ବିରୁଦ୍ଧ ଭାବପୂର୍ଣ୍ଣ ?
୮) ପ୍ରକୃତ ପକ୍ଷେ ଜଗତର କୌଣସି ଘଟଣା କ'ଣ ନୁହେଁ ?
୯) ବର୍ତ୍ତମାନ ଯୁଗର ଇତିହାସଲିଖନ ପ୍ରଣାଳୀ ସ୍ୱତନ୍ତ୍ର ଏବଂ କାହାର ନିକଟବର୍ତ୍ତୀ ?
୧୦) ଆମ୍ଭମାନଙ୍କ ଦେଶରେ କାହାର ମାତ୍ରା ଅଧିକ ?
୧୧) ମନୁଷ୍ୟମାନଙ୍କ ମଧ୍ୟରେ କେଉଁ ସୌସାଦୃଶ୍ୟ ବିଦ୍ୟମାନ ?
୧୨) ଫରାସୀ ରାଷ୍ଟ୍ରବିପ୍ଳବ କଥା ସ୍ମରଣ କଲେ ଆମର କ'ଣ ହୁଏ ?
୧୩) ପ୍ରୟୋଜନୀୟ ବସ୍ତୁ ଲାଭକରିବାପାଇଁ କେଉଁମାନଙ୍କୁ ଭୀଷଣ କଷ୍ଟ ଓ ଯାତନା ଭୋଗ କରିବାକୁ ହୋଇଛି ?
୧୪) କ'ଣ ପୂର୍ବ ଅପେକ୍ଷା ଉଜ୍ଜ୍ୱଳଆକାରରେ ପ୍ରତିଭାତ ହୁଏ ?
୧୫) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କାହାହସ୍ତରୁ ଉଦ୍ଧାର କରନ୍ତୁ ବୋଲି ଲେଖକ କହିଛନ୍ତି ?
୧୬) ପ୍ରାସାଦ ବାତାୟନ ପଥରେ କାହାର ଶୁଭରଙ୍ଗ ବାଜି ଉଠିଛି ?
୧୭) ବାରିବାହର ସ୍ପର୍ଶରେ ପୁଷ୍ପପୁର କିପରି ହୋଇ ଉଠିବ ବୋଲି କୁହାଯାଇଛି ?
୧୮) କିଏ ବାରିଦକୁ ପୁଷ୍ପ ଅର୍ଘ୍ୟରେ ପୂଜା କରିଥିଲା ?
୧୯) କେଉଁଠାରେ ଥିବା ପ୍ରିୟା ପାଖକୁ ବିରହୀଯକ୍ଷ ଉଦନ୍ତ ପଠାଇଥିଲା ?
୨୦) ଉଦାସୀନା ଧରଣୀ କାହାର ଲାଭକ୍ଷତିରେ ବିଚଳିତ ହୁଏନାହିଁ ?
୨୧) କେଉଁଠାରେ ସ୍ୱକର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?
୨୨) ଲେଖକ କ'ଣ ହୋଇ ଜଳଦ ସହ ମିଶି ବାତାୟନ ପଥରେ ଉଡ଼ିଯାଇ ଜନ୍ମଭୂମିକୁ ଚିହ୍ନାଇବାକୁ ଇଚ୍ଛା କରିଛନ୍ତି ?
୨୩) କ'ଣ ଦେଖି ବନବାସୀମାନଙ୍କର ମନ ଆତଙ୍କରେ ଥରିଉଠୁଥିବ ?
୨୪) ଗୋ-ପଲର ଗଳଘଂଟି ଓ କାହାର ବେଣୁସ୍ୱନ ଶୁଣି ଜଳଦ ଗ୍ରାମସୀମା ବୋଲି ଜାଣିପାରିବ ?

୨୫) ଉତ୍କଳବାସୀ କେଉଁ ନଦୀ ତୀରରେ ବସି ପିପାସୀ ହୋଇଛନ୍ତି ?

୨୬) କିଏ ଦୃପ୍ତ ଓ ଗର୍ବିତ ଜାତିର ପରାକ୍ରମ ?

୨୭) କେଉଁ ଶାସନରେ ଲୋକେ ନିଜେ ନିଜକୁ ଶାସନକରନ୍ତି ?

୨୮) ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତରେ କ'ଣ ଲଙ୍କାରେ ହରି ଶବ୍ଦ ପରି ?

୨୯) କାହାକୁ ଗଣତନ୍ତ୍ରର ମେରୁଦଣ୍ଡ ବୋଲି କୁହାଯାଏ ?

୩୦) କେଉଁ ଯୋଗ୍ୟତା ଯେଉଁଠାରେ ନାହିଁ ସେଠାରେ ମୁଖ୍ୟତଃ ପ୍ରୋପାଗଣ୍ଡାର ଜୟହୁଏ ?

୩୧) କିଏ ଦୁଇ ବିରାଡ଼ିଙ୍କ ପରି ଖାଲି ଓଠ ଋଟି ଏହି ପ୍ରତିନିଧି ମାନଙ୍କୁ ମିଟିମିଟି କରି ଅନାଇ ରହୁଛନ୍ତି ?

୩୨) ନେତା ମାନଙ୍କ ରାଜନୈତିକ ପଟ୍ଟ ପରିବର୍ତ୍ତନ ପରେ କେଉଁ ଖେଳ ଆରମ୍ଭ ହୁଏ ?

୩୩) କେଉଁଠାରେ ଗଧିଆ ମେଣ୍ଢା ପୋଷାକରେ ରହେ ?

୩୪) କାହାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ?

୩୫) ଗଣତନ୍ତ୍ର ଶାସନକୁ ଲେଖକ କେଉଁ ଶାସନ ବୋଲି କହିଛନ୍ତି ?

୩୬) ଶିକ୍ଷାର ଅଭାବ ଯୋଗୁ କିଏ ସରକାରଙ୍କ ଯୋଜନାକୁ ବୁଝିପାରୁନାହାନ୍ତି ?

୩୭) ମାଟିକୁ ପାଗ କରି ସେଥିରେ କ'ଣ ପୋତିଲେ ଚଞ୍ଚଳ ଗଛ ଧରେ ?

୩୮) କାହାକୁ ପ୍ରଥମେ ଶିକ୍ଷାରେ ସଜାଡ଼ି ପରେ ଯୋଜନା କଥା କହିବା ଉଚିତ୍ ?

୩୯) ଭାରତର ଲୋକେ ପାଠ ପଢ଼ି ସାରିବା ପରେ କେଉଁଠୁ ଛାଡ଼ି ଆସିବାକୁ ଋହୁଁନାହାନ୍ତି ?

୪୦) ଭାରତରେ କେଉଁମାନଙ୍କର ବିଶେଷ ମୂଲ୍ୟ ନାହିଁ ?

୪୧) କେଉଁ କାଗଜରେ ଶାସକ ଓ ବିଶେଷଜ୍ଞ ଶୀର୍ଷକରେ ଅଗ୍ରଲେଖ ପ୍ରକାଶିତ ହୋଇଥିଲା ?

୪୨) 'ସଣ୍ଡେଷ୍ଟାଣ୍ଡାର୍ଡ' କାଗଜ କେଉଁଠାରୁ ବାହାରୁଥିଲା ?

୪୩) କେଉଁ ରାଜ୍ୟରେ ବର୍ତ୍ତମାନ ନିରୂପାୟ ଅବସ୍ଥା ଆସି ପହଁଚିଛି ?

୪୪) ନୋଟ୍ ବହି ପଢି ଆମେ କେଉଁ ଦେଶ ସଙ୍ଗେ ସମକକ୍ଷ ହୋଇପାରିବୁ ନାହିଁ ବୋଲି ଲେଖକ ପ୍ରଶ୍ନ ଉଠାଇଛନ୍ତି ?

୪୫) କେଉଁ ଲୋକ ମୌଳିକ ପୁସ୍ତକ ଲେଖିପାରିବ ନାହିଁ ?

୪୬) କାହାର ଅଭାବ ଥିବାଯାଏ ଗଣତନ୍ତ୍ରର ସଫଳତା ଆଶା କରିବା ବିଡ଼ମ୍ବନା ମାତ୍ର ?

**(୩) ସଂକ୍ଷିପ୍ତ ପ୍ରଶ୍ନୋତ୍ତର – ପ୍ରଶ୍ନର ମୂଲ୍ୟ – ୨ ନମ୍ବର ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । (ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ରହିବ) ।**

୧) ଶେଷୋକ୍ତ ଶ୍ରେଣୀର ମନୁଷ୍ୟ ମାନଙ୍କ ପ୍ରତି ଦୃଷ୍ଟିନିକ୍ଷେପ କଲେ କ'ଣ ବୁଝାଯାଏ ?

୨) କେଉଁ ସମ୍ବନ୍ଧରୁ ବିଚ୍ଛିନ୍ନ ହେଲେ ଜୀବନର ମୂଲ୍ୟ କିଛି ରହେନାହିଁ ?

୩) ଚିନ୍ତାଶୀଳ ମନୁଷ୍ୟ କେଉଁଠାରେ କ'ଣ ଦର୍ଶନ କରେ ?

୪) ଜଣେ ମନୁଷ୍ୟକୁ ଯଥାର୍ଥ ରୂପେ ଜାଣିବାକୁ ହେଲେ କ'ଣ ଜାଣିବା ଆବଶ୍ୟକ ?

୫) ପ୍ରଚଳିତ ଇତିହାସକୁ ଲକ୍ଷ୍ୟ କରି ଜଣେ ସୁପ୍ରସିଦ୍ଧ ପଣ୍ଡିତ କ'ଣ କହିଥିଲେ ?

୬) ମନୁଷ୍ୟର କର୍ତ୍ତବ୍ୟ କ'ଣ ?

୭) କେଉଁମାନେ କାହାର ଚରମସୀମାରେ ଉପସ୍ଥିତ ନ ହୋଇ ଛାଡ଼ି ନାହାନ୍ତି ?

୮) କାହା ଉପରେ ଇତିହାସର ଉପକାରିତା ବହୁପରିମାଣରେ ନିର୍ଭର କରେ ?

୯) କ'ଣ କରି କେହି କେବେ ଉନ୍ନତିର ସୋପାନରେ ଆରୋହଣ କରିନପାରେ ?

୧୦) ଭ୍ରାମ୍ୟମାଣା ଉଦାସୀନା ଧରଣୀ କେଉଁଥିରେ ବିଚଳିତ ହୁଏନାହିଁ ?

୧୧) କ'ଣ ହୋଇ କାହାପରି ଜଳଦ ଉତ୍କଳ ଆକାଶରେ ଆବିର୍ଭୂତ ହେବାକୁ ଲେଖକ କହିଛନ୍ତି ?

୧୨) ଯଦି ଭାଗ୍ୟରେ ଥାଏ, ଜଳଦ ଆଖିରେ କ'ଣ ପଡ଼ିଯିବ ବୋଲି ଲେଖକ କହିଛନ୍ତି ?

୧୩) ମାନ ଜୀବନର ପରମ କାମ୍ୟ କ'ଣ ବୋଲି ଲେଖକ କହିଛନ୍ତି ?

୧୪) କ୍ଲାନ୍ତି ଆସିଲେ ଜଳଦ କେଉଁଠାରେ ଅବସର ନେବାକୁ ଲେଖକ କହିଛନ୍ତି ?

୧୫) ତନ୍ୱୀ ମହାନଦୀ ଉପଳ ଶଯ୍ୟାରେ ଯାଉଁ ଯାଉଁ ତୀର ଦେଶରେ କ'ଣ କରେ ?

୧୬) ଏହିଠାରେ କେଉଁମାନେ ଉତ୍କଳର ମହାନିଶାରେ ଉଜାଗର ରହି ଜ୍ଞାନଦୀପ ଜାଳିଗଲେ ?

୧୭) ଗଣତନ୍ତ୍ର ଶାସନର ବିଶେଷତ୍ୱ କ'ଣ ?

୧୮) ଗଣତନ୍ତ୍ର ଶାସନର ସ୍ୱାଭାବିକ ପରିଣତି କ'ଣ ବୋଲି ଯୁକ୍ତି କରାଯାଏ ?

୧୯) ପ୍ରୋପାଗଣ୍ଡାର ଜୟ କେଉଁଠି ହୁଏ ?

୨୦) କେଉଁମାନେ ରାଜନୈତିକ ପଟ୍ଟପରିବର୍ତ୍ତନ କରୁଛନ୍ତି ?

୨୧) କିଏ ଲୋକ ପ୍ରତିନିଧି ହେବାପାଇଁ ଉପଯୁକ୍ତ ?

୨୨) କେଉଁମାନଙ୍କ ଉଦାସୀନତା ଯୋଗୁ ଅଯୋଗ୍ୟ ପ୍ରାର୍ଥୀମାନଙ୍କର ଜୟହେଉଛି ?

୨୩) ଗଣଶିକ୍ଷା ଓ ଗଣଚେତନାର ଅଭାବ ଥିବାଯାଏ କ'ଣ ଆଶା କରିବା ବିଡ଼ମ୍ବନା ?

୨୪) ଶିକ୍ଷା ଓ ଯୋଜନା ଭିତରେ କେତେବେଳେ ସମନ୍ୱୟ ରହିପାରିବ ?

୨୫) ଆମ ଶାସନ ପଦ୍ଧତିରେ କେଉଁମାନଙ୍କର ବିଶେଷ ମୂଲ୍ୟ ନଥାଏ ?

୨୬) କେତେବେଳେ ପ୍ରଥମ ଆଘାତ ଶିକ୍ଷା ଉପରେ ପଡ଼େ ?

୨୭) ନୋଟ୍ ବହି ପଢ଼ିବାର କୁଫଳ କ'ଣ ?

୨୮) ଏବେ ମାଟ୍ରିକ୍ ପାଠ କେଉଁଥିକି ନୁହେଁ ବୋଲି ଲେଖକ କହିଛନ୍ତି ?

୨୯) ନୋଟ୍ ବହି ପଢ଼ି କେଉଁ ଦେଶ ସହିତ ସମାନ ହୋଇପାରିବା ନାହିଁ ବୋଲି ଲେଖକ କହିଛନ୍ତି ?

୩୦) ଦେଶର ପରିଚାଳନା ପଦ୍ଧତିରେ କ'ଣ ସୃଷ୍ଟି ନ ହେଲା ପର୍ଯ୍ୟନ୍ତ ଅବସ୍ଥାରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି ଲେଖକ କହିଛନ୍ତି ?

୩୧) କ'ଣ କଲେ ଅବସ୍ଥାର ପରିବର୍ତ୍ତନ ଆଶା କରାଯାଇପାରେ ?

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଲେଖ। ପ୍ରଶ୍ନର ମୂଲ୍ୟ ୩ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ।**

୧) ପ୍ରକୃତରୂପେ ମାନବଜୀବନ କିପରି ଗଠିତ ହୁଏ ?

୨) ପରିବର୍ତ୍ତନଶୀଳ ଜଗତ ମଧ୍ୟରେ କିଏ ଅପରିବର୍ତ୍ତନୀୟ। ଆଲୋଚନା କର ?

୩) ମାନବ ସମାଜର ସମସ୍ତ ବ୍ୟାପାର କିଭଳି ଇତିହାସର ଅନ୍ତର୍ଭୁକ୍ତ ଦର୍ଶାଅ ?

(୪) ପ୍ରାଚୀନ କାଳରେ ଇତିହାସ ସଂପର୍କରେ ପ୍ରାବନ୍ଧିକଙ୍କ ମତ କ'ଣ ?

୫) ଲେଖକଙ୍କ ଉତ୍କଳର ଦୁଇ ଦିଗର ବର୍ଣ୍ଣନା ନିଜ ଭାଷାରେ ପ୍ରଦାନ କର ?

୬) ଲେଖକଙ୍କ ବର୍ଣ୍ଣନାରେ କେଉଁ ପ୍ରୀତିର ପରିଚୟ ମିଳେ ?

୭) ବନବାସୀ ଯୁବତୀମାନଙ୍କ ସଂପର୍କରେ ପ୍ରାବନ୍ଧିକଙ୍କ ମତ ଉପସ୍ଥାପନ କର ?

୮) ବନବାସୀ ମାନଙ୍କର ସ୍ୱଧର୍ମ ଓ ମାନବିକତାର ଆଲୋଚନା କର ?

୯) ଗଣତନ୍ତ୍ରର ପ୍ରଧାନ ବିଶେଷତ୍ୱ କ'ଣ ?

୧୦) ଉପଯୁକ୍ତ ଲୋକପ୍ରତିନିଧି ନିମିତ କି ଜ୍ଞାନଥିବା ଦରକାର ?

୧୧) ବିରାଡ଼ି ବୈଷ୍ଣବ କିଏ ? ସେମାନଙ୍କ କାର୍ଯ୍ୟକଳାପ କ'ଣ ?

୧୨) କେଉଁମାନେ ବାଉଁଶରାଣୀ ଖେଳ ଖେଳନ୍ତି ଓ କେତେବେଳେ ଖେଳନ୍ତି ?

୧୩) ଶିକ୍ଷା ଓ ଯୋଜନା ମଧ୍ୟରେ ସମନ୍ୱୟ ରକ୍ଷାର ଉପାୟ ନିର୍ଦ୍ଦେଶକର ?

୧୪) ଭାରତ ବର୍ଷରେ ବିଶେଷଜ୍ଞ ମାନଙ୍କ ଅବସ୍ଥା କ'ଣ। ଆଲୋଚନା କର ?

୧୫) ପରୀକ୍ଷା ପଦ୍ଧତିର ଦୋଷତ୍ରୁଟି ନିରୂପଣ କର ?

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧) 'ଇତିହାସ' ପ୍ରବନ୍ଧ ସୃଷ୍ଟି ମୂଳରେ ଲେଖକଙ୍କ ଭି ଉଦ୍ଦେଶ୍ୟ ନିହିତ, ଆଲୋଚନା କର ?

୨) 'ପ୍ରତ୍ୟେକ ଜାତି ତା'ର ଇତିହାସ ପାଠ କରିବା ଜରୁରୀ'। ଲେଖକଙ୍କ ବକ୍ତବ୍ୟର ଯୌକ୍ତିକତା ବିଚାର କର ?

୩) 'ଇତିହାସ' ପ୍ରବନ୍ଧରେ ନୀତିହୀନ ଅନୁଦାର ଜାତି ଲାଗି କିଭଳି ଚେତାବନୀ ପ୍ରଦତ୍ତ ଆଲେଚନା କର ?

୪) ତୁମ ପଠିତ ପ୍ରବନ୍ଧରୁ ଲେଖକଙ୍କ ଉତ୍କଳୀୟ ପ୍ରୀତିର ପରିଚୟ ପ୍ରଦାନ କର ?

୫) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କ ଭୌଗୋଳିକ ଜ୍ଞାନର ପରିଚୟ ପ୍ରଦାନ କର।

୬) 'ଅତୀତ ଉତ୍କଳର ସ୍ମୃତିରୋମନ୍ଥନ ଲେଖକଙ୍କ ମାଟିପ୍ରୀତିର ଚରମ ନିଦର୍ଶନ' ଆଲୋଚନା କର ?

୭) 'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରୁ ଲେଖକଙ୍କ ପ୍ରଚ୍ଛନ୍ନ ଆଭିମୁଖ୍ୟ କ'ଣ ଆଲୋଚନା କର ?

୮) ଗଣତନ୍ତ୍ର ଶାସନ ସଂପର୍କରେ ଲେଖକଙ୍କ ମତାମତ ବିଚାର କର ?

୯) ସଫଳ ଗଣତନ୍ତ୍ର ପ୍ରତିଷ୍ଠାରେ ଗଣଶିକ୍ଷା ଓ ଗଣଚେତନାର ଭୂମିକା ସଂପର୍କରେ ଆଲୋଚନା କର ?

୧୦) 'ତିନି ତୁଣ୍ଡରେ' ପ୍ରବନ୍ଧର ନାମକରଣର ଯଥାର୍ଥତା ବିଚାର କର ?

୧୧) ଶିକ୍ଷିତ ଭୋଟଦାତାଙ୍କ ଉଦାସୀନତା ଗଣତନ୍ତ୍ର କି କ୍ଷତି ଘଟାଇଥାଏ ?

୧୨) ଗଣତନ୍ତ୍ରରେ 'ତିନିତୁଣ୍ଡର' ପ୍ରଭାବ କିପରି ଆଲୋଚନା କର ?

୧୩) ସ୍ୱାଧୀନ ଦେଶରେ ଶିକ୍ଷା ବ୍ୟବସ୍ଥାରେ ଅଧୋଗତିର କାରଣ ନିର୍ଦ୍ଦେଶ କର ?

୧୪) ଶିକ୍ଷା ବ୍ୟବସ୍ଥା ସଂପର୍କରେ ଲିଖିତ ପ୍ରବନ୍ଧରେ ପ୍ରବାନ୍ଧିକଙ୍କ ମତାମତର ବିଶ୍ଳେଷଣ କର ?

୧୫) ପ୍ରଚଳିତ ପରୀକ୍ଷା ପଦ୍ଧତି ସଂପର୍କରେ ପ୍ରାବନ୍ଧିକଙ୍କ ମତାମତର ଗୁରୁତ୍ୱ ବିଚାର କର ?

## ପ୍ରଥମ ଏକକ

# ପ୍ରବନ୍ଧ ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) (ii) ମନୁଷ୍ୟତ୍ୱର
୨) (i) ପ୍ରଥମ
୩) (i) ଅନନ୍ତ ପ୍ରକୃତି
୪) (i) ମଣିଷ
୫) (ii) ନିମ୍ନ
୬) (ii) ହୃତ୍‌କମ୍ପ
(୭) (ii) ଅତୀତ
୮) (i) ମାନବର
୯) (i) ଏକ ଆଡ଼କୁ
୧୦) (ii) ଜଗତର
୧୧) (i) ଇତିହାସ
୧୨) (i) ବ୍ୟକ୍ତିଗତ
୧୩) (ii) କଳ୍ପନା
୧୪) (ii) ଐତିହାସିକ
୧୫) (ii) ଘଟଣାର
୧୬) (ii) ମନୁଷ୍ୟ
୧୭) (iv) ଦୃଷ୍ଟାନ୍ତମୂଳକ ଶିକ୍ଷା
୧୮) (i) ପତନ
୧୯) (i) ବିପରୀତ
୨୦) (ii) ଦ୍ୱିତୀୟ
୨୧) (iii) ଦିବ୍ୟପୁରୁଷ
୨୨) (ii) ଅତୀତର ସନ୍ତାନ
୨୩) (i) ବିଧାତାଙ୍କର
୨୪) (iii) ବିଧାତା
୨୫) (ii) ବିକୃତ
୨୬) (i) ପୁଷ୍ପପୁର
୨୭) (ii) ବାରିବାହ
୨୮) (i) ବ୍ୟକ୍ତି
୨୯) (ii) ଉତ୍କଳ
୩୦) (ii) ଉତ୍କଳ
୩୧) (ii) ଦରିଦ୍ରଠାରେ
୩୨) (ii) ବନବାସୀ
୩୩) (i) ବାରିବାହ
୩୪) (i) ଶାଳିକ୍ଷେତ୍ର
୩୫) (i) ନିର୍ଝରିଣୀ
୩୬) (i) ଭଞ୍ଜନୃପ
୩୭) (ii) ସମ୍ବଲପୁର
୩୮) (i) କଟକ
୩୯) (iii) ଭକ୍ତର
୪୦) (iii) ଜୟପୁର
୪୧) (ii) ସର୍ବୋତ୍କୃଷ୍ଟ
୪୨) (i) ଗଣତନ୍ତ୍ର
୪୩) (iii) ବିଶେଷତ୍ୱ
୪୪) (ii) ଶାସକ ଓ ଶାସିତ
୪୫) (ii) ଗଣତନ୍ତ୍ର
୪୬) (iii) ସାମାଜିକ ନ୍ୟାୟ
୪୭) (ii) ଆକାଶ କଇଁଆ
୪୮) (iii) ଗଣତନ୍ତ୍ର
୪୯) (iii) ଶାସନ ସମ୍ବନ୍ଧୀୟ
୫୦) (iv) ଜନତାର
୫୧) (iii) ଗୋସେଇଁଙ୍କ ଦେହରୁ
୫୨) (iii) ପ୍ରୋପାଗଣ୍ଡା
୫୩) (i) ୬୦
୫୪) (iii) ପବନ
୫୫) (ii) ଶିକ୍ଷିତ ଭୋଟଦାତା
୫୬) (iv) ଜନତା ଜନାର୍ଦ୍ଦନ
୫୭) (ii) ଗଣତନ୍ତ୍ର
୫୮) (ii) ଅବସ୍ଥା
୫୯) (ii) କୃଷି
୬୦) (ii) ସବାତଳେ
୬୧) (iii) ଶିକ୍ଷାରେ
୬୨) (iii) ଯୋଜନା ଯୁଗ
୬୩) (iii) ଶିକ୍ଷା ରିପୋର୍ଟ
୬୪) (ii) ଏସିଆ
୬୫) (i) ଶିକ୍ଷା
୬୬) (iii) ଭାରତ
୬୭) (iii) ଶାସକ
୬୮) (ii) ବିଶେଷ ସମ୍ମାନ
୬୯) (iii) ଅଧୋଗତି
୭୦) (iii) ଶିକ୍ଷା କମିଶନ
୭୧) (iii) କଳିଙ୍ଗ
୭୨) (iii) ଆନ୍ଧ୍ରପ୍ରଦେଶ
୭୩) (ii) ହୀରାକୁଦ ବନ୍ଧରୁ
୭୪) (ii) ମାଜିଷ୍ଟ୍ରେଟ୍
୭୫) (ii) ତାଳଗଛ

**(୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) ପ୍ରଥମ
(୨) ଅପରଶ୍ରେଣୀ
(୩) ମାନବତ୍ୱର
(୪) ମନୁଷ୍ୟ
(୫) ନିତ୍ୟ କ୍ରିୟାଶୀଳ
(୬) ମନୁଷ୍ୟର
(୭) ସ୍ଥୁଳ ଦୃଷ୍ଟି ମାନବ
(୮) ଅର୍ଥଶୂନ୍ୟ
(୯) ଆଦର୍ଶର
(୧୦) କଳ୍ପନାର
(୧୧) ପ୍ରକୃତିଗତ
(୧୨) ହୃତ୍‌କମ୍ପ ସୃଷ୍ଟି ହୁଏ
(୧୩) ମହାପୁରୁଷ ମାନଙ୍କୁ
(୧୪) ସତ୍ୟ
(୧୫) ବିକୃତ ଅନୁରାଗ
(୧୬) ବାରିବାହର
(୧୭) ସଜୀବ ଓ ଶ୍ୟାମଳ
(୧୮) ବିରହୀଯକ୍ଷ
(୧୯) ଅଳକାପୁରୀରେ
(୨୦) ବ୍ୟକ୍ତିବିଶେଷର
(୨୧) ପୁଷ୍ପପୁରରେ
(୨୨) ଧୂମ, ଜ୍ୟୋତି ଓ ସଲିଳ
(୨୩) ଶାଳିକ୍ଷେତ୍ର
(୨୪) ଗୋପାଳର
(୨୫) ଭାଗୀରଥି
(୨୬) କୋଣାର୍କ
(୨୭) ଗଣତନ୍ତ୍ରର
(୨୮) ସାମାଜିକ ନ୍ୟାୟ
(୨୯) ଲୋକପ୍ରତିନିଧି ମନୋନୟନ
(୩୦) ଭଲମନ୍ଦ ଚିହ୍ନିବାର
(୩୧) ଜନତା ଜନାର୍ଦ୍ଦନ
(୩୨) ବାଉଁଶରାଣୀ
(୩୩) ମେଣ୍ଢାଶାଳ ଭିତରେ
(୩୪) ଗଣଶିକ୍ଷା ଓ ଗଣଚେତନା
(୩୫) ଶ୍ରେଷ୍ଠ ଶାସନ
(୩୬) ଜନତା
(୩୭) ମଞ୍ଜିକୁ
(୩୮) ମଣିଷ ମନକୁ
(୩୯) ଆମେରିକାକୁ
(୪୦) ବିଶେଷଜ୍ଞ ମାନଙ୍କର
(୪୧) ସଣ୍ଡେଷ୍ଟାଣ୍ଡାର୍ଡ
(୪୨) ବମ୍ବେରୁ
(୪୩) ଶିକ୍ଷା ରାଜ୍ୟରେ
(୪୪) ବିଲାତ, ଆମେରିକା ଓ ଋଷ୍
(୪୫) ନୋଟ୍ ବହି ପଢିବା ଲୋକ
(୪୬) ଗଣଶିକ୍ଷା ଓ ଗଣଚେତନା

**(୩) ସଂକ୍ଷିପ୍ତ ପ୍ରଶ୍ନୋତ୍ତର - ପ୍ରଶ୍ନର ମୂଲ୍ୟ - ୨ ନମ୍ବର ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। (ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ରହିବ)।**

୧) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ମନୁଷ୍ୟ ଯେ ଅନନ୍ତ ଦେବଙ୍କର ପ୍ରତିକୃତି

୨) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ଅନନ୍ତ ଅତୀତ ଓ ଅନନ୍ତ ଭବିଷ୍ୟତ ସମ୍ବନ୍ଧରୁ

୩) ପ୍ରବନ୍ଧ - ଇତିହାସ - ପ୍ରାବନ୍ଧିକ - ବିଶ୍ୱନାଥ କର
ସର୍ବତ୍ର ଓ ସର୍ବପ୍ରକାର ବିରୋଧ ମଧ୍ୟରେ ସାମଞ୍ଜସ୍ୟ ଦର୍ଶନ

୪) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ତାହାର ସମଗ୍ର ଜୀବନର ଇତିହାସ ଜାଣିବା

୫) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ପ୍ରଚଳିତ ଇତିହାସମାନ ଗଭୀରତାଶୂନ୍ୟ ଗ୍ରାମ୍ୟ ଗଳ୍ପତୁଲ୍ୟ

୬) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ଉନ୍ନତ ଆଦର୍ଶର ଅନୁକରଣ କରିବା

୭) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ହିନ୍ଦୁଜାତିର ଲୋକମାନେ କଳ୍ପନାର ଚରମସୀମାରେ

୮) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ପଠନ ପ୍ରଣାଳୀ ଉପରେ ଇତିହାସର ଉପକାରିତା

୯) ପ୍ରବନ୍ଧ - ଇତିହାସ - ଲେଖକ - ବିଶ୍ୱନାଥ କର
ବିପରୀତ ପଥରେ ଗମନ କରି

୧୦) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବ୍ୟକ୍ତି ବିଶେଷର ଲାଭକ୍ଷତିରେ

୧୧) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବିଜୁଳି ବିମଣ୍ଡିତ ଓ ବଳାକା ବିଶୋଭିତ ହୋଇ ପୀତବସନ ବନମାଳୀ ପରି

୧୨) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସଂକୀର୍ଣ୍ଣ ପଥରେ ଶ୍ରେଣୀବଦ୍ଧ ନର ନାରୀଙ୍କ ପ୍ରବାହଟିଏ

୧୩) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସ୍ୱେଦାର୍ଜ୍ଜିତ ଧନରେ ଉଦରପୋଷଣ, ସୁନ୍ଦରସ୍ୱାସ୍ଥ୍ୟ ଓ ନିର୍ମଳ ମନ

୧୪) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମେଘାସନ, ଗନ୍ଧମାର୍ଦନ ବା ମାଲ୍ୟଗିରିରେ

୧୫) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ତୀରଦେଶରେ ସ୍ୱର୍ଣ୍ଣରେଣୁ ଢାଳିଦିଏ ଓ ନରନାରୀଙ୍କ ଦେହରେ ନବ ଲାବଣ୍ୟ ବୋଳିଦିଏ

୧୬) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବହୁ କବି, ଜ୍ଞାନୀ, ଗୁଣୀ ଓ କର୍ମୀ ମାନେ

୧୭) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
'ଗଣଙ୍କ ଦ୍ୱାରା ଶାସନ'

୧୮) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର, ବ୍ୟକ୍ତିଗତ ସ୍ୱାଧୀନତା ଓ ସମଷ୍ଟିଗତ ପ୍ରଗତି

୧୯) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠି ନାହିଁ

୨୦) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଯେଉଁ ପ୍ରତିନିଧି ମାନଙ୍କୁ ତରାଜୁ ଧରିବାର ସୁଯୋଗ ମିଳୁନି

୨୧) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ

୨୨) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଶିକ୍ଷିତ ଭୋଟଦାତାଙ୍କ ଉଦାସୀନତା ଯୋଗୁ

୨୩) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଗଣତନ୍ତ୍ରର ସଫଳତା

୨୪) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ଯୋଜନାକୁ ଯେତିକି ଆଗ୍ରହରେ କରିବାକୁ ହେବ ଶିକ୍ଷାକୁ ତା'ଠାରୁ ଅନେକ ଗୁଣ ଆଗ୍ରହରେ କରିବାକୁ ହେବ

୨୫) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ବିଶେଷଜ୍ଞ ମାନଙ୍କର

୨୬) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ଯୋଜନା ପ୍ରସ୍ତୁତ ହୋଇସାରି ଅର୍ଥବିଭାଗର ବିଚାରକୁ ଆସିବାବେଳେ

୨୭) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ଜ୍ଞାନ ଅର୍ଜନ କରିବା ଆଦୌ ସମ୍ଭବ ହୋଇନଥାଏ

୨୮) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ମାଟ୍ରିକ୍ ପାଠ ଖଡ଼ିକି ନୁହେଁ, କି ପେଡ଼ିକି ନୁହେଁ

୨୯) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ବିଲାତ, ଆମେରିକା ଓ ଋଷ

୩୦) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ପରିଚାଳନା ପଦ୍ଧତିରେ ଏକ ନୂତନ ଦୃଷ୍ଟିକୋଣ

୩୧) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ଶିକ୍ଷାକୁ ବିଚାରରେ ଶେଷ ସ୍ଥାନ ନଦେଇ ଶୀର୍ଷ ସ୍ଥାନ ଦେଲେ

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ – ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

୧) ପ୍ରବନ୍ଧ – ଇତିହାସ – ଲେଖକ – ବିଶ୍ୱନାଥ କର
ପରସ୍ପର ବିରୁଦ୍ଧ ଓ ପ୍ରତିକୂଳ ଅବସ୍ଥା – ମାନବଜୀବନର ଗଠନ – ଜୀବନରେ ଆଲୋକ ଓ ଆନନ୍ଦ – ସ୍ଥାୟୀ ନୁହେଁ । ଜୀବନ ଗତିଶୀଳ ।

୨) ପ୍ରବନ୍ଧ – ଇତିହାସ – ଲେଖକ – ବିଶ୍ୱନାଥ କର
ସତ୍ୟ ଅପରିବର୍ତନୀୟ–ସକଳବସ୍ତୁର ରୂପାନ୍ତର–ଭାବାନ୍ତର ଅଛି । ସତ୍ୟର ବିଲୋପ ନାହିଁ – ପରିବର୍ତ୍ତନ ମଧ୍ୟ ନାହିଁ । କ୍ଷୁଦ୍ର ଅଗ୍ନିକଣା ଭଳି ସତ୍ୟ ପରିବ୍ୟାପ୍ତ ହୋଇ ଭୟଙ୍କର ଅବସ୍ଥା ସୃଷ୍ଟି କରିପାରେ ଓ ଅସତ୍ୟ ତଥା ଅନ୍ୟାୟର ବିନାଶ ଘଟାଏ ।

୩) ପ୍ରବନ୍ଧ – ଇତିହାସ – ଲେଖକ – ବିଶ୍ୱନାଥ କର
ସମାଜର ସମସ୍ତେ ଅଙ୍ଗ – ସେ ରାଜା ହେଉ ବା କୃଷକ – ମାନବ ଜୀବନର ଏକାନ୍ତ ଘଟଣା ସହ ସମାଜ ଜୀବନର ତୁଳନା – ସମସ୍ତ ବିଷୟ ସଭ୍ୟତାର ଅନ୍ତର୍ଭୁକ୍ତ ।

୪) ପ୍ରବନ୍ଧ – ଇତିହାସ – ଲେଖକ – ବିଶ୍ୱନାଥ କର
କଳ୍ପନା ମିଶ୍ରିତ ବିବରଣ – ପ୍ରାଚୀନ କାଳର ଇତିହାସରେ ଲିପିବଦ୍ଧ – ଏହା କାବ୍ୟ, ନାଟକ, ପୁରାଣାଦିରେ ପ୍ରକାଶିତ – ପ୍ରାଚୀନ ଧର୍ମଶାସ୍ତ୍ରରେ ମଧ୍ୟ ସତ୍ୟତା ବିଦ୍ୟମାନ

୫) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଗୋଟିଏ ଦିଗ – ତାଳତମାଳ ଶୋଭିତ, ମହୋଦଧିବେଳାରେ ବଳୟିତ ଉପକୂଳ ଅଂଚଳ – ଅନ୍ୟଟି ତୁଙ୍ଗ ଶିଖରୀ ମଣ୍ଡିତ ବନରାଜୀରେ ଶ୍ୟାମଳଶୋଭାମଣ୍ଡିତ ପାର୍ବତ୍ୟାଚଂଳ

୬) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ବର୍ଣ୍ଣନାରେ ଜାତିପ୍ରୀତି – ମାଟି ପ୍ରୀତି – ଉତ୍କଳୀୟ ପ୍ରୀତି – ଅତୀତ ଉତ୍କଳର ଗୌରବ ଗାଥା ବର୍ଣ୍ଣନା – ସମୃଦ୍ଧ ଭୂମିର ପରିବର୍ତ୍ତିତ ଦୁଃଖ

୭) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ମର୍ମସ୍ପର୍ଶି ବର୍ଣ୍ଣନା – ବନବାସୀ ଲଳନା ମାନଙ୍କ କୁଜୀହଂସୀ ଗତି – ହାସ୍ୟ ଓ ସଂଗୀତ
ମୁଖର ପରିବେଶ-ନିଷ୍କପଟ ସରଳ ହୃଦୟର ଭାଷା – ବନସ୍ପତି ଭଳି ଅବିରତ ବାରିପାତରେ ବି କୃଷି କ୍ଷେତ୍ରରେ କର୍ମରତ।

୮) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ
ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ସ୍ୱାଧୀନଚେତା ବନବାସୀ – ବାରିବାହଛଡା ଅନ୍ୟର ଅନୁଗ୍ରହ ଲୋଡ଼ନ୍ତି ନାହିଁ
ସ୍ୱସ୍ୱେଦାର୍ଜିତ ଧନ – ନିର୍ମଳ ମନ – ଅକପଟ ହୃଦୟ ଓ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ, ଜଗତରୁ ତସ୍କରତା ଲୋପପାଇଲେ ସଭ୍ୟସମାଜ ସେମାନଙ୍କ ନିକଟରୁ ମାନବିକତା ଶିକ୍ଷା କରିବ।

୯) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ଗଣ ବା ସାଧାରଣ ଜନତାଙ୍କ ଶାସନ – ନିଜେ ନିଜକୁ ଶାସନ – ଏଥିରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତ ନାହିଁ।

୧୦) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ସୁଶିକ୍ଷିତ – ଶାସନ ସମ୍ବନ୍ଧୀୟ ଜ୍ଞାନ – ନାଗରିକ ଅଧିକାର ଓ କର୍ତ୍ତବ୍ୟ ତଥା ପ୍ରତିନିଧି ବାଛିବାରେ ସଚେତନତା – ସାଧୁତା ଓ ସଚ୍ଚୋଟ ପଣିଆ ସଂପର୍କରେ ଜ୍ଞାନ

୧୧) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ରାଜନେତା – ନିଜ ଢୋଲ, ନିଜ ପେଁକାଳୀ ନିଜେ ବଜାଇବା, ଧୂଆଁ ବାଣ ଛାଡିବା, ଧନ, କାର୍ପଣ୍ୟ ଓ ସେବାର ସାମୟିକ ସାହାଯ୍ୟ – ବଦଳରେ କ୍ଷମତା ଦଖଲ।

୧୨) ପ୍ରବନ୍ଧ – ତିନି ତୁଣ୍ଡରେ – ଲେଖକ – ଭୁବନେଶ୍ୱର ବେହେରା
ନେତାମାନେ ଖେଳନ୍ତି – ତରାଜୁ ଧରିବାରେ ସୁଯୋଗ ନପାଇଲେ ମାଙ୍କଡ଼ ଚିତି ମାରି ପଟ୍ଟ ପରିବର୍ତ୍ତନ – ବାଉଁଶରାଣୀ ଖେଳ ଦେଖାଇ ଭଅଁରକାଟି ଦିଗ ପରିବର୍ତ୍ତନ।

୧୩) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ପ୍ରଥମେ ଶିକ୍ଷାରେ ମଣିଷର ମନକୁ ସଜାଡିବା – ଯୋଜନା ବିଷୟରେ ବୁଝାଇବା, ଯୋଜନାକୁ ଯେତିକି ଆଗ୍ରହ ଶିକ୍ଷାକୁ ତା'ଠାରୁ ଅଧିକ ଆଗ୍ରହ ଦେଖାଇବା।

୧୪) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ଏ ଦେଶରେ ବିଶେଷଜ୍ଞ ମାନଙ୍କୁ ସମ୍ମାନ ମିଳେନା – ସବୁକଥା ଶାସକ ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ – ନିଷ୍ପତ୍ତି ନେବାର କ୍ଷମତା ନଥିବା – ପ୍ରତ୍ୟେକ କ୍ଷେତ୍ରରେ ଶାସକ ମାନଙ୍କୁ ଅପେକ୍ଷା ଯୋଗୁଁ ସ୍ପୃହା ରହେନି

୧୫) ପ୍ରବନ୍ଧ – ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ – ଗୋଲକ ବିହାରୀ ଧଳ
ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ – ପ୍ରଶ୍ନପତ୍ର ପ୍ରଘଟ ଓ ବିକ୍ରି ହେବା, ଅଧ୍ୟୟନ ଅପେକ୍ଷା ଅସଦ୍ ଉପାୟ ଅବଲମ୍ବନ ଲାଗି ବାଟଖୋଜା – ବର୍ଷ ସାରା ପରୀକ୍ଷା ଫଳ ବାହାରିବା ଇତ୍ୟାଦି ଦୋଷତ୍ରୁଟି ଲେଖକ ପ୍ରଦର୍ଶନ କରିଛନ୍ତି।

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧) ପ୍ରବନ୍ଧ – ଇତିହାସ – ଲେଖକ – ବିଶ୍ୱନାଥ କର
ଲେଖକଙ୍କର ଇତିହାସର ସଂଜ୍ଞା ନିରୂପଣ – ପ୍ରତ୍ୟେକ ଜାତି ଓ ବ୍ୟକ୍ତିର ଇତିହାସ ପଠନର ଆବଶ୍ୟକତା-ପ୍ରକୃତ ଇତିହାସର ସଂଜ୍ଞା ଓ ଲକ୍ଷଣ ନିରୂପଣ – ଅଯୋଗ୍ୟ ଜାତିର ପତନ – ଉଚିତ୍ ପଥରେ ଗତି କରି ଦେଶ ଓ ଜାତିର ଉନ୍ନତି ସାଧନ।

୨) ପ୍ରବନ୍ଧ – ଇତିହାସ – ପ୍ରାବନ୍ଧିକ – ବିଶ୍ୱନାଥ କର
ପ୍ରତ୍ୟେକ ଜାତି ତା'ର ଇତିହାସ ପାଠ କରିବା ଉଚିତ୍ – ଇତିହାସରୁ ପ୍ରେରଣା ଓ ଉନ୍ମାଦନା ଲାଭ – ଅତୀତର ଭୁଲ୍‌କୁ ସୁଧାରି ଭବିଷ୍ୟତ ଗଠନ ଲାଗି ଶିକ୍ଷାଲାଭ – ଯେ କୌଣସି ଜାତିର ଗଠନରେ ଇତିହାସର ଭୂମିକା ସଂପର୍କରେ ଆଲୋଚନା ରହିବ।

୩) ପ୍ରବନ୍ଧ – ଇତିହାସ – ପ୍ରାବନ୍ଧିକ – ବିଶ୍ୱନାଥ କର
ଉପକ୍ରମ – ନୀତିହୀନ ଅନୁଦାର ଜାତି ଲାଗି ଚରମଚେତାବନୀ ପ୍ରଦତ – ଏଭଳି ଜାତିର ଅଧଃପତନ – ଅହଂକାର ଓ ଆତ୍ମସ୍ୱାର୍ଥ ପତନର କାରଣ – ବିଶ୍ୱ ଇତିହାସରେ ଥିବା ଉଦାହରଣ – ଇତିହାସ ଦ୍ୱିତୀୟ ଶିକ୍ଷକ – ଏହାକୁ ହୃଦୟଙ୍ଗମ କରି ଯେ କୌଣସି ଜାତି ନିଜକୁ ସୁଧାରିବାକୁ ଚେଷ୍ଟା କରିବା ଉଚିତ୍।

୪) ପ୍ରବନ୍ଧ-ପୁଷ୍ପପୁରରେ ବର୍ଷାବରଣ-ଲେଖକ-କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ପ୍ରାବନ୍ଧିକଙ୍କ ସଂପର୍କରେ ଉପକ୍ରମ – ପ୍ରତ୍ୟେକ ମାନବ ପ୍ରାଣରେ ଜାତିପ୍ରୀତି ଓ ଦେଶପ୍ରୀତିର ଭାବ – ଉତ୍କଳ ମାଟିର ପ୍ରାକୃତିକ ଶୋଭା ବର୍ଣ୍ଣନା – ବାରିବାହକୁ ସ୍ୱଜନ୍ମଭୂମିକୁ ଆସିବାକୁ ଅନୁରୋଧ – ବନାଞ୍ଚଳ ଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ସ୍ୱ ବାରିଦାନରେ ଶସ୍ୟଶ୍ୟାମଳ କରିବାକୁ ଅନୁରୋଧ।

୫) ପ୍ରାବନ୍ଧିକ - ବିଶ୍ୱନାଥ କର
ଐତିହାସିକ - ପ୍ରତ୍ନତତ୍ୱବିତ୍ - ଭୌଗୋଳିକ ଜ୍ଞାନ ଉଚ୍ଚକୋଟୀର - ଉତ୍କଳର ପ୍ରତ୍ୟେକ ଅଂଚଳ ମାନସ ପଟରେ ଉଦ୍‌ଭାସିତ - ବାରିବାହକୁ ତେଣୁ ଦକ୍ଷିଣାଚଂଳରୁ ପଶ୍ଚିମାଂଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନ ଭ୍ରମଣ - ପରିଶେଷରେ ଗଞ୍ଜାମ ପଥଦେଇ ବିଦାୟ । ଏସବୁର ବର୍ଣ୍ଣନା ରହିବ ।

୬) ପ୍ରବନ୍ଧ - ପୁଷ୍ପପୁରରେ ବର୍ଷାବରଣ
ଲେଖକ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଅତୀତ ଉତ୍କଳର ବିରତ୍ୱ - ଗୌରବ ଗାଥା - ସମୃଦ୍ଧ ଉତ୍କଳର ଘଟଣାବଳୀ - ଉତ୍କଳର ବ୍ୟାପ୍ତି ଓ ପରିସୀମା - ଲେଖକଙ୍କ ଜାତିପ୍ରୀତି ଓ ଦେଶପ୍ରୀତିର ନିଦର୍ଶନ ବୋଲି ଲେଖାଯିବ ।

୭) ପ୍ରବନ୍ଧ - ପୁଷ୍ପପୁରରେ ବର୍ଷାବରଣ
ଲେଖକ - କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
ଜନ୍ମଭୂମି ପ୍ରତି ମୋହ ଓ ଆକର୍ଷଣ -ମାଟି ପ୍ରୀତି - ଜନ୍ମଭୂମିର ଗୌରବ ଗାନ - ସମୃଦ୍ଧ ଉତ୍କଳର ପରିକଳ୍ପନା - ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ଜାତୀୟତା - ଭାବସୃଷ୍ଟି ପ୍ରବନ୍ଧର ଲକ୍ଷ୍ୟ ।

୮) ପ୍ରବନ୍ଧ - ତିନି ତୁଣ୍ଡରେ - ଲେଖକ - ଭୁବନେଶ୍ୱର ବେହେରା
ଗଣତନ୍ତ୍ରର ସଂଜ୍ଞା - ଗଣତନ୍ତ୍ରରେ ଶାସନ ବ୍ୟବସ୍ଥା - ନିର୍ବାଚନ ପଦ୍ଧତି - ପ୍ରତିନିଧି ନିର୍ବାଚନ - ଶାସନ ପରିଚାଳନା - ଗଣତନ୍ତ୍ରର ସଫଳତା କେଉଁ ମାନଙ୍କ ଉପରେ ନିର୍ଭରଶୀଳ ତାର ବର୍ଣ୍ଣନା ରହିବ ।

୯) ପ୍ରବନ୍ଧ - ତିନି ତୁଣ୍ଡରେ - ଲେଖକ - ଭୁବନେଶ୍ୱର ବେହେରା
ଗଣତନ୍ତ୍ର କ'ଣ - ନିର୍ବାଚନ ପଦ୍ଧତି - ପ୍ରତିନିଧି ଚୟନ - ଉପଯୁକ୍ତ ନିର୍ବାଚନ ଲାଗି ଶିକ୍ଷାର ଆବଶ୍ୟକତା - ଅଶିକ୍ଷା ଓ ଅଜ୍ଞାନତାର କୁଫଳ - ବିଫଳ ଗଣତନ୍ତ୍ର - ଗଣଶିକ୍ଷା ଓ ଗଣଚେତନାର ଅଭାବରେ ଗଣତନ୍ତ୍ର ମୂଲ୍ୟହୀନ ।

୧୦) ପ୍ରବନ୍ଧ - ତିନି ତୁଣ୍ଡରେ - ଲେଖକ - ଭୁବନେଶ୍ୱର ବେହେରା
ବହୁ ପ୍ରଚଳିତ ଲୋକକଥା - ଗଣତନ୍ତ୍ରରେ ଏହାର ଭୂମିକା - ଏହାର ପ୍ରଭାବ - ନିର୍ବାଚନରେ ଏହାର ନିର୍ଣ୍ଣାୟକ ଭୂମିକା - ପ୍ରୋପାଗଣ୍ଡାର ପ୍ରଭାବ ସଂପର୍କରେ ଆଲୋଚନା ହେବ ।

୧୧) ଗଣତନ୍ତ୍ରରେ ପ୍ରତିନିଧି ନିର୍ବାଚନ ମୁଖ୍ୟ - ଉପଯୁକ୍ତ ପ୍ରାର୍ଥୀ ଚୟନ - ନହେଲେ ଉପଯୁକ୍ତ ଶାସନ ମିଳେନା - ଶିକ୍ଷାର ଅଭାବ ହେଲେ ପ୍ରୋପାଗଣ୍ଡାର ପ୍ରଭାବ ପଡ଼େ - ଉପଯୁକ୍ତ ପ୍ରାର୍ଥୀ ଚୟନ ହୋଇପାରେ ନାହିଁ - ମାଙ୍କଡ଼ର ପିଠା ବଣ୍ଟା ନ୍ୟାୟ ଚାଲେ - ନେତାଙ୍କ ବାଉଁଶରାଣୀ ଖେଳ ଚାଲେ - ଫଳତଃ ଗଣତନ୍ତ୍ର ବିଫଳ ହୁଏ ।

୧୨) ପ୍ରବନ୍ଧ - ତିନି ତୁଣ୍ଡରେ - ଲେଖକ - ଭୁବନେଶ୍ୱର ବେହେରା
ଲୋକ ପ୍ରଚଳିତ କଥାକୁ ନେଇ ନାମକରଣ - ଯଥାର୍ଥତା ପ୍ରତିପାଦନ - ବୌଦ୍ଧିକ ବିଚାର - ଗଣତନ୍ତ୍ରରେ ସଂଖ୍ୟାଧିକ ମତକୁ ସମ୍ମାନ - ଗଣର ମତାମତକୁ ଗ୍ରହଣ - ଗଣର ଭୂମିକା ଗୁରୁତ୍ୱପୂର୍ଣ୍ଣ - ଗଣର ନିଷ୍ପତ୍ତି ଭୁଲ୍ ହେଲେ ଏହାର କୁଫଳ ଭୋଗ କରିବାକୁ ପଡ଼ିଥାଏ । ଏସବୁର ଆଲେଚନା କରିବାକୁ ହେବ ।

୧୩) ପ୍ରବନ୍ଧ - ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ - ଗୋଲକ ବିହାରୀ ଧଳ
ସ୍ୱାଧୀନ ଦେଶରେ ଶିକ୍ଷା ପ୍ରତି ଗୁରୁତ୍ୱ ନଦେବା - ଯୋଜନା ବେଳେ ଶିକ୍ଷାକୁ ଶେଷରେ ରଖିବା - ଶିକ୍ଷାର ମାନ ବୃଦ୍ଧିଲାଗି ସରକାରୀ ସ୍ତରରେ ପ୍ରଯତ୍ନର ଅଭାବ ହେବା - ଶିକ୍ଷାର ଭୂମିକାକୁ ଗୌଣ ମନେ କରିବା - ଅର୍ଥ ବିଭାଗ ଶିକ୍ଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ଇତ୍ୟାଦିର ଆଲୋଚନା କରାଯିବ ।

୧୪) ପ୍ରବନ୍ଧ - ସ୍ୱାଧୀନ ଦେଶରେ ଶିକ୍ଷା ଚିନ୍ତା
ଲେଖକ - ଗୋଲକ ବିହାରୀ ଧଳ
ଶିକ୍ଷା ସମ୍ବନ୍ଧରେ ସରକାରୀ ଗୁରୁତ୍ୱର ଅଭାବ - ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରଯତ୍ନର ଅଭାବ - ପ୍ରତ୍ୟେକ କ୍ଷେତ୍ରରେ ଶାସକ ମାନଙ୍କର ଆଧିପତ୍ୟ - ବିଶେଷଜ୍ଞ ମାନଙ୍କୁ ଅଣଦେଖା - ଶିକ୍ଷା ଓ ଯୋଜନା ମଧ୍ୟରେ ଥିବା ସମ୍ବନ୍ଧକୁ ନ ବୁଝିବା - ଦେଶରେ ପ୍ରସ୍ତୁତ ଯୋଜନାର ପ୍ରଗତି ନହେବାର କାରଣ ଖୋଜି ବାହାର ନକରିବା ପ୍ରଭୃତିର ଆଲୋଚନା କରାଯିବ ।

୧୫) ଉପକ୍ରମ - ଶିକ୍ଷା କ୍ଷେତ୍ରରେ ନିରୂପାୟ ଅବସ୍ଥା - ନୋଟ୍ ବହିର ବହୁଳ ପ୍ରଚଳନ - ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଲାଗି ଆଗ୍ରହ - ପ୍ରଶ୍ନପତ୍ର ପ୍ରଘଟ ଓ ବିକ୍ରି - ପରୀକ୍ଷାର ଗୁରୁତ୍ୱ ହ୍ରାସ - ପାଶ୍ ହାର ଓ ପ୍ରଥମ ଶ୍ରେଣୀ ହାର ଅଧିକ ହେଲେ ବି ଜ୍ଞାନର ଅଭାବ - ଗୁଣାତ୍ମକ ଶିକ୍ଷା ଲାଭ କ୍ଷେତ୍ରରେ ଘୋର ଅବକ୍ଷୟ- ଏହାର କୁଫଳ ସଂପର୍କରେ ଆଲୋଚନା ହେବ ।

***

# ଦ୍ୱିତୀୟ ଏକକ

## କବିତା ବିଭାଗ

**(୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) 'ବଡ଼ପଣ' କବିତାଟି କବିଙ୍କ କେଉଁ କାବ୍ୟରୁ ଗୃହୀତ ?
(i) ମହାଯାତ୍ରା (ii) ଦରବାର
(iii) ଚିଲିକା (iv) ଚନ୍ଦ୍ରଭାଗା

(୨) କବିବର କାହାକୁ 'ତୁମ୍ଭେ' ବୋଲି ସମ୍ବୋଧନ କରିଛନ୍ତି ?
(i) ରାଜା ମହାରାଜାମାନଙ୍କୁ
(ii) ଉତ୍କଳର ସନ୍ତାନମାନଙ୍କୁ
(iii) ପାଠକମାନଙ୍କୁ
(iv) ପାରିଷଦମାନଙ୍କୁ

(୩) ବହ୍ନି ଶିଖା ପରି କିଏ ଉର୍ଦ୍ଧ୍ୱଗାମୀ ଥିଲେ ?
(i) ପଠାଣି ସାମନ୍ତ (ii) ଉତ୍କଳର ଗଜପତି
(iii) ଉତ୍କଳ ସେନାପତି (iv) ବକ୍ସି ଜଗବନ୍ଧୁ

(୪) ଦୁଃଖୀ ରଙ୍କିକୁ ଶୋଷଣ କରି ରାଜାମାନେ ବିଦେଶୀଙ୍କୁ କ'ଣ ଖୁଆଉଥିଲେ ?
(i) ଛାଗମୁଣ୍ଡା (ii) ଖୁଦ କୁଣ୍ଡା
(iii) କୁକ୍କୁଟାଣ୍ଡ (iv) ଘିଅ ଦୁଧ

(୫) ଦରବାର ଅନୁଷ୍ଠିତ ହେବା ସମୟରେ ରାଜା ଓ ପ୍ରଜାଙ୍କ ସଂପର୍କ କିପରିଥିଲା ?
(i) ସିଂହ ଶଶକ ପରି
(ii) ବାଜ-ପାରାପରି
(iii) କପୋତ କପୋତି ପରି
(iv) ଶୁକଶାରୀ ପରି

(୬) କେଉଁଠାରୁ ପାଣି ବୋହିଯିବା ପରି ମଣିଷର ଆୟୁ ସରିଯାଏ ?
(i) ନଦୀରୁ (ii) ଆକାଶରୁ
(iii) ଭଙ୍ଗା ମାଠିଆରୁ (iv) ଜଳଧାରରୁ

(୭) ବିଶ୍ୱ ବିଜୟୀ ଆଲେକ୍ ଜାଣ୍ଡାର୍ କେଉଁ ହସ୍ତରେ ଫେରିଗଲେ ବୋଲି କହିଥିଲେ ?
(i) ପୂର୍ଣ୍ଣ ହସ୍ତରେ (ii) ଅପୂର୍ଣ୍ଣ ହସ୍ତରେ
(iii) ଶୂନ୍ୟ ହସ୍ତରେ (iv) ଖୋଲାହସ୍ତରେ

(୮) କବି ଦରବାରରେ ଯୋଗ ନେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?
(i) ସୁଶାସକ ଥିଲେ
(ii) ଯୋଦ୍ଧା ଥିଲେ
(iii) ରାଜ୍ୟକୁ ଏକ ପରିବାରବୋଲି ମନେକରୁଥିଲେ
(iv) ଦୋଷୀମାନଙ୍କୁ ଦଣ୍ଡ ଦେଉନଥିଲେ

(୯) ତତ୍‌କାଳୀନ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?
(i) କର ଆଦାୟ କରି
(ii) ବେତ ମାଡ଼ ଦେଇ
(iii) ବିଦେଶୀ ବନ୍ଧୁକ ଦେଖାଇ
(iv) ବନ୍ଦୀ କରି

(୧୦) ଦରବାରରେ ଯୋଗ ଦେଇଥିବା କେଉଁମାନଙ୍କର ଗନ୍ତାଘର ସର୍ବସ୍ୱ ଥିଲା ?
(i) ରାଜା (ii) ପ୍ରଜା
(iii) ହାକିମ (iv) ପୁଲିସ୍

(୧୧) କେଉଁମାନଙ୍କୁ ଖଳ, ଖଂଟ, କାନ କୁହା ବୋଲି କବି କହିଛନ୍ତି ?
(i) ମନ୍ତ୍ରୀମାନଙ୍କୁ (ii) ପିଆଦାମାନଙ୍କୁ
(iii) ସେନାପତିମାନଙ୍କୁ (iv) ସନ୍ତାନମାନଙ୍କୁ

(୧୨) ରାଜାମାନେ କିପରି ନିଜର ମାଲ୍‌ଖାନା ପୂର୍ଣ୍ଣ କରୁଥିଲେ ?
(i) ରାଜ୍ୟ ଜୟକରି
(ii) ପ୍ରଜାଙ୍କ ଧନ ଅପହରଣ କରି
(iii) ଜରିମନା କରି
(iv) ଭୂସମ୍ପତି ବିକ୍ରି କରି

(୧୩) ଧନ ଅର୍ଜନର ସଫଳତା କେଉଁଠି ଥାଏ ?
(i) ଅପରକୁ ଦାନକରିବାରେ
(ii) ସୁବ୍ୟୟରେ
(iii) ବିଳାସ ବ୍ୟସନରେ ଖର୍ଚ୍ଚ କରିବାରେ
(iv) ସଞ୍ଚୟ କରିବାରେ

(୧୪) ବିଶ୍ୱ ବିଜୟୀ ଆଲେକ୍ ଜାଣ୍ଡାର ସମୁଦ୍ର କୂଳରେ ପହଞ୍ଚି କାହିଁକି କାନ୍ଦି ପକାଇଥିଲେ ?
(i) ଯୁଦ୍ଧ କରି କ୍ଳାନ୍ତ ହୋଇଯାଇଥିବାରୁ
(ii) ଜୟ କରିବାକୁ ଆଉ ରାଜ୍ୟ ନଥିବାରୁ
(iii) ପୁରୁଙ୍କ ସହିତ ହାରିଯିବାରୁ
(iv) ରୋଗଗ୍ରସ୍ତ ହୋଇଯାଇଥିବାରୁ

(୧୫) ଆୟୁ ବଢିଗଲେ ଜୀବନରେ ମାୟାର ପ୍ରଭାବ କିପରି ହୁଏ ?
(i) ଛାୟା ପରି ବଢିଯାଏ
(ii) ବ୍ୟକ୍ତି ନିର୍ଲିପ୍ତ ହୋଇଯାଏ
(iii) ମାୟାର ଆକର୍ଷଣ ଦୁରେଇ ଯାଏ
(iv) ମାୟା କମିଯାଏ

୧୬) ମୃତ୍ୟୁ ଦୂରରେ ଅଛି ବୋଲି ଯିଏ ହସୁଥାଏ କିଏ ହସିହସି ତା'ପଛରେ ଆସି ଲୁଚି ବସିଯାଏ ?
(i) ଜୀବନ (ii) ସମୟ
(iii) ମୃତ୍ୟୁ (iv) କାଳ

୧୭) ସଂସାର ବାରିଧିକୁ ପାରିହେବା ପାଇଁ ବିଧାତା ଧର୍ମ ରୂପକ କ'ଣ ଗଢ଼ିଛନ୍ତି ?
(i) ନୌକା (ii) ଯାନ
(iii) ପୋତ (iv) ଭେଳା

୧୮) ରାଜରାଜେଶ୍ୱର ବୋଲି କାହାକୁ କୁହାଯାଇଛି ?
(i) ରାମଚନ୍ଦ୍ରଙ୍କୁ (ii) ଦଶରଥଙ୍କୁ
(iii) ବାଲ୍ମୀକିଙ୍କୁ (iv) ଭରତଙ୍କୁ

୧୯) ନବବାମା ବୋଲି କବି କାହାକୁ କହିଛନ୍ତି ?
(i) ସୀତା
(ii) ସୁନାର ସୀତା
(iii) ନବବିବାହିତା ଦ୍ୱିତୀୟା ପତ୍ନୀ
(iv) ରୁକ୍ମିଣୀ

୨୦) ନବବଧୂ କେଉଁ ମନ୍ତ୍ର ଜପକରି ରାମଚନ୍ଦ୍ରଙ୍କୁ ଲାଭକଲେ ଜଣାଇବା ପାଇଁ ସୀତା କ'ଣ କରିଥିଲେ ?
(i) ଅନୁରୋଧ କରିଥିଲେ
(ii) ପତ୍ର ଲେଖିଥିଲେ
(iii) ଖବର ପଠାଇଥିଲେ
(iv) ଦୂତ ପଠାଇଥିଲେ

୨୧) ରାମଚନ୍ଦ୍ରଙ୍କ ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?
(i) ସୀତାଙ୍କ ସ୍ମୃତିକୁ ମନେପକାଇ
(ii) ଲବକୁଶଙ୍କ ପରିଚୟ ପାଇ
(iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବାପାଇଁ
(iv) ଋଷି ମାନଙ୍କୁ ଆନନ୍ଦ ପ୍ରଦାନ ପାଇଁ

୨୨) ସୀତାଙ୍କ ପୁତ୍ରଦ୍ୱୟ କିପରି ଜନନୀଙ୍କ ଜୀବନ କନ୍ଦାଉଥିଲେ ?
(i) ପରସ୍ପର କଳହ କରି
(ii) ବୀଣାତନ୍ତ୍ରୀରେ ରାମାୟଣ ଗାନକରି
(iii) ରାମଚନ୍ଦ୍ରଙ୍କ କଥା ମନେପକାଇ
(iv) ପିତାଙ୍କ ପରିଚୟ ପଚାରି

୨୩) ତରୁଲତା ଗଣ କ'ଣ ଶୁଣି ଅଥୟ ହୁଅନ୍ତି ?
(i) ଲବକୁଶଙ୍କ ରାମାୟଣ ଗାନ
(ii) ସୀତାଙ୍କ କ୍ରନ୍ଦନ
(iii) ଋଷିଙ୍କ ଓଁକାର ଧ୍ୱନି
(iv) ଋଷି କୁମାରମାନଙ୍କ ବେଦ ପାଠ

୨୪) ରାମଚନ୍ଦ୍ରଙ୍କ ପଦପଙ୍କଜ ଦର୍ଶନ ପାଇଁ କାହା ମନ ସେମାନଙ୍କୁ ଆକର୍ଷିତ କରି ନେଉଥିଲା ?
(i) ଋଷିମାନଙ୍କର
(ii) ସୀତାଙ୍କ ଶିଶୁଦ୍ୱୟଙ୍କର
(iii) ସୀତାଙ୍କର
(iv) ଋଷି କୁମାର ମାନଙ୍କର

୨୫) କ'ଣ ଶୁଣି ସୀତାଙ୍କ ହୃଦୟ ହାଣି ହୋଇଯାଉଥିଲା ?
(i) ଶିଶୁ ଦ୍ୱୟଙ୍କ କ୍ରନ୍ଦନ
(ii) ରାମଚନ୍ଦ୍ରଙ୍କ ଦୁଃଖର କାହାଣୀ
(iii) ଜନକଙ୍କ ଅସୁସ୍ଥତା
(iv) ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞ

୨୬) ରାମଚନ୍ଦ୍ର ସୀତାଙ୍କ ପ୍ରେମକୁ କାହିଁକି ସ୍ୱପ୍ନ ମନେକରିବେ ବୋଲି ସୀତା ଚିଠିରେ ଲେଖିଛନ୍ତି ?
(i) ନବପ୍ରଣୟିନୀର ମୁଖଦର୍ଶନ କରି
(ii) ରାଜ୍ୟ କାର୍ଯ୍ୟରେ ବ୍ୟସ୍ତରହି
(iii) ପୁତ୍ରଦ୍ୱୟଙ୍କ ପରିଚୟ ପାଇ
(iv) ରାମାୟଣ କଥା ଶ୍ରବଣକରି

୨୭) ସତୀ ସୀତା ହୃଦୟ ବିକଳରେ ପତ୍ର ଲେଖିଲା ବେଳେ ନୟନ ଜଳରେ କ'ଣ ଧୌତ ହେଉଥାଏ ?
(i) ଗଣ୍ଡ ଦେଶ (ii) ମୁଖମଣ୍ଡଳ
(iii) ପତ୍ର (iv) ବସ୍ତ୍ର

୨୮) 'ନାନା ରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର' ଏଠାରେ ଅମ୍ବରର ଅର୍ଥ କ'ଣ ?
(i) ଲୁଗା (ii) ଚାନ୍ଦୁଆ
(iii) ଆକାଶ (iv) ସୂର୍ଯ୍ୟ

୨୯) ସୂର୍ଯ୍ୟାସ୍ତକାଳୀନ ମୃଦୁ ସମୀରଣକୁ କବି କାହା ସହିତ ତୁଳନା କରିଛନ୍ତି ?
(i) ପତି ପତ୍ନୀର କଳହ
(ii) ପ୍ରେମ ଅସ୍ପଷ୍ଟ ଗିର
(iii) ନାୟକ ନାୟିକାର ମିଳନ
(iv) ପ୍ରେମିକର ଭର୍ତ୍ସନା

୩୦) ଅନୁଭବିର ନେତ୍ରରେ କ'ଣ ଦେଖାଯାଏ ?
(i) ପ୍ରେମିକାର ଲାସ୍ୟ
(ii) ପ୍ରେମିକାର ସ୍ୱୀକୃତି
(iii) ପ୍ରେମିକର ଆନନ୍ଦ ଭିତରେ ବିଷାଦର ରେଖା
(iv) ପ୍ରେମିକର ଅହଂକାର

୩୧) ପ୍ରଣୟ ପୀୟୂଷରେ କ'ଣ ମିଶିଛି ?
(i) ମିଳନ ଅମୃତ
(ii) ବିରହର ବିଷ
(iii) ପ୍ରତିକ୍ରିୟାର ହଳାହଳ
(iv) ନିର୍ଯ୍ୟାତନାର କୁଟୀଳତା

୩୨) ଗୋପବନ୍ଧୁଙ୍କ ଅବରୋଧର ସମୟ କ'ଣ ଥିଲା ?
(i) ସକାଳ (ii) ମଧ୍ୟାହ୍ନ
(iii) ଗୋଧୂଳି କାଳ (iv) ରାତ୍ରି

୩୩) ଯମଦୂତ ବୋଲି କବି କାହାକୁ କହିଛନ୍ତି ?
(i) ସରବନ୍ଦୀଙ୍କୁ (ii) ଜେଲ୍ ସିପାହୀକୁ
(iii) ଇଂରେଜ ଶାସକକୁ (iv) ଗଡ଼ଜାତ ରାଜାଙ୍କୁ

୩୪) କେଉଁ ଉଚ୍ଚ ଆସନରେ ବସି ରବି ହସନ୍ତି ?
(i) ଉଦୟାଚଳ (ii) ଅସ୍ତାଚଳ
(iii) ମଳୟାଚଳ (iv) ହିମାଚଳ

୩୫) ସୂର୍ଯ୍ୟାସ୍ତ ସମୟରେ ଗଛ ଗୁଡ଼ିକର ଛାଇ ଲମ୍ବିଯାଇଥିବାରୁ କବି କ'ଣ କଳ୍ପନା କରୁଛନ୍ତି ?
(i) ଗଛମାନେ ଅନ୍ଧକାରକୁ ଧରି ରଖିଛନ୍ତି
(ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ ଜଣାଉଛନ୍ତି
(iii) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି
(iv) ପରାଧୀନତା ପରି ଅନ୍ଧକାର ବ୍ୟାପି ଯାଉଛି

୩୬) ସନ୍ଧ୍ୟାକାଳୀନ ମୃଦୁ ସମୀରଣରେ ସୂର୍ଯ୍ୟ କାହାକାନରେ ଶିଘ୍ର ଫେରି ଆସିବ ବୋଲି କହୁଥିଲେ ?
(i) ଅକାଶ କାନରେ (ii) ଗଛ କାନରେ
(iii) ପ୍ରେମିକା କାନରେ (iv) ପବନ କାନରେ

୩୭) ବନ୍ଦୀ ଗୋପବନ୍ଧୁଙ୍କ ପ୍ରାଣରେ କେଉଁଦୃଶ୍ୟ କଷ୍ଟ ଦେଉଥିଲା ?
(i) ଅନ୍ୟ ଜଣେ ବନ୍ଦୀ ପ୍ରତି ଅତ୍ୟାଚ଼ର
(ii) ସନ୍ଧ୍ୟାର ବିରହ ଦୃଶ୍ୟ
(iii) ଅସ୍ତକାଳୀନ ସୂର୍ଯ୍ୟଙ୍କ ସ୍ନିଗ୍ଧ କିରଣ
(iv) ନୀଡ଼ବାହୁଡ଼ା ପକ୍ଷୀମାନଙ୍କ ଆଗମନ ଦୃଶ୍ୟ

୩୮) ସନ୍ଧ୍ୟା ଆଗମନରେ ପକ୍ଷୀ ଦଳ ଦଳ ହୋଇ କ'ଣ କରୁଥିଲେ ?
(i) ମଧୁର ସଂଗୀତ ଗାନକରୁଥିଲେ
(ii) କରୁଣ ସଂଗୀତ ଗାନକରୁଥିଲେ
(iii) ଲଳିତ ସଂଗୀତ ଗାନକରୁଥିଲେ
(iv) ବିରହ ସଂଗୀତ ଗାନକରୁଥିଲେ

୩୯) କବିଙ୍କ କେଉଁ ଅନ୍ତରରେ ପ୍ରକୃତି ମଧ୍ୟରେ ସମହୃଦ ବେଦନା ଦେଖିଲେ ସାନ୍ତ୍ୱନା ଆସିବ ବୋଲି ସେ ମନେକରିଛନ୍ତି ?
(i) ଦୁଃଖିତ ଅନ୍ତରରେ
(ii) ତାପିତ ଅନ୍ତରରେ
(iii) ବିରହ ଅନ୍ତରରେ
(iv) ଦଗ୍ଧିଭୂତ ଅନ୍ତରରେ

୪୦) ଜଗତରେ ସର୍ବ ଜଡ଼ଚେତନା କାହା ପାଶରେ ବନ୍ଧାବୋଲି କବି କହିଛନ୍ତି ?
(i) ସୁଖ ପାଶରେ (ii) ଦୁଃଖ ପାଶରେ
(iii) ପ୍ରୀତି ପାଶରେ (iv) ଅନୁରାଗ ପାଶରେ

୪୧) କ୍ଷଣକ ଲାଗି ବାହାରେ ରହି କବି କାହାର ପ୍ରଭାବ ଦେଖିବେ ବୋଲି କହିଛନ୍ତି ?
(i) ଦୁଃଖର (ii) ସୁଖର
(iii) ବିରହର (iv) ପ୍ରଣୟର

୪୨) ବିଶ୍ୱ ପ୍ରକୃତିର ସମହୃଦ ବେଦନା ଦେଖିଲେ କବିଙ୍କ ତାପିତ ଅନ୍ତରରେ କ'ଣ ଆସିବ ବୋଲି ସେ ମନେକରିଛନ୍ତି ?
(i) ସୁଖ ଆସିବ (ii) ଶୀତଳତା ଆସିବ
(iii) ସାନ୍ତ୍ୱନା ଆସିବ (iv) ଆନନ୍ଦ ଆସିବ

୪୩) କବିଙ୍କ ଲାସ୍ୟ ହାସ୍ୟରେ ପ୍ରକଟିତ କେଉଁ ରେଖା ଅନୁଭବି ନେତ୍ରରେ କେବଳ ଦେଖାଯାଏ ?
(i) ଗୁରୁ ଆନନ୍ଦ ରେଖା (ii) ଗୁରୁ ବିଷାଦ
(iii) ଗୁରୁଭାବନା (iv) ଗୁରୁଚିନ୍ତାର

୪୪) ନିଜର ମର୍ଯ୍ୟାଦା ଜଗି ଶେଷରେ କବି କ'ଣ କରିବେ ବୋଲି କହିଛନ୍ତି ?
(i) ବାହାରେ ବୁଲିବେ
(ii) ବିଳରେ ପଶିବେ
(iii) ପ୍ରକୃତିର ଶୋଭା ଦେଖିବେ
(iv) ନୀରବ ରହିବେ

୪୫) ପିଙ୍ଗଳା କିଏ ?
(i) ନବବଧୂ (ii) ବାରବଧୂ
(iii) ପଲ୍ଲୀବଧୂ (iv) କୂଳବଧୂ

୪୬) ପିଙ୍ଗଳା ଆଉ କେଉଁ ଦୀପ ଜାଳିବ ନାହିଁ ବୋଲି କହିଛି ?
(i) ପୂଜାଦୀପ (ii) ସଂଜଦୀପ
(iii) କେଳୀ ଦୀପ (iv) ଜ୍ଞାନଦୀପ

୪୭) ପିଙ୍ଗଳା ରସିକ ନାଗରମାନଙ୍କୁ କି ଅଭିନୟ ଦେଖାଉଥିଲା ?
(i) ପୀରତର ଅଭିନୟ
(ii) ଛଳନାର ଅଭିନୟ
(iii) ସ୍ୱୀର ଅଭିନୟ
(iv) ବାନ୍ଧବୀର ଅଭିନୟ

୪୮) 'ମରତ ପଥର ଅମର ବନ୍ଧୁ ଅନ୍ତର ବିମୋହନ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?
(i) ପିଙ୍ଗଳାର ପ୍ରେମିକ (ii) ଧନୀପୁତ୍ର
(iii) ରସିକ ନାଗର (iv) ପରମ ପୁରୁଷ

୪୯) ମୁକ୍ତା କେଉଁଠି ଫଳେ ?
(i) ଶୁକ୍ତି ଗର୍ଭରେ (ii) ସାଗର ଗର୍ଭରେ
(iii) ଧରିତ୍ରୀ ଗର୍ଭରେ (iv) ପଦ୍ମ ଗର୍ଭରେ

୫୦) କେଉଁ ମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ?
(i) ମରକତ ମାଳା
(ii) ମଣିକାଂଚନ ମାଳା
(iii) ବନପୁଷ୍ପର ମାଳା
(iv) ମଲ୍ଲୀମାଳା

୫୧) ପ୍ରେମର ସନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?
(i) ମଧୁମଣ୍ଡା (ii) ପିଙ୍ଗଳା
(iii) ମଧୁବ୍ରତା (iv) ଆମ୍ରପଲ୍ଲୀ

୫୨) ସଚେତନ ପିଙ୍ଗଳାର ଅଙ୍ଗପୁଲକକୁ କାହା ସହିତ ତୁଳନା କରାଯାଇଛି ?
(i) ପ୍ରସ୍ଫୁଟିତ ପଦ୍ମ (ii) ବରଷାର ନୀପ
(iii) କୋରକିତ କେତକୀ (iv) ବିକଶିତ ମଲ୍ଲୀ

୫୩) ପିଙ୍ଗଳା କେଉଁ ନଗର ନଟୀ ଥିଲା ?
(i) ଅବନ୍ତୀ (ii) ବିଦେହ
(iii) ଉଜ୍ଜୟିନୀ (iv) କୋଶଳ

୫୪) ଗଗନେ ଭୁବନେ ପବନେ ପବନେ ପିଙ୍ଗଳା କ'ଣ ଶୁଣିବ ବୋଲି ଆଶାପୋଷଣ କରିଛି ?
(i) ପ୍ରେମର ଗୀତି (ii) ବିରହ ଗୀତି
(iii) ମୂରଲୀ ଗୀତି (iv) ପ୍ରକୃତି ଗୀତି

୫୫) ପିଙ୍ଗଳା କେଉଁ କ୍ଷୁଧା ଭୁଲିବ ବୋଲି କହିଛି ?
(i) ଦେହର କ୍ଷୁଧା (ii) ପ୍ରାଣର କ୍ଷୁଧା
(iii) ମନର କ୍ଷୁଧା (iv) ଆତ୍ମାର କ୍ଷୁଧା

୫୬) ବିଦେହ ନଗରକୁ ପିଙ୍ଗଳା ତା'ର କ'ଣ ଭୂଲିଯିବା ଲାଗି ଅନୁରୋଧ କରିଛି ?
(i) ଘୃଣ୍ୟ କଳୁଷ ରାଜି
(ii) ଘୃଣ୍ୟ କରମ ରାଜି
(iii) ଘୃଣ୍ୟ କାଳିମା ରାଜି
(iv) ଘୃଣ୍ୟ ସୁଆଗ ରାଜି

୫୭) ଉତ୍ତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?
(i) ଧରଣୀର ତୃଣତଳ୍ପରେ
(ii) ଫୁଲ ଶଯ୍ୟାରେ
(iii) ତୂଳୀ ତଳ୍ପ ଶଯ୍ୟାରେ
(iv) ପଥର ଚଟାଣରେ

୫୮) ପୂଣ୍ୟ ମର୍ତ୍ତ୍ୟଭୂମିରେ ପିଙ୍ଗଳା କ'ଣ ସାଜିଛି ବୋଲି କହିଛି ?
(i) ନେତ୍ରୀ (ii) ପତିତା
(iii) ସାମ୍ରାଜ୍ଞୀ (iv) ଗୃହୀଣି

୫୯) ପିଙ୍ଗଳା ତା ପାପର କଳୁଷ କାଳିମାକୁ କେଉଁ ଜଳରେ ଧୋଇବ ବୋଲି ଭାବୁଛି ?
(i) ପବିତ୍ର ଜଳରେ
(ii) ଗଙ୍ଗାଜଳରେ
(iii) ତିକ୍ତ ଲୋତକ ଜଳରେ
(iv) ତୀର୍ଥ ଜଳରେ

୬୦) ସରଗର ଅମରୀ କନ୍ୟା ବୋଲି କିଏ ନିଜକୁ ଘୋଷଣା କରିଛି ?
(i) ପିଙ୍ଗଳା (ii) ମଧୁମଣ୍ଡା
(iii) ଜଣେ ଦେବୀ (iv) ମଧୁବ୍ରତା

୬୧) ଶତ ବନଗିରି କାନ୍ତାର ବୁଲି ପିଙ୍ଗଳା କାହାକୁ ଭେଟିବ ବୋଲି କହିଛି ?
(i) ସ୍ନେହର ଧନ (ii) ପ୍ରୀତିର ଧନ
(iii) ପ୍ରେମର ଧନ (iv) ପ୍ରଣୟ ଧନ

୬୨) ପିଙ୍ଗଳା ନିଜକୁ କେଉଁ କନ୍ୟା ବୋଲି ଘୋଷଣା କରିଛି ?
(i) ସାଗର କନ୍ୟା (ii) ସରିତ କନ୍ୟା
(iii) ଅମର କନ୍ୟା (iv) ମାନବ କନ୍ୟା

୬୩) ପିଙ୍ଗଳା କ'ଣ ପିଇ ଆସିଥିଲା ବୋଲି ପ୍ରକାଶ କରିଛି ?
(i) ପାଣି (ii) ପଣା
(iii) ବିଷ (iv) ଅମୃତ

୬୪) ସର୍ପିଣୀ ସମ ସୃଷ୍ଟିର ତଳେ ପିଙ୍ଗଳା କ'ଣ ସୃଷ୍ଟିକଲା ବୋଲି କହିଛି ?
(i) କୁଟୀଳତା (ii) ଜଟିଳତା
(iii) ବିଷମ ବିଷ (iv) ଭୟଙ୍କରୀତା

୬୫) ଶତାବ୍ଦୀର ସିଂହଦ୍ୱାରରୁ ଦୂତ କାହାର ବର ଆଣିଛି ?
(i) ଜମିଦାରର (ii) ମହାଜନର
(iii) ଦେବତାର (iv) ଭବିଷ୍ୟତର

୬୬) କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନିଅ ବୋଲି କହିଛନ୍ତି ?
(i) ଶ୍ୟେନ ପରି (ii) ସିଂହ ପରି
(iii) ବ୍ୟାଘ୍ର ପରି (iv) ଶ୍ୱାନପରି

୬୭) ଶତାବ୍ଦୀ ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?
(i) ଦୂତ (ii) ଡାକବାଲା
(iii) ମେଘ (iv) ପାରା

୬୮) କବି କାହାକୁ ଲୌକିକ ଜ୍ଞାନ ଧରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?
(i) ମାନବ ଶିଶୁକୁ (ii) ଧରଣୀ ଶିଶୁକୁ
(iii) ଦେବଶିଶୁକୁ (iv) ଦାନବ ଶିଶୁକୁ

୬୯) ଦୀପ୍ତ କଣ୍ଠରେ କ'ଣ ପଚାରିବା ପାଇଁ ସମୟ ଆସିଛି ?
(i) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା ?
(ii) ମଣିଷ କାହିଁକି ଅନ୍ୟକୁ ବିଶ୍ୱାସ କରୁଥିଲା ?
(iii) ଜୀବନର କ'ଣ ସମ୍ଭାବନା ଥିଲା ?
(iv) ଭବିଷ୍ୟତର କି ଆଶାଥିଲା ?

୭୦) କବି ମନୁଷ୍ୟ ପୁତ୍ରକୁ କ'ଣ ହୁଅ ବୋଲି କହିଛନ୍ତି ?
(i) ଦଗ୍ଧ ଓ ଭସ୍ମ ହେବାକୁ
(ii) ଦେବତାର ରୂପ ନେବାକୁ
(iii) ଅତ୍ୟାଚାରୀ ହେବାକୁ
(iv) କୈଫିୟତ ଦେବାକୁ

୭୧) ଯୁଗ ଯୁଗ ଧରି ମାନବ ଆତ୍ମାକୁ କିଏ ପୀଡ଼ା ଦେଇଛି ?
(i) ମରୁଡ଼ିର ବିଭୀଷିକା (ii) ବାତ୍ୟାର ତାଣ୍ଡବ
(iii) ଭୀମ ଅତ୍ୟାଚାର (iv) ଶୋଷଣ ପେଷଣ

୭୨) କାହାକୁ କବି ମହାଧର୍ମ ବୋଲି ଆଖ୍ୟା ଦେଇଛନ୍ତି ?
(i) ମାନବ ଚେତନା (ii) ଧର୍ମ ଚେତନା
(iii) ଶ୍ରେଣୀ ଚେତନା (iv) ବିଶ୍ୱ ଚେତନା

୭୩) 'କୀଟସମ ହୁଅ ନିକ୍ଷେପିତ' ଏଠାରେ କୀଟ କିଏ ?
(i) ଦେବତା ପୁତ୍ର (ii) ମନୁଷ୍ୟ ପୁତ୍ର
(iii) ଦାନବ ପୁତ୍ର (iv) ଧରିତ୍ରୀ ପୁତ୍ର

୭୪) କାହା ମଧ୍ୟରୁ ଦୀକ୍ଷା ଗ୍ରହଣ ଲାଗି କବି ଆହ୍ୱାନ ଦେଇଛନ୍ତି ?
(i) ପାଉଁଶ ମଧ୍ୟରୁ (ii) ଭସ୍ମ ମଧ୍ୟରୁ
(iii) ଅଗ୍ନି ମଧ୍ୟରୁ (iv) ଜ୍ଞାନ ରଶ୍ମୀ ମଧ୍ୟରୁ

୭୫) କାହାର ସାଧନା ଜୟ ଲାଭ କରୁ ବୋଲି କବି କହିଛନ୍ତି ?
(i) କ୍ଳେଶର (ii) ଉତ୍ପୀଡ଼ନର
(iii) ଶିକ୍ଷାର (iv) ବ୍ରହ୍ମଜ୍ଞାନର

୭୬) କେଉଁ ବ୍ରହ୍ମକୁ ଜାଗି ଉଠିବା ଲଗି କବି ଆହ୍ୱାନ ଜଣାଇଛନ୍ତି ?
(i) ଶିଶୁ ବ୍ରହ୍ମ (ii) ଦେବବ୍ରହ୍ମ
(iii) ନରବ୍ରହ୍ମ (iv) କିନ୍ନର ବ୍ରହ୍ମ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ:ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) 'ବଡ଼ପଣ' କବିତା କବିବର ରାଧାନାଥଙ୍କ କେଉଁ କାବ୍ୟରୁ ଗୃହୀତ ?
୨) ବହ୍ନି ଶିଖାର ଧର୍ମ କ'ଣ ?
୩) ଜଳଧାରା କେଉଁ ଧର୍ମ ପାଳନ କରେ ?
୪) ଦରବାରରେ ଉପସ୍ଥିତ ରାଜା ମାନଙ୍କର କିଏ ପରମ ଉଦାର ଥିଲେ ?
୫) ଦରବାର ସମୟରେ କାହାର ସଂପର୍କ ବାଜ ଓ ପାରାର ସଂପର୍କ ପରି ଥିଲା ?
୬) ଆଜିର ରାଜଧର୍ମକୁ କ'ଣ ବୋଲି କହିଛନ୍ତି ?
୭) ସୁବ୍ୟୟରେ ଧନର କ'ଣ ମିଳିଥାଏ ?
୮) ଯକ୍ଷ କାହାକୁ ଜଗି ବସିଥାଏ ?
୯) କାଳକୁ କ'ଣ ବୋଲି କୁହାଯାଇଛି ?
୧୦) ସଂସାରରେ ମହତ ପଣିଆ କ'ଣ ?
୧୧) ସୀତାଦେବୀ ନିଜକୁ କ'ଣ ବୋଲି କହିଛନ୍ତି ?
୧୨) ତାପସଙ୍କ ଅଶାନ୍ତି ନାଶକ ବୋଲି କାହାଙ୍କୁ କୁହାଯାଇଛି ?
୧୩) ପ୍ରଭୁରାମଚନ୍ଦ୍ରଙ୍କୁ ସୀତା କ'ଣ ବୋଲି କହିଛନ୍ତି ?
୧୪) ନିଜର ଦୁଇ ଶିଶୁ ପୁତ୍ର ଲବ ଓ କୁଶଙ୍କୁ ଦେବୀ ସୀତା କ'ଣ ବୋଲି କହିଛନ୍ତି ?
୧୫) ଶିଶୁ ପୁତ୍ର ଦ୍ୱୟ କାହା ସହିତ ଅଯୋଧ୍ୟା ଯାଉଥିଲେ ?
୧୬) କାହାର ପିତୃ-କୋଳ- ଆରୋହଣ ଭାଗ୍ୟ ନାହିଁ ବୋଲି କୁହାଯାଇଛି ?
୧୭) ସୀତାଙ୍କ ପୁତ୍ରମାନେ କେଉଁ ବାଦ୍ୟଯନ୍ତ୍ର ସହାୟତାରେ ରାମାୟଣ ଗାନ କରୁଥିଲେ ?
୧୮) ରାମାୟଣ ଗାନ ଶୁଣି ତରୁଲତା ମାନେ କ'ଣ ହୁଅନ୍ତି ?
୧୯) ସୀତା ଦେବୀ କେଉଁ ଅବସ୍ଥାରେ ପତ୍ର ଲେଖୁଥିଲେ ?
୨୦) ପତ୍ରଟି ଲେଖିଲାବେଳେ କାହାଦ୍ୱାରା ପତ୍ରଟି ଧୌତ ହେଉଥିଲା ?
୨୧) 'ବନ୍ଦୀର ବିରହ ବ୍ୟଥା' କବିତା ଗୋପବନ୍ଧୁଙ୍କ କେଉଁ କାବ୍ୟରୁ ଗୃହୀତ ?
୨୨) ସଂଧ୍ୟା କାଳୀନ ସୂର୍ଯ୍ୟ ଅସ୍ତାଚଳ ଉଚ୍ଚ ଆସନରେ ବସି କ'ଣ କରୁଥିଲେ ?
୨୩) ବିଦାୟ ବେଳାରେ କେଉଁମାନେ କରୁଣ ସଂଗୀତ ଗାନ କରୁଥିଲେ ?
୨୪) ଅସ୍ତକାଳୀନ ସୂର୍ଯ୍ୟଙ୍କ ରଙ୍ଗକିରଣକୁ କବି କାହା ସହିତ ତୁଳନା କରିଛନ୍ତି ?

୨୫) ଗୁରୁ ବିଷାଦ ରେଖା କାହା ହସରେ ପ୍ରକଟିତ ହେଉଥିଲା ?

୨୬) ପ୍ରିୟଜନର ବିରହ ମନରେ କ'ଣ ଦିଏ ବୋଲି କୁହାଯାଇଛି ?

୨୭) ପ୍ରୀତି ପାଶରେ କିଏ ବନ୍ଧା ବୋଲି କବି କହିଛନ୍ତି ?

୨୮) ଗୋପବନ୍ଧୁଙ୍କ ପ୍ରାଣରେ କେଉଁ ଦୃଶ୍ୟ ବ୍ୟଥା ଦେଉଥିଲା ?

୨୯) ସିପାହୀକୁ ଗୋପବନ୍ଧୁ କ'ଣ ଅନୁରୋଧ କରିଥିଲେ ?

୩୦) ଅଳି କେଉଁଥିରେ ଜଡ଼ିତ ହୋଇଥାଏ ବୋଲି କୁହାଯାଇଛି ?

୩୧) ବିରହ ବିଷ କେଉଁଥିରେ ମିଶିଛି ବୋଲି କବି କହିଛନ୍ତି ?

୩୨) 'ପିଙ୍ଗଳାର ଅଭିସାର' କବିତାର କବି କିଏ ?

୩୩) କେଉଁ ପୁରାଣ ଆଧାରରେ ପିଙ୍ଗଳାର ଅଭିସାର କବିତାଟି ରଚିତ ?

୩୪) ମରତ ପଥର ଅମର ବନ୍ଧୁ କିଏ ?

୩୫) ଶୁଭ୍ରଜୋଛନା ଶିରୀରେ କ'ଣ ଉଛୁଳି ପଡୁଥିଲା ?

୩୬) ପାପର କଳୁଷ କାଳିମାକୁ ପିଙ୍ଗଳା କେଉଁଥିରେ ଧୋଇବ ବୋଲି କହିଛି ?

୩୭) ପିଙ୍ଗଳାର କେଉଁ ଜୀବନରେ ଶତଦଳ ଫୁଟିଛି ବୋଲି କୁହାଯାଇଛି ?

୩୮) ପିଙ୍ଗଳା କ'ଣ ଭୁଲିଯିବ ବୋଲି କହିଛି ?

୩୯) ପିଙ୍ଗଳା କ'ଣ ପିଇ ଆସିଥିଲା ବୋଲି କହିଛି ?

୪୦) ବିଷମ ବିଷ କିଏ ସୃଷ୍ଟି କରିଛି ବୋଲି କହିଛି ?

୪୧) କାହାର ବାର୍ତ୍ତା ଧରି ଶତାବ୍ଦୀ ସିଂହଦ୍ୱାରରୁ ଦୂତ ଆସିଛି ?

୪୨) ଆଜିର ମାନବ ପୁତ୍ରକୁ ପଚାରିବା ପାଇଁ କ'ଣ ଆସିଛି ?

୪୩) ଭୀମ ଅତ୍ୟାଚାର ଯୁଗ ଯୁଗ ଧରି ମାନବ ଆତ୍ମାକୁ କ'ଣ ଦେଇଛି ?

୪୪) କାହାର ସାଧନା ଜୟଲାଭ କରୁ ବୋଲି କବି କହିଛନ୍ତି ?

୪୫) ଶ୍ୟେନ ପରି ମଣିଷ ପୁତ୍ର କ'ଣ ନେଉ ବୋଲି କବି କହିଛନ୍ତି ?

**(୩) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।**

୧) ପୂର୍ବ ସମୟରେ ରାଜା ଓ ପ୍ରଜାଙ୍କ ମଧ୍ୟରେ କିପରି ସଂପର୍କ ଥିଲା ?

୨) ପରବର୍ତ୍ତୀ କାଳରେ ରାଜଧର୍ମ କିପରି ହେଲା ?

୩) ଶେଷ ସମୟର ସିକନ୍ଦର କ'ଣ କହିଥିଲେ ?

୪) ଦୁଇ ହାତ ଦୁଇ ପଟକୁ ଝୁଲାଇ ଦେବାକୁ କହିଥିବା ସିକନ୍ଦରଙ୍କ ବକ୍ତବ୍ୟ ଭିତରେ କି ରହସ୍ୟ ଲୁଚି ରହିଥିଲା ?

୫) କାହାକୁ ପାରି ହେବାପାଇଁ ବିଧାତା ଧର୍ମପୋତ ଗଢ଼ିଛନ୍ତି ?

୬) କବି କାହାକୁ ନିଷ୍ଠୁର ଓ ଅବିଶ୍ୱାସୀ ବୋଲି କହିଛନ୍ତି ?

୭) ଧନ ଅର୍ଜନର ପ୍ରକୃତ ସୁଫଳ କିପରି ମିଳେ ବୋଲି କବି କହିଛନ୍ତି ?

୮) କିଏ ନିଜକୁ ଦୀନ ଭିକ୍ଷାରୁଣୀ ବୋଲି କହିଛନ୍ତି ଓ କାହାକୁ ବନ୍ଦନା କରିଛନ୍ତି ?

୯) ଜନ୍ମକାଳରୁ ପୁତ୍ରଦ୍ୱୟ ଲବ ଓ କୁଶ କ'ଣ ଲାଭ କରିନାହାନ୍ତି ବୋଲି ଦେବୀ ସୀତା କହିଛନ୍ତି ?

୧୦) ରାମାୟଣ ଗାନ କିଏ ଓ କିପରି କରୁଥିଲେ ?

୧୧) ପ୍ରଭୁ ରାମଚନ୍ଦ୍ରଙ୍କ ଚରିତ୍ରର ମହତ୍ୱ ଶ୍ରବଣ କରି କିଏ କାହା ସହିତ ଅଯୋଧ୍ୟା ଯାଉଥିଲେ ?

୧୨) ରାମଚନ୍ଦ୍ର ଯଜ୍ଞରେ କ'ଣ ସବୁ ଦାନ କରୁଥିଲେ ?

୧୩) 'ବନ୍ଦୀର ବିରହ ବ୍ୟଥା' କବିତାର କବି କିଏ ଓ ଏହା କେଉଁ ସଂକଳନରୁ ଗୃହୀତ ?

୧୪) ଗୋପବନ୍ଧୁ ଦାସ ଓ କାରା କବିତା କାବ୍ୟ ସଂକଳନରୁ ସୂର୍ଯ୍ୟଙ୍କ ବିଦାୟ ବେଳାରେ ନାନା ରଙ୍ଗର ଚନ୍ଦ୍ରାତପରେ କିଏ ଆଚ୍ଛାଦିତ ହୋଇଥିଲା ?

୧୫) ପ୍ରାଚୀ ଦିଗପ୍ରତି ସୂର୍ଯ୍ୟ କି ମନୋଭାବ ଓ ଆଦର ପ୍ରଦର୍ଶନ କରିଛନ୍ତି ?

୧୬) ଆସ୍ତାୟମାନ ସୂର୍ଯ୍ୟଙ୍କ ଲାସ୍ୟଭିତରେ ଗୁରୁ ବିଷାଦ ରେଖା କିଏ ଦେଖିପାରେ ?

୧୭) ଏ ଜଗତର ସମସ୍ତ ଚେତନ ତଥା ଜଡ଼ କାହା ପାଶରେ ବନ୍ଧା ବୋଲି କବି କହିଛନ୍ତି ?

୧୮) କାହା ନିକଟରେ ସମାନ – ହୃଦବେଦନା ସନ୍ଦର୍ଶନ କଲେ କବିଙ୍କ ହୃଦୟରେ ସାନ୍ତ୍ୱନା ଆସିବ ବୋଲି କହିଛନ୍ତି ?

୧୯) ପିଙ୍ଗଳାର କ'ଣ ଲୋଡ଼ା ନାହିଁ ବୋଲି ସେ କହିଛି ?

୨୦) ନୂତନ ବନ୍ଧୁର ସ୍ପର୍ଶରେ ପିଙ୍ଗଳା କ'ଣ ଅନୁଭବ କରିଛି ?

୨୧) ବାଧାବନ୍ଧନ ତୁଟିଗଲାପରେ ମୁକ୍ତ ତଟିନୀ ଭଳି ଛୁଟିଯାଇ ପିଙ୍ଗଳା କ'ଣ କରିବ ?

୨୨) ପିଙ୍ଗଳା କ'ଣ ଜାଳି କାହାଲାଗି ଆରତୀ ଧୂପ କରିବ ?

୨୩) ପରିବର୍ତ୍ତିତ ପିଙ୍ଗଳା କ'ଣ ପିଇ କାହାକୁ ଭୁଲିଯିବ ବୋଲି ପ୍ରକାଶ କରିଛି ?

୨୪) ପିଙ୍ଗଳା ନିଜକୁ କାହା ସହିତ ତୁଳନା କରି କ'ଣ ସୃଷ୍ଟି କରିଛି ବୋଲି କହିଛି ?

୨୫) କାହାର କି ସ୍ପର୍ଶରେ ପିଙ୍ଗଳାର ଅଙ୍ଗ ସ୍ୱର୍ଣ୍ଣରେ ରୂପାନ୍ତରିତ ହେବ ବୋଲି କହିଛି ?

୨୬) ଭବିଷ୍ୟତରେ ବାର୍ତ୍ତାଧାରି କିଏ କେଉଁଠୁ ଆସିଛି ?

୨୭) କବି କାହାକୁ କ'ଣ ଧରି ଜାଗି ଉଠିବାକୁ ଆହ୍ୱାନ କରିଛନ୍ତି ?

୨୮) କବି କାହାର ପ୍ରତିଶୋଧ ନେବାକୁ କହିଛନ୍ତି ?

୨୯) କାହା ଉଚ୍ଛେଦ କବି ଚାହିଛନ୍ତି ?

୩୦) କବି କାହାର ଜୟଗାନ କରିଛନ୍ତି ?

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

୧) ଉତ୍କଳର ପୂର୍ବ ସମ୍ରାଟମାନଙ୍କ ସଦ୍‌ଗୁଣର ଆଲୋଚନା କର ?

୨) ରାଜଧର୍ମର ଅଧୋଗତି ସମ୍ପର୍କରେ କବି ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଉପସ୍ଥାପନ କର ?

୩) 'କାଳ' ସଂପର୍କରେ କବିଙ୍କ ମତାମତ ଉପସ୍ଥାପନା କର ?

୪) ତପସ୍ୱିନୀ ସୀତା କାହାକୁ ପତ୍ର ଲେଖିଥିଲେ ଓ କାହିଁକି ?

୫) ରାମଚନ୍ଦ୍ରଙ୍କ ଠାରୁ ଦେବୀ ସୀତା କେଉଁ ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବାକୁ ଚାହିଁଥିଲେ ?

୬) ସୀତାଦେବୀଙ୍କ ଦ୍ୱିତୀୟ ଅନୁରୋଧଟି ପ୍ରଭୁରାମଚନ୍ଦ୍ରଙ୍କୁ କ'ଣ ଥିଲା ?

୭) ସଂକ୍ଷେପରେ ସୂର୍ଯ୍ୟଙ୍କ ବିଦାୟ କାଳୀନ ଦୃଶ୍ୟର ବର୍ଣ୍ଣନାକର ?

୮) ପଠିତ କବିତାରୁ ପ୍ରକୃତିର ବିରହାତ୍ମକ ଦୃଶ୍ୟ ଓ ମାନୀୟ ପ୍ରେମର ବିରହାତ୍ମକ ଦୃଶ୍ୟର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କର ?

୯) ସିପାହୀ ପ୍ରତି କବିଉକ୍ତିର ତାତ୍ପର୍ଯ୍ୟ ବିଚାର କର ?

୧୦) ପରବର୍ତ୍ତିତ ପିଙ୍ଗଳା କାହା ପ୍ରତି ବିମୁଖତା ପ୍ରଦର୍ଶନ କରିବ ବୋଲି କହିଛି ?

୧୧) ପିଙ୍ଗଳା ତା ମୁକ୍ତ ଜୀବନ ସଂପର୍କରେ କିଭଳି ବୟାନ ଦେଇଛି ବର୍ଣ୍ଣନା କର ?

୧୨) ପିଙ୍ଗଳା ତା ସ୍ୱୀକାରୋକ୍ତି ଭିତରେ ଯେଉଁ ନିଷ୍ଠୁର ସତ୍ୟର ପ୍ରକାଶ କରିଛି ତାହା ଉପସ୍ଥାପନ କର ?

୧୩) ଦୂତ କେଉଁଠୁ କ'ଣ ନେଇ ଆସିଛି ବର୍ଣ୍ଣନା କର ?

୧୪) କେଉଁ ବିଷୟରେ କୈଫିୟତ ମାଗିବାର ବେଳ ଆସିଛି ?

୧୫) ଭସ୍ମ ମଧ୍ୟରୁ କି ଦୀକ୍ଷା ଗ୍ରହଣ କରିବାକୁ କବି ଆହ୍ୱାନ ଜଣାଉଛନ୍ତି ?

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ରହିବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

୧) 'ବଡ଼ପଣ' କବିତାର ସାରମର୍ମ ନିଜ ଭାଷାରେ ଲେଖ ?

୨) ଜୀବନ ପ୍ରତି ବାସ୍ତବ ଦୃଷ୍ଟିଭଙ୍ଗୀ 'ବଡ଼ପଣ' କବିତାରେ ପ୍ରଦତ୍ତ ଆଲୋଚନା କର ?

୩) ତତ୍‌କାଳୀନ ଶାସକମାନଙ୍କୁ କବି ପ୍ରକୃତ ରାଜଧର୍ମ ପାଳନ ଲାଗି ଦେଇଥିବା ପରାମର୍ଶର ବର୍ଣ୍ଣନା କର ?

୪) 'ତପସ୍ୱିନୀର ପତ୍ର' କବିତାର ମହତ୍ୱ ନିରୂପଣ କର ?

୫) 'ତପସ୍ୱିନୀର ପତ୍ର' କବିତାରେ ପ୍ରତିଫଳିତ 'ନାରୀ ମନସ୍ତତ୍ୱ'କୁ ଉପସ୍ଥାପନା କର ?

୬) ଦେବୀ ସୀତାଙ୍କ ଚରିତ୍ରବତ୍ତା ଅନନ୍ୟ ଓ ଅତୁଳନୀୟ, ପଠିତ କବିତା ଅବଲମ୍ବନରେ ବିଚାର କର ?

୭) 'ବନ୍ଦୀର ବିରହ ବ୍ୟଥା' କବିତା ଅବଲମ୍ବନରେ କବିଙ୍କ ମନସ୍ତତ୍ୱର ବର୍ଣ୍ଣନା କର ?

୮) ପ୍ରକୃତ ପ୍ରୀତି ଓ ସ୍ୱଦେଶ ପ୍ରୀତିର ସୁମଧୁର ସମନ୍ୱୟ 'ବନ୍ଦୀର ବିରହ ବ୍ୟଥା' କବିତା – ଆଲୋଚନା କର ?

୯) ବହିଃ ପ୍ରକୃତି ଓ ଓ ଅନ୍ତଃପ୍ରକୃତିର ମଧୁର ସମନ୍ୱୟ କବିତା 'ବନ୍ଦୀର ବିରହ ବ୍ୟଥା' ଆଲୋଚନା କର ?

୧୦) 'ପିଙ୍ଗଳାର ଅଭିସାର' କବିତାରେ କେଉଁ ସ୍ୱର ଅନୁରଣିତ, ଆଲୋଚନା କର ?

୧୧) ଏକ ନିର୍ଦ୍ଦିଷ୍ଟ ମହତ୍ ଉଦ୍ଦେଶ୍ୟ ନେଇ 'ପିଙ୍ଗଳାର ଅଭିସାର' କବିତାର ସୃଷ୍ଟି ଆଲୋଚନା କର ?

୧୨) 'ପିଙ୍ଗଳାର ଆତ୍ମାନୁଭୂତି ସମଗ୍ର ମାନବ ସମାଜ ଲାଗି ଏକ ଶିକ୍ଷଣୀୟ ଦୀପସ୍ତମ୍ଭ' ଆଲୋଚନା କର ?

୧୩) 'ବାର୍ତ୍ତା' କବିତାରେ ପରିବର୍ତ୍ତନର ଯେଉଁ ଶାଣିତସ୍ୱର ସୃଷ୍ଟି ହୋଇଛି, ସେ ସଂପର୍କରେ ଆଲୋଚନା କର ?

୧୪) 'ବାର୍ତ୍ତା' କବିତାରୁ କବିଙ୍କ ଆଭିମୁଖ୍ୟର ବିଚାର କର ?

୧୫) 'ଜୟଲଭୁକ୍ଷୁଶର ସାଧନା' ଉକ୍ତିର ସାରବତ୍ତା ନିରୂପଣ କର ?

***

## ଦ୍ୱିତୀୟ ଏକକ

# କବିତା ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

(୧) (ii) ଦରବାର
(୨) (i) ରାଜା ମହାରାଜାମାନଙ୍କୁ
(୩) (ii) ଉତ୍କଳର ଗଜପତି
(୪) (iii) କୁକ୍କୁଟାଣ୍ଡ
(୫) (ii) ବାଜ-ପାରାପରି
(୬) (iii) ଭଙ୍ଗା ମାଠିଆରୁ
(୭) (iii) ଶୂନ୍ୟ ହସ୍ତରେ
(୮) (iii) ରାଜ୍ୟକୁ ଏକ ପରିବାରବୋଲି ମନେକରୁଥିଲେ
(୯) (iii) ବିଦେଶୀ ବନ୍ଧୁକ ଦେଖାଇ
(୧୦) (i) ରାଜା
(୧୧) (i) ମନ୍ତ୍ରୀମାନଙ୍କୁ
(୧୨) (iii) ଜରିମାନା କରି
(୧୩) (ii) ସୁବ୍ୟୟରେ
(୧୪) (ii) ଜୟ କରିବାକୁ ଆଉ ରାଜ୍ୟ ନଥିବାରୁ
(୧୫) (i) ଛାୟା ପରି ବଢ଼ିଯାଏ
(୧୬) (iii) ମୃତ୍ୟୁ
(୧୭) (iii) ପୋତ
(୧୮) (i) ପ୍ରଭୁରାମଚନ୍ଦ୍ରଙ୍କୁ
(୧୯) (iii) ନବବିବାହିତା ଦ୍ୱିତୀୟା ପତ୍ନୀ
(୨୦) (ii) ପତ୍ର ଲେଖିଥିଲେ
(୨୧) (iii) ମୁଗ୍ଧ ନବବଧୂକୁ ମୁଗ୍ଧ କରିବାପାଇଁ
(୨୨) (ii) ବୀଣାତନ୍ତ୍ରୀରେ ରାମାୟଣ ଗାନକରି
(୨୩) (i) ଲବକୁଶଙ୍କ ରାମାୟଣ ଗାନ
(୨୪) (ii) ସୀତାଙ୍କ ଶିଶୁଦ୍ୱୟଙ୍କର
(୨୫) (ii) ରାମଚନ୍ଦ୍ରଙ୍କ ଦୁଃଖର କାହାଣୀ
(୨୬) (i) ନବପ୍ରଣୟିନୀର ମୁଖଦର୍ଶନ କରି
(୨୭) (iii) ପତ୍ର
(୨୮) (iii) ଆକାଶ
(୨୯) (ii) ପ୍ରେମ ଅସ୍ୱଷ୍ଟଗିର
(୩୦) (iii) ପ୍ରେମିକର ଆନନ୍ଦ ଭିତରେ ବିଷାରଦ ରେଖା
(୩୧) (ii) ବିରହର ବିଷ
(୩୨) (iii) ଗୋଧୂଳି କାଳ
(୩୩) (ii) ଜେଲ୍ ସିପାହୀକୁ
(୩୪) (ii) ଅସ୍ତାଚଳ
(୩୫) (ii) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ ଜଣାଉଛନ୍ତି
(୩୬) (iii) ପ୍ରେମିକା କାନରେ
(୩୭) (ii) ସନ୍ଧ୍ୟାର ବିରହ ଦୃଶ୍ୟ
(୩୮) (ii) କରୁଣ ସଂଗୀତ ଗାନକରୁଥିଲେ
(୩୯) (ii) ତାପିତ ଅନ୍ତରରେ
(୪୦) (iii) ପ୍ରୀତି ପାଶରେ
(୪୧) (iv) ପ୍ରଣୟର
(୪୨) (iii) ସାନ୍ତ୍ୱନା ଆସିବ
(୪୩) (ii) ଗୁରୁ ବିଷାଦ
(୪୪) (ii) ବିଳରେ ପଶିବେ
(୪୫) (ii) ବାରବଧୂ
(୪୬) (iii) କେଳୀ ଦୀପ
(୪୭) (i) ପୀରତିର ଅଭିନୟ
(୪୮) (iv) ପରମ ପୁରୁଷ
(୪୯) (i) ଶୁକ୍ତି ଗର୍ଭରେ
(୫୦) (ii) ମଣିକାଞ୍ଚନ ମାଳା
(୫୧) (ii) ପିଙ୍ଗଳା
(୫୨) (ii) ବରଷାର ନୀପ
(୫୩) (ii) ବିଦେହ
(୫୪) (iii) ମୂରଲୀ ଗୀତି
(୫୫) (ii) ପ୍ରାଣର କ୍ଷୁଧା
(୫୬) (i) ଘୃଣ୍ୟ କଲୁଷ ରାଜି

(୫୭) (i) ଧରଣୀର ତୃଣତଳରେ

(୫୮) (ii) ପତିତା

(୫୯) (iii) ତିକ୍ତ ଲୋତକ ଜଳରେ

(୬୦) (i) ପିଙ୍ଗଳା

(୬୧) (iii) ପ୍ରେମର ଧନ

(୬୨) (iii) ଅମର କନ୍ୟା

(୬୩) (iv) ଅମୃତ

(୬୪) (iii) ବିଷମ ବିଷ

(୬୫) (iv) ଭବିଷ୍ୟତର

(୬୬) (i) ଶ୍ୟେନ ପରି

(୬୭) (i) ଦୂତ

(୬୮) (i) ମାନବ ଶିଶୁକୁ

(୬୯) (i) ଏତେଦିନ ଧରି ଲୌହ କାରାଗାର କାହିଁକି ଥିଲା ?

(୭୦) (i) ଦଗ୍ଧ ଓ ଭସ୍ମ ହେବାକୁ

(୭୧) (iii) ଭୀମ ଅତ୍ୟାଚାର

(୭୨) (iii) ଶ୍ରେଣୀ ଚେତନା

(୭୩) (ii) ମନୁଷ୍ୟ ପୁତ୍ର

(୭୪) (ii) ଭସ୍ମ ମଧ୍ୟରୁ

(୭୫) (i) କ୍ରୁଶର ସାଧନା

(୭୬) (iii) ନରବ୍ରହ୍ମ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(୧) 'ଦରବାର' କାବ୍ୟରୁ

(୨) ସଦା ଉର୍ଦ୍ଧ୍ୱଗାମୀ

(୩) ନିମ୍ନ ଗତି

(୪) ପିତୃଗଣ

(୫) ରାଜା ଓ ପ୍ରଜାଙ୍କ ସଂପର୍କ

(୬) ପ୍ରଜାଧନ ବୁହା

(୭) ସାଫଲ୍ୟ

(୮) ଧନକୁ

(୯) କ୍ରୁର ଓ ଅବିଶ୍ୱାସୀ

(୧୦) ଧର୍ମ

(୧୧) ଦୀନ ଭିଖାରିଣୀ

(୧୨) ପ୍ରଭୁ ରାମଚନ୍ଦ୍ରଙ୍କୁ

(୧୩) ଦାନବାରିଧି

(୧୪) ଅତ୍ୟନ୍ତ ଅବୋଧ

(୧୫) ମହର୍ଷି ବାଲ୍ମୀକିଙ୍କ ସହିତ

(୧୬) ଦେବୀ ସୀତାଙ୍କ ପୁତ୍ରମାନଙ୍କର

(୧୭) ବୀଣା

(୧୮) ଅଥୟ ହୁଅନ୍ତି

(୧୯) ବିକଳରେ

(୨୦) ନୟନ ଜଳରେ

(୨୧) କାରା କବିତା

(୨୨) ହସୁଥିଲେ

(୨୩) ପକ୍ଷୀମାନେ

(୨୪) କନକ ବା ସୁବର୍ଣ୍ଣ ସହିତ

(୨୫) ସୂର୍ଯ୍ୟଙ୍କ ହସରେ

(୨୬) ଦାରୁଣ କଷଣ

(୨୭) ଜଗତ

(୨୮) ସୂର୍ଯ୍ୟଙ୍କ ବିରହ ଦୃଶ୍ୟ

(୨୯) ବନ୍ଦୀଶାଳାରେ ରବି ନଦେବାଲାଗି

(୩୦) ସୁନ୍ଦର ପଦ୍ମରେ

(୩୧) ପ୍ରଣୟ ପୀୟୂଷରେ

(୩୨) କବି ରାଧାମୋହନ ଗଡ଼ନାୟକ

(୩୩) ଭାଗବତ ପୁରାଣ

(୩୪) ପରମ ପୁରୁଷ

(୩୫) ଦଶଦିଗ

(୩୬) ତିକ୍ତଲୋତକ ଜଳରେ

(୩୭) ପଙ୍କିଳ ଜୀବନରେ

(୩୮) ପ୍ରାଣର କ୍ଷୁଧାକୁ

(୩୯) ଅମୃତ

(୪୦) ପିଙ୍ଗଳା

(୪୧) ଭବିଷ୍ୟତର

(୪୨) ସମୟ

(୪୩) ପୀଡ଼ା

(୪୪) କ୍ରୁଶର ସାଧନା

(୪୫) ପ୍ରତିଶୋଧ

**(ଗ) ଲେଖା ଓ ଲେଖକଙ୍କ ନାମୋଲ୍ଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ।**

(୧) କବିତା-ବଡ଼ପଣ-କବି-ରାଧାନାଥ ରାୟ
ପାରିବାରିକ ସଂପର୍କ ପରି ପରସ୍ପର ସଂପର୍କ ଥିଲା

(୨) କବିତା-ବଡ଼ପଣ-କବି-ରାଧାନାଥ ରାୟ
ବାଜପକ୍ଷୀ ଓ ପାରାର ସଂପର୍କ ଭଳି

(୩) କବିତା-ବଡ଼ପଣ-କବି-ରାଧାନାଥ ରାୟ
କୋକେଇରେ ଶବ ନେଲାବେଳେ ଦୁଇ ହାତ ଦୁଇପଟକୁ ଝୁଲାଇ ଦେବାକୁ

(୪) କବିତା-ବଡ଼ପଣ-କବି-ରାଧାନାଥ ରାୟ
'ଆସିଥିଲି ଫେରିଗଲି ଶୂନ୍ୟହସ୍ତେ'ର ରହସ୍ୟ

(୫) କବିତା-ବଡ଼ପଣ-କବି-ରାଧାନାଥ ରାୟ
ସଂସାର ବାରିଧିକୁ

(୬) କବିତା-ବଡ଼ପଣ-କବି-ରାଧାନାଥ ରାୟ
କାଳକୁ

(୭) କବିତା-ବଡ଼ପଣ-କବି-ରାଧାନାଥ ରାୟ
ସୁବ୍ୟୟରେ

(୮) କବିତା- ତପସ୍ୱିନୀର ପତ୍ର -କବି-ଗଙ୍ଗାଧର ମେହେର
ସତୀସୀତା ନିଜକୁ କହିଛନ୍ତି ଓ ପ୍ରଭୁ ରାମଚନ୍ଦ୍ରଙ୍କ ପଦ ବନ୍ଦନା କରିଛନ୍ତି

(୯) କବିତା- ତପସ୍ୱିନୀର ପତ୍ର -କବି-ଗଙ୍ଗାଧର ମେହେର
ପିତୃ ଅନୁରାଗ

(୧୦) କବିତା- ତପସ୍ୱିନୀର ପତ୍ର -କବି-ଗଙ୍ଗାଧର ମେହେର
ଲବକୁଶ ଭ୍ରାତାଦ୍ୱୟ ବୀଣା ଯନ୍ତ୍ର ସହାୟତାରେ

(୧୧) କବିତା- ତପସ୍ୱିନୀର ପତ୍ର -କବି-ଗଙ୍ଗାଧର ମେହେର
ଲବକୁଶ ପୁତ୍ର ଦ୍ୱୟ ମହର୍ଷି ବାଲ୍ମୀକିଙ୍କ ସହିତ

(୧୨) କବିତା- ତପସ୍ୱିନୀର ପତ୍ର -କବି-ଗଙ୍ଗାଧର ମେହେର
ଧନରତ୍ନ ଓ ପାଟବସ୍ତ୍ର

(୧୩) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ଗୋପବନ୍ଧୁ ଦାସ ଓ କାରା କବିତା କାବ୍ୟ ସଂକଳନରୁ

(୧୪) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ଅମ୍ବର ବା ଆକାଶ

(୧୫) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ସୂର୍ଯ୍ୟ କୋମଳ ଆଶ୍ୱାସରେ ସ୍ୱସ୍ନେହ ଆଦର ପ୍ରଦର୍ଶନ

(୧୬) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ଅନୁଭବୀ ବ୍ୟକ୍ତି ହିଁ ଦେଖିପାରେ

(୧୭) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ପ୍ରୀତି ପାଶରେ

(୧୮) କବିତା- ବନ୍ଦୀର ବିରହ ବ୍ୟଥା-କବି - ଗୋପବନ୍ଧୁ ଦାସ
ବିଶ୍ୱ ପ୍ରକୃତି ନିକଟରେ

(୧୯) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ଧନସମ୍ପଦ, ମଣିକାଞ୍ଚନ ମାଳା, ବିଳାସ କୁଞ୍ଜ, ସୁନ୍ଦର ଚିତ୍ରିତ କକ୍ଷ

(୨୦) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ବର୍ଷାକାଳୀନ ରୋମାଞ୍ଚିତ କଦମ୍ବ ଭଳି ଅଙ୍ଗରେ ଅଭିନବ ପୁଲକ

(୨୧) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ଶତବନ ଗିରିକାନ୍ତାର ଭ୍ରମଣ କରି ପ୍ରେମରଧନ ସହିତ ବନ୍ଧୁଚରଣରେ ଜୀବନ ଢାଳିଦେବ

(୨୨) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ଯୌବନ ଧନ ପୂର୍ଣ୍ଣ ରୂପ ସମ୍ଭାରକୁ ପ୍ରୀତି ଅନଳରେଜାଳି ପରମପ୍ରିୟ ଲାଗି ଧୂପ ଆରତୀ କରିବ

(୨୩) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ଜ୍ୟୋତ୍ସ୍ନା ସ୍ନାତ ରାତ୍ରିର ଆନନ୍ଦକୁ ପରମ ବନ୍ଧୁ ରହସ ଅମୃତ ସହ ପାନ କରି ପ୍ରାଣର ଆକୁଳ ପିପାସା ଓ କ୍ଷୁଧାକୁ

(୨୪) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ପିଙ୍ଗଳା ନିଜକୁ ସର୍ପିଣୀ ସହ ତୁଳନା କରି ବିଷମ ବିଷ ସୃଷ୍ଟି କରିଛି

(୨୫) କବିତା-ପିଙ୍ଗଳାର ଅଭିସାର-କବି-ରାଧାମୋହନ ଗଡ଼ନାୟକ
ବିଶ୍ୱର ସ୍ୱର୍ଶମଣି ପରମପୁରୁଷଙ୍କ ପୁଣ୍ୟ ସ୍ପର୍ଶରେ

(୨୬) କବିତା- ବାର୍ତ୍ତା- କବି- ସଚ୍ଚିଦାନନ୍ଦ ରାଉତରାୟ
ଦୂତ, ଶତାବ୍ଦୀର ସିଂହଦ୍ୱାରରୁ

(୨୭) କବିତା- ବାର୍ତ୍ତା- କବି- ସଚ୍ଚିଦାନନ୍ଦ ରାଉତରାୟ
ନରବ୍ରହ୍ମ ମାନବ ଶିଶୁକୁ ଲୌକିକର ଜ୍ଞାନ ଧରି

(୨୮) କବିତା- ବାର୍ତ୍ତା- କବି- ସଚ୍ଚିଦାନନ୍ଦ ରାଉତରାୟ
ଯୁଗଯୁଗ ବ୍ୟାପୀ ହୀନ ଦାସତ୍ୱର

(୨୯) କବିତା- ବାର୍ତ୍ତା- କବି- ସଚ୍ଚିଦାନନ୍ଦ ରାଉତରାୟ
ହୀନ ଦାସତ୍ୱ ଓ ପୀଡ଼ନ ଲାଗି ଦାୟି ଦୁଷ୍ଟ ମାନଙ୍କର

(୩୦) କବିତା- ବାର୍ତ୍ତା- କବି- ସଚ୍ଚିଦାନନ୍ଦ ରାଉତରାୟ
ଶ୍ରେଣୀ ଚେତନାର, ପୀଡ଼ନର, କ୍ଲୁଶ ସାଧନାର ଜୟଗାନ

**(୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(୧) କବିତା – ବଡ଼ପଣ – କବି ରାଧାନାଥ ରାୟ
ବିଶାଳ ପ୍ରତିଷ୍ଠାର ଅଧିକାରୀ – ବହ୍ନି ଶିଖା ପରି ଉର୍ଦ୍ଧ୍ୱଗାମୀ – ପରମ ଉଦାର ସମଗ୍ର ରାଜ୍ୟକୁ ଏକ ପରିବାର ବୋଲି ମନେକରିବା – ପ୍ରଜାଙ୍କ ପ୍ରତି ବାତ୍ସଲ୍ୟ ମମତା ପ୍ରଭୃତିର ବର୍ଣ୍ଣନା ରହିବ ।

(୨) କବିତା – ବଡ଼ପଣ – କବି ରାଧାନାଥ ରାୟ
ରାଜାମାନଙ୍କର ସର୍ବଶୋଷୀ ନୀତି ଗ୍ରହଣ – ଗନ୍ତାଘରକୁ ସର୍ବସ୍ୱ ମନେକରିବା – ରାଜଧର୍ମ ପ୍ରଜାଧନ ବୁହାହେବା – ମନ୍ତ୍ରୀମାନେ ଖେଳ ଖଂଟ ହେବା – ବିଦେଶୀଙ୍କୁ ସନ୍ତୁଷ୍ଟ କରିବାର ପ୍ରୟାସ ପ୍ରଭୃତିର ବର୍ଣ୍ଣନା ରହିବ ।

(୩) କବିତା – ବଡ଼ପଣ – କବି ରାଧାନାଥ ରାୟ
କାଳର ନିଷ୍ଠୁରତା – ଆକସ୍ମିକ ଆବିର୍ଭାବ – କାଳର ବିଦ୍ରୂପାତ୍ମକ ହସ – ଲୁକ୍‌କାୟିତ ଭାବେ ସବୁ ଦେଖିବା ଇତ୍ୟାଦିର ବର୍ଣ୍ଣନା ରହିବ ।

(୪) କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ପ୍ରଭୁ ରାମଚନ୍ଦ୍ରଙ୍କୁ ପତ୍ର ଲେଖିବା – ଯଜ୍ଞ କରୁଥିବା ଶୁଣି – ଦ୍ୱିତୀୟ ପତ୍ନୀ ଗ୍ରହଣ ନିଶ୍ଚିତ ବୋଲି ଭାବିନେଇ – ପତ୍ର ଲେଖିବାର ବର୍ଣ୍ଣନା ରହିବ ।

(୫) କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଯଜ୍ଞ ନିମିତ୍ତ ନୂତନ ପତ୍ନୀଗ୍ରହଣ – ନୂତନ ପତ୍ନୀ କେଉଁ ତପସ୍ୟା ଓ ମନ୍ତ୍ର ଜପ କରି ପ୍ରଭୁଙ୍କୁ ଲାଭ କରେ – ସେ ବିଷୟରେ ଜାଣିବା ଲାଗି – ପ୍ରଭୃତିର ବର୍ଣ୍ଣନା ରହିବ ।

(୬) କବିତା – ତପସ୍ୱିନୀର ପତ୍ର – କବି – ଗଙ୍ଗାଧର ମେହେର
ଲବକୁଶ ଅବୋଧ ବାଳକ – ପିତୃସ୍ନେହ ବଞ୍ଚିତ – ପଦ ପଙ୍କଜ ଦର୍ଶନର ସୁଯୋଗ ପ୍ରଦାନ ଲାଗି ଅନୁରୋଧ ।

(୭) କବିତା – ବନ୍ଦୀର ବିରହ ବ୍ୟଥା – କବି ଗୋପବନ୍ଧୁ ଦାସ
ଆକାଶର ରଙ୍ଗ – ପକ୍ଷୀ ମାନଙ୍କର କରୁଣ ସଂଗୀତ ଗାନ – ତରୁଗିରିର ଛାୟା ବିସ୍ତାର – ସୂର୍ଯ୍ୟଙ୍କର ହେମବର୍ଣ୍ଣର ପାଟ ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା ରହିବ ।

(୮) କବିତା – ବନ୍ଦୀର ବିରହ ବ୍ୟଥା – କବି ଗୋପବନ୍ଧୁ ଦାସ
ପ୍ରାଚୀ କପାଳରେ ଅନୁରାଗ ରଂଗ – ଏହା ମଧ୍ୟରେ ବିରହ ଦୁଃଖର କାଳିମା – ସୂର୍ଯ୍ୟଙ୍କ ଲାସ୍ୟ ହାସ୍ୟରେ ଗୁରୁ ବିଷାଦ ରେଖା – ଅନୁଭବି ନେତ୍ରରେ ପ୍ରିୟଜନର ବିରହ ଦୁଃଖର ବର୍ଣ୍ଣନା ରହିବ ।

(୯) କବିତା – ବନ୍ଦୀର ବିରହ ବ୍ୟଥା – କବି ଗୋପବନ୍ଧୁ ଦାସ
ସିପାହୀକୁ କବାଟ ନ କରି ଦ୍ୱାର ଉନ୍ମୁକ୍ତ ରଖିବାକୁ କହିବା – ଗୋଧୂଳି ବେଳାର ଦୃଶ୍ୟକୁ ମନଭରି ଦେଖିବା – ଯମଦୂତ ସହିତ ସିପାହୀର ନିଷ୍ଠୁରତାକୁ ତୁଳନା କରିବା – କବି ଆତ୍ମସମ୍ମାନ ଜଗି ପ୍ରକୋଷ୍ଠ ପ୍ରବେଶର ବର୍ଣ୍ଣନା ରହିବ ।

(୧୦) କବିତା–ପିଙ୍ଗଳାର ଅଭିସାର –
କବି – ରାଧାମୋହନ ଗଡ଼ନାୟକ
ଫୁଲଶେଯ ନ ସଜାଇବା – କେଳୀଦୀପ ନଜାଳିବା – ପ୍ରୀତିର ଅଭିନୟ ନ ଦେଖାଇବା – କେଳିଗୃହକୁ ସଜ୍ଜିତ ନକରିବାର ବର୍ଣ୍ଣନା ରହିବ ।

(୧୧) କବିତା–ପିଙ୍ଗଳାର ଅଭିସାର –
କବି– ରାଧାମୋହନ ଗଡ଼ନାୟକ
ମୁକ୍ତ ତଟିନୀଭଳି ଭ୍ରମଣ – ମୁକ୍ତଭୁବନ – ମୁକ୍ତ ଆକାଶ ତଳେ ଖୁସିରେ ଭ୍ରମଣ–କଳୁଷ କାଳିମାକୁ ଲୋତକ ଜଳରେ ଧୋଇଦେବାର ବର୍ଣ୍ଣନା ରହିବ ।

(୧୨) କବିତା–ପିଙ୍ଗଳାର ଅଭିସାର –
କବି– ରାଧାମୋହନ ଗଡ଼ନାୟକ
ସ୍ୱର୍ଗର ଅମର କନ୍ୟା – ଅମୃତ ପାନ କରି ଏଠାରେ ଆସି ବିଷମ ବିଷ ସର୍ପିଣୀ ଭଳି ସୃଷ୍ଟିକରିବା – ନିଜେ ଜଳି ସଂସାରକୁ ଜାଳିବା–ପୁଣ୍ୟ ପୃଥିବୀରେ ପାପ ଭରିଦେବାର ବର୍ଣ୍ଣନା ରହିବ ।

(୧୩) କବିତା – ବାର୍ତ୍ତା – କବି – ସଚ୍ଚିଦାନନ୍ଦ ରାଉତରାୟ
ଶତାବ୍ଦୀ ସିଂହ ଦ୍ୱାରରୁ ପରିବର୍ତନର ବାର୍ତା – ଅତ୍ୟାଚାରରୁ ମୁକ୍ତି – ଅତ୍ୟାଚାରୀଙ୍କୁ ପରାଜିତ କରିବାର ଶପଥ ବର୍ଣ୍ଣନା ରହିବ ।

(୧୪) କବିତା–ପିଙ୍ଗଳାର ଅଭିସାର –
କବି– ରାଧାମୋହନ ଗଡ଼ନାୟକ
ଲୌହର ଶୃଙ୍ଖଳ – ଭୀମ କରାଗାର – କାହିଁକି ଥିଲା ବୋଲି ଦୀପ୍ତ କଣ୍ଠରେ ପ୍ରଶ୍ନ– ଭୀମ ଅତ୍ୟାର କାହିଁକି ହେଉଥିଲା ବୋଲି କବି ପ୍ରଶ୍ନର ବର୍ଣ୍ଣନା ରହିବ ।

(୧୫) କବିତା – ବାର୍ତ୍ତା – କବି – ସଚ୍ଚିଦାନନ୍ଦ ରାଉତରାୟ
ଶ୍ରେଣୀ ଚେତନାର ସୃଷ୍ଟିକୁ ମହାଧର୍ମ ଭାବେ ଗ୍ରହଣ କରିବା – ପରିବର୍ତ୍ତନର ସଂଗ୍ରାମ ତା' ଭିତରୁ ଦୀକ୍ଷା ଗ୍ରହଣର ଆଲେଚନା ରହିବ ।

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ରହିବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

(୧) କବିଙ୍କ ସଂପର୍କରେ ସ୍ୱଳ୍ପ ଆଲୋଚନା ରହିବ - ବଡ଼ପଣ ଓ ଅହମିକାର ଅସାରତା - ଜୀବନର ଅଳୀକତା - ଧନଲାଳସାର ଅନ୍ତିମ ପରିଣତି - ଜୀବନର ପ୍ରକୃତ ସାର୍ଥକତା କେଉଁଠି - ଏ ସଂପର୍କରେ ଆଲେଚାନା ରହିବ।

(୨) କବିଙ୍କ ସଂପର୍କରେ କିଞ୍ଚିତ୍ ଆଲୋଚନା - ମାନବଜୀବନର ଲକ୍ଷ୍ୟ - ସତ୍‌ପଥରେ ଗତିର ପରିଣତି - ଧର୍ମ ଅଧର୍ମର ବିଚାର - କାଳର ଭୂମିକା - ମାନବ ଜୀବନର ଅସାରତା - ଧର୍ମ ପଥରେ ଗତି କରିବାକୁ କବିଙ୍କ ଆହ୍ୱାନ - ଆଲୋଚନା ରହିବ।

(୩) ପୂର୍ବ ରାଜା ମାନଙ୍କର ରାଜଧର୍ମ ପାଳନର ପରାକାଷ୍ଠା - ସେମାନଙ୍କର ଧର୍ମ ଓ ଆଦର୍ଶର ବର୍ଣ୍ଣନା - ତତ୍‌କାଳୀନ ରାଜା ମାନଙ୍କର ପ୍ରଜାମାରଣନୀତିର ସମାଲୋଚନା ସତ୍‌ପଥରେ ଗତି ଲାଗି ପରାମର୍ଶ - ଉଚିତ୍ ନ୍ୟାୟ ପ୍ରଦାନ ଲାଗି ଆହ୍ୱାନର ବର୍ଣ୍ଣନା ରହିବ।

(୪) ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରତିଭା - କବିତାରେ ସୀତାଦେବୀଙ୍କ ପାତିବ୍ରତ୍ୟର ମହତ୍ୱ - ପ୍ରଭୁରାମଚନ୍ଦ୍ରଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଓ ପ୍ରେମର ବର୍ଣ୍ଣନା ସହ ଆଦର୍ଶ ନାରୀର ତ୍ୟାଗ ବର୍ଣ୍ଣନା ରହିବ।

(୫) କବିଙ୍କ ସଂପର୍କରେ କିଂଚିତ୍ ଆଲୋଚନା - ଦେବୀ ସୀତା ପ୍ରଥମେ ନାରୀ - ପ୍ରଭୁ ରାମଚନ୍ଦ୍ରଙ୍କ ଜୀବନରେ ଅନ୍ୟ ଜଣେ ନାରୀର ଉପସ୍ଥିତ ତାଙ୍କ ପକ୍ଷେ ଅସହ୍ୟ - ମନ ଭିତରେ ଭାବି ନେଇଥିବା କଥାକୁ ନେଇ ସ୍ୱ ମନୋଭାବ - ନୂତନ ବିଧିର ତପସ୍ୟା ଓ ମନ୍ତ୍ର ବିଷୟରେ ଜାଣିବା ଲାଗି ଆଗ୍ରହ ପ୍ରକାଶ ବର୍ଣ୍ଣନା ରହିବ।

(୬) କବି ଗଙ୍ଗାଧରଙ୍କ ଚରିତ୍ର ଚିତ୍ରଣରେ ଦକ୍ଷତା - ସୀତାଦେବୀଙ୍କ ମହନୀୟ ଚରିତ୍ରର ଉପସ୍ଥାପନାରେ ସ୍ୱଧୂରୀଣତା - ମହାଭାରତୀୟ ନାରୀ ଚରିତ୍ରର ମହତ୍ତ୍ୱ - ଆଦର୍ଶ- ପ୍ରତିପ୍ରେମର ପରାକାଷ୍ଠା - ବର୍ଣ୍ଣନା ରହିବ।

(୭) କବିଙ୍କ ଅତୁଳନୀୟ ଦେଶପ୍ରେମ - ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ - କାରାବରଣ - ସଂଧ୍ୟା ସମୟରେ କାରା ପ୍ରକୋଷ୍ଠ ବାହାରେ ପ୍ରକୃତିର ଦୃଶ୍ୟ ସନ୍ଦର୍ଶନ - ପ୍ରକୃତିର ବିରହ ଦୃଶ୍ୟ - ବ୍ୟକ୍ତିଗତ ବିରହ ଦୃଶ୍ୟର ଅନୁଭବ - ସ୍ୱଜୀବନର ଦୁଃଖର ବର୍ଣ୍ଣନା ରହିବ।

(୮) କବି ଗୋପବନ୍ଧୁଙ୍କ କାରାବରଣ - କବିତାରେ ପ୍ରଦତ୍ତ ପ୍ରକୃତିର ବର୍ଣ୍ଣନାରେ କବିଙ୍କ ସଫଳତା - ପ୍ରକୃତିର ଦୃଶ୍ୟରେ ମାନବିକ କ୍ରିୟା ପ୍ରତିକ୍ରିୟାର ଉପସ୍ଥିତି ଉପଲବ୍ଧି - କବିଙ୍କ ହୃଦୟର ଭାବ ପ୍ରକାଶ - ପ୍ରକୃତିର ବିରହ ବର୍ଣ୍ଣନାରେ ସ୍ୱ ବ୍ୟକ୍ତିଗତ ବିରହର ତୁଳନାତ୍ମକ ଚିତ୍ର ଉପସ୍ଥାପନାର ବର୍ଣ୍ଣନା ରହିବ।

(୯) କବି ଗୋପବନ୍ଧୁଙ୍କ ପ୍ରକୃତି ପ୍ରାଣତା - ପ୍ରକୃତିର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା - ଜୀବନ୍ତ ପ୍ରକୃତିର ଚିତ୍ର ଉପସ୍ଥାପନା - ଆଗତ ସଂଧ୍ୟାର ଉପସ୍ଥିତିରେ ବୃକ୍ଷଲତା ଓ ପକ୍ଷୀକୁଳର ପ୍ରତିକ୍ରିୟା, ଏହା ଭିତରେ ମାନବିକ ପ୍ରେମ, ପ୍ରୀତି ଓ ବିରହର ସାମ୍ୟ ପ୍ରଦର୍ଶନ ଇତ୍ୟାଦି ସଂପର୍କରେ ଆଲୋଚନାକରାଯିବ।

(୧୦) କବି ରାଧାମୋହନ ଗଡ଼ନାୟକଙ୍କ ଚରିତ୍ର ଚିତ୍ରଣରେ ବ୍ୟତିକ୍ରମ ଭାବ - ଉପେକ୍ଷିତ ଚରିତ୍ରକୁ ଗୁରୁତ୍ୱ ପ୍ରଦାନ - ପାର୍ଥିବ ଜୀବନର ଅସାରତା ସଂପର୍କରେ ବର୍ଣ୍ଣନା - ଅଳିକ ସୁଖ ଓ ପାର୍ଥିବ ସୁଖାନ୍ୱେଷୀ ମଣିଷ ପ୍ରତି ଏହାର ଶିକ୍ଷଣୀୟ ଭାବ ମାନବ ହୃଦୟରେ ଆଧାତ୍ମିକ ଚେତନାର ଜାଗରଣର ବର୍ଣ୍ଣନା ରହିବ।

(୧୧) ସାଂସାରିକ ଭୋଗଲାଳସା, କାମନା ବାସନାର ଉର୍ଦ୍ଧ୍ୱରେ ସ୍ଥିତ ଆଧାତ୍ମିକ ଭାବ ସତ୍ତା ଯାହା ମାନବକୁ ପ୍ରକୃତ ସୁଖ ପ୍ରଦାନ କରେ ପିଙ୍ଗଳା ଚରିତ୍ର ମାଧ୍ୟମରେ ତାର ସଂଧାନ - ଜାଗତିକ ମୋହ ବନ୍ଧନରୁ ମୁକ୍ତି -ପରମପୁରୁଷଙ୍କ ସାନ୍ନିଧ୍ୟ ଲାଭ ପିଙ୍ଗଳାର ଦିବ୍ୟାନୁଭୁତିର ବର୍ଣ୍ଣନା ରହିବ।

(୧୨) ବାରବଧୂ ପିଙ୍ଗଳାର ବିଳାସୀ ଜୀବନରେ ପୂର୍ଣ୍ଣଚ୍ଛେଦ - ହୃଦୟଭିତରେ ଏକ ବିରାଟ ପ୍ରତିକ୍ରିୟା - ଦିବ୍ୟାନୁଭୂତି - ନୂତନତାର ସଂଧାନ - ଅପକର୍ମ ଲାଗି ଅନୁତାପ - ଅଳୀକ ସୁଖ ସମ୍ଭୋଗର ଅସାରତା ବର୍ଣ୍ଣନା - ପରମପୁରୁଷଙ୍କ ସ୍ପର୍ଶ ଲାଭର ଦିବ୍ୟାନୁଭୁତିର ବର୍ଣ୍ଣନା ରହିବ।

(୧୩) କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ବାମପନ୍ଥୀ ଚିନ୍ତାଧାରା, ସର୍ବହରାଙ୍କ ପ୍ରତିନିଧିତ୍ୱ ପରିବର୍ତ୍ତନର ଆହ୍ୱାନ - ପୁଞ୍ଜିପତି ଶୋଷକ ଶାସକମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ- ସେମାନଙ୍କର ବିଲୁପ୍ତି - ଶ୍ରେଣୀ ଚେତନାର ପ୍ରତିଷ୍ଠା - ଇତ୍ୟାଦିର ବର୍ଣ୍ଣନା ରହିବ।

(୧୪) ମାର୍କସୀୟ ଚେତନାର କବି - ସାମ୍ୟବାଦର ପ୍ରତିଷ୍ଠା ଲାଗି ଆହ୍ୱାନ - ଶୋଷିତ ସର୍ବହରାର କଠୋର ପ୍ରତିକ୍ରିୟା - ପ୍ରତିନିଧିସାଜି କବି ଗଣଙ୍କ ପ୍ରତିଷ୍ଠା ଲାଗି ସଂଗ୍ରାମ ଘୋଷଣା - ପୁଞ୍ଜିପତି ଶାସନର ବିଲୋପ - ଲୌହ ଶୃଙ୍ଖଳ ଓ କାରାଗାରର ପତନ ଘୋଷଣା - ଇତ୍ୟାଦିର ବର୍ଣ୍ଣନା ରହିବ।

(୧୫) ଯୁଗଯୁଗ ଧରି ନିପୀଡ଼ିତ, ଅବହେଳିତ, ନିର୍ଯ୍ୟାତିତ ମାନଙ୍କୁ ଜାଗି ଉଠିବା ଲଗି ଆହ୍ୱାନ, ଅତୀତର ସର୍ବହରାର ଆତ୍ମବଳୀଦାନରୁ ଶିକ୍ଷା ଲାଭ ପାଇଁ ଆହ୍ୱାନ - ପ୍ରତିଶୋଧ ନେଇ ନିଜର ଦାବି ହାସଲ ଲାଗି ପ୍ରେରଣା - ସର୍ବହରାର ଶ୍ରେଣୀହୀନ ସମାଜ ପ୍ରତିଷ୍ଠା କବିଙ୍କ ଲକ୍ଷ୍ୟ ବୋଲି ଉପସ୍ଥାପନା କରାଯିବ।

# ତୃତୀୟ ଏକକ

## ଗଳ୍ପ ବିଭାଗ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛିଲେଖ। ପ୍ରଶ୍ନରମୂଲ୍ୟ ୧ନମ୍ବର।**

୧) କଲିକତାରୁ କେଉଁ ମାଲ୍ ଆମଦାନୀ କରାଯାଇଥିଲା ?
(i) ହଳଦୀ ପତ୍ର (ii) ଧୂଆଁ ପତ୍ର
(iii) ତେଜପତ୍ର (iv) ପାନପତ୍ର

୨) ଓଡ଼ିଶାର ଯାଜପୁର ଅଂଚଳରେ କେଉଁ ମହାଜନଙ୍କ ଘର ?
(i) କାଳୁରାମ (ii) ବଳରାମ
(iii) ବିଦ୍ୟାଧର (iv) ବୁଦ୍ଧିରାମ

୩) ମହାଜନ ବଳରାମ କାହାଠାରୁ ଆକବରୀ ମୋହର କିଣିଥିଲେ ?
(i) ବେପାରୀ (ii) ସଉଦାଗର
(iii) ଦଲାଲ (iv) ସାଧାରଣଲୋକ

୪) ବାବୁ ବଳରାମଙ୍କ ଚାକରର ନାମ କ'ଣ ଥିଲା ?
(i) ବିଦିଆ (ii) ମାଧିଆ
(iii) ଗୋବିନ୍ଦା (iv) ପଦିଆ

୫) କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?
(i) ସୁନାବନ୍ଧା (ii) ରୂପାବନ୍ଧା
(iii) ପିତଳବନ୍ଧା (iv) ତମ୍ବାବନ୍ଧା

୬) ଗଣ୍ଡିକଟା ଖଣି ବୋଲି କାହାକୁ କୁହାଯାଇଛି ?
(i) ବାଲେଶ୍ୱର (ii) କଟକ
(iii) କଲିକତା (iv) ବାରିପଦା

୭) ବାବୁ ବଳରାମ କେଉଁ ବ୍ରାହ୍ମଣ ହାତରୁ ଖାଉଥାନ୍ତି ?
(i) ଓଡ଼ିଆ (ii) ବଙ୍ଗାଳି
(iii) ବିହାରୀ (iv) ହିନ୍ଦୁସ୍ଥାନୀ

୮) ଗୋପାଳର ନାଁ 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର' ବୋଲି କିଏ ଲେଖିଥାଏ ?
(i) ମୋହରୀର (ii) ଗୁମାସ୍ତା
(iii) ମୁସ୍ତରୀ (iv) ମେନେଜର

୯) ମହାପାତ୍ର ବାବୁବଳରାମଙ୍କ ବ୍ୟବସାୟର କେତେ ପଣି ଅଂଶୀଦାର ଥିଲେ ?
(i) ଛଅପଣି (ii) ଚାରିପଣି
(iii) ଆଠପଣି (iv) ଦୁଇପଣି

୧୦) ଦେବୀ ଓଝା କିଏ ?
(i) ଗୁମାସ୍ତା (ii) ଦୋକାନୀ
(iii) ଅବଧାନ (iv) ମାଷ୍ଟର

୧୧) ମଙ୍ଗଳବାର କେଉଁ ସଭାର ଅଧିବେଶନ ହୋଇଥାଏ ?
(i) ନାରୀସଂସ୍କାର ବିବର୍ଦ୍ଧନୀ (ii) ନାରୀ ସଶକ୍ତିକାରିଣୀ
(iii) ନାରୀ ମଙ୍ଗଳକାରିଣୀ (iv) କୁସଂସ୍କାର ବିମର୍ଦ୍ଦିନୀ

୧୨) ହରିବୋଲବାବୁ ବିଦୁପୁର ପୋଷ୍ଟ ଅଫିସରେ କ'ଣ ଥିଲେ ?
(i) କିରାନୀ (ii) ପୋଷ୍ଟ ପିଅନ
(iii) ପୋଷ୍ଟମାଷ୍ଟର (iv) ଦପ୍ତରୀ

୧୩) ଗୋପାଳଚନ୍ଦ୍ରଙ୍କର ଦେହାନ୍ତ କେଉଁ ବେମାରୀରେ ହୋଇଥିଲା ?
(i) ଝାଡ଼ାବାନ୍ତି (ii) ସନ୍ନିପାତ
(iii) ବସନ୍ତ (iv) ଯକ୍ଷ୍ମା

୧୪) ଗଙ୍ଗାଲାଭ କହିଲେ କ'ଣ ବୁଝ ?
(i) ଜନ୍ମ (ii) ମୃତ୍ୟୁ
(iii) ପୂଣ୍ୟ (iv) ସ୍ନାନ

୧୫) ଯାହାର ଧନ, ଜ୍ଞାନ ଅଛିସେ ଚାକିରୀ କଲେ ତା ଜୀବନ କ'ଣ ହୋଇଯାଏ ବୋଲି କୁହାଯାଇଛି ?
(i) ଧନ୍ୟ (ii) ଧିକ
(iii) ନଷ୍ଟ (iv) ସାର୍ଥକ

୧୬) ସଭା ନାମଶୁଣି 'ନୂଆଜମିଦାର'ଙ୍କ ମନ ଭାରି କ'ଣ ହୋଇଥିଲା ?
(i) ଦୁଃଖୀ (ii) ଖୁସୀ
(iii) କଷ୍ଟ (iv) ଖରାପ

୧୭) ରଙ୍ଗାଧର ମହାନ୍ତି ତାଲୁକ କିଣା ପରଠାରୁ କେଉଁ କାମ ବୁଝୁଥିଲେ ?
(i) ଗୁମାସ୍ତା (ii) ଛାମୁକରଣ
(iii) କୋଠ ପାଞ୍ଜିଆ (iv) କୋଠକରଣ

୧୮) କେଉଁ ଗ୍ରାମଟି ତାଲୁକ ମଧ୍ୟରେ ସବୁଠାରୁ ବଡ଼ ଥିଲା ?
(i) ଶ୍ୟାମପୁର (ii) ମଦନପୁର
(iii) ନରଣପୁର (iv) ମାନପୁର

୧୯) ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବକୁ କିଏ ଦ୍ୱିତୀୟ କରିଥିଲେ ?
(i) ବଲ୍ଲବ ପଟ୍ଟନାୟକ (ii) ହରିବୋଲ ପଟ୍ଟନାୟକ
(iii) ବୁଢ଼ା ପଟ୍ଟନାୟକ (iv) ରଙ୍ଗାଧର ମହାନ୍ତି

୨୦) 'ନୂଆଜମିଦାର'ଙ୍କ ବିବାହ ପାଇଁ କେଉଁଠାରେ କନ୍ୟା ଠିକ୍ ହୋଇଥିଲା ?
(i) ଆସାମ (ii) କଟକ
(iii) କଲିକତା (iv) ବାଲେଶ୍ୱର

୨୧) କନ୍ୟା ପିତାମକ୍ରାମଳିକ ଆସାମ ର ବଗିଚାରେ କି ଚାକିରୀ କରୁଥିଲା ?
(i) ଖାନ୍‌ସମା (ii) ବବୁର୍ଚ୍ଚି
(iii) କୁଲିସର୍ଦ୍ଦାର (iv) ମେନେଜର

୨୨) ସାଆନ୍ତାଣୀଙ୍କ ବିଶ୍ୱାସୀ ପୋଇଲିର ନାମ କ'ଣ ଥିଲା ?
(i) ରାଧୀ (ii) ପଦୀ
(iii) କନି (iv) କଇଁ

୨୩) କୁମ୍ଭୀର କେଉଁ ପାଣି ଖୋଜିଥାଏ ବୋଲି କୁହାଯାଇଛି ?
(i) ଲୁଣିପାଣି (ii) ଗୋଳିପାଣି
(iii) ପଙ୍କୁଆ ପାଣି (iv) ସଫପାଣି

୨୪) କେତେ ବର୍ଷ ବାଦେ ଜମିଦାର ବାବୁ ତାଙ୍କ ଶଶୁର କାମରେ ଆସାମରେ ଖାନ୍‌ସମାଗିରି କାମ କରୁଥିବାର ଦେଶରେ ଶୁଣାଗଲା ?
(i) ଦୁଇବର୍ଷ (ii) ତିନିବର୍ଷ
(iii) ତିନି ଚାରିବର୍ଷ (iv) ପାଂଚ ଛଅ ବର୍ଷ

୨୫) ପତାକା ଉତୋଳନ ଗଳ୍ପଟି କେଉଁ ଦିବସର କଥାକୁ ନେଇ ଗଢ଼ି ଉଠିଛି ?
(i) ୧୫ ଅଗଷ୍ଟ ୧୯୪୭ (ii) ୧୪ ଅଗଷ୍ଟ ୧୯୪୭
(iii) ୧୬ ଅଗଷ୍ଟ ୧୯୪୭ (iv) ୧୮ ଅଗଷ୍ଟ ୧୯୪୭

୨୬) ଇଂରେଜ ସରକାର ସୋମନାଥ ମହାପାତ୍ରଙ୍କୁ କେଉଁଉପାଧି ପ୍ରଦାନ କରିଥିଲେ ?
(i) ରାୟବାହାଦୂର (ii) ରାୟସାହେବ
(iii) ରାୟଚୌଧୂରୀ (iv) ରାୟମହାପାତ୍ର

୨୭) ବାହାରର କେଉଁ କଥା ଘର ଭିତରର ପ୍ରତ୍ୟେକ ଅନ୍ଧକାର କୋଣକୁ ଥରାଇ ଦେଉଥିଲା ?
(i) ସ୍ଲୋଗାନ (ii) କୋଳାହଳ
(iii) ହୋହଲ୍ଲା (iv) ଗଣ୍ଡଗୋଳ

୨୮) 'ଜୟ ସ୍ୱାଧିନ ଭାରତକି ଜୟ' ଧ୍ୱନିରାୟବାହାଦୂରଙ୍କୁ ସୁତୀକ୍ଷଣଶଳାକା ରୂପେ କ'ଣ କରୁଥିଲା ?
(i) ଆଘାତ କରୁଥିଲା (ii) ବିଦ୍ଧ କରୁଥିଲା
(iii) ଘାତ କରୁଥିଲା (iv) ଆହତ କରୁଥିଲା

୨୯) ପଟୁଆରୀର ଅଗ୍ରଣୀ କିଏ ଥିଲେ ?
(i) ଅରୁଣ (ii) ଅଜୟ
(iii) ବିଜୟ (iv) ସଂଜୟ

୩୦) ଡ୍ରୟର ଚେଷ୍ଟଟି ରାୟବାହାଦୂରଙ୍କର କ'ଣ ଥିଲା ?
(i) ଏକାନ୍ତ ପ୍ରିୟ (ii) ଏକାନ୍ତ ନିଜସ୍ୱ
(iii) ଏକାନ୍ତ ଧନ (iv) ଏକାନ୍ତ ସାଥୀ

୩୧) ଡ୍ରୟର ଭିତରୁ ରାୟବାହାଦୂର କ'ଣ କାଢ଼ିଲେ ?
(i) ପିସ୍ତଲ (ii) ରୁମାଲ
(iii) ସନନ୍ଦ (iv) 'ଫଟୋଗ୍ରାଫ୍'

୩୨) ରାୟବାହାଦୂର ଡ୍ରୟରରୁ ବାହାର କରିଥିବା 'ଫଟୋଗ୍ରାଫ୍'ଟି କାହାର ?
(i) ଅଜୟର (ii) ବିଜୟର
(iii) ଅରୁଣର (iv) ଅରୂପର

୩୩) କାହା ଉପରେ ହଳଦିଆ ଆସ୍ତରଣ ମାଡ଼ିଯାଇଥିଲା ବୋଲି କୁହାଯାଇଛି ?
(i) ମେଡ଼ାଲ (ii) ସନନ୍ଦ ପତ୍ର
(iii) ଫଟୋଗ୍ରାଫ୍ (iv) ତାମ୍ରପତ୍ର

୩୪) ରାୟବାହାଦୂରଙ୍କୁ ସନନ୍ଦଟି କେଉଁ ସାଲରେ ପ୍ରଦାନ କରାଯାଇଥିଲା ?
(i) ୧୯୨୯ (ii) ୧୯୨୩
(iii) ୧୯୨୭ (iv) ୧୯୨୧

୩୫) ଭାରତୀୟ ଜାତୀୟ ଆନ୍ଦୋଳନରେକେଉଁ ବିପ୍ଳବ ପରେ ଏକ ନୂତନସ୍ପନ୍ଦନ ଦେଖାଦେଇଥିଲା ?
(i) ଜାଲିଓ୍ୱାନାବାଗ୍ (ii) ଚଉରୀଚଉରା
(iii) ଓ୍ୱାଧା (iv) ସାବରମତୀ

୩୬) କାହାକୁ ମାନବର ଜନ୍ମଗତ ଅଧିକାର ବୋଲି କୁହାଯାଇଛି ?
(i) ମାନବିକତା (ii) ସ୍ୱାଧିନତା
(iii) ସ୍ୱେଚ୍ଛାଚାରିତା (iv) ମହନୀୟତା

୩୭) ରାୟ ବାହାଦୂର ଅରୁଣଙ୍କୁ କେଉଁଥିରେ ଆଘାତକରିଥିଲେ ?
(i) ବନ୍ଧୁକ (ii) ବୁଟ୍
(iii) ଚାବୁକ୍ (iv) ଲାଠି

୩୮) ରାୟବାହାଦୂରଙ୍କ ପୁତ୍ର ବଧୂଙ୍କ ନାମ କ'ଣ ଥିଲା ?
(i) ସୁପର୍ଣ୍ଣା (ii) ଅପର୍ଣ୍ଣା
(iii) ଚତୁପର୍ଣ୍ଣା (iv) ଆଶାପର୍ଣ୍ଣା

୩୯) ଘର ଭିତରୁ କେଉଁଧ୍ୱନି ଶୁଣି ରାୟବାହାଦୂର ହଠାତ୍ ଚମକି ଉଠିଲେ ?
(i) ଘଂଟଧ୍ୱନି (ii) ଶଙ୍ଖଧ୍ୱନି
(iii) ହୁଳହୁଳି ଧ୍ୱନି (iv) ଘଂଟାଧ୍ୱନି

୪୦) କାହାର କୁହାଟରେ ଶତସିଂହ ଯେପରି ଗର୍ଜ୍ଜନ କରିଉଠିଲା ?
(i) ପୋଲିସ୍‌ର (ii) ଜନତାର
(iii) ଅରୁଣର (iv) ରାୟବାହାଦୂରଙ୍କର

୪୧) ସୋମନାଥଙ୍କ ହାତରେ କ'ଣ ଫୁଟିଲା ?
(i) ବନ୍ଧୁକ (ii) ଗୁଳି
(iii) ପିସ୍ତଲ (iv) ବୋମା

୪୨) ଜନତା 'ଫ୍ଲାଗଷ୍ଟାଫ୍ ଭାଙ୍ଗି କ'ଣ ଚିରି ଦେଇଥିଲେ ?
(i) ପୋଷ୍ଟର (ii) ପତାକା
(iii) ୟୁନିଅନ୍ ଜ୍ୟାକ୍ (iv) ଷ୍ଟେଟସ୍‌ଜ୍ୟାକ୍

୪୩) ହେମମାଳୀ କେତେବର୍ଷ ଧରି ଏମିତି କାନ୍ଦିନଥିଲେ ବୋଲି କୁହାଯାଇଛି ?
(i) ପନ୍ଦର (ii) କୋଡ଼ିଏ
(iii) ପଚିଶ (iv) ତିରିଶ

୪୪) ରାତିସାରା କେଉଁଥିରେ ମାତି ବିଜୟଘରକୁ ଫେରିଥିଲା ?
(i) ସ୍ୱାଧୀନତା ଆନ୍ଦୋଳନ (ii) ସ୍ୱାଧିନତାଉତ୍ସବ
(iii) ସ୍ୱାଧିନତାସଂଗ୍ରାମ (iv) ମୁକ୍ତିସଂଗ୍ରାମ

୪୫) ବିଜୟ ଜେଜେଙ୍କୁ ବ୍ରିଟିଶର କ'ଣ ବୋଲିକହିଛି ?
(i) କୁକୁର (ii) ଚାକର
(iii) ଗୋଲାମ (iv) ଚେଲା

୪୬) କାହାର ମୁଣ୍ଡ ଓ ନାକ ଫାଟିରକ୍ତର ସୁଅ ତଳେ ଛୁଟିଲା ?
(i) ବିଜୟ (ii) ଅରୁଣ
(iii) ସୋମନାଥ (iv) ରାମନାଥ

୪୭) ସୋମନାଥ ଶେଷରେ କାହାକୁ ଆଶୀର୍ବାଦ କରିଥିଲେ ?
(i) ଅପର୍ଣ୍ଣାକୁ (ii) ଅରୁକୁ
(iii) ବିଜୁକୁ (iv) ହେମମାଳୀକୁ

୪୮) ଭାରତ ଭୂମିରେ ଅସଂଖ୍ୟ ପୂଣ୍ୟ କାଙ୍ଗାଳ ଜନତାର ଚିରଈପ୍ସିତ ସ୍ଥାନ ବୋଲି କାହାକୁ କୁହାଯାଇଛି ?
(i) ମଥୁରା (ii) ବୃନ୍ଦାବନ
(iii) ତିରୁପତି (iv) ବନାରସ୍

୪୯) ବନାରସରେ କେଉଁ ମନ୍ଦିର ଅବସ୍ଥିତ ?
(i) ବଦ୍ରିନାଥ (ii) କାଶୀ ବିଶ୍ୱନାଥ
(iii) ସୋମନାଥ (iv) କେଦାରନାଥ

୫୦) ହତଶ୍ରୀ ସଭ୍ୟତାର ଡ଼ଷ୍ଟବିନ୍ ବୋଲି କାହାକୁ କୁହାଯାଇଛି ?
(i) ରାମ୍‌ନଗର (ii) ସଦର୍‌ବଜାର
(iii) ଡାଲ୍‌ମଣ୍ଡି (iv) ଗୋଧୂଳିଆ

୫୧) ଗୋଧୂଳି ଓ ଗଙ୍ଗାଜୀ – ଉଭୟଙ୍କୁ କ'ଣ ବୋଲି କୁହାଯାଇଛି ?
(i) ପ୍ରେମମୟୀ (ii) ଭାବମୟୀ
(iii) ସ୍ନେହମୟୀ (iv) ରହସ୍ୟମୟୀ

୫୨) ଅସ୍ତସୂର୍ଯ୍ୟର ସୁନାକିରଣରେ ଗଙ୍ଗାର କେଉଁ ରଂଗର ପାଣି ଲାଲେ-ଲାଲ୍ ଲାଗୁଥିଲା ?
(i) ଗହମ (ii) ପେସ୍ତା
(iii) ବାଦାମ (iv) ବାଇଗଣି

୫୩) ନୌକାର ପାଲକେତେଫଣାବାସୁକୀ ପରି ନଇଁଯାଇ ଉପରକୁ ଉଠୁଥିଲା ?
(i) ସପ୍ତଫେଣା (ii) ସହସ୍ରଫଣା
(iii) ସାତଫଣା (iv) ଶତସହସ୍ର ଫଣା

୫୪) ଅଶୋକଙ୍କ ବାପା ବନାରସ୍‌ରେକେଉଁ ଚାକିରୀ କରିଥିଲେ ?
(i) ପୋଲିସ୍ ଅଫିସର (ii) ମିଲଟାରୀ ଅଫିସର
(iii) ମିଲଟାରୀ ଡାକ୍ତର (iv) ପ୍ରଫେସର

୫୫) କିଏ ଇଂରାଜୀ ଭାଷାରେ ବିରକ୍ତି ପ୍ରକାଶକରି 'ଇଡ଼ିଅଟ୍' କହିଥିଲେ ?
(i) ବାପା (ii) ଦାଦା
(iii) ମାଆ (iv) ବଡ଼ଭାଇ

୫୬) ରାମନଗର ଦେଖିସାରି ଗଙ୍ଗାପାର ହେଉଥିବାବେଳେ ଅଶୋକଙ୍କ ବୟସ କେତେ ଥିଲା ?
(i) ଆଠ (ii) ଦଶ
(iii) ଏଗାର (iv) ବାର

୫୭) କାହାର ଅଦୃଶ୍ୟ ଇଙ୍ଗିତରେ ନୌକା ଘାଟରେ ଲାଗିଲା ?
(i) ମାଝିର (ii) ପୋଲିସର
(iii) କର୍ପୋରେସନର (iv) ନିଶୁଆଲୋକର

୫୮) ଅଶୋକର ବାପାଙ୍କୁ କେତେ ଟଙ୍କାର ଟିକସ ଦେବାକୁ ପଡ଼ିଲା ?
(i) ଦଶଟଙ୍କା (ii) ଏଗାର ଟଙ୍କା
(iii) ବାରଟଙ୍କା (iv) ତେର ଟଙ୍କା

୫୯) ଅଶୋକଙ୍କ ପିଠି ଉପରେ ମାଷ୍ଟରଜୀଙ୍କ ବଡ଼ ପାପୁଲିଟି କିପରି କମ୍ପି ଉଠୁଥିଲା ?
(i) ବରପତ୍ର ପରି (ii) ଅଶ୍ୱତ୍ଥ ପତ୍ର ପରି
(iii) ଦେବଦାରୁ ପତ୍ର ପରି (iv) କଦଳୀ ପତ୍ର ପରି

୬୦) ମାଷ୍ଟରଜୀ କେତେ ଟଙ୍କା ଦରମାରେ ଅଶୋକର ଟ୍ୟୁସନ ମାଷ୍ଟର ଥିଲେ ?
(i) ପାଂଚ ଟଙ୍କା (ii) ଛଅ ଟଙ୍କା
(iii) ସାତ ଟଙ୍କା (iv) ଆଠ ଟଙ୍କା

୬୧) ମାଷ୍ଟରଜୀଙ୍କ ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରୁଥିଲା ?
(i) ବିବେକ (ii) ବିଚାର
(iii) ସତ୍ୟ (iv) ଜ୍ଞାନ

୬୨) ଉତ୍ତର ଭାରତ ବ୍ୟାପୀ ପ୍ରାଥମିକ ଶିକ୍ଷକ ଧର୍ମଘଟରେ ମାଷ୍ଟରଜୀ କ'ଣ ଥିଲେ ?
(i) ସମର୍ଥକ (ii) ସଭ୍ୟ
(iii) ପୁରୋଧା (iv) ବିଦ୍ରୋହୀ

୬୩) ଧର୍ମଘଟ ବେଳେ ମାଷ୍ଟରଜୀଙ୍କ ଦରମା କେତେ ଥିଲା ?
(i) ଦଶ ଟଙ୍କା (ii) ବାର ଟଙ୍କା
(iii) ତେର ଟଙ୍କା (iv) ଏଗାର ଟଙ୍କା

୬୪) ମାଷ୍ଟରଜୀଙ୍କୁ କେଉଁ ରୋଗ ହୋଇଥିଲା ?
(i) ପ୍ଲୁରେସି (ii) ଡିସେଂଟ୍ରି
(iii) କ୍ୟାନସର (iv) ନିମୋନିଆ

୬୫) ମନୁଷ୍ୟ କଥା କହିବା ଅପେକ୍ଷା କେଉଁଥିରେ ତା' ଠାରୁ ଯଥେଷ୍ଟ ବେଶି ପ୍ରକାଶ କରିପାରେ ବୋଲି ଲେଖକ ଅନୁଭବ କରିଛନ୍ତି ?
(i) ପ୍ରତିକ୍ରିୟାରେ (ii) ନୀରବରେ
(iii) କ୍ରୋଧରେ (iv) ହସରେ

୬୬) କାହାର ଭୀରୁ ସଂକୁଚିତ ବିବେକ ନେଇ ଅଶୋକ ରାସ୍ତାରେ ଚାଲିଥିଲେ ?
(i) ପ୍ରଶାସକର (ii) ବିଶ୍ୱାସ ଘାତକର
(iii) ହତ୍ୟାକାରୀର (iv) ଅବିବେକୀର

୬୭) ଏ ଜାତିକୁ କେଉଁ ଶିକ୍ଷା ନୂଆକରି ଦେବାକୁ ମାଷ୍ଟରଜୀ କହୁଥିବା ପରି ଅଶୋକର ମନେହୋଇଛି ?
(i) ପ୍ରାଥମିକ ଶିକ୍ଷା (ii) ମାଧ୍ୟମିକ ଶିକ୍ଷା
(iii) ନୀତି ଶିକ୍ଷା (iv) ଉପଯୁକ୍ତ ଶିକ୍ଷା

୬୮) କମ୍ବୁଗ୍ରୀବ କଚ୍ଛପଟି କେଉଁଠାରେ ରହୁଥିଲା ?
(i) ଉପତ୍ୟକାରେ (ii) ସରୋବରରେ
(iii) ସମୁଦ୍ରରେ (iv) ନଦୀରେ

୬୯) କମ୍ବୁଗ୍ରୀବ କ'ଣ ଥିବାରୁ ତା'ପରିବେଶ ତାକୁ ସନ୍ତୁଷ୍ଟ କରିପାରୁନଥିଲା ?
(i) ଭାବପ୍ରବଣ (ii) କଳ୍ପନାଶ୍ରୟୀ
(iii) ଉଚ୍ଚାଭିଳାଷୀ (iv) ସ୍ୱଷ୍ଟବାଦୀ

୭୦) କେଉଁ ଋତୁରେ ଦୁଇଗୋଟି ହଂସ ସରୋବରରେ ଉପନୀତ ହେଉଥିଲେ ?
(i) ଶୀତଋତୁ (ii) ବର୍ଷା ଋତୁ
(iii) ବସନ୍ତ ଋତୁ (iv) ଶରତ ଋତୁ

୭୧) ଆକାଶର ଭବିଷ୍ୟତ ଅନ୍ଧକାର ବୋଲି କିଏ ଭବିଷ୍ୟବାଣୀ କରିଥିଲା ?
(i) ଚିଲ (ii) ବଗ
(iii) କାଉ (iv) ଘରଚଟିଆ

୭୨) ହଂସ ମାନେ ବିଶ୍ୱାସ ଘାତକ ବୋଲି କିଏ କହିଛି ?
(i) ଘରଚଟିଆ (ii) ବତାସୀ
(iii) ଚିଲ (iv) ବକ

୭୩) ରାଜା ଉଡ଼ନ୍ତା କଚ୍ଛପଟିକୁ ଦେଖି କ'ଣ କହିଥିଲେ ?
(i) ଆଶ୍ଚର୍ଯ୍ୟ (ii) ଅଦ୍‌ଭୂତ
(iii) ବିଚିତ୍ର (iv) ଅସାଧାରଣ

୭୪) ବିଦେଶୀ ରାଜଦୂତ ତାଙ୍କ ରାଜ୍ୟରେ କିଏ ଉଡ଼ିଯିବାର ଦେଖାଯାଏ ବୋଲି କହିଥିଲେ ?
(i) ଠେକୁଆ (ii) ଘୁଷୁରି
(iii) ମଇଁଷି (iv) ଶିଆଳ

୭୫) କେତେ ବର୍ଷରେ ଥରେ ଶୂନ୍ୟରୁ କଚ୍ଛପ ବୃଷ୍ଟି ହୁଏ ବୋଲି କୁହାଯାଇଛି ?
(i) ଶହେ ବର୍ଷ (ii) ସହସ୍ର ବର୍ଷ
(iii) ଲକ୍ଷେ ବର୍ଷ (iv) ଅୟୁତ ବର୍ଷ

୭୬) ଶୂନ୍ୟରୁ ଖସିଲା ବେଳେ କଚ୍ଛପଟି କେଉଁ ଶବ୍ଦ ଉଚ୍ଚାରଣ କରିଥିଲା ?
(i) ଲୋଭୀ (ii) ବୁଦ୍ଧୁ
(iii) ଗର୍ବୀ (iv) ଅହଂକାରୀ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ନମ୍ବର।**

୧) କଲିକତାରେ କେଉଁ ବଜାରରେ ବାବୁ ବଳରାମ ଗଦିଆନ୍ ମହାଜନ ଭାବେ ପରିଚିତ ଥିଲେ ?

୨) 'ଦୋଲ୍ତା' କାରବାର କାହାସହ ସମାନ ବୋଲି ମହାଜନେ କହିଥାନ୍ତି ?

୩) କଲିକତା ମାଲ୍ ଆମଦାନି ରପ୍ତାନି କେଉଁଥିରେ ହେଉଥିଲା ?

୪) କୁକୁଡ଼ା ଡ଼ାକ ଆଗରୁ କଲିକତାରେ କ'ଣ ପଡ଼େ ?

୫) ଠକ ଗଣ୍ଠିକଟା ଖଣି ବୋଲି କାହାକୁ କୁହାଯାଇଛି ?

୬) ଆକବରୀ ମୋହର କାହାକୁ ମିଳିଥାଏ ବୋଲି କୁହାଯାଇଛି ?

୭) ଗଦିରେ ଗୋପାଳର ଡ଼ାକ ନାମ କ'ଣ ହୋଇଥିଲା ?

୮) ଗଦିର କେଉଁସବୁ କଥା ମହାପାତ୍ରଙ୍କ ହାତରେ ଥିଲା ?

୯) ବଳବାବୁ ମହାଜନ ଗଦି ସାଙ୍ଗରେ କାହାର କାରବାର ଥିଲା ?

୧୦) ପିତାଙ୍କ ମୃତ୍ୟୁରେ କେଉଁ କଥାଟି କୁସଂସ୍କାର ବୋଲି ରାଜୀବ ଲୋଚନ କହିଛନ୍ତି ?

୧୧) ବାବୁ ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଗଙ୍ଗାଲାଭ କେଉଁ ବେମାରୀରେ ହୋଇଥିଲା ?

୧୨) ସବୁ ଅଳଙ୍କାର ଗୁଡ଼ାକ କ'ଣ ଥିଲା ?

୧୩) କାହା ଆଖିରେ ଛାଇ ନିଦ ଲାଗି ଆସିଥିଲା ?

୧୪) ରାୟବାହାଦୂର ଗୋଟି ଗୋଟି କରି କ'ଣ ବନ୍ଦ କରିଦେଲେ ?

୧୫) ବନ୍ଧୁକ ଗୁଳି ପରି କିଏ ଯେପରି ବୃଦ୍ଧ ରାୟବାହାଦୂରଙ୍କର ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥି ଖଣ୍ଡ ଚୂର୍ଣ୍ଣ କରିଦେଉଥିଲା ?

୧୬) ରାୟବାହାଦୂର ଝରକାବାଟେ ତଳର ରାସ୍ତାରେ କିଏ ତ୍ରିରଙ୍ଗା ପତାକା ଧରି ଚାଲିଥିବାର ଦେଖିଲେ ?

୧୭) ଅରୁଣର ଫଟୋ ଖଣ୍ଡିକ କେଉଁଠି ସୁରକ୍ଷିତ ଥିଲା ?

୧୮) କାହାର ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପରିଚ୍ଛଦ ଥିଲା ?

୧୯) ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ କ'ଣ ଆଣି ଦେଇଥିଲା ?

୨୦) ରାୟବାହାଦୂର କ୍ଷିପ୍ତ ପରି କେଉଁଥିରେ ଅରୁଣକୁ ଆଘାତ କଲେ ?

୨୧) "ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକ ହାରାମି ଅସମ୍ଭବ" ଏକଥା କିଏ କହିଥିଲେ ?

୨୨) ସଦ୍ୟ ବିଧବାର ବୁକୁଚିରା ସେ କାନ୍ଦ କିଏ ଦିନେ କାନ୍ଦିଥିଲା ?

୨୩) ବିଜୟ ରାତିସାରା କ'ଣ କରି ଘରକୁ ଫେରିଲା ?

୨୪) ବିଜୟ ରାୟବାହାଦୂରଙ୍କ ଉପରେ ଝୁଙ୍କିପଡ଼ି କେଉଁ କଣ୍ଠରେ ଜେଜେ ବୋଲି ଡାକିଲା ?

୨୫) ଭାଦ୍ର ଆକାଶର ମେଘହୀନ ସୁନୀଳ ପଟ୍ଟଭୂମିରେ କିଏ ଉଡୁଥିଲା ଫରଫର ହୋଇ ?

୨୬) ଭାରତ ଭୂମିର ଅସଂଖ୍ୟ ପୂଣ୍ୟକାଙ୍ଖୀ ଜନତାର ଚିରଇପ୍ସିତ କିଏ ?

୨୭) ଜମାଟ୍‌ବନ୍ଧା ବରଫର ସ୍ତୁପ ଯେମିତି ସୂର୍ଯ୍ୟର ପ୍ରଥମ କିରଣରେ ଧୀରେଧୀରେ କାହାପରି ପ୍ରସରିଯାଇଛି ?

୨୮) ରୂପ-ପିୟାସୀ ନାଗରିକଙ୍କ ତୀର୍ଥ କିଏ ?

୨୯) ଉଜ୍ଜ୍ୱଳ ଚକ୍ରବାଳର ପଟ୍ଟଭୂମିରେ କେଉଁ ଛବି ପରି ବହୁଯାତ୍ରୀବାହୀ ନୌକା ଗଙ୍ଗାର ଏକୂଳରୁ ସେ କୂଳକୁ ଯାତାୟାତ କରେ ?

୩୦) ଲାଇଟ୍ ପୋଷ୍ଟକୁ ଆଉଜି ରହି ଲେଖକ ପୁରାତନ ଅନୁଭୂତିକୁ କ'ଣ କରୁଥିଲେ ?

୩୧) ମାଷ୍ଟରଜୀଙ୍କ ଦୁର୍ବଳ ବ୍ୟକ୍ତିତ୍ୱର ପ୍ରତିଟି ତନ୍ତ୍ରୀ, ପ୍ରତିଟି ରେଣୁକୁ ଉଜ୍ଜୀବିତ କରି କିଏ ନିଜକୁ ପ୍ରକାଶ କରିଛି ?

୩୨) ସଦର ବଜାରର କେଉଁଠି ଦୁଇଟା ରାସ୍ତା ଦୁଇ ଆଡ଼କୁ ଯୂପକାଷ୍ଠପରି ବାଙ୍କି ଯାଇଥିଲା ?

୩୩) କିଏ କାହାଣୀର ପ୍ରତେକଟି ଚରିତ୍ରକୁ ଆଖିଆଗରେ ଜୀବନ୍ତ କରି ତୋଳି ଧରି ପାରୁଥିଲେ ?

୩୪) ମନୁଷ୍ୟ କଥା କହିବା ଅପେକ୍ଷା କେଉଁଥିରେ ଯଥେଷ୍ଟ ବେଶି ପ୍ରକାଶ କରିପାରେ ?

୩୫) କେଉଁ କାହାଣୀ ପରୀ ରାଜ୍ୟର କଳ୍ପନାକୁ ପରାସ୍ତ କରେ ଓ ଇତିହାସ ଠାରୁ ଆହୁରି ସତ୍ୟ ବୋଲି ଲେଖକ କହିଛନ୍ତି ?

୩୬) ଦିଗନ୍ତ ପ୍ରତି ଦୃଷ୍ଟି ପ୍ରସାରିତ କରି କମ୍ବୁଗ୍ରୀବ କ'ଣ ଛାଡୁଥିଲା ?

୩୭) କମ୍ବୁଗ୍ରୀବ ଆଖିବୁଜି ବିମୁଗ୍ଧ କଲ୍ପନା ଲୋକରେ ଭଳିକି ଭଳି କ'ଣ ଦେଖେ ?

୩୮) କିଏ କଚ୍ଛପର ଅନୁସନ୍ଧିତ୍ସା ସଂପର୍କରେ ଅବହିତ ଥିଲେ ?

୩୯) ଅର୍ଦ୍ଧକୋଷ ଅତିକ୍ରମ କଲାପରେ ହଂସ ଯୁଗଳ ଓ କଚ୍ଛପ କେଉଁଠି ଅବତରଣ କରିଥିଲେ ?

୪୦) କେଉଁ ଦୃଶ୍ୟ ଦେଖି ଘରଚଟିଆ ଓ ବତାସୀ ବିମୂଢ଼ ପାଲଟି ଯାଇଥିଲେ ?

୪୧) ପାରା ଓ ଚିଲଙ୍କୁ କେଉଁ ପକ୍ଷୀ ବୋଲି କୁହାଯାଏ ?

୪୨) କାଉ କେଉଁ ପକ୍ଷୀ ଭାବେ ଜଣାଶୁଣା ବୋଲି ଲେଖକ କହିଛନ୍ତି ?

୪୩) ବୃଦ୍ଧଜଣକ କ'ଣ ସଂଗ୍ରହ କରି ନୌକାରେ ଫେରୁଥିଲେ ?

୪୪) କ'ଣ କରିବାରୁ ରାଜାଙ୍କର ଗୋଟିଏ ଚକ୍ଷୁ ଝଟକି ଉଠିଥିଲା ?

୪୫) ରାଜା ମହା ପଣ୍ଡିତଙ୍କୁ କ'ଣ ପ୍ରଶ୍ନ କରିଥିଲେ ?

୪୬) ସେନାପତି କେଉଁ ରୋଗ ଭୋଗୁଥିବାର ପ୍ରକାଶ ପାଇଛି ?

**(୩) ଲେଖା ଓ ଲେଖକଙ୍କ ନାମୋଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିଛି ।**

୧) ଧୂଆଁପତ୍ର କାରବାରକୁ କାହିଁକି ବଡ଼ କଠିନ କାରବାର ବୋଲି କୁହାଯାଇଛି ?

୨) କପାଳିଆ ଲୋକକୁ କ'ଣ ମିଳିଥାଏ ଓ ସେଠାରେ କ'ଣ ହୋଇଥାଏ ?

୩) ମହାଜନଙ୍କ ଘରେ ରୋଷେଇଆ ବ୍ରାହ୍ମଣ କ'ଣ କଲା ?

୪) ଗୋପାଳ ରନ୍ଧା ବଢ଼ା ସାରି କ'ଣ କରେ ?

୫) ମହାଜନଙ୍କ ଅନୁମତି ଘେନି ସାନବାବୁ କ'ଣ କଲେ ?

୬) ମହାଜନଙ୍କର ଇଚ୍ଛା କ'ଣ ଥିଲା ?

୭) ମହାଜନ ଗୋପାଳ ପାଇଁ ଗାଁରେ କ'ଣ କ'ଣ କଲେ ?

୮) ଡିକ୍ରୀଜାରି ପିଆଦା କ'ଣ କଲା ?

୯) ସ୍ୱାଧିନ ଭାରତର ଜୟନାଦ ରାୟବାହାଦୂରଙ୍କ ଲାଗି କିପରି ଥିଲା ?

୧୦) ରାୟବାହାଦୂର ତଳରାସ୍ତାକୁ ଚାହିଁ କ'ଣ ଦେଖିଲେ ?

୧୧) ଭେଲ୍‌ଭେଟ୍ ବାକ୍‌ସରେ କ'ଣ ସୁରକ୍ଷିତ ଥିଲା ?

୧୨) ଫଟୋ ଖଣ୍ଡିକ ଦେଖି ହଠାତ୍ ରାୟବାହାଦୁରଙ୍କର କ'ଣ ମନେହେଲା ?

୧୩) ରାୟବାହାଦୂର ମୂକ ପରି କାହାକୁ ଚାହିଁ ରହିଲେ ?

୧୪) ଚଉରୀ ଚଉରା ବିପ୍ଳବ ପରେ ଭାରତରେ କ'ଣ ଘଟିଥିଲା ?

୧୫) ରାୟ ବାହାଦୂର ଉତ୍କର୍ଣ୍ଣ ହୋଇ କ'ଣ ଶୁଣୁଥିଲେ ?

୧୬) ହେମମାଳା ଦୋତାଲା ବାରଣ୍ଡାରେ କ'ଣ କରୁଥିଲେ ?

୧୭) ଯୌବନର ଅସ୍ତଲଗ୍ନକୁ ଅପେକ୍ଷା କରି ଅଶୋକ କ'ଣ ଦେଖୁଥିଲେ ?

୧୮) ପ୍ରତ୍ୟେକ ଶିକ୍ଷକ କେଉଁ ଦିନଟିକୁ ଅପେକ୍ଷା କରିଥାଏ ?

୧୯) ଦୁହେଁ ଦୁହିଁଙ୍କୁ ଚାହିଁବା ଭିତରେ ଅଶୋକ କ'ଣ ଅନୁଭବ କରିଥିଲେ ?

୨୦) ମାଷ୍ଟରଜୀଙ୍କ ପୁରୁଣା ପିଣ୍ଡା ଉପରେ କ'ଣ ଭାବି ଅଶୋକ ମୂକ ହୋଇ ବସିଥିଲେ ?

୨୧) ଦକ୍ଷ ଦରିଦ୍ରର ଆତ୍ମକାହାଣୀ ସଂପର୍କରେ ଗାନ୍ଧିଜିଙ୍କ ମତ କ'ଣଥିଲା ?

୨୨) ବିଶ୍ୱର ବିରାଟ ବହି ଉପରେ ଲେଖକ କ'ଣ ଶୁଣୁଥିଲେ ବୋଲି କହିଛନ୍ତି ?

୨୩) ଲେଖକଙ୍କ କାନ ପାଖରେ କିଏ ଜଣେ ଫିସ୍ ଫିସ୍ କରି କ'ଣ କହୁଥିଲା ?

୨୪) ହଂସଯୁଗଳ କଚ୍ଛପର ମନୋରଞ୍ଜନ ପାଇଁ କ'ଣ କରୁଥିଲେ ?

୨୫) କମ୍ବୁଗ୍ରୀବକୁ ସଂକଟ କ'ଣ ଚେତାଇ ଦେଇଥିଲା ?

୨୬) ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପ କ'ଣ କହିଲା ?

୨୭) ଅସ୍ତମାନ ସୂର୍ଯ୍ୟର ରଶ୍ମୀଜାଳ କ'ଣ କରିଥିଲା ?

୨୮) ସମସ୍ତ ସଭା ସଦ୍‌ବର୍ଗ କେଉଁଥିପାଇଁ ଆଗ୍ରହୀ ଥିଲେ ?

୨୯) ବାତିଲ ରୀତିରେ କ'ଣ ହୋଇଥିଲା ?

୩୦) ରାଜା ରାଜଦୂତଙ୍କୁ କ'ଣ କହିଥିଲେ ?

**(୪) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ – ୩୦ଟି ଶବ୍ଦରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ – ୩ ନମ୍ବର। ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଉତ୍ତର ପାଇଁ ୨ ନମ୍ବର।**

(୧) ମହାଜନ ବଳରାମ ବାଳକ ଗୋପାଳକୁ ବିଶ୍ୱାସ କରିବାର କାରଣ ଗୁଡ଼ିକ ଲେଖ ?

୨) ବାବୁ ରାଜୀବ ଲୋଚନଙ୍କ ବିଦ୍ୟା ଶିକ୍ଷା କିପରି ଥିଲା ବର୍ଣ୍ଣନା କର ?

୩) ପିତାଙ୍କ ମୃତ୍ୟୁରେ ରାଜୀବ ଲୋଚନ କ'ଣ କହିଥିଲେ ?

୪) କରଣ ମାନେ ମେଳିବାନ୍ଧି ମେନେଜରଙ୍କୁ କ'ଣ ଜଣାଇଲେ ଓ ମେନେଜର ସେମାନଙ୍କୁ କ'ଣ କରିବାକୁ କହିଲେ ?

୫) ଡ୍ରୟରଟି ରାୟବାହାଦୂରଙ୍କର ଏତେ ନିଜର କାହିଁକି ଥିଲା ?

୬) ଚଉରୀ ଚଉରା ବିପ୍ଳବ ସଂପର୍କରେକ'ଣ କୁହାଯାଇଛି ?

୭) ରାୟବାହାଦୂର ଅନେକ ରାତିରେ କ'ଣ ଶୁଣନ୍ତି ?

୮) ସୋମନାଥଙ୍କ ହାତରେ ପିସ୍ତଲ ଫୁଟିବା ପରେ କ'ଣ ଘଟିଲା ?

୯) ବନାରସରେ କାହିଁକି ସନ୍ଧ୍ୟା ହୁଏ ନା ବୋଲି କୁହାଯାଇଛି ?

୧୦) ମାଷ୍ଟରଜୀଙ୍କ ମୁହଁରେ ସତ୍ୟର ପରିପ୍ରକାଶ ଅଶୋକକୁ କ'ଣ କରିଥିଲା ?

୧୧) ପ୍ରତ୍ୟେକ ଶିକ୍ଷକର ଚିରଈପ୍‌ସିତ ଦିନଟି କ'ଣ ?

୧୨) ଦକ୍ଷ ଦରିଦ୍ରର ଆତ୍ମକାହାଣୀ ସଂପର୍କରେ ଲେଖକଙ୍କ ମନ୍ତବ୍ୟ କ'ଣ ?

୧୩) ବିମୁଗ୍‌ଧ କଳ୍ପନା ଲୋକରେ କମ୍ବୁଗ୍ରିବ କ'ଣ ଦେଖିଥାଏ ?

୧୪) ସେନାପତିଙ୍କ ସଂପର୍କରେ ରାଜାଙ୍କ ମନ୍ତବ୍ୟ କ'ଣ ଥିଲା ?

୧୫) ବିଦେଶୀ ରାଜଦୂତଙ୍କୁ ରାଜା କି ଚରମବାଣୀ ଶୁଣାଇଥିଲେ ?

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ। ପ୍ରଶ୍ନର ମୂଲ୍ୟ ୫ ନମ୍ବର।**

୧) 'ସଭ୍ୟ ଜମିଦାର' ଗଳ୍ପ ଏକ ସାର୍ଥକ ବ୍ୟଙ୍ଗାତ୍ମକ ସୃଷ୍ଟି। ଆଲୋଚନା କର ?

୨) 'ଗୋପାଳର ଚରିତ୍ର ଏକ ଆଦର୍ଶ ଚରିତ୍ର' ଆଲୋଚନା କର ?

୩) ସାଆନ୍ତାଣୀଙ୍କ ଚରିତ୍ର ଚିତ୍ରଣ କର ?

୪) ଇଂରାଜୀ ଶିକ୍ଷା ଓ ସଭ୍ୟତା ନାମରେ ଅଶିକ୍ଷା ଓ ଅପସଂସ୍କୃତିର ଅନୁପ୍ରବେଶ ସାମାଜିକ ଜୀବନକୁ କିପରି ବିପର୍ଯ୍ୟସ୍ତ କରିଛି ପଠିତ ଗଳ୍ପ ଅବଲମ୍ବନରେ ଆଲୋଚନା କର ?

୫) 'ପତାକା ଉତ୍ତୋଳନ' ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟର ବିଚାର କର ?

୬) ପଠିତ ଗଳ୍ପ ଅବଲମ୍ବନରେ ରାୟବାହାଦୂରଙ୍କ ଚରିତ୍ର ଚିତ୍ରଣ କର ?

୭) ସ୍ୱାଧୀନତା ଆନ୍ଦୋଳନରେ ଅରୁଣ ଚରିତ୍ର ଏକ ପ୍ରତିନିଧି ଶ୍ରେଣୀୟ ଚରିତ୍ର। ଆଲୋଚନା କର ?

୮) ଅଖିଳ ମୋହନଙ୍କ ଶୈଳୀର ବୈଶିଷ୍ଟ୍ୟ ନିରୂପଣ କର ?

୯) ମାଷ୍ଟରଜୀଙ୍କ ଜୀବନର କ୍ଷୁଦ୍ରଇତିହାସ ଯେତିକି ଅଶ୍ଳୀଳ ସେତିକି ମର୍ମସ୍ପର୍ଶୀ ଆଲୋଚନା କର ?

୧୦) ରୂପ ନାରାୟଣଙ୍କ ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର ?

୧୧) ଲେଖକ ନିଜକୁ ଜଣେ ଭୀରୁ ହତ୍ୟାକାରୀର ବିବେକ ନେଇ ଚାଲୁଥିବା କହିବା ଭିତରେ କି ଉଦ୍ଦେଶ୍ୟ ଲୁକ୍‌କାୟିତ ରହିଛି, ଆଲୋଚନା କର ?

୧୨) 'ଆକାଶ କଇଁଛ' ଏକ ଶିକ୍ଷଣୀୟ ଗଳ୍ପ ଆଲୋଚନା କର ?

୧୩) ଆକାଶ କଇଁଛ ଗଳ୍ପରୁ ଗାଳ୍ପିକଙ୍କ ଅଭିବ୍ୟକ୍ତିର ବିଚାର କର ?

୧୪) ଆକାଶ ବିଜୟୀ କଇଁଛର ଆସ୍ଫାଳନ ଓ ତଥାକଥିତ ବିଜ୍ଞପଣ୍ଡିତଙ୍କ ଅଜ୍ଞତାର ଚରମ ପରିଣତି କିପରି ହୋଇଛି ଆଲୋଚନା କର ?

୧୫) 'ଆକାଶ କଇଁଛ' ଗଳ୍ପରୁ ଗାଳ୍ପିକଙ୍କ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ?

***

## ତୃତୀୟ ଏକକ

# ଗଳ୍ପ ବିଭାଗ (ଉତ୍ତର)

**୧. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ। ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ। ପ୍ରଶ୍ନର ମୂଲ୍ୟ ୧ ନମ୍ବର।**

୧) (ii) ଧୂଆଁ ପତ୍ର
୨) (ii) ବଳରାମ
୩) (ii) ସଉଦାଗର
୪) (iv) ପଦିଆ
୫) (ii) ରୂପାବନ୍ଧା
୬) (iii) କଲିକତା
୭) (i) ଓଡ଼ିଆ
୮) (ii) ଗୁମାସ୍ତା
୯) (ii) ଚାରିପଣି
୧୦) (iii) ଅବଧାନ
୧୧) (iv) କୁସଂସ୍କାର ବିମର୍ଦ୍ଦିନୀ
୧୨) (iii) ପୋଷ୍ଟମାଷ୍ଟର
୧୩) (ii) ସନ୍ନିପାତ
୧୪) (ii) ମୃତ୍ୟୁ
୧୫) (ii) ଧିକ
୧୬) (ii) ଖୁସୀ
୧୭) (iii) କୋଠ ପାଞ୍ଜିଆ
୧୮) (i) ଶ୍ୟାମପୁର
୧୯) (ii) ହରିବୋଲ ପଟ୍ଟନାୟକ
୨୦) (iii) କଲିକତା
୨୧) (i) ଖାନ୍‌ସମା
୨୨) (i) ରାଧୀ
୨୩) (ii) ଗୋଳିପାଣି
୨୪) (iv) ପାଂଚ ଛଅ ବର୍ଷ
୨୫) (ii) ୧୪ ଅଗଷ୍ଟ ୧୯୪୭
୨୬) (i) ରାୟବାହାଦୂର
୨୭) (ii) କୋଳାହଳ
୨୮) (ii) ବିଦ୍ଧ କରୁଥିଲା
୨୯) (iii) ବିଜୟ
୩୦) (ii) ଏକାନ୍ତ ନିଜସ୍ୱ
୩୧) (iv) 'ଫଟୋଗ୍ରାଫ୍'
୩୨) (iii) ଅରୁଣର
୩୩) (ii) ସନନ୍ଦ ପତ୍ର
୩୪) (ii) ୧୯୨୩
୩୫) (ii) ଚଉରୀଚଉରା
୩୬) (ii) ସ୍ୱାଧିନତା
୩୭) (iii) ଚେକ୍‌ବୁକ୍
୩୮) (ii) ଅପର୍ଣ୍ଣା
୩୯) (ii) ଶଙ୍ଖଧ୍ୱନି
୪୦) (ii) ଜନତାର
୪୧) (iii) ପିସ୍ତଲ
୪୨) (iii) ୟୁନିଅନ୍ ଜ୍ୟାକ୍
୪୩) (iii) ପଚିଶ
୪୪) (ii) ସ୍ୱାଧିନତା ଉତ୍ସବ
୪୫) (iii) ଗୋଲାମ
୪୬) (iii) ସୋମନାଥ
୪୭) (iii) ବିଜୁଳିକୁ
୪୮) (iv) ବନାରସ୍
୪୯) (ii) କାଶୀ ବିଶ୍ୱନାଥ
୫୦) (iii) ଡାଲ୍‌ମଣ୍ଡି
୫୧) (iv) ରହସ୍ୟମୟୀ
୫୨) (i) ଗହମ
୫୩) (ii) ସହସ୍ର ଫଣା
୫୪) (iii) ମିଲଟାରୀ ଡାକ୍ତର
୫୫) (iv) ବଡ଼ଭାଇ
୫୬) (ii) ଦଶ
୫୭) (iii) କର୍ପୋରେସନର
୫୮) (i) ଦଶ ଟଙ୍କା
୫୯) (ii) ଅଶ୍ୱତ୍ଥ ପତ୍ର ପରି
୬୦) (i) ପାଂଚ ଟଙ୍କା
୬୧) (iii) ସତ୍ୟ
୬୨) (iii) ପୁରୋଧା
୬୩) (iii) ତେର ଟଙ୍କା
୬୪) (i) ଫ୍ଲୁରେସି
୬୫) (ii) ନୀରବରେ
୬୬) (iii) ହତ୍ୟାକାରୀର
୬୭) (i) ପ୍ରାଥମିକ ଶିକ୍ଷା
୬୮) (ii) ସରୋବରରେ
୬୯) (iii) ଉଚ୍ଚାଭିଳାଷୀ
୭୦) (ii) ବର୍ଷାଋତୁରେ
୭୧) (iii) କାଉ
୭୨) (iv) ବକ
୭୩) (iii) ବିଚିତ୍ର
୭୪) (ii) ଘୁଷୁରି
୭୫) (ii) ସହସ୍ର ବର୍ଷ
୭୬) (ii) ବୁଦ୍ଧୁ

**(୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ। ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୧ନମ୍ବର।**

୧) ବଡ଼ ବଜାର
୨) ଗୋଖର ସାପ ଖେଳାଇବା
୩) ଜାହାଜରେ
୪) ତୋପ
୫) କଲିକତାକୁ
୬) କଗାଳିଆ ଲୋକକୁ
୭) ସାନବାବୁ
୮) ମାମଲତ, ତହବିଲ, ଋବି
୯) ବଡ଼ ବଡ଼ ଇଂରାଜୀ ସଉଦାଗର ହାଉସ୍ ମାନଙ୍କର
୧୦) ଡକା ପକାଇ କାନ୍ଦିବା
୧୧) ସନ୍ନିପାତ ବେମାରୀ
୧୨) ଗିଲ୍ଟି
୧୩) ରାୟବାହାଦୂର ସୋମନାଥ ମହାପାତ୍ର
୧୪) ଘରର ଝରକା କବାଟ
୧୫) ସେ ଜୟଧ୍ୱନି
୧୬) ଏକ ବିରାଟ ପଟୁଆର
୧୭) ଭେଲ୍‌ଭେଟ୍ ବାକ୍‌ସରେ
୧୮) ଅରୁଣର
୧୯) ଏକ ନୂତନ ଆଭିମୁଖ୍ୟ
୨୦) ଋବୁକ୍‌ରେ
୨୧) ରାୟବାହାଦୂର ସୋମନାଥ ମହାପାତ୍ର
୨୨) ପୁତ୍ରବଧୂ ଅପର୍ଣ୍ଣା
୨୩) ସ୍ୱାଧିନତା ଉତ୍ସବରେ ମାତି
୨୪) ଅପରାଧୀ କଣ୍ଠରେ
୨୫) ସ୍ୱାଧିନ ଭାରତର ତ୍ରିରଙ୍ଗା ପତାକା
୨୬) ବନାରସ୍
୨୭) ଗ୍ଲେସିଅର
୨୮) ଡାଲମଣ୍ଡି
୨୯) ସିଲ୍‌ହୁଟ ଛବିପରି
୩୦) ରୋମନ୍ଥନ
୩୧) ସତ୍ୟ
୩୨) ପୋଷ୍ଟ ଅଫିସ୍ ପାଖରେ
୩୩) ମାଷ୍ଟରଜୀ
୩୪) ନୀରବରେ
୩୫) ଦକ୍ଷ ଦରିଦ୍ରର ଆତ୍ମକାହାଣୀ
୩୬) ଦୀର୍ଘ ନିଃଶ୍ୱାସ
୩୭) ଅଜବ ଦୃଶ୍ୟ
୩୮) ହଂସଯୁଗଳ
୩୯) ଏକ ଅନୁଚ୍ଚ ପାହାଡ଼ ଉପରେ
୪୦) ଆକାଶର ଅକଳ୍ପନୀୟ ଦୃଶ୍ୟ
୪୧) ସମ୍ଭ୍ରାନ୍ତ ପକ୍ଷୀ
୪୨) ନିରାଶାବାଦୀ
୪୩) ତରୁଣୀଭାର୍ଯ୍ୟା
୪୪) କଚ୍ଛପ ଆଡ଼କୁ ଦୃଷ୍ଟିପାତ କରିବାରୁ
୪୫) କଚ୍ଛପ ପତନ ସଂପର୍କରେ ଭବିଷ୍ୟବାଣୀ କହିନଥିଲେ କାହିଁକି
୪୬) ଗଣ୍ଠିବାତ

**(୩) ଲେଖା ଓ ଲେଖକଙ୍କ ନାମୋଲେଖ କରି ପ୍ରତ୍ୟେକକୁ ଦୁଇଟି ବାକ୍ୟରେ ଉତ୍ତର ଦିଅ। ପ୍ରଶ୍ନର ମୂଲ୍ୟ ୨ ନମ୍ବର। ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିଛି।**

୧) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଏକାରଙ୍ଗ, ଏକାବାସ୍ନା ହେଲେବି ଦୁଇ ପ୍ରକାର ମାଲ୍, ଚିହ୍ନି ନ ଜାଣିଲେ ତଳିତଳାନ୍ତ ହେବାକୁ ହୁଏ।

୨) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀରମୋହନ ସେନାପତି କପାଳିଆ ଲୋକକୁ ଆକବରୀ ମୋହର ମିଳେ, ସେ ଗଲେ ଲକ୍ଷ୍ମୀ ଛାଡ଼ିଯାଏ ବୋଲି କୁହାଯାଏ।

୩) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀରମୋହନ ସେନାପତି ବାବୁଙ୍କ ସିନ୍ଦୁକ ଋବି ଭାଙ୍ଗି ପାଂଚଶହ ଟଙ୍କାର ଥଳି ଚୋରିକରି ଫେରାର ହୋଇଯିବା

୪) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ରନ୍ଧାବଢ଼ା ସାରି ସବୁବେଳେ ଗଦିରେ ରହିବା, କେତେବେଳେ କଂଟା ଧରିବା ତ କେତେବେଳେ ମାଲ୍ ସାଇତା କରିବା

୫) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଋଷ ମୁଣ୍ଡରେ ଋଷିମାନଙ୍କ ଠାରୁ ସହଉଦା କରିବା

୬) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଗୋପାଳ ଖୁବ୍ ବଡ଼ ଲୋକ ହେଉ

୭) ଗଳ୍ପ – ସଭ୍ୟଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଖଣ୍ଡେ ଦୋମହଲା ଘର ଆଉ ଖଣ୍ଡେ ତାଲୁକ କିଣିଦେବା

୮) ଗଳ୍ପ – ସଭ୍ୟଜମିଦାର–ଗାଳ୍ପିକ–ଫକୀରମୋହନ ସେନାପତି
କଲିକତା ହାଇକୋର୍ଟରୁ ଆସି ଚଳନ୍ତି ଅଚଳନ୍ତି ଯାନାସନ ସମସ୍ତ କ୍ରୋକ୍ କରି ପକାଇଲା

୯) ଗଳ୍ପ – ପତାକା ଉତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ତାହା ଯେପରି ତାଙ୍କର ଚରମ ପରାଜୟ ଘୋଷଣା କରୁଥିଲା ।

୧୦) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ସ୍ୱାଧୀନ ଭାରତର ତ୍ରିରଙ୍ଗ ପତାକା ଧରି ଜୟଧ୍ୱନି କରି ଚାଲିଥିବା ଏ ବିରାଟ ପଟୁଆରକୁ

୧୧) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ୍

୧୨) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ବିଦ୍ୟୁତର ଆଘାତରେ ହଠାତ୍ ଟଳିପଡିବା ପରି

୧୩) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ଏକଦା ବିଜୟୋଜ୍ଜ୍ୱଳ ଅତୀତର ପ୍ରାଣହୀନସ୍ମାରକୀ ଗୁଡ଼ିକୁ

୧୪) ଗଳ୍ପ – ପତାକା ଉତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ମନ୍ଥର ଜାତୀୟ ଆନ୍ଦୋଳନରେ ନୂତନ ସ୍ପନ୍ଦନ ଓ ଜାତୀୟ ଆନ୍ଦୋଳନର ଏକ ନୂତନ ଆଭିମୁଖ୍ୟ ସୃଷ୍ଟି

୧୫) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ସଦ୍ୟ ବିଧବାର ବୁକୁଫଟା କ୍ରନ୍ଦନ ଯାହା ଦିନେ ଥିଲା ତାଙ୍କ ପୁତ୍ରବଧୂ ଅପର୍ଣ୍ଣାର

୧୬) ଗଳ୍ପ – ପତାକା ଉତ୍ତୋଳନ–ଗାଳ୍ପିକ–ସୁରେନ୍ଦ୍ର ମହାନ୍ତି
ତ୍ରିରଙ୍ଗା ପତାକା ଉଡ଼ାଇ ତା'ତଳେ ଦୀପଟିଏ ଜାଳି ଶଙ୍ଖଧ୍ୱନି କରୁଥିଲେ

୧୭) ଗଳ୍ପ – ରୂପ ନାରାୟଣ ସାହା–
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
କୈଶୋରର କୌତୂହଳୀ ଆଖି ଦେଇ ଗଙ୍ଗା ଗୋଧୂଳିର କରୁଣ ଏକାଙ୍କୀକାକୁ

୧୮) ଗଳ୍ପ – ରୂପ ନାରାୟଣ ସାହା–
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
କେଉଁ ଦିନ ଏ ଜାତିର ଶ୍ରେଷ୍ଠ ସନ୍ତାନ ବାଲ୍ୟଗୁରୁର ପାଦତଳେ ମଥାନତ କରି କୃତଜ୍ଞତା ଜଣାଇବ

୧୯) ଗଳ୍ପ – ରୂପ ନାରାୟଣ ସାହା–
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ମନୁଷ୍ୟ କଥା କହିବା ଅପେକ୍ଷା ନିରବରେ ତା'ଠାରୁ ଯଥେଷ୍ଟ ବେଶି ପ୍ରକାଶ କରିପାରେ

୨୦) ଗଳ୍ପ – ରୂପ ନାରାୟଣ ସାହା –
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ମାଷ୍ଟରଜୀଙ୍କ ଅବସ୍ଥା ସଂପର୍କରେ ପଚାରିବା ଉଚିତ୍ ହେବକି ନ ହେବ

୨୧) ଗଳ୍ପ – ରୂପ ନାରାୟଣ ସାହା –
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ଯାହା ପରୀ ରାଜ୍ୟର କଳ୍ପନାକୁ ପରାସ୍ତ କରେ, ଯାହା ଇତିହାସ ଠାରୁ ଆହୁରି ସତ୍ୟ

୨୨) ଗଳ୍ପ – ରୂପ ନାରାୟଣ ସାହା –
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ବିଶ୍ୱର ବିରାଟ ବହି ଉପରେ ବହୁ ବିଚିତ୍ର ନାୟକ ନାୟିକାର ହୃତପଦ୍ମର ସ୍ପନ୍ଦନ

୨୩) ଗଳ୍ପ – ରୂପ ନାରାୟଣ ସାହା –
ଗାଳ୍ପିକ–ଅଖିଳ ମୋହନ ପଟ୍ଟନାୟକ
ଏ ଦୋଷ କେବଳ ଅଶୋକର ନୁହେଁ, ଏ ମୂର୍ଖତା ଏଇ ସମଗ୍ର ଅନ୍ଧ ଜାତିର

୨୪) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଦୂରଦୂରାନ୍ତର କାହାଣୀ ଶୁଣାଉଥିଲେ

୨୫) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଶୂନ୍ୟରେ ଥିବାଯାଏ ମୁହଁ ନ ଖୋଲିବାକୁ

୨୬) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଇତିହାସରେ ପ୍ରଥମ କଚ୍ଛପ ମହାକାଶଚାରୀ ଭାବରେ ତା' ନାମ ଅମର ରହିବ

୨୭) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ହଂସଦ୍ୱୟଙ୍କ ଚଂଚଳ ପକ୍ଷ ଓ କଚ୍ଛପର ମସୃଣ ପୃଷ୍ଠ ଦେଶରେ ସୁନାରଧୂଳି ମଖାଇ ଦେଇଥିଲା

୨୮) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
କଚ୍ଛପର କିୟଦଂଶମାନ ଭକ୍ଷଣ କରି କୌଣସି ନା କୌଣସି ରୋଗରୁ ମୁକ୍ତିପାଇଁ

୨୯) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଜଣଜଣ ହୋଇ ସମସ୍ତ ସଭାସଦ୍ ବୁଦ୍ଧୁ ହୋଇଥିବାର ସମ୍ଭାବନାରୁ ମୁକ୍ତ ହୋଇଥିଲେ

୩୦) ଗଳ୍ପ – ଆକାଶ କଇଁଛ – ଗାଳ୍ପିକ – ମନୋଜ ଦାସ
ଏକ ମାସ ସମୟ ମଧ୍ୟରେ ମଇଁଷି ଆକାରର ବିହଙ୍ଗରୁ ହଳେ ଆଣିବା ପାଇଁ ନହେଲେ ତାଙ୍କ ରାଜ୍ୟ ରାଜାଙ୍କର ଏକ ତାଲୁକରେ ପରିଣତ ହେବ

**(୪) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ - ୩୦ଟି ଶବ୍ଦରେ ଉତ୍ତର ଦିଅ : ପ୍ରଶ୍ନର ମୂଲ୍ୟ - ୩ ନମ୍ବର । ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଉତ୍ତର ପାଇଁ ୨ ନମ୍ବର ।**

୧) ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଗୋପାଳ ଆକବରୀ ମୋହର ପାଇ ଫେରାଇବା - ମହାଜନଙ୍କ ସବୁବୋଲହାକ କରିବା - ରୋଷେୟା ବ୍ରାହ୍ମଣ ଗଲାପରେ ରୋଷେଇ କରିବା - ଅଧା ଖର୍ଚ୍ଚରେ ରୋଷେଇ କରିବା - ସବୁବେଳେ କାମରେ ଥିବା ଯୋଗୁଁ।

୨) ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ବାବୁ ରାଜୀବ ଲୋଚନ ବାଲ୍ୟକାଳରୁ ଦୁଷ୍ଟ- ଅବଧାନ ତାଙ୍କୁ ସମ୍ଭାଳି ନ ପାରିବା - ମା'ଙ୍କ କଥାରେ ଗୋପାଳ ତାକୁ କଲିକତା ଆଣିବା - ସେଠାରେ ଇଂରାଜୀ ପଢ଼ା ନାଁରେ ଅର୍ଥଶ୍ରାଦ୍ଧ - ସ୍ଥାନ ଅସ୍ଥାନଗମନ - ଥିଏଟର ଦେଖା ଇତ୍ୟାଦି।

୩) ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ପିତାଙ୍କ ମୃତ୍ୟୁରେ ଡକା ପକାଇ କାନ୍ଦିବା କୁସଂସ୍କାର - ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବା କୁସଂସ୍କାର - ଶୋକସଭା- ଦରିଦ୍ରମାନଙ୍କୁ ଅର୍ଥ ବିତରଣ - ଡାକ୍ତରଖାନାକୁ ଚନ୍ଦା ଦେବା

୪) ଗଳ୍ପ - ସଭ୍ୟ ଜମିଦାର-ଗାଳ୍ପିକ-ଫକୀର ମୋହନ ସେନାପତି ଖମାର ସବୁ ଖାଲି ପଡ଼ିବା - ଗୋରୁ ମଇଁଷି ପଲ ସରି ଆସିବା - ସଲାମୀ ସରି ଆସିବା - କରଣ ମାନେ ଜଣାଇବା ପରେ - ପ୍ରଜାଙ୍କୁ ମାରିପିଟି ଆଗତୁରା ବର୍ଷକର ଖଜଣା ଅସୁଲ ଲାଗି ମେନେଜରଙ୍କ ଆଦେଶ

୫) ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ଡ୍ରୟର ଭିତରରେ ଭେଲଭେଟ୍ ବାକ୍ସ - ବାକ୍ସ ଭିତରେ ପୁତ୍ର ଅରୁଣର ଫଟୋ ପ୍ରତିଭା ଦୀପ୍ତ ଆଦର୍ଶୋଜ୍ଜ୍ୱଳ ଚେହେରା - ଅସହଯୋଗୀ ସତ୍ୟାଗ୍ରହୀର ପୋଷାକ

୬) ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ଚଉରୀ ଚଉରା ବିପ୍ଳବ - ଭାରତର ମନ୍ଥର ଜାତୀୟ ଆନ୍ଦୋଳକୁ ସକ୍ରୀୟ କରିବା - ଏକ ନୂତନ ସ୍ପନ୍ଦନ ସୃଷ୍ଟି ହେବା - ଭାରତର ଜାତୀୟ ଆନ୍ଦୋଳନରେ ଏକ ନୂତନ ଆଭିମୁଖ୍ୟ ସୃଷ୍ଟି କରିବା

୭) ଗଳ୍ପ - ପତାକା ଉତ୍ତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି କ୍ରନ୍ଦନର ସ୍ୱର - ଝିଙ୍କାରୀର ରାଗିଣୀ ଭଳି - ସଦ୍ୟ ବିଧବାର ବୁକୁଫଟା କ୍ରନ୍ଦନ - ପୁତ୍ରବଧୂ ଅପର୍ଣ୍ଣାର କ୍ରନ୍ଦନ ଭଳି - ଅଧ ରାତିରେ ନିଦ ଭାଙ୍ଗି ଗଲେ ଏ ସ୍ୱର ଶୁଭେ

୮) ଗଳ୍ପ - ପତାକା ଉତୋଳନ-ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି ଜନତାଙ୍କ ଫ୍ରଗ୍ଷ୍ଟାଫ୍ ଭାଙ୍ଗି ଆଗକୁ ମାଡି ଆସିବା - ୟୁନିଅନ୍ ଜ୍ୟାକ୍ ଚିରିବା - ସୋମନାଥ ଜନତାଙ୍କୁ ଭୟଭୀତ କରିବାକୁ ପିସ୍ତଲରୁ ଫାଙ୍କା ଗୁଳି ଚଳନା କରିବା। କିନ୍ତୁ ଗୁଳି ମାଡ଼ରେ ପୁତ୍ର ଅରୁଣର ଶବ ରାସ୍ତାରେ ଲୋଟି ପଡ଼ିବା

୯) ଗଳ୍ପ - ରୂପ ନାରାୟଣ ସାହା- ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ ଅକାରଣ ଆନନ୍ଦ ସଂଗ୍ରହ ଲାଗି ବହୁ ଲୋକଙ୍କ ଆଗମନ - ଫୁଟ୍‌ପାଥରେ ଲୋକଙ୍କ ଭିଡ଼ - ଅସମ୍ଭବ କୋଳାହଳ - ଉଦ୍‌ଭାସିତ ବିଦ୍ୟୁତ୍ ଆଲୋକ

୧୦) ଗଳ୍ପ - ରୂପ ନାରାୟଣ ସାହା - ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ ସତ୍ୟର ପରିପ୍ରକାଶ - ଅଶୋକ ରାମ ନଗର ଯିବା କଥା ପ୍ରକାଶ କରିଦେବାରୁ କର୍ପୋରେସନ ଟିକସ ଦଶଟଙ୍କା ଲାଗୁହେବା - ପରିବାରର ସମସ୍ତେ କ୍ଷୁବ୍‌ଧ ହେବା - ଅଶୋକକୁ ଭର୍ତ୍ସନା - ମାଷ୍ଟରଜୀଙ୍କ ପ୍ରତିକ୍ରିୟା

୧୧) ଗଳ୍ପ - ରୂପ ନାରାୟଣ ସାହା - ଗାଳ୍ପିକ - ଅଖିଳ ମୋହନ ପଟ୍ଟନାୟକ ଛାତ୍ରର ସଫଳତା-ଜାତିର ଶ୍ରେଷ୍ଠ ସନ୍ତାନର ଶିକ୍ଷକଙ୍କ ପାଦସ୍ପର୍ଶ

୧୨) ଗଳ୍ପ - ରୂପ ନାରାୟଣ ସାହା - ଗାଳ୍ପିକ-ଅଖିଳ ମୋହନ ପଟ୍ଟନାୟକ ମାଷ୍ଟରଜୀଙ୍କ ଜୀବନ କାହାଣୀ - ଦାରିଦ୍ର୍ୟ ଓ ଅଭାବ ଅନଟନ ପୀଡ଼ିତ ମଣିଷର କାହାଣୀ - ଯାହା ପରୀ ରାଜ୍ୟର କଳ୍ପନାକୁ ପରାସ୍ତ କରେ - ଇତିହାସ ଠାରୁ ଆହୁରି ଅଧିକ ସତ୍ୟ

୧୩) ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ କଳ୍ପନା ଲୋକର ଅଜବଦୃଶ୍ୟ - ଗୀତ ବୋଲୁଥିବା ଗଛଲତା - ମେଘମାଳା ଭିତରୁ ଝରି ଆସୁଥିବା ସାତରଙ୍ଗୀ ନଦୀ, ନର ଓ ବାନରଙ୍କ ମଧ୍ୟରେ ପ୍ରଶସ୍ତ ଗୃହରେ ଲାଙ୍ଗୁଳର ଉପଯୋଗିତା ସଂପର୍କରେ ତର୍କସଭା

୧୪) ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ ରାଜାଙ୍କ ବ୍ୟଙ୍ଗୋକ୍ତି - ବିଦେଶୀ ଦୂତଙ୍କ ଉପସ୍ଥିତିରେ ସେନାପତି ଗଣ୍ଠିବାତ ଭୋଗୁଥିବା କଥା ପ୍ରକାଶ - ବିଜ୍ଞ ବୋଲି ପରିଚୟ ପ୍ରଦାନ

୧୫) ଗଳ୍ପ - ଆକାଶ କଇଁଛ - ଗାଳ୍ପିକ - ମନୋଜ ଦାସ ବିଦେଶୀ ଦୂତଙ୍କୁ ତାଙ୍କ ଦେଶରୁ ମଇଁଷି ଆକାରର ହଳେ ବିହଙ୍ଗ ଆଣିବାକୁ ଆଦେଶ ଦେବା - ନହେଲେ ତାଙ୍କ ରାଜ୍ୟ ରାଜାଙ୍କର ଏକ ତାଲୁକରେ ପରିଣତ ହେବ। ସେନାପତିଙ୍କ ଗଣ୍ଠିବାତ ରୋଗର ଉପସମ ହେବ।

**(୫) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରତ୍ୟକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

୧) ଲେଖକଙ୍କ ସମୟର ଓଡ଼ିଶା – ଇଂରାଜୀ ଶିକ୍ଷାର ଅନୁପ୍ରବେଶ – ଲୋକଙ୍କ ମୋହ – ଇଂରେଜୀ ସଭ୍ୟତା ପ୍ରତି ଅହେତୁକ ମୋହ – ଆଗ୍ରହ – ଏହାର କୁପ୍ରଭାବ – ନିଜସ୍ୱ ସଂସ୍କୃତିର ଅବକ୍ଷୟ – ଏହାର କୁପରିଣତି

୨) ଗୋପାଳ ଇଂରାଜୀ ଅନଭିଜ୍ଞ –ମହାଜନ ସହିତ କଲିକତା ଯିବା – ଗଦିର କାମ – ସାଧୁ, ସଚ୍ଚୋଟ୍– ନିରଳସ – ପରିଶ୍ରମୀ – ଜମିଦାରିର ମାଲିକ ହେବା – ଗର୍ବ ଅହଂକାର ଶୂନ୍ୟ – କର୍ତ୍ତବ୍ୟ ପରାୟଣ ବଶମ୍ବଦ ବିଶ୍ୱସ୍ତ ମଣିଷ

୩) ଜଣେ ଆଦର୍ଶ ହିନ୍ଦୁ ରମଣୀ । ଶିକ୍ଷାଦୀକ୍ଷା ଅଧିକ ନ ଥିଲେ ବି ଜଣେ ପତି ପରାୟଣା ସୁଗୃହିଣୀ । ଗର୍ବ ଅହଂକାର ହୀନା – ସହନଶୀଳା ରମଣୀ – ହିନ୍ଦୁ ସଂସ୍କୃତିକୁ ରକ୍ଷା କରି ଚାଲିଥିବା ଧର୍ମ ପରାୟଣ ମହିଳା

୪) ଇଂରାଜୀ ଶିକ୍ଷା – ସଭ୍ୟତା – ନାମରେ – ଅପସଂସ୍କୃତିର ଅନୁପ୍ରବେଶ – ସାମାଜିକ ଜୀବନରେ ଅବକ୍ଷୟର ଆରମ୍ଭ – ସଂସ୍କାର ନାମରେ ଭ୍ରଷ୍ଟାଚାରର ଅନୁପ୍ରବେଶ – ପ୍ରକୃତ ଶିକ୍ଷାର ଘୋର ଅଭାବ – ବିଦେଶୀ ସଭ୍ୟତାର ନାମରେ ବ୍ୟଭିଚାର ଅନୁପ୍ରବେଶ । ଏହାର କୁପରିଣତି

୫) ସ୍ୱାଧିନତା ଲାଗି ଦେଶବ୍ୟାପୀ ଆନ୍ଦୋଳନ – ଜନତାର ଆଗ୍ରହ ଓ ଉଦ୍ଦୀପନା – ଦେଶୀ ଚାକିରିଆଙ୍କ ଇଂରେଜ ପ୍ରୀତି – ଗୋଲାମୀର କୁଫଳ – ପଦପଦବୀ ଓ କ୍ଷମତା ପ୍ରତି ଅନ୍ଧମୋହ – ଏହାର ଚରମ ପରିଣତି ଦୁଃଖଦ ଓ ଅଶ୍ଳୀଳ ।

୬) ସ୍ୱାଧୀନତା ଲାଭ ପୂର୍ବରୁ ଚାକିରୀଆଙ୍କ ଇଂରେଜ ପ୍ରୀତି – ପଦପଦବୀ ଓ ପୁରସ୍କାର ଲୋଭ – ଆନ୍ଦୋଳନକୁ ପରାହତ କରିବାକୁ ପ୍ରଚେଷ୍ଟା – ରାୟ ବାହାଦୁରଙ୍କ ବିଦେଶୀ ସରକାର ପ୍ରୀତି – ଗୋଲାମୀ ମନୋବୃତ୍ତି – ନିମକହାରାମି ନ ହେବାର ସଂକଳ୍ପ – ପୁତ୍ରହତ୍ୟା ପରେ ବି ୟୁନିୟନ୍ ଜ୍ୟାକ୍ ପ୍ରତି ଦୁର୍ବଳତା – ସବୁ ଅନୁଭବ କରୁଥିଲେ ବି ଅନ୍ଧ ସରକାର ପ୍ରୀତି ।

୭) ପୋଲିସ୍ ଅଫିସର ପିଲା – ପିତା ଇଂରେଜ କର୍ମଚାରୀ – ଆନ୍ଦୋଳନ ବିରୋଧୀ ଅରୁଣ ଆନ୍ଦୋଳନ ସପକ୍ଷବାଦୀ – ନିର୍ଭୀକ – ସଚ୍ଚାଦେଶପ୍ରେମୀ – ନେତା – ଆନ୍ଦୋଳନର ନେତୃତ୍ୱ ନେବା – ଚାବୁକ୍ ମାଡ଼ ଖାଇବି ପଛଘୁଞ୍ଚା ନ ଦେବା – ଗୃହତ୍ୟାଗୀ ହୋଇବି ଆନ୍ଦୋଳନକୁ ଚଳାଇ ରଖିବା । ପିତାଙ୍କ ଅବାଧ୍ୟ ହୋଇ ଗୁଳି ମାଡ଼ରେ ଟଳିପଡ଼ିବା । ସମଗ୍ର ଦେଶରେ ଏଭଳି ଚରିତ୍ର ଏକ ପ୍ରତିନିଧି ଶ୍ରେଣୀୟ ଚରିତ୍ର ।

୮) ଏକ ସ୍ୱତନ୍ତ୍ରଶୈଳୀ – ଯାଦୁକରୀ ବର୍ଣ୍ଣନା – ବନାରସର ବର୍ଣ୍ଣନା – ଡ଼ାଲ୍‌ମଣ୍ଡି ବର୍ଣ୍ଣନା – ଗଙ୍ଗାର ସଂଧ୍ୟା ବର୍ଣ୍ଣନା – ମାଷ୍ଟରଜୀଙ୍କ ରୂପ ବର୍ଣ୍ଣନା – ଜୀବନ୍ତ ଓ ବାସ୍ତବ ବର୍ଣ୍ଣନା

୯) ଦରିଦ୍ର – ସ୍ୱଳ୍ପବେତନ ଭୋଗୀ – ନିର୍ଭୀକ – ସ୍ନେହୀ – ସତ୍ୟର ଅନୁରାଗୀ – ଚାକିରୀ ଚାଲିଯିବା – ପରିବାରର ବୋଝ – ପତ୍ନୀ ବିୟୋଗ – ରିକ୍‌ସା ଟଣା – ନିଜେ ରୋଗାକ୍ରାନ୍ତ 'ବୁଢ଼ୀମା' ଓ ପିଲାଟିଏ ବି ଅଳ୍ପ ବୟସରେ ରିକ୍‌ସା ଟାଣିବା । ଏସବୁ ସତ୍ତ୍ୱେ ବି ସେ ଭାଙ୍ଗି ନ ପଡ଼ି ସଂଗ୍ରାମ ରତ ।

୧୦) ଅଭାବଗ୍ରସ୍ତ ମଣିଷ – ତଥାପି ସତ୍ୟର ପୂଜାରୀ – ଅନ୍ୟାୟର ପ୍ରତିବାଦ କରିବା – ଶିକ୍ଷକ ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯିବା – ଚାକିରୀରୁ ବିଦାୟ – ପତ୍ନୀ ବିୟୋଗ – ତଥାପି ସଂଗ୍ରାମ – ରିକ୍‌ସାଟଣାକୁ ଜୀବିକା ଭାବେ ଗ୍ରହଣ କାହାରି ବିରୁଦ୍ଧରେ ଅଭିଯୋଗ ନାହିଁ ।

୧୧) ନିଜେ ଶିକ୍ଷା ବିଭାଗର ଉଚ୍ଚ କର୍ମକର୍ତ୍ତା – ପ୍ରାଥମିକ ଶିକ୍ଷାର ଅଧଃପତନ – ଶିକ୍ଷକ ମାନଙ୍କର ଦୁର୍ଦ୍ଦଶା – ଏ ଦେଶର ଶିକ୍ଷକ ମାନଙ୍କ ପ୍ରତି ଚରମ ଅବହେଳା– ସମଗ୍ର ଅନ୍ଧ ଜାତିର ଅପରିଣାମଦର୍ଶୀ ଭାବ ।

୧୨) ଅଦୂରଦର୍ଶୀ ଉଚ୍ଚାଭିଳାଷର କୁପରିଣତି – ଆତ୍ମଗର୍ବ – ଅହମିକାର ଚରମ ପରିଣତି ଦୁଃଖଦ ଓ ଅଶ୍ଳୀଳ । ଆତ୍ମବଡ଼ିମା ମଣିଷକୁ ରସାତଳଗାମୀ କରାଏ ।

୧୩) କଳ୍ପନାକୁ ବାସ୍ତବ ରୂପଦେବାର ପ୍ରଚେଷ୍ଟା – ବେଳେବେଳେ ଭୟଙ୍କର ହୋଇଥାଏ । ଅଦୂର ଦର୍ଶୀ ଉଚ୍ଚାଭିଳାଷର ପରିଣତି ଭୟଙ୍କର – ଆତ୍ମଗର୍ବ ଓ ଅହଂକାର ମଣିଷକୁ ରସାତଳଗାମୀ କରେ । ପ୍ରତ୍ୟେକ ଅଭିଳାଷ ପୂରଣର ସୀମାରେଖା ଜାଣିବା ଆବଶ୍ୟକ । ନତୁବା ପରିଣତି ଭୟଙ୍କର ହୁଏ ।

୧୪) କଇଁଛର ଆଶା – ଆସ୍ଫାଳନ – ପ୍ରଚେଷ୍ଟା – ଅହଂକାର – ଆତ୍ମଗର୍ବ ଭୂମିପତନ – ପଣ୍ଡିତ ମାନଙ୍କର ବିଜ୍ଞତା ପ୍ରଦର୍ଶନ – ସେମାନଙ୍କର ମୂର୍ଖାମୀର ପରିପ୍ରକାଶ ଗଳ୍ପକୁ ସୁଖପାଠ୍ୟ କରିଛି ।

୧୫) ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପ ବୌଦ୍ଧିକ – ଲଘୁହାସ୍ୟ ଓ ବ୍ୟଙ୍ଗ ଭିତରେ ଦେଇ ଶିକ୍ଷଣୀୟ ବିଷୟର ଉପସ୍ଥାପନା – ମଣିଷ ସମାଜକୁ ସଚେତନ କରିବାର ବୃଥା ଅହମିକା ଓ ଆତ୍ମଗର୍ବର ବିଷମୟ ପରିଣତି ସଂପର୍କରେ ସଚେତନତା ସୃଷ୍ଟି – କଳ୍ପନାକୁ ସାକାର କରିବାର ଅପଚେଷ୍ଟାରୁ ବିରତ ହେବା ।

***

# ଚତୁର୍ଥ ଏକକ

## ଅନୁଚ୍ଛେଦଟି ପାଠ କରି ତାର ଆଧାରରେ ସଂଲଗ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଦେବାକୁ ହେବ।

ଆମ ଦେଶର ଗିରିଜନମାନେ ବି ଏଇପରି କାହାଣୀ କହନ୍ତି ସେମାନଙ୍କ ଭାଷା ସମ୍ପର୍କରେ ଏସବୁ ଏକ ଅନ୍ଧବିଶ୍ୱାସ। କୌଣସି ଭାଷା ଦେବଭାଷା ନୁହେଁ। ସବୁ ଭାଷା ମଣିଷ ସମାଜର ସୃଷ୍ଟି। ନିଜକୁ ବଡ଼ ବୋଲି ଚିହ୍ନାଇବା ଲାଗି କେତେକ ଲୋକ ସତମିଛ ଯୋଡ଼ି ନିଜର ବଡ଼ିମା ପ୍ରଚାର କରନ୍ତି। ଭାଷା କ୍ଷେତ୍ରରେ ବି ସେୟା।

ଅଭାବ ଓ ଅଭାବବୋଧ ଅନେକ ଆବିଷ୍କାର ଓ ଉଦ୍ଭାବନର କାରଣ। ଭାଷା କ୍ଷେତ୍ରରେ ବି ଠିକ୍ ସେଇ ସୂତ୍ର। ସାରା ଜୀବଜଗତରେ କେବଳ ମଣିଷର ହିଁ ଏକ ପୂର୍ଣ୍ଣାଙ୍ଗ ଭାଷା ଅଛି। ଅନ୍ୟ ଜୀବଜନ୍ତୁ କିଛି ଧ୍ୱନି କରିପାରନ୍ତି। ସେଗୁଡ଼ିକ ଗୋଟିଏ ଗୋଟିଏ ସଙ୍କେତ। ଜଙ୍ଗଲରେ ବାଘଟେ ଘୁମୁରୁଚି। ଦେଖିନେଲା ମୟୂର। କୁହାଟଟେ ମାରିଦେବ। ସେଇ କଥା ଚିତ୍କାର କରି କହିଦେବ ହନୁ। ଶମ୍ବର ବି ଜଣାଇଦେବ।

ବୁଲ୍‌ବୁଲ୍ ପକ୍ଷୀ ଗୀତ ଗାଏ। ଡାକେ ତା'ର ସାଙ୍ଗକୁ। ଗାଈ ଡାକେ ବାଛୁରୀକି। ତା' ଛୁଆକୁ ଡାକେ ଛେଳି। କୁଆଯାକ ଏକାଠି ହେଇ ପ୍ରତିବାଦ ଜଣାନ୍ତି କିଛି ଗୋଟେ ଅପ୍ରୀତିକର ଘଟଣା ଘଟିଲେ, ମହୁମାଛି ନାଚ ଦେଖାଏ। ତା' ନାଚରୁ ଅନ୍ୟମାନେ ଜାଣନ୍ତି ସାଙ୍ଗଟି ମହୁ ଦେଖିଚି।

ଏସବୁ ଅଳ୍ପ କେତେକ ସଙ୍କେତ। ଟିକିଏ ପାଟି। ଟିକିଏ ଧ୍ୱନି। ଟିକିଏ ଆଲୁଅ। ଟିକିଏ ନାଚ। ଏସବୁ ଖୁବ୍ ସୀମିତ। ତେଣୁ ଏଗୁଡ଼ିକୁ ଭାଷା ବୋଲି କେହି ଗ୍ରହଣ କରନ୍ତିନି। ମାତ୍ର ଏସବୁରେ ଭାଷାର କେତେକ ସନ୍ତକ ଓ ସଙ୍କେତ ଯେ ଅଛି, ତାହା କିଏ ଅସ୍ୱୀକାର କରିବ। ଜିମ୍ କରବେଟ୍ କହନ୍ତି ଯେ ଜଙ୍ଗଲର ଭାଷାକୁ ନ ବୁଝି ଯେଉଁ ଶିକାରୀ ଶିକାରକୁ ଯାଏ, ସେ ନିଜେ ଶିକାର ବନିଯାଏ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଅନ୍ଧବିଶବାସ ବୋଲି କାହାକୁ କୁହାଯାଇଛି ?

**ଉ. :** ଆମ ଦେଶର ଗିରିଜନ ମାନେ ଭାଷା ସଂପର୍କରେ କହୁଥିବା କାହାଣୀକୁ ଅନ୍ଧବିଶ୍ୱାସ ବୋଲି କୁହାଯାଇଛି।

(ii) ଅନେକ ଉଦ୍ଭାବନର କାରଣ କ'ଣ ?

**ଉ.:** ଅଭାବ ଓ ଅଭାବବୋଧ ଅନେକ ଉଦ୍‌ବୋଧନର କାରଣ।

(iii) କେଉଁଗୁଡ଼ିକ ସଂକେତ କୁହାଯାଇଛି ?

**ଉ.:** ଅନ୍ୟ ଜୀବଜନ୍ତୁମାନେ ଧ୍ୱନି କରିପାରନ୍ତି ତାକୁ ସଂକେତ କୁହାଯାଏ।

(iv) କାହାର କେବଳ ପୂର୍ଣ୍ଣାଙ୍ଗ ଭାଷା ଅଛି ?

**ଉ.:** ସମଗ୍ର ଜୀବଜଗତରେ ମଣିଷର କେବଳ ପୂର୍ଣ୍ଣାଙ୍ଗ ଭାଷା ଅଛି।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଭାଷା କ୍ଷେତ୍ରରେ ବି କାହାକୁ ସମାନ କଥା ବୋଲି କୁହାଯାଇଛି ?

**ଉ.:** ନିଜକୁ ବଡ଼ ବୋଲି ଚିହ୍ନେଇବାକୁ ଯାଇ ନିଜ ଭାଷାକୁ ଦେବଭାଷା କହିବା

(ii) ଜଙ୍ଗଲରେ ବାଘ ଘୁମୁରିବା ସଂକେତ କିମିତି ମିଳେ ?

**ଉ.:** ବାଘ ଘୁମୁରିବା ଦେଖିଲା ମୟୂର। କୁହାଟଟେ ମାରିଦେବ। ସେଇକଥା ଚିତ୍କାର କରି କହିଦେବ ହନୁ। ଶମ୍ବର ବି ଜଣାଇଦେବ।

(iii) ଜିମ୍ କରବେଟ୍ କହନ୍ତି କ'ଣ ?

**ଉ.:** ଜଙ୍ଗଲର ଭାଷାକୁ ନ ବୁଝି ଯେଉଁ ଶିକାରୀ ଶିକାରକୁ ଯାଏ। ସେ ନିଜେ ଶିକାର ବନିଯାଏ।

ଅର୍ଥନୀତି ବ୍ୟତୀତ ସଂଘର୍ଷରେ ଅନ୍ୟ ଏକ କାରଣ ହେଉଛି ରାଜନୀତି। ପ୍ରତ୍ୟେକ ଦେଶରେ ରାଜନୀତି ଏତେ ହିଂସା ଓ ଦ୍ୱେଷ ସୃଷ୍ଟି କରୁଛି ଯେ ଏଥିରୁ କିପରି ମୁକ୍ତି ମିଳିବ ତାହ କେହି ଠିକ୍ କରିପାରୁନାହାନ୍ତି। କାରଣ ପ୍ରତ୍ୟେକ ଦେଶରେ ରାଜନୀତିର ପ୍ରାଦୁର୍ଭାବ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ରାଜନୀତିଜ୍ଞ ମାନେ କେବଳ ଶାସନକୁ ନିୟନ୍ତ୍ରଣ କରୁନାହାନ୍ତି, ସେମାନେ ମଧ୍ୟ ଅର୍ଥନୀତିକୁ ନିୟନ୍ତ୍ରଣ କରୁଛନ୍ତି। ଯେଉଁମାନେ କ୍ଷମତାରେ ରହୁଛନ୍ତି, ସେମାନଙ୍କୁ ଉପଭୋଗ କରିବାକୁ ଯେତିକି ସୁବିଧା ମିଳୁଛି, ଯେଉଁମାନେ କ୍ଷମତାରେ ନାହାନ୍ତି, ସେମାନଙ୍କର ହିଂସା ଓ ଦ୍ୱେଷ ସେତିକି ଅଧିକ ହେଉଛି। ବିଶେଷ କରି ବିକାଶଶୀଳ ଦେଶମାନଙ୍କର ରାଜନୈତିକ ହିଂସା ବହୁ ପରିମାଣରେ ବୃଦ୍ଧି ପାଉଛି। ସେଥିପାଇଁ କେତେକ କହୁଛନ୍ତି ଯେ ଏକଛତ୍ର ଶାସନ ପ୍ରତିଷ୍ଠା କଲେ ବୋଧହୁଏ ଏ ହିଂସା ରହିବ ନାହିଁ। ରାଜୀତିକଦ୍ୱନ୍ଦ୍ୱ ଆରମ୍ଭ ହେଉଛି ନିର୍ବାଚନରୁ। ତେଣୁ ନିର୍ବାଚନ ବନ୍ଦକରିଦେଲେ ଏହି ଦ୍ୱନ୍ଦ କମିଯିବ। ଏହି ଯୁକ୍ତିରେ କୌଣସି ଯଥାର୍ଥତା ନାହିଁ। କାରଣ ନିର୍ବାଚନ ସାହାଯ୍ୟରେ ଯଦି କ୍ଷମତା ମିଳୁନଥାନ୍ତା ତାହାହେଲେ ନିର୍ବାଚନ ଯୋଗୁ ଏତେ ହିଂସା ଓ ଦ୍ୱେଷ ସୃଷ୍ଟି ହୁଅନ୍ତା ନାହିଁ। ତେଣୁ ନିର୍ବାଚନକୁ ଦୋଷ ଦେଇ କିଛି ଲାଭ ନାହିଁ। ମୋଟ କଥା ରାଜନୀତି ଫଳରେଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା, ତାହାହେଲେ ବୋଧହୁଏ ରାଜନୀତିରୁ ଏତେ ସଂଘର୍ଷ ସୃଷ୍ଟି ହୁଅନ୍ତା ନାହିଁ। ଯେଉଁସବୁ ଦେଶରେ ଏକଛତ୍ର ଶାସନ ଅଛି, ସେଠାରେ ମଧ୍ୟ ପ୍ରବଳ ହିଂସା ଦେଖିବାକୁ ମିଳୁଛି। ହୁଏତ ଅନେକ ସମୟରେ ଏସବୁ କଥା ସମ୍ବାଦ ପତ୍ରରେ ପ୍ରକାଶ ପାଇପାରୁନାହିଁ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ସଂଘର୍ଷରେ କେଉଁ କେଉଁ କାରଣ ଅଛି ?

**ଉ.:** ଅର୍ଥନୀତି ଓ ରାଜନୀତିଗତ କାରଣ ଅଛି ।

(ii) କେଉଁଥିରୁ ମୁକ୍ତି ମିଳିବା ଚିନ୍ତାର କାରଣ ହୋଇଛି ?

**ଉ.:** ରାଜନୈତିକ ହିଂସା ଓ ଦ୍ୱେଷରୁ ମୁକ୍ତିପାଇବ ଚିନ୍ତାର କାରଣ ହୋଇଛି ।

(iii) ରାଜନୈତିକ ହିଂସା ଦେଖି କେତେକ କ'ଣ କହୁଛନ୍ତି ?

**ଉ.:** କେତେକ କହୁଛନ୍ତି ଏକଛତ୍ରବାଦ ପ୍ରତିଷ୍ଠା ହେଲେ ଏ ହିଂସା ରହିବ ନାହିଁ ।

(iv) କେଉଁ କଥା ସମ୍ବାଦପତ୍ରରେ ପ୍ରକାଶ ପାଇପାରୁନାହିଁ ?

**ଉ.:** ଏକଛଦବାଦୀ ଶାସନତନ୍ତ୍ରରେ ଘଟୁଥିବା ହିଂସାର ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶିତ ହୋଇପାରୁନାହିଁ ।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ ।**

(i) ରାଜନୈତିକ ହିଂସାର ପ୍ରତିକାରର କାରଣ କାହିଁକି ଠିକ୍ ହୋଇପାରୁନାହିଁ ?

**ଉ.:** କାରଣ ପ୍ରତ୍ୟେକ ରାଷ୍ଟ୍ରରେ ରାଜନୀତିର ପ୍ରାର୍ଦୁଭାବ ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ରାଜନୀତିଜ୍ଞ ମାନେ କେବଳ ଶାସନକୁ ନିୟନ୍ତ୍ରଣ କରୁନାହାନ୍ତି । ଅର୍ଥନୀତିକୁ ମଧ୍ୟ ନିୟନ୍ତ୍ରଣ କରୁଛନ୍ତି ।

(ii) ରାଜନୈତିକ ହିଂସା କିପରି ଘଟୁଛି ?

**ଉ.:** କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ଉପଭୋଗ କରିବାକୁ ଯେତିକି ସୁବିଧା ମିଳୁଛି, ଯେଉଁମାନେ କ୍ଷମତାରେ ନାହାନ୍ତି ସେମାନଙ୍କର ହିଂସା ଓ ଦ୍ୱେଷ ସେତିକି ଅଧିକ ହେଉଛି । ତେଣୁ ହିଂସା ଘଟିବାରେ ଲାଗିଛି ।

(iii) ରାଜନୀତିରୁ ସଂଘର୍ଷ କିପରି କମିପାରିବ ?

**ଉ.:** ରାଜନୀତି ଫଳରେ ଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା ତାହାହେଲେ ରାଜନୀତିରୁ ସଂଘର୍ଷ କମିପାରନ୍ତା ।

"ମାହାରୀ ସେବକ କାହାରି ଅଙ୍ଗସଙ୍ଗ ନ ହେବେ । ଅନ୍ୟ ଯାତ୍ରାରେ ନ ଗମିବେ । ଗଙ୍ଗାମାତା ମଠୁ, କୁଞ୍ଜ ମଠୁ ରଥ ସମାନ୍ତରା ଠାରୁ ଦୀକ୍ଷା ନେଇ କଲି ତିଳକ ନେବେ । ପାଳିଦିନ ଘରୁ ପାକ ନ କରିବେ । ପହୁଡ଼ ଲୁଗା ନ ପିନ୍ଧିବେ । ତୁଳସୀ କଣ୍ଠି ଗଳାରେ ବାନ୍ଧିବେ, ଇତ୍ୟାଦି ।

ସାଧାରଣତଃ ଜଗନ୍ନାଥଙ୍କ ସହିତ ବାଧ୍ୟତାମୂଳକ ବିବାହ ପରେ ମାହାରୀ ମାନେ ସଂପ୍ରଦାୟଭୁକ୍ତ ହୁଅନ୍ତି । ମାହାରୀ ସେବାପାଇଁ ଉତ୍ସର୍ଗୀକୃତ କନ୍ୟାକୁ ନଅ (୯) ବର୍ଷ ବୟସରେ ବିବାହ କରି ଦିଆଯାଏ । ଜଗନ୍ନାଥଙ୍କୁ ବିବାହ କଲାପରେ ସେ ସଧବା ହୁଏ ଏବଂ ତାକୁ ଜୀବନସାରା କୁମାରୀ ଜୀବନ ଯାପନ କରିବାକୁ ପଡ଼େ । ଯଦି ସେ ବିବାହ କରେ ତାହେଲେ ସେ ଜଗନ୍ନାଥଙ୍କ ସେବାରୁ ବଂଚିତ ହୁଏ । ବିବାହ ଉତ୍ସବ ପରେ ନୃତ୍ୟ ସଂଗୀତ ଶିକ୍ଷକଙ୍କ ଠାରୁ ନୃତ୍ୟ ଶିକ୍ଷା କରେ ଓ ସମୁଚିତ ଶିକ୍ଷା ପରେ ସେ ଜଗନ୍ନାଥଙ୍କ ସେବାରେ ନିଯୁକ୍ତ ହୁଏ । ମାହାରୀ ଉତ୍ସର୍ଗୀକୃତ କନ୍ୟାଟି କାଣୀ, କୁଜି ଓ ଛୋଟି ହୋଇନଥିବେ । ପାଣି ସ୍ପୃଶ୍ୟ ଜାତିର ଥିବ । ଏଥିନିମନ୍ତେ ବହୁବିଧି ଓ ପରମ୍ପରାମାନ ନିର୍ଦ୍ଦେଶ ରହିଛି । ଯଥା - ବିବାହ ପୂର୍ବରୁ କନ୍ୟାକୁ ହଳଦୀରେ ଗାଧୋଇ ପାଟଶାଢ଼ୀ ପିନ୍ଧେଇ ଦିଆଯାଏ । ନାକରେ ବୈଷ୍ଣବ ଚିତା ଓ କପାଳରେ ଚନ୍ଦନ ବୋଳି ହାତ ଆଞ୍ଜୁଳାରେ ଅରୁଆ ଚାଉଳ ଓ ଗୁଆ ଧରି ଦେଉଳ ପ୍ରଦକ୍ଷିଣ କରେ । ଜଗନ୍ନାଥଙ୍କ ମାଳାରୁ ଗୋଟିଏ ତା ବେକରେ ପକାଯାଏ । ଦେଉଳ ପକ୍ଷରୁ ନବନିଯୁକ୍ତାକୁ ପାଟଶାଢ଼ି ଉପହାର ଦିଆଯାଏ । ସେହିଦିନ ସନ୍ଧ୍ୟାରେ ମା' ମାଉସୀ ଗହଣରେ ସେ ରାଜନବରକୁ ଯାଏ । ରାଜାଙ୍କ ପାଖରେ ବସେ । ରାଜାଙ୍କ ଶୟନ କ'ର ପଲଙ୍କକୁ ଛୁଏଁ, ରାଜାଙ୍କ ସହ ଚାରିଚକ୍ଷୁ ମିଳନ ହୁଏ, ଏହାକୁ କୁହାଯାଏ "ଶେଯ ମଡ଼ାଇବା" ।

**(କ) ପ୍ରତିପ୍ରଶ୍ନର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ ।**

(i) ମାହାରୀ ସେବକମାନେ କାହାଠାରୁ ଦୀକ୍ଷା ନେଇ ତିଳକ ନେବେ ?

**ଉ.:** ମାହାରୀ ସେବକମାନେ ଗଙ୍ଗା ମାତାମଠୁ, କୁଞ୍ଜମଠୁ, ରଥସାମନ୍ତରା ଠାରୁ ଦୀକ୍ଷା ନେଇ ତିଳକ ନେବେ ।

(ii) ମାହାରୀମାନେ କେତେବେଳେ ସଂପ୍ରଦାୟ ଭୁକ୍ତ ହୁଅନ୍ତି ?

**ଉ.:** ଜଗନ୍ନାଥଙ୍କ ସହ ବାଧ୍ୟତାମୂଳମ ବିବାହ ପରେ ସଂପ୍ରଦାୟ ଭୁକ୍ତ ହୁଅନ୍ତି ।

(iii) ଯଦି ମାହାରୀ ସେବକ ଅନ୍ୟତ୍ର ବିବାହ କରେ ତେବେ କ'ଣ ହୁଏ ?

**ଉ.:** ଜଗନ୍ନାଥଙ୍କ ସେବାରୁ ବଂଚିତ ହୁଏ ।

(iv) ଦେଉଳ ପକ୍ଷରୁ କାହାକୁ କ'ଣ ଦିଆଯାଏ ?

**ଉ.:** ନବନିଯୁକ୍ତାକୁ ପାଟଶାଢ଼ୀ ଉପହାର ଦିଆଯାଏ ।

**(ଖ) ପ୍ରତି ପ୍ରଶ୍ନର ଉତ୍ତର ୨ଟି ଲେଖାଏଁ ବାକ୍ୟରେ ଦିଅ ।**

(i) ମାହାରୀ ସେବକମାନଙ୍କ ପାଇଁ କ'ଣ ସବୁ ନିୟମ ଥିଲା ?

**ଉ.:** ମାହାରୀ ସେବକ କାହାରି ଅଙ୍ଗସଙ୍ଗ ନ ହେବେ ନାହିଁ । ଅନ୍ୟଯାତ୍ରାରେ ଯିବେ ନାହିଁ, ପାଳିଦିନ ରୋଷେଇ କରିବେ ନାହିଁ । ପହୁଡ଼ ଲୁଗା ପିନ୍ଧିବେ ନାହିଁ ଇତ୍ୟାଦି ନିୟମ ମାହାରୀ ସେବକଙ୍କ ପାଇଁ ଥିଲା ।

(ii) କେତେବର୍ଷ ବୟସରୁ କିପରି ମାହାରୀ ସଂପ୍ରଦାୟରେ ଅନ୍ତର୍ଭୁକ୍ତ ହୁଅନ୍ତି ?

**ଉ.:** ମାହାରୀ ସେବାପାଇଁ ଉତ୍ସର୍ଗୀତ କନ୍ୟାକୁ ନଅ ବର୍ଷ ବୟସରୁ ଜଗନ୍ନାଥଙ୍କ ସହିତ ବିବାହ କରି ଦିଆଯାଏ । ଏହି ବାଧ୍ୟତାମୂଳକ ବିବାହ ପରେ ସେମାନେ ମାହାରୀ ସଂପ୍ରଦାୟର ଅନ୍ତର୍ଭୁକ୍ତ ହୁଅନ୍ତି ।

(iii) ମାହାରୀ ଉତ୍ସର୍ଗୀକୃତ କନ୍ୟାର ବୈଶିଷ୍ଟ୍ୟ କ'ଣ ଥିବ ?

**ଉ.:** ମାହାରୀ ଉତ୍ସର୍ଗୀକୃତ କନ୍ୟାଟି କାଣୀ, କୁଜି, ଛୋଟି ହୋଇନଥିବ । ପାଣିସ୍ପୃଶ୍ୟ ଜାତିର ଥିବ ।

ପରେ ଜର୍ମାନ ବୈଜ୍ଞାନିକ ଶଉବେ ବର୍ଷ ବର୍ଷ ଧରି ଏଗୁଡ଼ିକୁ ପର୍ଯ୍ୟବେକ୍ଷଣ କଲେ। କ୍ରମାଗତ ୧୨ ବର୍ଷ ପର୍ଯ୍ୟବେକ୍ଷଣ କରି ସେ ସିଦ୍ଧାନ୍ତ କଲେ ପ୍ରତି ୧୧ ବର୍ଷରେ ଥରେ ସୂର୍ଯ୍ୟରେ ସୌର ଦାଗଗୁଡ଼ିକ ଯଥେଷ୍ଟ ବୃଦ୍ଧି ପାଏ। ୩୦ ବର୍ଷ କାଳ ଟେଲିସ୍କୋପ ଧରି ସେ ସୂର୍ଯ୍ୟର ଏହି ଦାଗଗୁଡ଼ିକ ଏକାଗ୍ର ଚିତ୍ତରେ ଲକ୍ଷ୍ୟ କଲେ। ତାଙ୍କ ଏହି ଧୈର୍ଯ୍ୟ ଓ ଏକାଗ୍ରତା ପାଇଁ ତାଙ୍କ ସହରରେ ଲୋକ କୁହାକୁହି ହୁଅନ୍ତି ଯେ ଶଉବେଙ୍କ ଟେଲିସ୍କୋପ ନ ଦେଖିଲେ ସୂର୍ଯ୍ୟ ଆକାଶରେ ଉଅଁନ୍ତି ନାହିଁ। ଜର୍ମାନ ବୈଜ୍ଞାନିକ ଶଉବେ ଓ ସୁଇଜରଲାଣ୍ଡର ଉଲଫଙ୍କ ବୈଜ୍ଞାନିକ ଗବେଷଣାରୁ ସୌରକଳଙ୍କର ଅନେକ ତଥ୍ୟ ଜଣାପଡ଼ିଥିଲା। କଳଙ୍କଗୁଡ଼ିକ ଏତେ ବଡ଼ ହେଉଥିଲା ଯେ ସେଥିରେ ଶହ ଶହ ପୃଥିବୀ ବିଛେଇ ହୋଇ ରହିଯିବ। ସୂର୍ଯ୍ୟର ମେରୁ ବା ବିଷୁବ ମଣ୍ଡଳରେ ସେଗୁଡ଼ିକ ଦେଖାଯାଉନଥିଲା। ପରେ ଯୁକ୍ତରାଷ୍ଟ୍ରର ବୈଜ୍ଞାନିକ ହେଲେ ସୂଚନାଦେଲେ ଯେ ସୌରକଳଙ୍କର ଚୁମ୍ବକତ୍ୱ ଅଛି। ସେଗୁଡ଼ିକ କଳା ଦେଖାଯିବାର କାରଣ ହେଲା ତାହାର ତାପମାତ୍ରା ଅନ୍ୟ ଅଂଚଳର ତାପମାତ୍ରା ଠାରୁ ଏକ ହଜାରରୁ ୧୫୦୦ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଥାଏ।

ଯାହା ଦେଖାଯାଇଛି ସୂର୍ଯ୍ୟ ତାହା ଅକ୍ଷ ଚାରିପଟେ ଅସମାନ ଗତିରେ ଘୁରେ। ମେରୁ ନିକଟରେ ୩୩ ଦିନରେ ଥରେ ଘୁରେ, କିନ୍ତୁ ବିଷୁବ ରେଖା ନିକଟରେ ପ୍ରାୟ ୨୫ ଦିନରେ ଥରେ ଘୁରେ। ଏଭଳି ଅସମାନ ଘୂର୍ଣ୍ଣନ ଫଳରେ ବିଦ୍ୟୁତ କଣିକାମାନ କୁଣ୍ଡଳାକାରରେ ଗତିକରି ଅସମାନ ଚୁମ୍ବକ କ୍ଷେତ୍ର ସୃଷ୍ଟି କରେ। ଫଳରେ ସୌରୀ କଳଙ୍କର ଆର୍ବିଭାବ ହୁଏ। କିରୀଟ ମଣ୍ଡଳରେ ସୃଷ୍ଟି ହୁଏ ଲେଲିହାନ ଅଗ୍ନି ଶିଖା। ପ୍ରଶାନ୍ତ ସୂର୍ଯ୍ୟ ପ୍ରତି ୧୧ ବର୍ଷରେ ଥରେ କଳଙ୍କିତ ହୋଇ ବାତ୍ୟା ବିକ୍ଷୁବ୍ଧ ହୋଇ ଉଠେ। ବିକ୍ଷୁବ୍ଧ ସୂର୍ଯ୍ୟ ଶରୀରରେ ଦିନକୁ ପ୍ରାୟ ୨/୩ ଟି କଳଙ୍କ ଫୁଟି ଉଠେ। କିନ୍ତୁ ଏହା ଶାନ୍ତ ଅବସ୍ଥାରେ ଥିଲାବେଳେ ମାସକୁ ମଧ୍ୟ ତିନୋଟିରୁ କେବେ ଅଧିକ ଦେଖିବାକୁ ମିଳେ ନାହିଁ। ସୌର କଳଙ୍କର ଉତ୍ପତ୍ତି ଓ ସାମୟିକ ବ୍ୟବଧାନ ସଂକ୍ରାନ୍ତର ସଠିକ କାରଣ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ବେଲୁନ ରକେଟ୍, ଟେଲିସ୍କୋପ, କ୍ୟାମେରା ପ୍ରଭୃତି ଧରି ବୈଜ୍ଞାନିକ ମାନେ ଏବେବି ଚେଷ୍ଟା ଚଳାଇଛନ୍ତି।

**(କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଦିଅ।**

(i) ବର୍ଷ ବର୍ଷ ଧରି କିଏ ପର୍ଯ୍ୟବେକ୍ଷଣ କଲେ ବୋଲି କୁହାଯାଇଛି ?

**ଉ.:** ଜର୍ମାନି ବୈଜ୍ଞାନିକ ଶଉବେ ପର୍ଯ୍ୟବେକ୍ଷଣ କଲେ।

(ii) ସହରରେ ଶଉବେଙ୍କ ସଂପର୍କରେ କ'ଣ କୁହାକୁହି ହୁଅନ୍ତି ?

**ଉ.:** ଶଉବେଙ୍କ ଟେଲିସ୍କୋପ୍ ନ ଦେଖିଲେ ସୂର୍ଯ୍ୟ ଉଦୟ ହୁଅନ୍ତି ନାହିଁ।

(iii) କିରୀଟ ମଣ୍ଡଳରେ କ'ଣ ସୃଷ୍ଟି ହୁଏ ?

**ଉ.:** କିରୀଟ ମଣ୍ଡଳରେ ଲେଲିହାନ ଅଗ୍ନିଶିଖା ସୃଷ୍ଟି ହୁଏ।

(iv) କାହାର କାରଣ ଏ ପର୍ଯ୍ୟନ୍ତ ଠିକ୍ ହୋଇପାରିନାହିଁ ?

**ଉ.:** ସୋରକଳଙ୍କର ଉତ୍ପତ୍ତି ଓ ସାମୟିକ ବ୍ୟବଧାନ ସଂକ୍ରାନ୍ତରେ ସଠିକ୍ କାରଣ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ।

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ପ୍ରତି ପ୍ରଶ୍ନର ଉତର ଦିଅ।**

(i) ଶଉବେ କେତେ ବର୍ଷର ପର୍ଯ୍ୟବେକ୍ଷଣ ଆଧାରରେ କ'ଣ ସିଦ୍ଧାନ୍ତ କଲେ ?

**ଉ.:** ଶଉବେ ବାରବର୍ଷର ପର୍ଯ୍ୟବେକ୍ଷଣ ଆଧାରରେ ସିଦ୍ଧାନ୍ତ କଲେ ଯେ, ପ୍ରତି ୧୧ ବର୍ଷରେ ଥରେ ସୂର୍ଯ୍ୟରେ ସୌରଦାଗ ଗୁଡ଼ିକ ଅଧିକ ବୃଦ୍ଧି ପାଏ।

(ii) ଶଉବେ ଓ ଉଲଫ୍‌ଙ୍କ ଗବେଷଣାରୁ କ'ଣ ଜଣାପଡ଼ିଥିଲା ?

**ଉ.:** ସୌରକଳଙ୍କ ଗୁଡ଼ିକ ଏତେ ବଡ଼ ଥିଲା ଯେ ସେଥିରେ ଶହଶହ ପୃଥିବୀ ବିଛେଇ ହୋଇ ରହିଯିବ। ସୂର୍ଯ୍ୟର ମେରୁ ବା ବିଷୁବ ମଣ୍ଡଳରେ ସେଗୁଡ଼ିକ ଦେଖାଯାଉନଥିଲା।

(iii) ସୂର୍ଯ୍ୟ ତାର ମେରୁ ଚାରିପଟେ କିପରି ଅସମାନ ଗତିରେ ଗତିକରେ ?

**ଉ:-** ମେରୁ ନିକଟରେ ୩୩ ଦିନରେ ଥରେ ଘୁରେ, କିନ୍ତୁ ବିଷୁବ ରେଖା ନିକଟରେ ପ୍ରାୟ ୨୫ ଦିନରେ ଥରେ ଘୁରେ।

ଏବେ ଗୋଟିଏ ଖୁବ୍ ଜଣାଶୁଣା କଥା କହୁଚି। ପଣ୍ଡିତମାନେ କହନ୍ତି ସାହିତ୍ୟ ସତ୍ୟ, ଶିବ ଓ ସୁନ୍ଦରର ଅବାହନ କରିଥାଏ। ଏକଥା ଠିକ୍ ଯେ ସମାଜକୁ ସୁନ୍ଦର କରିବାକୁ ସାହିତ୍ୟ କାମ କରିଥାଏ। ପୁଣି ସାହିତ୍ୟ ନାନା ଦୃଷ୍ଟିରୁ ସମାଜ ଉପରେ ନିର୍ଭରଶୀଳ। ଆଉ ମଣିଷ ଗଢ଼ିଚି ସମାଜ। ତେଣୁ ମଣିଷର ଦୋଷଗୁଣକୁ ନେଇ ସାହିତ୍ୟର କାରବାର। ତା'ରି ଭିତରୁ ନିରୁତା ସତ୍ୟଟିକି ଖୋଜିବ ସାହିତ୍ୟ। ଏବଂ ସାହିତ୍ୟିକ ସମାଜର କଲ୍ୟାଣ ଆଶାରେ ସେଇ ସତ୍ୟଟିକୁ ପ୍ରକାଶ କରିବେ।

ସାହିତ୍ୟ ପାଇଁ ଗୋଟେ ସୃଜନ ଶକ୍ତି ଦରକାର। ଏଇ ଶକ୍ତିଟି କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ନିୟନ୍ତ୍ରିତ ହୁଏ। ମଞ୍ଜିଟିଏ ଅନୁକୂଳ ପାଣି, ପବନ, ମାଟି, ସାର ନ ପାଇଲେ ଗଜାହୁଏନି କି ଗଛ ହେଇ ଫୁଲ, ଫଳ, ଛାଇ ଦେଇ ପାରେନି। ସେଇପରି କବି ପ୍ରତିଭା। ଅନୁକୂଳ ପରିବେଶ ନ ପାଇଲେ ପ୍ରତିଭା ବିକଶି ପାରେନି। ପ୍ରତିକୂଳ ଅବସ୍ଥା ବିରୋଧରେ ଲଢିବା ସହଜ କଥା ନୁହେଁ। ଲଢୁ ଲଢୁ ପ୍ରତିଭା ଝାଉଁଳି ଯାଏ। ଶେଷରେ ମରିଯାଏ ବି। ସେଭଳି ହଜାରେ ଉଦାହରଣ ଅଛି। କାଳିଦାସ, ରବୀନ୍ଦ୍ରନାଥ ପ୍ରମୁଖ କବିମାନେ ଭଲ ପରିବେଶ ପାଇ ନଥିଲେ, ଆଜି ସେମାନଙ୍କୁ ଯାହା ଦେଖୁଛୁ, ତାହା ହୋଇ ନଥା'ନ୍ତେ।

ତେଣୁ ସାହିତ୍ୟ ଓ ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରତି ସମାଜର ଏକ ବଡ଼ ଦାୟିତ୍ୱ ଅଛି। ସମାଜ ସେମାନଙ୍କୁ ସମ୍ମାନ ଦେବ ଏବଂ ସେମାନେ ଯେଉଁଭଳି ଉନ୍ନତ ସୃଷ୍ଟି କରିପାରିବେ ସେ ପରିବେଶ ଯୋଗାଇଦେବ। ସେ ପରିବେଶ ହେବ ମୁକ୍ତ ଓ ଭୟଶୂନ୍ୟ ପରିବେଶ। ତା'ହେଲେ କବି ହୃଦୟ ଖୋଲି ବହୁତ କଥା କହି ପାରିବେ। ସତଟାକୁ ପ୍ରକାଶ କରିବେ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ସାହିତ୍ୟ ସଂପର୍କରେ ପଣ୍ଡିତମାନେ କ'ଣ କହନ୍ତି ?

(ii) ସାହିତ୍ୟ କାହାକୁ ନେଇ କାରବାର କରେ ?

(iii) ସାହିତ୍ୟ ପାଇଁ ଦରକାର ଶକ୍ତିଟି କାହାଦ୍ୱାରା ନିୟନ୍ତ୍ରିତ ହୁଏ ?

(iv) ସମାଜର କାହାପ୍ରତି ବଡ଼ଦାୟିତ୍ୱ ଅଛି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ସାହିତ୍ୟ ଓ ସାହିତ୍ୟିକ କ'ଣ କରିବେ ?

(ii) ରୁଚି ପ୍ରତିଭା କେଉଁ ପରି ?

(iii) ସ୍ରଷ୍ଟାଙ୍କୁ ସମାଜ କଣ ଯୋଗାଇ ଦେବ ଓ ତା'ର ଫଳ କ'ଣ ହେବ ?

ଶାସନ କ୍ଷେତ୍ରରେ ଦୁଇଟି ମତବାଦ ପ୍ରବଳ ପ୍ରତିଦ୍ୱନ୍ଦିତା କରିବାର ଦେଖାଯାଉଛି। ଏକ ହେଉଛି ଅଷ୍ଟାଦଶ ଶତାବ୍ଦୀର ଅର୍ଥଶାସ୍ତ୍ରୀ ଆଡାମ ସ୍ମିଥଙ୍କର। ସେ ୧୭୭୬ରେ ତାଙ୍କର ରାଷ୍ଟ୍ରୀୟ ସଂପଦ (wealth of nations) ପୁସ୍ତକ ପ୍ରକାଶ କରି ରାଜନୀତି ଓ ଅର୍ଥନୀତିର ଦିଗ ପରିବର୍ତ୍ତନ କରିବାରେ ନେତୃତ୍ୱ ନେଲେ। ତାଙ୍କ ମତରେ ବ୍ୟକ୍ତିଗତ ପ୍ରଚେଷ୍ଟାରେ, ରାଷ୍ଟ୍ରୀୟ ସଂପଦ ବୃଦ୍ଧି ହୋଇପାରିବ। ସରକାରୀ ହସ୍ତକ୍ଷେପ ରାଷ୍ଟ୍ରୀୟ ସଂପଦ ଅପଚୟ କରିବାରେ ସାହାଯ୍ୟ କରିବ। ତା ପରେ ଆସିଲେ କାର୍ଲ ମାର୍କସ୍। ସେ ୧୭୪୮ରେ କମ୍ୟୁନିଷ୍ଟମାନିଫାଷ୍ଟୋ ଲେଖି ଏକ ନୂତନ ବିଚାର ଥୋଇଲେ। ସେ ବ୍ୟକ୍ତିଗତ ପ୍ରଚେଷ୍ଟାର ପୂରାପୂରି ବିରୋଧ କରି ସରକାରଙ୍କ ଉପରେ ସମସ୍ତ ଦାୟିତ୍ୱ ଅର୍ପଣ କରିଦେଲେ। ଅଷ୍ଟାଦଶ ଶତାବ୍ଦୀରେ ଚିନ୍ତାଧାରା ଉନବିଂଶ ଶତାବ୍ଦୀରେ ପୂରାପୁରି ବଦଳିଲେ। ବିଂଶ ଶତାବ୍ଦୀରେ ଦେଖାଯାଉଛି ଯେ ଆଡ଼ାମ ସ୍ମିଥ ଯେପରି ଅଚଳ କାର୍ଲ ମାର୍କସ୍ ମଧ୍ୟ ସେହିପରି ଅଚଳ। ଉଭୟ ସାମାଜିକ ଅର୍ଥନୀତିକ ଓ ରାଜନୀତିକ ସଂଘର୍ଷ ସୃଷ୍ଟି କରିବାରେ ପୂରା ଦମରେ ସାହାଯ୍ୟ କରୁଛନ୍ତି। ଯେଉଁଠାରେ ଆଡାମସ୍ମିଥ୍‌ଙ୍କ ମତବାଦ କାର୍ଯ୍ୟକାରୀ ହୋଇଛି, ସେଠାରେ କେତେକ ଶିଳ୍ପପତି ଓ ବ୍ୟବସାୟୀ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ଉତ୍ପାଦନ ବ୍ୟବସ୍ଥା ସେମାନଙ୍କ ଦ୍ୱାରା ସେମାନଙ୍କ ସ୍ୱାର୍ଥ ପାଇଁ ପରିଚାଳିତ ହେଉଛି। ଯେଉଁ ଜିନିଷ ଜନସାଧାରଣଙ୍କ ଚାହିଦା ପୂରଣ ପାଇଁ ଦରକାର ତାହା ଉତ୍ପାଦିତ ହେଉନାହିଁ – ଯେଉଁ ଜିନିଷ ଉତ୍ପାଦିତ ହେଲେ ବେଶି ଲାଭ ମିଳିବ ସେହି ସବୁ ଜିନିଷ ଅଧିକ ଉତ୍ପାଦିତ ହେଉଛି। ଏହା ଫଳରେ ଅର୍ଥନୈତିକ କ୍ଷେତ୍ରରେ ବିଭେଦ ସୃଷ୍ଟି ହେଉଛି। ଯେଉଁଠାରେ କମ୍ୟୁନିଜମ୍ ପ୍ରତିଷ୍ଠିତ ହୋଇଛି, ସେଠାରେ ମଧ୍ୟ ଶୋଷଣ ଓ ଅତ୍ୟାଚାରର ଅଭାବ ନାହିଁ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଶାସନ କ୍ଷେତ୍ରରେ କେଉଁ ଦୁଇଜଣଙ୍କର ମତବାଦ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦିତା ଦେଖାଯାଏ ?

(ii) କିଏ ରାଷ୍ଟ୍ରୀୟ ସଂପଦ ଅପଚୟରେ ସାହାଯ୍ୟ କରିବ ?

(iii) କାର୍ଲ ମାର୍କ୍ସ କେବେ କ'ଣ ଲେଖି ଏକ ନୂତନ ବିଚାର ଥୋଇଥିଲେ ?

(iv) କମ୍ୟୁନିଜିମ୍ ପ୍ରତିଷ୍ଠିତ ହୋଇଥିବା ସ୍ଥାନରେ ମଧ୍ୟ କାହାର ଅଭାବ ନାହିଁ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଆଡାମ୍‌ସ୍ମିଥ୍ କେବେ, କ'ଣ ଲେଖି, କାହାର ନେତୃତ୍ୱ ନେଇଥିଲେ ?

(ii) ବିଂଶ ଶତାବ୍ଦୀରେ କ'ଣ ଦେଖାଯାଉଛି ?

(iii) କାହା ଫଳରେ ଅର୍ଥନୈତିକ ବିଭେଦ ସୃଷ୍ଟି ହେଉଛି ?

ଆଲୋକ ମଣ୍ଡଳ ଅହରହ ଆନ୍ଦୋଳିତ। ଫଳରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଆଲୋକ ମଣ୍ଡଳ ପୃଷ୍ଠରେ ସୌର କଳଙ୍କ ଦେଖାଯାଏ। ତାହାହିଁ ଝଡ଼ର ସୂଚନା। ସେତେବେଳେ ବର୍ଣ୍ଣ ମଣ୍ଡଳ ଓ କିରୀଟ ମଣ୍ଡଳରେ ଶିହରଣ ଖେଳିଯାଏ। କିରୀଟ ମଣ୍ଡଳରୁ ଯେଉଁ ଉତପ୍ତ ଅଗ୍ନି ହୁଳା ଉଠେ ତାହା ମହାଶୂନ୍ୟରୁ ନିୟୁତ ନିୟୁତ କିଲୋମିଟର ଜିଭ ଲହ ଲହ କରି ଲମ୍ବିଯାଏ। କି ପ୍ରଚଣ୍ଡ ବେଗରେ ସେ ଖେଳିଯାଏ। ସେକେଣ୍ଡରୁ ପ୍ରା/ ୪/୫ ଶହ କିଲୋମିଟର। ବେଳେବେଳେ ସୂର୍ଯ୍ୟରୁ ତାହା ଛିଣ୍ଡି ପଡ଼େ। ମନେ ହୁଏ ସୂର୍ଯ୍ୟ ଯେପରି ସୃଷ୍ଟିକୁ ଧ୍ୱଂସ କରିଦେବ। ସେତେବେଳେ ଅସଂଖ୍ୟ ବୈଦ୍ୟୁତିକ କଣିକା ମହାଶୂନ୍ୟକୁ ବିଂଚି ହୋଇ ପଡ଼େ। ଚୁମ୍ବକ ଝଡ଼ ସୃଷ୍ଟି ହୁଏ; ରେଡ଼ିଓ ଷ୍ଟେସନର ସ୍ୱାଭାବିକ କାର୍ଯ୍ୟ ବ୍ୟାହତ ହୁଏ; ରେଡ଼ାର ଯନ୍ତ୍ରପାତି କ୍ଷଣକ ପାଇଁ ଅଞ୍ଚଳ ହୋଇପଡ଼େ। ମେରୁ ଅଞ୍ଚଳରେ ଜାହାଜର କମ୍ପାସ ଚୁମ୍ବକ ଦିଗ ହରାଏ। ସତର୍କ ନ ହେଲେ ସେତେବେଳେ ନାବିକ ପଥବଣା ହେବା ବିଚିତ୍ର ନୁହେଁ। ସେତେବେଳେ ପୃଥିବୀର ମେରୁ ଅଞ୍ଚଳରେ ପ୍ରଜ୍ୱଳିତ ହୁଏ ମେରୁ ପ୍ରଭା। ଆକାଶ ଓ ପୃଥିବୀ ମଧ୍ୟରେ ଆଲୋକର ଭୀଷଣ ତାଣ୍ଡବ ଲୀଳା। ଏହାହିଁ ଅବୋଧ ସୌର ଝଡ଼ର ଲାକ୍ଷଣିକ ସୂଚନା।

ସୌର କଳଙ୍କର ଆବିର୍ଭାବ ହିଁ ସୌର ଝଡ଼ର ସୂଚନା ଦିଏ। ସୌର କଳଙ୍କ କ'ଣ ଅନେକ ବର୍ଷ ପର୍ଯ୍ୟନ୍ତ କେହି ଜାଣି ନଥିଲେ। ପୂର୍ବକାଳରେ ଚୀନ୍ ଲୋକେ ଭାବୁଥିଲେ ସୂର୍ଯ୍ୟ ଆକାଶରେ ପଲ ପଲ ଚଢ଼େଇ ଉଡି ଯାଉଛନ୍ତି। ସେମାନଙ୍କ ଛାଇ ସବୁ ସୌର କଳଙ୍କ ରୂପେ ଦେଖାଯାଉଛି। କେତେକ କହୁଥିଲେ ସୂର୍ଯ୍ୟ ଚାରିପଟେ ଘୁରୁଥିବା ବୁଧ ଗ୍ରହର ଛାଇ ପଡ଼ି ସେମିତି କଳାଦାଗ ଦିଶୁଛି। ଏମିତି କିଏ କେତେ କଳ୍ପନା କରୁଥିଲା। ୧୬୧୦ ମସିହା ବେଳକୁ ଗାଲିଲିଓ ସେଗୁଡ଼ିକ ପ୍ରତି ଧ୍ୟାନ ଦେଲେ। ସେ ନୂଆ ନୂଆ ଟେଲିସ୍କୋପ ଉଦ୍ଭାବନ କରିଥାନ୍ତି। ସେଥିରେ ସେ ସୌର କଳଙ୍କଗୁଡ଼ିକୁ ଅନେଇଲେ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଆଲୋକ ମଣ୍ଡଳର ପୃଷ୍ଠରେ ସୌରକଳଙ୍କ କାହିଁକି ଦେଖାଯାଏ ?

(ii) ଝଡ଼ର ସୂଚନାରେ କ'ଣ ହୁଏ ?

(iii) ମେରୁପ୍ରଭା କ'ଣ ?

(iv) ସୌରକଳଙ୍କକୁ କେତେକ କ'ଣ କହୁଥିଲେ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କିରୀଟ ମଣ୍ଡଳରୁ ଉଠୁଥିବା ଅଗ୍ନିହୁଳାର କ'ଣ ହୁଏ ?

(ii) ଚୁମ୍ବକ ଛଡ଼ ସୃଷ୍ଟି ହେଲେ କ'ଣ ହୁଏ ?

(iii) ପୂର୍ବେ ଚୀନର ଲୋକେ ସୌରକଳଙ୍କ ସଂପର୍କରେ କ'ଣ ଭାବୁଥିଲେ ?

ଜମିଦାର ବଂଶରେ ଜନ୍ମ ହୋଇଥିଲେ ମଧ୍ୟ ମଧୁସୂଦନ ଥିଲେ ଜମିଦାର ପ୍ରଥାର ସମ୍ପୂର୍ଣ୍ଣ ବିରୋଧୀ। ଦେଶରୁ ଜମିଦାରି ପ୍ରଥାକୁ ବିଲୋପ କରିବା ଲାଗି ସେ ପ୍ରଥମେ ଆହ୍ୱାନ ଦେଇଥିଲେ। ତାଙ୍କ ମତରେ ଏହି ପ୍ରଥା ଭାରତୀୟ ପରମ୍ପରାର ସମ୍ପୂର୍ଣ୍ଣ ବିରୋଧୀ ଥିଲା।

ବଙ୍ଗଳା କାଉନ୍‌ସିଲରେ ଏଣେ ଓଡିଶା ଟେନାସୀ ବିଲ୍ ଆଲୋଚିତ ହେଉଥିବା ସମୟରେ, ଓଡ଼ିଶାର କୃଷକମାନଙ୍କର ତରଫରୁ ବଙ୍ଗଳାର ଲେଫ୍‌ଟନାଂଟ୍ ଗଭର୍ଣ୍ଣର ସାର୍ ଉଇଲିଅମ୍ ଡିଉକ୍‌ଙ୍କ ପାଖରେ ଏକ ସ୍ମାରକପତ୍ର ଦାଖଲ କରି ମଧୁସୂଦନ ତହିଁରେ ଓଡ଼ିଶାରେ ଜମିଦାରୀ ପ୍ରଥାର ଅଭ୍ୟୁଦୟ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ତହିଁରେ ସେ ନାନାଦି ପ୍ରମାଣ ଓ ଯୁକ୍ତି ଉପସ୍ଥାପିତ କରି ନିଃସନ୍ଦେହଭାବରେ ପ୍ରମାଣିତ କରିଦେଇଥିଲେ ଯେ, ମୋଗଲ ରାଜାମାନଙ୍କ ଶାସନ କାଳରେ ହିଁ ଓଡିଶାରେ ପ୍ରଥମେ ଏହି ପ୍ରଥାର ପ୍ରଚଳନ ହେଲା। ଏହା ମୂଳତଃ ମୋଗଲ ଶାସକ ମାନଙ୍କର ସୃଷ୍ଟି ଥିଲା ଏବଂ ସେମାନଙ୍କ ପୂର୍ବରୁ ସାରା ଭାରତବର୍ଷରେ ଏ ପ୍ରଥାର ପ୍ରଚଳନ ଆଦୌ ଦେଖିବାକୁ ମିଳୁନଥିଲା। ଏ ଦେଶରେ ଯୁଗେ ଯୁଗେ କୃଷି ଉପଯୋଗୀ ଭୂମି ଉପରେ କୃଷକର ପୂର୍ଣ୍ଣଦାବି ଓ ଅଧିକାର ଅବିସମ୍ବାଦୀ ସତ୍ୟରୂପେ ଗୃହୀତ ହୋଇ ଆସିଅଛି। ଏବଂ କୃଷକ ତାହାର ଏହି ଭୂମିଲାଗି ରାଜା ବା ଶାସକଙ୍କୁ ନିୟମିତ ଭାବରେ କର ଦେଉଥିବା ପର୍ଯ୍ୟନ୍ତ ତାହାର ଏହି ସ୍ୱାର୍ଥରେ କେବେହେଲେ ବାଧା ସୃଷ୍ଟି ହେଉନଥିଲା। ଏ ସମ୍ବନ୍ଧରେ ମଧୁସୂଦନ ଆମ ଦେଶର ପ୍ରାଚୀନ ସ୍ମୃତିଶାସ୍ତ୍ରରୁ ଗୋଟିଏ ପଂକ୍ତି ଉଦ୍ଧାର କରି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଥିଲେ। ତାହା ହେଲା, "ସ୍ଥାଣୁଚ୍ଛେଦସ୍ୟ କେଦାରମାହୁ ଶଲ୍ୟବତୋ ମୃଗଃ" ... ଏହାର ଅର୍ଥ, ଶିକାର ଉପରେ ଶିକାରୀର ଅଧିକାର ଯେପରି ଅବିସମ୍ବାଦିତ, ସେହିପରି କୃଷକ ଯେଉଁ କୃଷି କ୍ଷେତ୍ରକୁ କର୍ଷଣ କରି ଫସଲ ଉପୁଜାଇଥାଏ, ସେହି କ୍ଷେତ୍ର ଓ ସେଥିରେ ଉତ୍ପାଦିତ ହୋଇଥିବା ଶସ୍ୟ ଉପରେ ତାର ଅଧିକାର ମଧ୍ୟ ନିଶ୍ଚିତ ଓ ଅବିସମ୍ବାଦିତ।

ମୋଗଲ ରାଜାମାନଙ୍କ ରାଜୁତିକାଳରେ ମଧ୍ୟ ଜମିଦାର ମାନେ ରାଜ୍ୟ ସରକାର ତରଫରୁ ମାମୁଲି ରାଜସ୍ୱ-ଆଦାୟକାରୀ ରୂପେ ମାତ୍ର ବିବେଚିତ ହେଉଥିଲେ ଏବଂ ସେହି କାମ ପାଇଁ ସେମାନେ ଆଦାୟ କରୁଥିବା ରାଜସ୍ୱର ଏକ ଅଂଶ ପାରିଶ୍ରମିକ ରୂପେ ପାଉଥିଲେ;

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଭାରତୀୟ ପରମ୍ପରାରେ ଜମିଦାରୀ ପ୍ରଥା କିପରି ଥିଲା ?

(ii) ବଙ୍ଗଳାର ଲେଫ୍‌ଟନାଂଟ ଗଭର୍ଣ୍ଣର ପାଖରେ ମଧୁସୂଦନ କ'ଣ ପ୍ରମାଣ କରିଥିଲେ ?

(iii) ସ୍ମାରକପତ୍ରରେ କେଉଁଥିରୁ ଉଦ୍ଧୃତିଟିକୁ ମଧୁସୂଦନ ଗ୍ରହଣ କରିଥିଲେ ?

(ii) କେଉଁଟି ଅବିସମ୍ବାଦିତ ସତ୍ୟ ରୂପେ ଗୃହୀତ ହୋଇଆସିଛି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଓଡ଼ିଶାର କୃଷକ ମାନଙ୍କ ତରଫରୁ କିଏ, କେଉଁଠି, ଦାଖଲ କରିଥିବା ସ୍ମାରକପତ୍ରରେ କ'ଣ ଲେଖାଥିଲା ?

(ii) ସ୍ମାରକପତ୍ରରେ ମଧୁସୂଦନ କେଉଁ ବିଷୟରେ ଆଲୋଚନା କରିଥିଲେ ?

(iii) କେତେବେଳେ କେଉଁମାନେ ରାଜସ୍ୱ ଆଦାୟକାରୀ ରୂପେ ବିବେଚିତ ହେଉଥିଲେ ?

ଭାଷା କହିଲେ ସଙ୍କେତ। କଟକରେ ଯାଉଛୁ କାର୍‌ରେ। ଛକଜାଗାରେ ନାଲି ଆଲୁଅ ଜଳୁଛି। ତୋ' କାର୍ ଥପ୍‌କରି ଠିଆ ରହିଯିବନା। ଆଗକୁ କେବେ ଯିବନି। ସେମିତି କେଉଁଠି ବାଁକୁ ଯିବ ସ୍କୁଟର୍। ସେ ଆରୋହୀ ବାଁ ପାଖକୁ ହାତ ଦେଖାଇ କାଟନ୍ତିନା। ଏଇଟା ଅକୁହା ଭାଷା।

ଦିଜଣ ଲୋକ କେବେହେଁ ଗୋଟେ କଥାକୁ ଠିକ୍ ଏକାପରି କହନ୍ତିନି। ଶବ୍ଦର ଧ୍ୱନନ ମାନେ ଉଚ୍ଚାରଣ କଣ୍ଠରୁ କଣ୍ଠକୁ ଭିନ୍ନ। ସେଇଥିପାଇଁ ପାଚେରୀର ସେପାରରୁ ସୁଜାତା ଡାକିଲେ, ଏ ପାଖରେ ଥାଇ ତୁ କଣ୍ଠ ବାରିପାରୁ। କେତେକ ଲୋକ ଅନ୍ୟର କଣ୍ଠସ୍ୱରକୁ ଅନୁକରଣ କରନ୍ତି। ମାତ୍ର ସ୍ୱାଭାବିକ ଭାବେ ଦିଜଣ ଲୋକ ସେଇ ଗୋଟିଏ ଅନୁଚ୍ଛେଦକୁ କହିବା, ପଢିବା ବେଳେ ଅଲଗା ଅଲଗା ବାରି ହୋଇ ପଡ଼ନ୍ତି। ଏହା ଭାଷାର ଅନ୍ୟ ଏକ ବୈଚିତ୍ର୍ୟ। ମୁଁ ଅକୁହା ଭାଷା ବୋଲି କହିଥିଲି ଯେ। ଧରାଯାଉ ଏଇଟି ଗୋଟେ ଛବି। ଗୋଲ ଆଖି ଦିଟା। ଏଢ଼େ ନାକ। ଓସାରିଆ ପାଟି। ନାକରେ ବସଣି। କପାଳରେ

ଚିତା। ସଙ୍ଗେସଙ୍ଗେ ତୋ' ହାତ ଉଠିଯାଏ କପାଳକୁ। ସେ କାଳେ ଜଗନ୍ନାଥ।। ଫର ଫର ଉଡୁଚି ତ୍ରିରଙ୍ଗ ପତାକା। କେସେଟ୍‌ରେ ଜନଗଣମନର ଯାନ୍ତ୍ରିକ ବାଦ୍ୟ ମୁର୍ଚ୍ଛନା। ତୁ ଠିଆ ହେଉଯାଉ। ଏହାର ଅର୍ଥ ତୁ ବୁଝୁ। ଇଏ ଗୋଟେ ଭାଷା। ଅକୁହା ଭାଷା।

କହିଛି : ଭାଷା ଖାଲି ସଙ୍କେତର ସମାହାର। ଏ ସଙ୍କେତ ଗୁଡ଼ା ପୁଣି ଆଦୌ ସରଳ ନୁହେଁ। ବଡ଼ ଜଟିଳ ସେସବୁ। ସଙ୍ଗୀତ, ନାଚ, ଚିତ୍ର, ଅଭିନୟ ଏସବୁ ଭାଷାର ଗୋଟିଏ ଗୋଟିଏ ଦିଗ। ଅବଶ୍ୟ ଦାନ୍ତ, ଜିଭ, ତାଳୁ, ପେଟ, କଣ୍ଠ ଆଦିର ସାହାଯ୍ୟରେ ଯେଉଁ ଅର୍ଥପୂର୍ଣ୍ଣ ଧ୍ୱନି ବାହାରେ ତାକୁ ହିଁ ଆମେ ଭାଷାରେ ସ୍ୱୀକୃତି ଦେଇଥାଉ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କାର୍ କିମିତି ଥପ୍ କରି ଠିଆ ହୋଇଯିବ ?

(ii) ପାଚେରୀ ଏପାରିର କଣ୍ଠ କାହିଁକି ବାରି ହୁଏ ?

(iii) କେଉଁ ଗୁଡ଼ିକୁ ଭାଷାର ଗୋଟିଏ ଗୋଟିଏ ଦିଗ କୁହାଯାଏ ?

(iv) ଆମେ କାହାକୁ ଭାଷାର ସ୍ୱୀକୃତି ଦେଉ ?

**(ଖ) ଦୁଇଟି ବାକ୍ୟରେ ଉତ୍ତର ଦିଅ।**

(i) କାହାକୁ ଅକୁହା ଭାଷା କୁହାଯାଏ ?

(ii) କାହାକୁ ଦେଖିଲେ ହାତ ଉଠିଯାଏ କପାଳକୁ ?

(iii) କାହିଁକି ଜଣେ ଛିଡ଼ା ହୋଇଯାଏ ?

ଶ୍ରୀ ମନ୍ଦିରରେ ଦେବଦାସୀ ମାନଙ୍କ ନୃତ୍ୟ 'ମାହାରୀ ନୃତ୍ୟ' ଏବଂ ତାଙ୍କର ପରମ୍ପରାକୁ 'ମାହାରୀ' ପରମ୍ପରା କୁହାଯାଏ।

ଶ୍ରୀ ମନ୍ଦିରରେ ଜଗନ୍ନାଥଙ୍କ ରାଜକୀୟ ଉପଚାର ପାଇଁ ବିଭିନ୍ନ ସମୟରେ ପ୍ରାୟ ଶହେ ଉଣେଇଶ ପ୍ରକାର ସେବା ପ୍ରବର୍ତ୍ତନ କରାଯାଇଛି। ତନ୍ମଧ୍ୟରୁ ବୀଣାକାର ସେବା, ଗୀତଗୋବିନ୍ଦ ସେବା, ଭିତର ଟାଉଣୀ ସେବା, ସମ୍ପ୍ରଦା ନିଯୋଗ ସେବା ଓ ମାଦେଲୀ ସେବାରେ ମାହାରୀ ମାନେ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତ ଥାନ୍ତି। ଏହି ଦୈନିକ ସେବା ବ୍ୟତୀତ ନୀଳାଦ୍ରି ବିଜେ, ଅୟନ ଯାତ୍ରା, ଚନ୍ଦନ ଯାତ୍ରା, ଦୋଳଯାତ୍ରା, ରଥଯାତ୍ରା, ଦୁର୍ଗାପୂଜା, ଜନ୍ମାଷ୍ଟମୀ, ରୁକ୍ମିଣୀ ବିବାହ ଆଦି ବିଶେଷ ଉତ୍ସବରେ ମାହାରୀ ମାନଙ୍କ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିଥିଲା। କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଗଙ୍ଗବଂଶୀୟ ସମ୍ରାଟ ନରସିଂହ ଦେବ ଜଗନ୍ନାଥଙ୍କ ନିତ୍ୟସେବା ପ୍ରଚଳନ କରାଇବା ଯୋଗୁଁ ମାହାରୀ ମାନେ ସେହିଦିନି ଠାରୁ ପ୍ରତ୍ୟହ ଗୀତଗୋବିନ୍ଦ ଗାନ ଓ ନୃତ୍ୟାଭିନୟ ଆଦି ପ୍ରଦର୍ଶନ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ସେବାରେ କିଛି ବ୍ୟତିକ୍ରମ ଘଟିବାରୁ ଗଜପତି ପତରପାରୁଦ୍ରଦେବ ଏହି ସେବାର ଶୁଦ୍ଧତା ରକ୍ଷା ନିମିତ ଏକ ଘୋଷଣାନାମା ଜାରି କରିଥିଲେ। ଶ୍ରୀମନ୍ଦିରରେ ପ୍ରଚଳିତ ଥିବା ଦେବଦାସୀ ମାନଙ୍କ Records of rights ରୁ ୧୯୫୬ ମସିହା ପର୍ଯ୍ୟନ୍ତ ପାର୍ବତୀ, ତାରା, ରତନୀ, ଲାବଣ୍ୟ, ଶଶିମଣି, ହରିପ୍ରିୟା, ଫକିରୀ ବୁଲୀ, ମହନ, କୁନ୍ଦନ ଆଦି ଦେବଦାସୀ ମାନଙ୍କ ନାମ ଦୃଷ୍ଟିଗୋଚର ହୁଏ।

ଏହାଛଡ଼ା ବିଭିନ୍ନ ସମୟରେ ଦକ୍ଷିଣ ଦେଶରୁ ଦେବଦାସୀ (ଅପସରସ) ଆଣି ମଧୁପୁର ପାଟଣା ଚୂଡ଼ଙ୍ଗ ସାହିରେ ରଖାଯାଇଥିଲା, ଯେଉଁମାନେ ଚନ୍ଦନ ଯାତ୍ରାରେ ଜଗନ୍ନାଥ ବଲ୍ଲଭ ମଠରୁ ବେଶ ହୋଇ ଚୂଡ଼ଙ୍ଗ ମହାବୀରଙ୍କୁ ପ୍ରଣାମ କରି ବାହାରଗାଉଣୀ ହୋଇ ଚାପରେ ନାଚୁଥିଲେ।

ଶ୍ରୀମନ୍ଦିରରେ ଥିବା ମାହାରୀ ମାନଙ୍କର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନାମ ପ୍ରଚଳିତ ହୋଇଥାଏ। ନୃତ୍ୟ କରୁଥିବା ମାହାରୀଙ୍କୁ ନାଚୁଣୀ, ମନ୍ଦିର ଗର୍ଭ ଗୃହରେ ଗୀତଗାଉଥିବା ମାହାରୀ ହେଲେ 'ଭିତର ଗାଉଣୀ'। ଗଉଡ଼ଷାଣୀମାନେ ଆଲଟ ଓ ଚାମର ସେମା କରନ୍ତି। ଯନ୍ତ୍ର ସଂଗୀତରେ ବୀଣାବାଦନ କରୁଥିବା ପୁରୁଷଙ୍କୁ ବୀଣାକାର ଓ ମର୍ଦ୍ଦଳ ବାଦକକୁ କୁହାଯାଏ ମାଦେଳି।

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ମାହାରି ପରଂପରା କାହାକୁ କୁହାଯାଏ ?

(ii) କେଉଁ ଉଦ୍ଦେଶ୍ୟରେ କ୍ରମେ ଜଗନ୍ନାଥଙ୍କର କେତେ ପ୍ରକାରର ସେବାର ଉଲ୍ଲେଖ ହୋଇଛି ?

(iii) ଗଜପତି ପ୍ରତାପ ରୁଦ୍ର ଦେବ କାହିଁକି ଘୋଷଣା ନାମା ଜାରି କରିଥିଲେ ?

(iv) ନୃତ୍ୟ ମାହାରୀଙ୍କୁ କେଉଁ ନାମରେ ଜଣାଯାଉଥିଲା ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କେଉଁ କେଉଁ ସେବାରେ ମାହାରୀ ମାନେ ପ୍ରତ୍ୟକ୍ଷ ଭାଗ ନେଇଥାନ୍ତି ?

(ii) କେବେଠାରୁ ଶ୍ରୀ ମନ୍ଦିରରେ ଗୀତଗୋବିନ୍ଦ ଗାନ ସେବା ପ୍ରଚଳିତ ?

(iii) ଗଉଡ଼ଷାଣୀ; ବୀଣାକାର ଓ ମାଦେଳିମାନେ କେଉଁ ସେବା କରିଥାନ୍ତି ?

କିଏ କେତେ ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ସାଦା କଥାଟାକୁ ବୁଲେଇପାରିବେ, ସେ ନିମନ୍ତେ ଲେଖକମାନଙ୍କ ଭିତରେ ପ୍ରତିଯୋଗିତା ହେଉଥିଲା। ଏଥିପାଇଁ ଦୀର୍ଘଦିନ ଧରି ଯେଉଁ ପ୍ରସ୍ତୁତି ଚାଲିଥିଲା, ତାକୁ ସେକାଳ କହୁଥିଲା ସାହିତ୍ୟ।

ସାହିତ୍ୟ ବସେ ବିଚାରକର ଆସନରେ। ସେ ଜୀବନକୁ ଚିକିନିଖି କରି ବିଚାର କରେ। ମନେକର ସେ ସମାଜର ଅତି ତଳସ୍ତରର ନରନାରୀଙ୍କୁ ନେଇ ବିଚାର କରୁଚି। ଲୋଭ, ମୋହ, ହିଂସା, ସ୍ୱାର୍ଥପରତା ପ୍ରଭୃତିକୁ ନେଇ ଏମାନଙ୍କ କାରବାର। ଏକଥା ସମସ୍ତେ ଜାଣନ୍ତି। ମାତ୍ର ସାହିତ୍ୟ ଏଇଠି ଆଉ ପାଦେ ଆଗକୁ ଯାଏ। ସେ ଘଟଣାକୁ ଆହୁରି ତଳେଇ ଦେଖେ। ସେମାନେ କାହିଁକି ଏଭଳି ହେଲେ, ତା' ଖୋଜିବସେ। ଏଭଳି ସାହିତ୍ୟ ହୋଇଉଠେ ଏକ ବ୍ୟାପକ ଜୀବନର କାବ୍ୟ। ତା'ପରେ ସୃଷ୍ଟି କରେ ଅନ୍ୟର ବୁକୁରେ ଶିହରଣ ଓ କମ୍ପନ। ସାହିତ୍ୟ ସାର୍ବଜନୀନ ସତ୍ୟଟିକୁ ପ୍ରକାଶ କରେ। ତା' ଆଖିରେ ଧନୀ ଦରିଦ୍ର, ଶାସକ ଶାସିତ ସମସ୍ତେ ସମାନ।

ସମାଜରେ ସାହିତ୍ୟିକଙ୍କର ଏକ ବଡ଼ ଦାୟିତ୍ୱ ରହିଚି। ଯେତେବେଳେ ଯେଉଁଠି ସ୍ୱାର୍ଥପରତାର କଥା ଉଠିଚି, ସେତେବେଳେ ସାହିତ୍ୟିକ ମାନେ ହିଁ ସେଇ ସ୍ୱାର୍ଥନ୍ୱେଷୀ ମାନଙ୍କ ମୁଖା ଖୋଲିଦେଇଛନ୍ତି। ଏ ସଂସାରରେ ଯେତେ ଦୀନ ଦରିଦ୍ର ଅଭାଗା ଅଛନ୍ତି, ସେମାନଙ୍କ ପାଇଁ ପଦେ କହିବାକୁ କେହି ଆଗଭର ନ ହେଲେ ସାହିତ୍ୟକଟିଏ ନିଃସଂକୋଚରେ ଅଂଟାଭିଡି ଆଗେଇ ଆସିଚି। କିଛି କରି ନ ପାରିଲେ, ସେମାନଙ୍କ ପାଖରେ ଠିଆ ହୋଇ ନିଜର ଲୁହ ନିଗାଡ଼ିଚି। ଏଥିପାଇଁ ସୁବିଧାବାଦୀଏ ଯୁଗେଯୁଗେ ସାହିତ୍ୟିକଙ୍କ କଣ୍ଠରୋଧ କରିବାକୁ କମ୍ ଚେଷ୍ଟା କରନ୍ତି ନାହିଁ। ମାତ୍ର ସାହିତ୍ୟିକ କିଛି ନ ମାନି ଆଗେଇଯାଇଚି। ଆଗେଇଯାଇଚି ବୋଲି ଆଜି ଯାଏ ମଣିଷପଣିଆ ଜିଇରହିଚି।

**(କ) ପ୍ରତ୍ୟେକକୁ ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଲେଖକମାନଙ୍କ ଭିତରେ କାହିଁକି ପ୍ରତିଯୋଗିତା ହେଉଥିଲା ?

(ii) ସହିତ୍ୟ କେଉଁ ଆସନରେ ବସେ ?

(iii) ସାହିତ୍ୟ କ'ଣ ପ୍ରକାଶ କରେ ?

(iv) ଆଜିଯାଏ ମଣିଷ ପଣିଆ ଜୀଇ ରହିଚି କାହିଁକି ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) କାହାକୁ ସେକାଳ ସାହିତ୍ୟ କହୁଥିଲା ?

(ii) କେଉଁ କଥା ସମସ୍ତେ ଜାଣନ୍ତି ?

(iii) ସାହିତ୍ୟିକଟିଏ କାହିଁକି ଓ କିପରି ଅଂଟାଭିଡି ଆଗେଇ ଆସିଛି ?

ବିଖ୍ୟାତ ଲାଲକିଲ୍ଲା ଭିତରେ, ପ୍ରମୋଦ ଉଦ୍ୟାନ ମଧ୍ୟରେ, ମହାର୍ଘ ପ୍ରସାଦରେ ଅବସ୍ଥାନ କରୁଥାନ୍ତି ମୋଗଲ ସମ୍ରାଟ। ପ୍ରାସାଦର ହଂସପୁରୀ ସ୍ୱର୍ଗପୁରୀ। କକ୍ଷଗୁଡ଼ିକୁ ସୁଶୀତଳ ରଖିବା ଲାଗି ପ୍ରାସାଦ ମଧ୍ୟରେ ବହୁଥାଏ ଜଳଧାରା। ନିର୍ଝରରୁ ବହୁଥାଏ ସୁବାସିତ ଗୋଲାପ ଜଳ। ପୁଷ୍ପ ଥିବା ମୂଳରେ ଢଳାଯାଉଥାଏ ନୀର ନୁହେଁ, କ୍ଷୀର। ସଭାସଦ୍, ପାଟମନ୍ତ୍ରୀ, ସେନାଧକ୍ଷ, କଂଚୁକୀ, ଚାଟୁକାର, ପରିଚମାନଙ୍କ ଦ୍ୱାରା ବେଷ୍ଟିତ ହେଇ ସମ୍ରାଟ ଉପଭୋଗ ମଧ୍ୟରେ ମଗ୍ନ ହୋଇଥାନ୍ତି। ରଙ୍ଗ ହଲରେ ଲାଗିଥାଏ ବାଦ୍ୟ, ନୃତ୍ୟ, ସଂଗୀତ। ମୟୂର ସିଂହାସନରେ ବାଦଶାହ ଉପବିଷ୍ଟ ହୁଅନ୍ତି; ଦରବାର ଅନୁଷ୍ଠିତ ହୁଏ। ଏଭଳି ବିଳାସ ବ୍ୟସନରେ ଦିବାଶର୍ବରୀ ମଗ୍ନ ରହି, ଦେଶର ହାଲ୍, ପ୍ରଜାଙ୍କ ମଙ୍ଗଳ କିମ୍ବା ଶାସନ ସଂସ୍ଥା ସହିତ ସଂପୃକ୍ତ ହେବା ପାଇଁ ଅବସର ମିଳେ ନାହିଁ। ପ୍ରବୃତି ଆସେନାହିଁ; ଖିଆଲ ବି ହୁଏ ନାହିଁ। ଜାତୀୟ ଶକ୍ତି ଆସିବ କୁଆଡୁ ?

ସମ୍ରାଟ ଅନ୍ୟର ଆଖିରେ ଦେଖିଲେ, ଅନ୍ୟର କାନରେ ଶୁଣିଲେ, ଅନ୍ୟର ପାଟିରେ କହିଲେ, ଅନ୍ୟ ହାତରେ ଲେଖିଲେ। ଇଷ୍ଟ ଇଣ୍ଡିଆ କମ୍ପାନୀର ଦୁଇଜଣ କର୍ମଚାରୀ କଲିକତାରୁ ଆସିଥିଲେ ଦିଲ୍ଲୀ ସମ୍ରାଟଙ୍କ ଠାରୁ ଫର୍‌ମାନ୍ ନେବାପାଇଁ। ସେଠାରେ ଦୁଇବର୍ଷ ଚେଷ୍ଟା କରି ପାଇଲେ ଫରମାନ୍। ସେମାନେ ଚକ୍ରାନ୍ତ କରିବାରେ ସିଦ୍ଧହସ୍ତ ଥିଲେ। ଲାଲକିଲ୍ଲାର ହାଲଚାଲ୍, ଢ଼ଙ୍ଗଢ଼ାଙ୍ଗ ବୁଝିଲେ।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ମୋଗଲ ସମ୍ରାଟ କେଉଁଠାରେ ଅବସ୍ଥାନ କରୁଥିଲେ ?

(ii) ସମ୍ରାଟ କାହାଦ୍ୱାରା ବେଷ୍ଟିତ ହୋଇ ଉପଭୋଗରେ ମହିଥିଲେ ?

(iii) ବାଦ୍‌ଶାହ କେଉଁଠାରେ ଉପବିଷ୍ଟ ହେଲେ ଦରବାର ଚାଲେ ?

(iv) କେଉଁମାନେ କେଉଁଠୁ ଦିଲ୍ଲୀ ଦରବାରକୁ ଆସିଥିଲେ ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ପ୍ରାସାଦର ସ୍ୱରୂପ କିପରି ଥିଲା ?

(ii) ଜାତୀୟଶକ୍ତି କାହିଁକି ଆସୁନଥିଲା ?

(iii) ସମ୍ରାଟଙ୍କ ସ୍ୱରୂପ କିପରି ବର୍ଣ୍ଣିତ ?

ଜମିଥିଲା ସବୁବେଳେ କୃଷକମାନଙ୍କର ନିଜସ୍ୱ ସମ୍ପତି। ମାତ୍ର ୧୭୭୩ ମସିହାରେ ଇଂରେଜ ସରକାର ଏ ଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଥା ପ୍ରଚଳନ କରିବା ଫଳରେ ଭାରତବର୍ଷରେ ମଧ୍ୟ-ସତ୍ୱାଧିକାରୀ ମାନଙ୍କର ସୃଷ୍ଟିହେଲା ଏବଂ ଏହି ମଧ୍ୟ-ସ୍ୱତ୍ୱାଧିକାରୀ ମାନେ ଏହାପରଠାରୁ ସ୍ଥାୟୀସୂତ୍ରରେ ଜମିଜମା ଉପରେ ନିଜ ନିଜର ଅଧିକାର ସାବ୍ୟସ୍ତ କରିବସିଲେ। ଏହିପରି ଭାବରେ ସ୍ଥାୟୀ ଜମିଦାରୀ ପ୍ରଥା ଏ ଦେଶରେ ପ୍ରଚଳିତ ହେଲା। ପ୍ରକୃତରେ ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଏହି ଜମିଦାରୀ ପ୍ରଥାକୁ ଏଠାରେ ଆଂଶିକ ଭାବରେ ପ୍ରବର୍ତ୍ତନ କରିଥିଲେ ମଧ୍ୟ, ବାସ୍ତବତା ଦୃଷ୍ଟିରୁ ଏହା ସନ୍ତୋଷଜନକ ଭାବରେ କାର୍ଯ୍ୟକାରୀ ହୋଇପାରିବାରେ ବହୁ ଅସୁବିଧା ଦେଖାଦେଇଥିଲା। ସେହି ଅସୁବିଧା କାରଣରୁ ମାନ୍ଦ୍ରାଜ ସମେତ ଅନ୍ୟ କେତେକ ପ୍ରଦେଶରେ ଏହି ପ୍ରଥାର ପ୍ରଚଳନ କରା ନଯାଇ ସେଠାରେ ରୟତୱାରି ପ୍ରଥା ଚାଲୁ ରଖାଯାଇଥିଲା।

ଜମି ଉପରେ କୃଷକ ବା ରୟତର ସ୍ୱତ୍ୱକୁ ସ୍ୱୀକାର କରିନେଲେ ପ୍ରତ୍ୟେକ କୃଷକ ନିଜର ଜମିଜମା ଉପରେ ପୂର୍ଣ୍ଣତଃ ଅଧିକାରୀ ହୋଇଥାଏ। ତେଣୁ ସେ ନିଜର ଜମିକୁ ନିଜର ସୁଖ ସୁବିଧା ମୁତାବକ ମନଇଛା ବ୍ୟବହାର କରିବାରେ ତେଣିକି ଆଉ କିଛି ଅସୁବିଧା ନଥାଏ। ନିଜର ଇଚ୍ଛା ଅନୁଯାୟୀ ଦରକାରବେଳେ ସେ ନିଜ ଜମି ଅନ୍ୟକୁ ବିକ୍ରି କରି ଦେଇପାରେ ବା ଅନ୍ୟ ସହ ଜମି ଅଦଳବଦଳ ମଧ୍ୟ କରିପାରେ। ଓଡ଼ିଶାରେ କୃଷକମାନଙ୍କର ଆର୍ଥିକ ଆୟର ଏକମାତ୍ର ସୂତ୍ର ଥିଲା କୃଷି। ତେଣୁ ଅଭାବ ଅସୁବିଧାରେ ପଡିବାବେଳେ ସେମାନେ ସେମାନଙ୍କର ଆୟର ଏକମାତ୍ର ସମ୍ବଳ ସେହି ଜମିକୁ ବିକ୍ରି, ବନ୍ଧକ, ଦାନ ବା ଅଦଳବଦଳ କରି ସେମାନଙ୍କର ଗୁଜୁରାଣ ମେଂଟାଉଥିଲେ। ଏସବୁ କ୍ଷେତ୍ରରେ ଯଦି ନିଜର ଜମି ଖର୍ଦ୍ଦ ବିକ୍ରି କ୍ଷମତା ଉପରେ ସେମାନଙ୍କର ପୂର୍ଣ୍ଣ କ୍ଷମତା ନରହେ, ତେବେ ସେପରି କ୍ଷେତ୍ରରେ ସେମାନେ ଲାଭବାନ ହେବା ଦୂରେ ଥାଉ କ୍ଷତିରେ ପଡିଯିବାଟା ଅତି ନିଶ୍ଚିତ କଥା; ମାତ୍ର ୧୯୧୧ ମସିହାରେ ବିହାର-ଓଡ଼ିଶା କାଉନ୍ସିଲରେ ଯେଉଁ ଓଡ଼ିଶା ଟେନାସୀ ବିଲ୍ ପାସ ହୋଇଗଲା, ତାହା ଫଳରେ ଓଡ଼ିଶାର ଦରିଦ୍ର କୃଷକକୁଳର ଜମି ଖର୍ଦ୍ଦବିକ୍ରି କ୍ଷମତାକୁ ଖର୍ବ କରି ଦିଆଗଲା। ନିଜ ଜମି ଅନ୍ୟକୁ ବିକ୍ରି ବା ହସ୍ତାନ୍ତର କରିବା ଆଉ ଆଗଭଳି କୃଷକର ଆପଣା ଇଚ୍ଛା ବା ସୁବିଧା ଉପରେ ନିର୍ଭର ନକରି, ଏଥିଲାଗି ଏହି ବିଲ୍ ବିଭିନ୍ନ ଧାରା, ଉପଧାରାରେ ନାନାଦି ଜଟିଳତା ଓ ବିଧିନିଷେଧର ସୃଷ୍ଟି କରାଗଲା। ଏହି ଆଇନର ୧୩ ନମ୍ବର ଧାରା ଅନୁଯାୟୀ ଜମିଦାରଙ୍କଠାରୁ ପୂର୍ବ ସ୍ୱୀକୃତି ନ ନେଇ କୌଣସି ଅଂଶକୁ ମଧ୍ୟ ଅନ୍ୟକୁ ବିକ୍ରି କରିପାରିବ ନାହିଁ ବୋଲି ସ୍ଥିର କରିଦିଆଗଲା। ଯଦି ଏହା କରାଯାଏ, ତେବେ ତାହା ଆଇନାନୁମୋଦିତ ବୋଲି ଗ୍ରହଣ କରାଯିବ ବୋଲି ସ୍ଥିରହେଲା।

**(କ) ଗୋଟିଏ ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଜମି କୃଷକ ମାନଙ୍କ ପାଇଁ କିପରି ଥିଲା ?

(ii) ରୟତୱାରୀ ପ୍ରଥା କେଉଁଠି ପ୍ରଚଳିତ ଥିଲା ?

(iii) ଟେନାସୀ ବିଲ୍‌ରେ କ'ଣ କରାଗଲା ?

(iv) ଏହି ବିଲ୍‌ରେ ବିଭିନ୍ନ ଧାରା ଉପଧାରା କାହିଁକି ସୃଷ୍ଟି କରାଗଲା ?

**(ଖ) ଦୁଇଟି ଲେଖାଏଁ ବାକ୍ୟରେ ଉତ୍ତର ଦିଅ।**

(i) ଏ ଦେଶରେ କିପରି ସ୍ଥାୟୀ ଜମିଦାରୀ ପ୍ରଥା ପ୍ରଚଳିତ ହେଲା ?

(ii) ଓଡ଼ିଶାରେ କୃଷକମାନେ କିପରି ନିଜର ଗୁଜୁରାଣ ମେଣ୍ଟାଉଥିଲେ ?

(iii) ଟେନାସୀ ଆଇନ୍‌ର ୧୩ ଧାରାରେ କ'ଣ କୁହାଗଲା ?

***

## ନିମ୍ନ ପଦ୍ୟାଂଶ ଆଧାରରେ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଲେଖାଏଁ ବାକ୍ୟରେ ଦିଅ

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି
ଗୋଦର ଗୋଡ଼ରେ ମାଉଁଶ ଲାଗିଲେ
ଦେହର କି ଶୁଭ ଗଣି ? ।୬।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ? ।୭।

ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡା ମୁହେଁ ବନ୍ଧା ଥିଲେ ? ।୮।

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ, ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।୯।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୁରୁବ ଗୌରବ ପୁରୁବ ସାହସ
ପଡ଼ିବ କି କେବେ ମନେ ? ।୧୦।

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? ।୧୧।

(i) କାହାକୁ ଜଗତ ମଣିଲେ ଜାତିର ଉନ୍ନତି ହେବ ନାହିଁ ?

**ଉ.:** ସ୍ୱାର୍ଥକୁ

(ii) ସ୍ୱାର୍ଥରେ ବ୍ୟସ୍ତ ମନକୁ କାହା ସହିତ ତୁଳନା କରାଯାଇଛି ?

**ଉ.:** ଶାଗୁଣା ବିଲୁଆଙ୍କ ଚିକିତ୍ସକ ହେବା ସହିତ ତୁଳନା କରାଯାଇଛି।

(iii) ସ୍ୱାର୍ଥକୁ ସାରଥି କଲେ କ'ଣ ହେବ ନାହିଁ ?

**ଉ.:** ଜାତି ନନ୍ଦିଘୋଷ ଚଳିବ ନାହିଁ

(iv) କେଉଁମାନେ ଏକତ୍ରିତ ହେଲେ ରାଜ୍ୟରେ ବିପ୍ଳବ ଘଟିବ ?

**ଉ.:** ସ୍ୱାର୍ଥର ବନିତା ତୋଷାମଦି ଓ ପୁତ୍ର ମିଥ୍ୟା ଯଦି ଏକତ୍ର ହୁଅନ୍ତି।

(v) ଏ ମହୀମଣ୍ଡଳରେ ନୁହେଁ କିପରି ଦେଖାଉଛୁ ବୋଲି କାହିଁକି କୁହାଯାଇଛି ?

**ଉ.:** ବୀର ପ୍ରସବିନୀ ଜନନୀ ଧୂଳିରେ ପଡ଼ିଥିଲ ବେଳେ ମହୀମଣ୍ଡଳରେ ମୁହଁ କିପରି ଦେଖାଉଛୁ ବୋଲି କୁହାଯାଇଛି।

ବିଦୁର ବୋଇଲା ତୋହୋର ଜ୍ୟେଷ୍ଠପୁତ୍ର ଯେଟି
ଯେକାଙ୍ଗ ଛତ୍ର ସେ ହୋଇବ ନବସୃଷ୍ଟି।୧୧।

ଶଙ୍ଖନିଧି ପଦ୍ମନିଧି ଅଛଇ ତାହାର କରେ
ପଦ୍ମ ବିଘଂସଇଟି ଯାହାର ପୟରେ।୧୨।

ଅନେକ ରାଜାର ହୋଇବି ମଉଡ଼ମଣି
ଅନୁବ୍ରତେ ଯେହାର କନ୍ଧୁ ନ ଛାଡ଼ିବେ କମଳିଣୀ।୧୩।

ଯେହାର ଲକ୍ଷଣ ମୋତେ ଦିଶଇ ଲଲାଟ ପାଟିରେ
ଭୀମର ହାଥରେ ବଧ ସେ ହୋଇବ ଶେଷକାଳେ।୧୪।

କର୍କଶ ମଧୁପିଙ୍ଗଳ ଅଟେ ୟା ପ୍ରକୃତି
ଯେ ପୁତ୍ର ମାରି ଅନେଶ୍ୱତ ପୁତ୍ର ଘେନି ହୋଅ ଯେକାଙ୍ଗ ଚକ୍ରବ୍ରତୀ।୧୫।

ଯେହାରେ ବଂଶ ତୋହୋର ହୋଇବ ବିନଶ୍ୟତି
ବେଗେ ଯେହାକଇଂ ନାଶକର ଶୀଘ୍ରଗତି ।୧୬।

ଧୃତି ରାଷ୍ଟେ ବୋଇଲେ ଯେହେନେକ ମୋହୋର ବିଚକ୍ଷଣ ପୁତ୍ର
ରାଜ୍ୟଧର ପୁତ୍ରକଇଂ ମୁଁ ନାଶ କରିବି କେମନ୍ତ।୧୭।

ଲୋହାର ଭୀମେକ ଯେ ଗଢାଇଲା ଧୃତିରାଷ୍ଟ
ଦ୍ରିଯୋଧନକଇଂ ବୋଲନ୍ତି ଯେହାକୁ ନିଠାଇଣ ପିଟ।୧୮।

ଲୋହଗିରି ସମ ଅଟେ ଯେହାର ଦୀର୍ଘସ୍ତଳୀ
ପିଟିଣ ପୁତ୍ରରେ ତୁ ହୁଅ ମହାବଳୀ।୧୯।

ସେ ଲୋହାର ଭୀମକଇଂ ଆଖଡାଶାଳେ ଥାପି
ତାହାକୁ ଆକ୍ରେଷିଣ ଦ୍ରିଯୋଧନ ନିତ୍ୟେ ଗଦା ପ୍ରହାର କରଇ କ୍ଷେପି।୨୦।

ଭୀମକୁ ମାରିବାକୁ ନିତ୍ୟେ କରଇ ଅଭ୍ୟାସ
ଆଖଡାଶାଳେ ଥାଇ ସେ ରାତ୍ର ଯେ ଦିବସ ।୨୧।

ସେ ଲୋହାର ଭୀମକୁ ବହି ଆଣିଲେ ଭୀମ ଅର୍ଜୁନ ନକୁଳ ସହଦେବ ଚାରିହେଂ
ଧୃତିରାଷ୍ଟର କୋଳେ ବସାଇଲେ ସନ୍ଦେହେ।୨୨।

(i) ବିଦୁର ଜ୍ୟେଷ୍ଠପୁତ୍ରଙ୍କ ସଂପର୍କରେ କ'ଣ କହିଲେ ?

**ଉ.:** ଏ ନବ ସୃଷ୍ଟିରେ ଯେକାଙ୍ଗ ଛତ୍ର ହୋଇବ ବୋଲି କହିଲେ।

(ii) ପୁତ୍ରର ହାତ ଓ ପାଦରେ କେଉଁ କେଉଁ ଚିହ୍ନ ଥିଲା ?

**ଉ.:** ପୁତ୍ରର ହାତରେ ଶଙ୍ଖନିଧି ପଦ୍ମନିଧି ଏବଂ ପାଦରେ ବିକଶିତ ପଦ୍ମପୁଷ୍ପ ଚିହ୍ନ ଥିଲା।

(iii) ଏ ପୁତ୍ରର ଲଲାଟ ପଟରେ ବିଦୁର କ'ଣ ଦେଖିଛନ୍ତି ?

**ଉ.:** ପୁତ୍ର ଲଲାଟ ପଟରେ ଭୀମହସ୍ତରେ ନିହତ ହେବାର ଲେଖାଅଛି ବୋଲି ଦେଖିଛନ୍ତି।

(iv) ବିଦୁର ଧୃତରାଷ୍ଟ୍ରଙ୍କୁ କେଉଁ ଉପଦେଶ ଦେଇଛନ୍ତି ?

**ଉ.:** ଏହି ପୁତ୍ର ପାଇଁ ତୁମର ବଂଶ ନାଶ ହେବା ତେଣୁ ଏହାକୁ ନାଶକରି ବଂଶ ରକ୍ଷା କରିବାକୁ ଉପଦେଶ ଦେଇଛନ୍ତି।

(v) ଲୋହାର ଭୀମକୁ କେଉଁମାନେ ବହି ଆଣିଲେ ?

ଉ.: ଭୀମ, ଅର୍ଜୁନ, ନକୁଳ, ସହଦେବ ସେ ଲୋହାର ଭୀମକୁ ବୋହି ଆଣିଲେ।

ଶୁଣ ଗୋ ଭବାନୀ କହନ୍ତି ବଚନ।
ଯେସେ ରାମା (ବା) ଯେଣ ପବିତ୍ର ଆଛାନ।

ଜମ୍ବୋଦ୍ୱୀପ ଭ୍ରଥ ଖଣ୍ଡ ମଧ୍ୟଭାଗ ମହୀ।
ଦକ୍ଷିଣ କୋଶଳେ ପବିତ୍ର ଦିବ୍ୟ ଭୁଇଂ।

ଅଯୋଧ୍ୟା ନାମେ ନଗ୍ର ସରୟୁ ନଦୀ ତଟେ।
ଅଳକାପୁର ଯେହ୍ନେ ଗଣ୍ଡୁକୀ ନଦୀର ନିକଟେ।

ନଗ୍ର ପରିମଳ ଅତିହିଂ ଚାରୁ ଶୋଭା।
କି ଜାଣି ପଟାନ୍ତର ଶରଦଶଶୀ ପ୍ରଭା।

ରାଜାର ମନ୍ଦିର ଦିବ୍ୟ ଚାରୁ କାନ୍ତି।
ମେଢ଼ ମଣ୍ଡପ ଅଙ୍ଗାଳି ଜଗତୀ।

ଅଗର ଚନ୍ଦନ ଖମ୍ବ ରଅ ସେଣି।
ଉପରେ ତେଜପତ୍ର ଛାଇଲା ଛାୟେଣୀ।

ମୁକୁତାର ଝରା ନୀଳା ରତ୍ନ ଜଡି।
ସୁବନ୍ୟର ପ୍ରତିମା ପିତୁଳି କମ ଗଢ଼ି।

ମର୍କତର କଳସ ନେତର ଚିରାଳ।
ଚନ୍ଦ୍ରାତପ ତେଜ ଆଦିତ୍ୟ ପ୍ରବାଳ।

ସାମନ୍ତ ମନ୍ତ୍ରୀଙ୍କର ଉଆଦ ଦିବ୍ୟ ପୁରୀ।
ଘରେ ଘରେ ବିଜୟେକି ସାହେର କୁମାରୀ।

ଅଷ୍ଟାଦଶ ଜାତି ଭିନେ ଭିନେ ପୁରୀ।
କୂପ ବାମ୍ପି ବହୁତ ଅଛଇ, ପୋଖରୀ।

(i) କାହାକୁ ପବିତ୍ର ଆଖ୍ୟାନ ବୋଲି କୁହାଯଇଛି ?

**ଉ.:** ରାମାୟେଣକୁ ପବିତ୍ର ଆଖ୍ୟାନ ବୋଲି କୁହାଯାଇଛି ।

(ii) ଅଯୋଧ୍ୟାନଗ୍ରର ଭୌଗୋଳିକ ସ୍ଥିତି କି ରୂପେ ବର୍ଣ୍ଣିତ ?

**ଉ.:** ଭରତଖଣ୍ଡର ଜମ୍ବୁଦ୍ୱୀପ ମଧ୍ୟଭାଗରେ ଦକ୍ଷିଣ କୋଶଳରେ ପବିତ୍ର ଭୂମି ଅଯୋଧ୍ୟା ।

(iii) ଅଯୋଧ୍ୟାକୁ କାହା ସହିତ ତୁଳନା କରାଯାଇଛି ?

**ଉ.:** ଗଣ୍ଡୁକୀ ନଦୀ କୂଳର ଅଳକାପୁରୀ ସହିତ ।

(iv) ରାଜାଙ୍କ ମନ୍ଦିରରେ କଳସ ଓ ନେତର ଚିରାଳ କିପରି ଥିଲା ?

**ଉ.:** କଳସ ମର୍କତର ଏବଂ ଚନ୍ଦ୍ରାତପ ତେଜ ବିଶିଷ୍ଟ ଆଦିତ୍ୟ ପ୍ରବାଳ ଭଳି ନେତର ଚିରାଳ ଥିଲା ।

(v) ନଗରର ସାଧାରଣ ଲୋକଙ୍କର ଘର ଓ ନଗର ସଂପର୍କରେ କ'ଣ କୁହାଯାଇଛି ?

**ଉ.:** ନଗରରେ ଅଷ୍ଟାଦଶ ଜାତି ବାସ କରୁଛନ୍ତି ସମସ୍ତଙ୍କ ପାଇଁ ଅଲଗା ଅଲଗା ପୁର ଏବଂ ନଗରୀରେ ଅନେକ କୂପ, ବାମ୍ଫିଂ ଓ ପୋଖରୀ ଥିବାର ବର୍ଣ୍ଣନା ଅଛି ।

ଡାକିନୀ ଲୋଭାନ୍ତି ବୋଲି ଡରୁଥାଇ ମନେ ।
ବାରବାର ବାରୁଥାଇ ଯିବାପାଇଁ ବନେ ।୮ ।

ନିଶାଚର ମାତିବାର ଶୁଭୁଛି ଶ୍ରୁତିକି ।
ମୁଁ ଡଙ୍କୁଣୀ ଛାଡିଦେଲି ବନକୁ କାହିଁକି ।୯ ।

ଝାଳ ବହୁଥିବ ଅଙ୍ଗୁ ଲାଗି ଝାଞ୍ଜିଖରା ।
ଶ୍ରମ ପାଇ ତରୁତଳେ ବସିଥିବୁ ପରା ।୧୦ ।

ନେଲୁ ନାହିଁ କାହିଁପାଇଁ ତୋ କଠାଉ ଛତା ।
ବନେ କଂଟା ଲାଗି ହୋଇ ମୃଦୁ ପାଦ ଚିନ୍ତା ।୧୧ ।

କାନ ଡେରିଥାଇ ଏକା ତୋ ବେଣୁ ସ୍ୱନକୁ
ଆଜ କିମ୍ପା ଶୁଭୁନାହିଁ ଭାବୁଛି ମନକୁ ।୧୨ ।

ତୋ ଠାରୁ ଅଧିକ ବାଇ ତୋର ବଡଭାଇ ।
ବୋଧ କରିଗଲା ନାହିଁ କାହିଁକି ରଖାଇ ।୧୩ ।

ତୋ ମାଧୁରୀ ସୁଚାତୁରୀ ଦେଖି ସୁଖୀ ଆଖି ।
ଅନ୍ଧ କରିଗଲୁ ବଳା ମମତା ନ ରଖି ।୧୪ ।

ଛାଇକି ଅନାଇ ଛାତି ଫୁଲାଇ ତ୍ରିଭଙ୍ଗେ ।
ମୂରଲି ବଜାଉଥାଉ କି ଚାତୁରୀ ରଙ୍ଗେ ।୧୫ ।

କୋଳି ପାଇଁ ଅଳି କରି ଗଡୁ ତ ଧୂଳିରେ ।
ବେଶ ହୋଇଥାଉ ବସି କୁସୁମ ମାଳିରେ ।୧୬ ।

ନଟବର ପରିପାଟୀ ବେଶ ମନୋହର ।
ରଙ୍ଗିମା ଅଧରେ ହାସ କି ଜାତି ସୁନ୍ଦର ।୧୭ ।

(i) ବନକୁ ଯିବାପାଇଁ ବାରମ୍ବାର କାହିଁକି ବାରଣ କରୁଥିଲେ ?

**ଉ.:** ବଣରେ ଡ଼ାକିନୀ ମାନେ ଲୋଭ କରୁଥିବାର ଡର ମନରେ ଆସିବାରୁ ବାରଣ କରୁଥିଲେ ।

(ii) ତରୁତଳେ କାହିଁକି ବସିଥିବ ବୋଲି ମା ଭାବୁଛନ୍ତି ?

**ଉ.:** ଝାଞ୍ଜି ଖରା ପ୍ରଭାବରେ ଦେହରୁ ଝାଳ ବାହାରୁଥିବ ଓ ଶାନ୍ତି ମେଂଟାଇବା ପାଇଁ ତରୁତଳେ ବସିଥିବ ବୋଲି ମା ଭାବିଛନ୍ତି ।

(iii) ପାଦରେ କିପରି ଓ କାହିଁକି କଷ୍ଟ ହେଉଥିବ ବୋଲି ମାଙ୍କ ଚିନ୍ତା ହୋଇଛି ?

**ଉ.:** କଠାଉ ଓ ଛତା ସାଙ୍ଗରେ ନ ନେଇଥିବା ହେତୁ ପାଦରେ କଂଟା ପଶି କଷ୍ଟ ହେଉଥିବ ବୋଲି ଚିନ୍ତା କରିଛନ୍ତି ।

(iv) ବଡ଼ ଭାଇକୁ କାହିଁକି ଦୋଷ ଦେଇଛନ୍ତି ?

**ଉ.:** ବଡ଼ ଭାଇ ତା'ଠୁ ବେଶୀ ପାଗଳା, ସାନକୁ ବୋଧକରି କାହିଁକି ଘରେ ରଖେଇ ଗଲାନାହିଁ ବୋଲି କପଟ ଦୋଷ ଦେଇଛନ୍ତି ।

(v) କୃଷ୍ଣଙ୍କ ମୁରଲୀବଜା ଓ ନୃତ୍ୟ ସଂପର୍କରେ କ'ଣ କୁହାଯାଇଛି ?

**ଉ.:** ଛାଇକି ଅନେଇ ଛାତି ଫୁଲାଇ ତ୍ରିରଙ୍ଗୀ ଛନ୍ଦରେ ନାଚିବା ଓ ଅତ୍ୟନ୍ତ ଚତୁରୀରେ ମୁରଲୀ ବଜାଇବା କଥା କୁହାଯାଇଛି ।

ଯୁଦ୍ଧ ନକରି ଯୋଦ୍ଧା ମାନ ଜିଣିଲି, ବ୍ରହ୍ମାଣ୍ଡ ହୋଇଲା ମୋର ।
ଏହିଠାରେ ଥାଇ ଦର୍ଶନେ ନ ଆସୁ, ଏଡ଼େ ଗାରିମା ତୋହର ।୧୦ ।

ରଡିଗୋଟାକେ ସର୍ବଜନ୍ତୁ ମରିବେ ତିନିପୁରେ ଥିବେ ଯେତେ ।
ଦୟାକରି ତାଙ୍କୁ ଶରଣ ରଖିଲି ଯେଣୁ ଆଶ୍ରେ କଲେ ମୋତେ ।୧୧ ।

ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ ସମସ୍ତେ ମୋହର ବଶ ।
ମହାଦୁଷ୍ଟ ମାନେ ଛାଡି ପଳାଇଲେ ଶୁଣି ମୋର ବୀରଘୋଷ ।୧୨ ।

ଛାର ଗଉଡ଼ ଅଟୁ ତୁ ଏଡେ ମୂଢ଼ ନ ଦେଉ ମୋହର କର ।
ଦେବି ଯେବେ ଧାପ ରଖିବ କେ ବାପ । ଅନଳେ ଦହିବି ପୁର ।୧୩ ।

ଶଶୁର ଯାର ଜରାସନ୍ଧ ଦଇତ, ସଖା ଯାର ବୀର କେଶୀ ।
ଏକା ନିମେଷକେ ଚରାଚର ମହୀ ପକାଇ ପାରଇ ଧ୍ୱଂସୀ ।୧୪ ।

ଶୂର ନାରକା, ବ୍ୟୋମା, ଅଘା, ପ୍ରଳମ୍ବା, କଦମ୍ବା, ଦ୍ୱିବିନ୍ଦ ବୀର ।
ଚାଣୁର, ମୁଷ୍ଟିକ, ଶଲ୍ୟ ଆଦିମାନେ ଅଛନ୍ତି ମୋ ହନ୍ତକାର ।୧୫ ।

କେବଳ ଶିରୀଷ-କୁସୁମକୁ ମହା-ପ୍ରଳୟ ବରଷା ଲୋଡି।
ସେହିପ୍ରାୟେ ମୁହିଁ, ସେହି ପ୍ରାଏ ତୁହି, ଶିଶିରେ ଯେ ଯିବୁ ସଢି।୧୬।

ଏବେ ମୋର ଧନୁ ଉଛବ ହେଉଛି, ସମ୍ଭାର ଘେନାଇ ଆସ।
ସମସ୍ତ ଦୋଷ ତୋର କ୍ଷମା ହୋଇଲା ମନେ ନ କରିବୁ ତ୍ରାସ।୧୭।

ସମ୍ଭାର ଦଧି ଶତେ ଭାର ଘେନାଇ ଗୋଟିକା ଅଧାମ ଆଦି।
ସଙ୍ଗେ ଗୋପ ଦଶ ପଂଚାଶ ଆଣିବୁ, କରିବେ ସେ ଯାତ୍ରାବିଧି।୧୮।

ରାମକୃଷ୍ଣ ବେନି ଭାଇଙ୍କି ଅକ୍ରୁର ସଙ୍ଗେ ସଙ୍ଗ କରି ଦେବୁ।
କେଡ଼େ ହେଲେଣି ତୋର ବେନିନନ୍ଦନ ତାହାଙ୍କୁ ଆମ୍ଭେ ଦେଖିବୁ।୧୯।

ସେହିଦେଖିବେ ମହାଧନୁ ଉଛବ; ଶୁଭକଥା ସିନା ତୋତେ।
ବଡ ଲୋକ ସଙ୍ଗେ ସଙ୍ଗ ହୋଇଯିବେ, ଭୟ ନ ରହିବ ଚିତ୍ତେ।୨୦।

(i) ଏତେ ଗାରିମା ବୋଲି କାହିଁକି କୁହାଯାଇଛି ?

**ଉ.:** ଯୁଦ୍ଧ ନ କରି ଯୋଦ୍ଧା ମାନ ଜିଣି ଏ ବ୍ରହ୍ମାଣ୍ଡକୁ ଲାଭ କରିଛି। ଏଇଠାରେ ଥାଇ ଦର୍ଶନ ପାଇଁ ଆସୁନଥିବାରୁ 'ଗାରିମା' ବୋଲି କୁହାଯାଇଛି।

(ii) ବୀର ଘୋଷ ଶୁଣି କ'ଣ ହେଲା ?

ଉ.: ବୀର ଘୋଷ ଶୁଣି ମହାଦୁଷ୍ଟ ମାନେ ଛାଡି ପଳେଇଲେ।

(iii) କଂସର ହନ୍ତକାର କେଉଁମାନେ ?

ଉ.: ନାରକା, ବେଗାମା, ଆଘା, ପ୍ରଳଜ୍ଞା, କନ୍ଦସ୍ବା, ଦୃଚିନ୍ଦ, ଋଣୁର, ମୁଷ୍ଟିକ,ଶଲ୍ୟ ଆଦି ମାନେ ହନ୍ତକାର।

(iv) ଧନୁ ଉସ୍ଵବକୁ କେଉଁ ସମ୍ଭାର ଆଣିବାପାଇଁ ଆଦେଶ ଅଛି ?

ଉ.: ଶତେଭାର ଦଧି, ଗୋଟିକା ଅଧାମ ଆଦି ସମ୍ଭାର ଆଣିବା ପାଇଁ ଆଦେଶ ଅଛି।

(v) ଧନୁ ଉତ୍ସବ ଦେଖିଲେ ରାମକୃଷ୍ଣଙ୍କର କ'ଣ ହେବ ?

ଉ.: ଧନୁ ଉତ୍ସବ ଦେଖିବା ଶୁଭକଥା ଶୁଣି ବଡ଼ଲୋକଙ୍କ ସହିତ ସାଙ୍ଗ ହୋଇଗଲେ ହୃଦୟରେ ପିଲାଙ୍କର ଆଉ ଭୟ ରହିବ ନାହିଁ।

ସେ ଭୀମକୁ ଚାପିଲେ ଧୃତିରାଷ୍ଟ ନୃପତି
କୋଳେ ଆମଚଂନେ ଗୁଣ୍ଡି ହୋଇଲା ତତ୍‌କ୍ଷଣାନ୍ତି ।୨୩।

ଅହୋ ଚଇତନ ଧୃତିରାଷ୍ଟ ମୁଖରୁ ଘନ ଘନ ବହଇ ଶ୍ରୋଣି
ପଡିଲା ଧୃତିରାଷ୍ଟ ଯେ ବଜ୍ରାଘାତ ଜାଣି ।୨୪।

ଦଶ ସହସ୍ର ମତହାଥୀର ପ୍ରାକ୍ରମ ସେ ଲୋହାର ଭୀମସେନ
ବେନି ଅହିବ୍ରତ ହାତୀର ପ୍ରାକ୍ରମ ଧୃତିରାଷ୍ଟ ରାଜନ।୨୫।

କୋଳେ ଧରି ବିଦୁରେ ଯେ ମୁଖେ ଜଳ ସିଂଚି
ସାଷ୍ଟାମ ନିମନ୍ତେ ସେ ଆଲାଟ ଧରି ବିଂଚି।୨୬।

ଚେତନା ପାଇଣ ସେ ନୃପତି ଧୃତିରାଷ୍ଟ
ଭୀମର ନାମ ଧରି ସେ ରୋବଇ ମହାକଷ୍ଟ।୨୭।

କୁଳ ମଣ୍ଡନ ପୁତ୍ର ଆରେ ମୋହୋର ବ୍ରିକୋଦର
ଅକାତ ସମୋଦ୍ରେ ମୁଂ ପଶିଲି ମୁର୍ଚ୍ଛାଛାର।୨୮।

ତୋହୋର ପରା ପୁତ୍ର ମାଇଲି ମୁଂ ମନ୍ଦ
ଆଉ କି ଫେରି ଆସିବ ମୋ ମାନଗୋବିନ୍ଦ।୨୯।

କାହିଁକି ଭୀମସେନକୁ ମୁହିଂ ଯେ ମାଇଲି
କିମ୍ପାଇ ୟେହେନେକ ମନ୍ଦକର୍ମ କଲି
ଭୀମକଇଂ ମାରି କି ମୋହୋର ପୁତ୍ରନ୍ତ ପାଇଲି।୩୦।

ଅନେକ ବିଳାପ କରଇ ଧୃତିରାଷ୍ଟ
ତାହା ଶୁଣି ଭୀମସେନ ଅଧର କଲା ପୁଷ୍ଟ।୩୧।

ଗଦା ବୁଲାଇଣ ଯେ ମାରି ଲୋଡଇ ଭୀମ
ଯୁଝେଷ୍ଟି ବୋଇଲେ ବାବୁ ପିତାକୁ ନ କର ତମ।୩୨।

ପୁତ୍ରଂକ ନିଧନେ ହୋଇଅଛି ବଇରାଗୀ
ପିତାମହ ଯେ ଅଟନ୍ତି ୟେହାର ଦୋଷ ପରିତ୍ୟାଗି।୩୩।

**ପ୍ରଶ୍ନାବଳୀ :**

(i) ଧୃତରାଷ୍ଟ୍ର ଭୀମକୁ କୋଳ କରିବାରୁ କ'ଣ ହେଲା ?

**ଉ.:** କୋଳରେ ଆକର୍ଷଣ କରିବାରୁ ତତ୍‌କ୍ଷଣାତ୍ ଗୁଣ୍ଡ ହୋଇଗଲା।

(ii) ଧୃତରାଷ୍ଟ୍ରଙ୍କ ପରାକ୍ରମର କଳନା କିପରି କରାଯାଇଛି ?

ଉ.: ଧୃତରାଷ୍ଟ୍ରଙ୍କର ଦୁଇ ଅହିବ୍ରତ ହାତୀର ପରାକ୍ରମ ଥିବାର କଳନା କରାଯାଇଛି।

(iii) ବିଦୁର କାହାକୁ କୋଳ ଧରି ମୁଖରେ ଜଳ ସିଚୁଂଥିଲେ ?

ଉ.: ଅଚେତନ ଧୃତରାଷ୍ଟ୍ରଙ୍କୁ

(iv) ଧୃତରାଷ୍ଟ୍ର ଭୀମକୁ କିପରି ସମ୍ବୋଧନ କରିଥିଲେ ?

ଉ.: 'କୁଳ ମଣ୍ଡନ ପୁତ୍ର' ବ୍ରିକୋଦର ବୋଲି ସମ୍ବୋଧନ କରିଥିଲେ।

(v) ଭୀମକୁ ଯୁଧିଷ୍ଠିର କ'ଣ କହିଲେ ?

ଉ.: ବାବୁ ପିତାକୁ ରାଗ କର ନାହିଁ, କାରଣ ପୁତ୍ରଙ୍କ ମୃତ୍ୟୁରେ ଅତ୍ୟନ୍ତ, ଶୋକାକୁଳ, ତେଣୁ ତାଙ୍କର ଦୋଷ ତ୍ୟାଗ କର।

ସ୍ୱର୍ଗର ଲୋକ ଜାଣି ଦିଶନ୍ତି ନରନାରୀ।
ସ୍ୱୟେଂ ବିଶ୍ୱକର୍ମା ଗଢ଼ିଲା ସେ ପୁରୀ।

ରାଜା ଦଶରଥ ପାପ ପୁଣ୍ୟ ଗ୍ୟାନୀ।
ଦୁଃଖୀ ଦରିଦ୍ରେ ଯେ ଅବିକ୍ଷଣେ ଦାନୀ।

ଯମର ପ୍ରାୟେକ ବିଚାରଇ ନୃପତି।
ଧର୍ମର ପ୍ରାୟେକ ଅଟଇ ଶାନ୍ତ ମୂର୍ତ୍ତି।

ଚନ୍ଦ୍ରମା ପ୍ରାୟେକ ଆହାଲାଦ ଗୁଣ।
ରଶ୍ମି ପଟାନ୍ତର ସହସ୍ରେ କିରଣ।
ଅଗ୍ନିର ତେଜ ଯେ ବହଇ ନୃପତି।
ପବନହୁଂ ବେଗ ଯେ ଚଳିବାର ଗତି।
ବରୁଣ ଗୁଣେ ଯେ ସକଳ ଆଶ୍ୱାସି।
ଅଇଶ୍ୱର୍ଯ୍ୟେ ଇନ୍ଦ୍ର ପ୍ରାୟେକ ବିଳସି।
ବଡିମାୟେ ମେରୁ ସହନ୍ତେ ମେଦିନୀ।
ରୂପରେ କାମଦେବ ବୃହସ୍ପତି ସମଗ୍ୟାନି।
ଦାନେଣ ସଚା ଯେ କ୍ଷତ୍ରି କୁଳମଣି।
ବିବେକ ଆଚାର ଧର୍ମଶାସ୍ତ୍ର ଜାଣି।
ଧନୁ ଧରନ୍ତେଣ ଯୋଧା ସମ ନାହିଂ।
ଅକଣ୍ଟେକ ରାଜ୍ୟ କରଇ ନରସାଇଂ।
କୟେକୟା କଉଶୁଲା ସୁମିତ୍ରା ତିନି ନାରୀ।
ରାଜାର ପାଟ ମାହାଦେଈ ମନୋହାରୀ।
ସାତଶ ପଂଚାଶ ଯେ ମାହାଦେଈ ମାନ।
ଯେଥିରେ ମଧ୍ୟ ତିନିହେଂ ମୋକ୍ଷପାନ।
ଜ୍ୟେଷ୍ଠ ପାଟରାଣୀ ଅଟଇ କଉଶୁଲା।
ସଭଭାଗ୍ୟବନ୍ତୀ କୟେକୟା ଯେ ହୋଇଲା।

(i) ରାଜା ଦଶରଥ କିପରି ଥିଲେ ?
(ii) ଦଶରଥଙ୍କର ଗତି କାହା ସହିତ ତୁଳିତ ହୋଇଛି ?
(iii) ବଡ଼ିମାରେ ଦଶରଥ କିପରି ଥିଲେ ?
(iv) ରାଜାଙ୍କର ପାଟଦେଇ ମନୋହାରୀ କେଉଁମାନେ ଥିଲେ ?
(v) ଜ୍ୟେଷ୍ଠ ପାଟ ରାଣୀ ଓ ସୌଭାଗ୍ୟବତୀ କିଏ କିଏ ଥିଲେ ?

ଲେଖିଅଛି କଂସ ହୋଇ ମହାରୋଷ, ଆହେ ଗୋପପତି ନନ୍ଦ।
ଆଜ୍ଞା ପ୍ରମାଣେ ତତ୍‌କାଳେ ଆସିବୁ, ନୋହିଲେ ଛେଦିବି କନ୍ଧ ।୧।
ଜାଣୁ ତ ମୋହର ବଳ ବୀର୍ଯ୍ୟ ଯେତେ, ଅଇରିକୁଳକୁ କେତୁ।
ପ୍ରତିଜ୍ଞାରେ ରଣ ତେଜି ରଣରାଜ-ପୁତ୍ରେହେଁ ଲଭନ୍ତି ମୃତ୍ୟୁ।୨।
କୋପ କଲେ ମହୀ ଦୋହଲି ଉଠଇ, ମେରୁ ହୋଇ ଥରହର।
ରାଣ ଦେଲେ ଜନ୍ତୁ-ପତି ଭୟ କରେ; ଆଉମାନେ କେତେ ଛାର। ।୩।
ବିଧାଘାତେ ଚିତ୍ରକୂଟ କୂଧରକୁ କରି ପାରଇ ମୁଁ ଚୂନା।
ଅଇରି ଉରସଲ-ବାନା ବହଇ ଶରଣକୁ ବଜ୍ରସେହ୍ନା।୪।
ଦାନୀପଣକୁ ସୁନାସୀର ପରାଏ, ଗଭୀର ପଣେ ଜଳଧି।
ପଣ୍ଡିତ ପଣେ ଦେବଗୁରୁ ହାରଇ, ବେଦବେଦାନ୍ତରେ ବିଧି।୫।
ଧାର୍ମିକ ପଣେ କେହି ସମ ନୁହନ୍ତି, ପରଜା ପାଳନେ ତାତ।
ମୋର ଦେଶରେ ଭୟ କରି ପ୍ରଚଣ୍ଡ ହୋଇ ନ ବହଇ ବାତ।୬।
ଅଗ୍ନି ଦେବତା ଶିଖାମାନ ନିଉନ ଦେଖି ମୋର ତେଜ ବଳ।
ସୁଜନ ରଖି ଦୁର୍ଜନକୁ ମାରଇ, ଏକଥା ମୋହର ମୂଳ।୭।
ଗଡ ଦେଖି ବଡ କ୍ଷତ୍ରୀମାନେ ଆଡ଼ ହୁଅନ୍ତି ବହୁତ ଦୂର।
କଟକାଇ କଲେ ଅମରେ ପଳାଇ ଯାଆନ୍ତି ଅମର ପୁର।୮।
ଯାଦବକୁଳ କୁମୁଦବନ ପ୍ରାଏ, ମୁଁ ତହିଁକି ନିଶାମଣି।
ସୁନ୍ଦର ପଣେ କାମ ସରି ନୁହଇ, ସହିବା-ପଣେ ଧରଣୀ।୯।

**ପ୍ରଶ୍ନାବଳୀ:**

(i) ଚିଠିଟି କିଏ କାହାକୁ ଲେଖିଥିଲା ?
(ii) କଂସ କେଉଁ ବାନା ବହନ କରେ ?
(iii) କଂସର କେଉଁ କଥା ମୂଳ ବୋଲି କୁହାଯାଇଛି ?
(iv) କଂସ କାଟକାଇ କଲେ କ'ଣ ହୁଏ ?
(v) କଂସ କାହାପାଇଁ ନିଜକୁ ନିଶାମଣି ବୋଲି କହିଛି ?

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ ?
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ? ।୧।
ତୋ ପୂର୍ବପୁରୁଷ ଜୟ କରିଥିଲେ
ଗଙ୍ଗା ଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?।୨।
ତୁ ମନେ ଭାବୁଛୁ ତୋଷାମଦ କରି
ବଢ଼ାଇବୁ ଜାତିମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।୩।
ତୋଷାମଦକାରୀ କ୍ଷିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ.
ଭୃତ୍ୟ ଭାବ ଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।୪।
ତୋଷାମଦ ଅଟେ ଅନ୍ଧାର ଗୋହିରି ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ ଅଜ୍ଞାତରେ ତାକୁ ନାଶେ।୫।

**ପ୍ରଶ୍ନାବଳୀ :**

(i) କ'ଣ କହିବାକୁ ଡ଼ରୁ ବୋଲି ବର୍ଣ୍ଣିତ ?

(ii) ପୂର୍ବ ପୁରୁଷ ମାନେ କ'ଣ କରିଥିଲେ ?

(iii) ତୋଷାମଦିଆର ପ୍ରକୃତି କ'ଣ ?

(iv) ତୋଷାମଦକାରୀର ସ୍ୱରୂପ କ'ଣ ?

(v) ତୋଷମଦ କିପରି ?

"ନବ ଉଦ୍‌ବେଗେ ତୁ ସିନା ଉଠିଚୁ ଜାଗି
ଆଶ୍ରମ ପଦେ ଶିଷ୍ୟା ହେବାର ଲାଗି,
ଆର୍ଯ୍ୟ ଜାତିର ଅଛି ଏକା ଅଧିକାର।"
ଆତୁର ବଚନେ ଜଣାଇଲା ପୁଣି ବାଳା
"ଶବର ଜାତିର ନାହିଁ କି ସେ ଅଧିକାର ?"
ହସ୍ତ ହଲାଇ ମସ୍ତକ ଦୋହଲାଇ
ଉତ୍ତରେ ମୁନି ଜଣାଇଲେ 'ନାହିଁ ନାହିଁ'।
ତଥାପି କୁମାରୀ ଜଣାଇଲା ଅନୁରାଗେ,
"ଶବର ଜାତିର ନାହିଁ ଯେବେ ଅଧିକାର
ମରମେ ମୋହର ବାସନା କାହିଁକି ଜାଗେ"।
ମରମ-ପରଶି ସେଇ ଦୁଇପଦ ଶୁଣି
ମରମ-ଗହନେ ଚିନ୍ତିଲେ ମହାମୁନି,
ଆଖିର ପଲକେ କି ଭାବେ ହୋଇଲେ ଭୋଳ
ବୁକୁତଳେ ତାକୁ ଉଚ୍ଛାସେ ନେଲେ ତୋଳି,
ଆର୍ଯ୍ୟା ତୁହିଲୋ ଶିଷ୍ୟା ତୁହିଲୋ ମୋର।"

**ପ୍ରଶ୍ନାବଳୀ:**

(i) ଆର୍ଯ୍ୟ ଜାତିର କି ଅଧିକାର ଅଛି ?

(ii) ମୁନି କିପରି ନାହିଁ ନାହିଁ କଲେ ?

(iii) କୁମାରୀ କ'ଣ ଜଣାଇଥିଲା ?

(iv) ସେଇ ଦୁଇପଦ କିପରି ଥିଲା ?

(v) ମୁନି କୁମାରୀକୁ କ'ଣ କହିଲେ ?

ଉଠିଛ କି ବାପା, ଏବେ ତ ରାତି ହେଲା ପ୍ରଭାତ ।
ଶୀକର ବିଂଚାଇ ସମୀରେ ବହେ ସିଂଧୁ-ମାରୁତ।
ଫୁଟି ଯାଇଅଛି ଗଗନେ ଘନ ମୁଦିର-ଘଟା।
ଲୁଚକାଳି ଖେଳେ ଦେଖାନ୍ତି ତାରା ମେଦୁର ହଟା।
କୃଷ୍ଣ-ଘନ ଚୂଳେ ଶୋଭଇ ଚାନ୍ଦ ବାରୁଣୀ-ଶିରେ
ଚଳ କୃଷ୍ଣ - ଘନେ ଲୁଚାଇ କେବେ କଂପିତ -କରେ।
ତାମସ-କଳୁଷ ପୀଡନେ ଯଥା ସ୍ୱଚ୍ଛ ବିବେକ
ଲୁଚି ଲୁଚି ଫୁଟି ହସଇ, ଢାଳି ପୁଣ୍ୟ ମୟୂଖ।
ଦୂର-ଗିରି-ଧୂମ୍ର ପ୍ରାଚୀର ଖୋଲେ ତରଳ ବିମ୍ବ
ଶୁଭ୍ର ହାସେ ଫୁଟେ କି ଅବା, ଭେଦି ଶରଦ-ନଭ।
ଲୁଚିଯାଏ କେବେ ପ୍ରାଚୀର-ଚୂଳ ଚଳ-ଜୀମୂତେ;
ଦେଖି ନାହିଁ ଯେବେ ସେ ଛବି, ଦେଖ ଆଜି ପ୍ରଭାତ।
ସିଂଧୁ ଭେଦି ଫୁଟେ ଫରଚା, କୁଆଁ ତାରା ମଳିନ,
ଉତାଳ ରତଙ୍ଗେ ଶୋଭଇ ନଦୀ-ମୁଖ-ପୁଳିନ,
ଗଗନ-ମୁକୁର-ତଟିନୀ-କମ୍ର-ଉର୍ମି ବିଳାସେ
କ୍ଷଣ-ତାରକିତ-କଂପନେ ଚଳ ନଭସ ଭାସେ।
ଏକାକୀ ପାଦପେ ପତତ୍ରି-ବଧୂ ଉଷା- ଆଲୋକେ
ଆସାର-ଧଉତ-ଚିକ୍କଣ-ଚଂଚୁ ଫିଟାଇ ଡାକେ।

**ପ୍ରଶ୍ନାବଳୀ :**

(i) "ଶୀକାର ବଂଚାଇ ସମୀରେ ବହେ ସଂଗୁ ବହେ ମାରୁତି" ପଂକ୍ତିର ଅର୍ଥ କ'ଣ ?

(ii) କଳା ମେଘ କୋଳରେ ଚନ୍ଦର ଶୋଭା କିପରି ବର୍ଣ୍ଣିତ ?

(iii) ଗିରି ପ୍ରାଚୀର ଖୋଲରେ ତରଳ ଚନ୍ଦ୍ର କିରଣକୁ କିପରି ବର୍ଣ୍ଣନା କରାଯାଇଛି ?

(iv) ପ୍ରଭାତରେ କେଉଁ ଛବି ଦେଖିବା ପାଇଁ ବାପାଙ୍କୁ କହିଛି ?

(v) ପ୍ରଭାତରେ ଆକାଶର ଶୋଭା କେମିତି ଦେଖାଯାଉଛି ?

'ତାତ, ଜୀବଲୀଳା ସରୁଛି ମୋହର,
ଅନ୍ତିମେ କାନ୍ଦିଲି ତୁମ୍ଭ ଶ୍ରୀପୟର,
ଶିରେ ଘେନି ଯାଉଅଛି ପାପଭାର
ତହିଁ, ଯହିଁ ଚିର-ମୁକ୍ତ କୃପାଦ୍ୱାର,
କୁଳପାଂଶୁଳାକୁ ବହୁଦିନ ବହି
ପାପଭାରୁଁ ଏବେ ମୁକ୍ତ ହେବେ ମହୀ,
ଦୁଃସ୍ୱପ୍ନ ପରାଏ ପାଶୋରି ଅଚିରେ
ମୋ ସ୍ମୃତି ନିହିବ ମୋର ସମାଧିରେ,
କହିବ ମାତାଙ୍କୁ ସୁତାକୁ ନ ଶୋଚି
ସ୍ମୃତିପଟୁ ତାକୁ ପକାଇବେ ପୋଛି,
କରିଥିଲି ଯାଙ୍କୁ ପ୍ରାଣପତି କରି,
ବାତ୍ସଲ୍ୟେ ଜାଣିବ ନିଜ ପୁତ୍ର ପରି,
ଅଭାଜନ ହେଲି ମୁହିଁ ସିନା, ପିତଃ
ନୋହିବ ତୁମ୍ଭର ଧର୍ମ ବିଚଳିତ,
ବିରଳ ଯେ ଠାରେ ମାନ ସଂଚାର,
କରାଇବ ମୋର ପିଣ୍ଡର ସତ୍କାର,
ଦୁଃଖିନୀକି, ଆହା, ବିଧି ହେଲେ ବାମ,
ଏ ଜୀବର ହେଲା ଏହି ପରିଣାମ,

**ପ୍ରଶ୍ନାବଳୀ :**

(i) କାହିଁକି ପିତାଙ୍କର ଶ୍ରୀପୟର କଳନା କରୁଛି ?

(ii) ମହା ଏବେ କେଉଁଥିରୁ ମୁକ୍ତ ହେବ ?

(iii) କାହାକୁ ଦୁଃସ୍ୱପ୍ନ ପ୍ରାୟ ଭାବି କ'ଣ କରିବ ବୋଲି କୁହାଯାଇଛି ?

(iv) ଯାହାକୁ ପ୍ରାଣ ଠାରୁ ଅଧିକ ଭଲ ପାଉଥିଲା; ତାହାପ୍ରତି କ'ଣ କରିବ ବୋଲି କୁହାଯାଇଛି ?

(v) କେଉଁଠାରେ ପିଣ୍ଡସଲାଉ କରାଇବାକୁ କୁହାଯାଇଛି ?

ନୟନ ସୁନ୍ଦର ମାନେ ଭ୍ରୁଲତା ନାଟକୁ
ଅଳକା ଆବୃତ ଶୋଭା ଲଲାଟପଟକୁ । ୧୮ ।

ନାକେ କାବ୍ୟତାରା ମୋତି ବସୁଣୀ କି ଶୋଭା ।
ମୋ ଆକ୍ଷି  ଦେଖିବାପାଇଁ ନିରବଧି ଲୋଭା । ୧୯ ।

ମକର କୁଣ୍ଡଳ ଯୁଗ୍ମ ଆନ୍ଦୋଳେ ଗଣ୍ଡରେ ।
ଦେଖି ଆନନ୍ଦରେ ଭାଷା ନ ଆସେ ତୁଣ୍ଡରେ । ୨୦ ।

ଗୁଞ୍ଜି ବେଢ଼ା ବାଙ୍କଚୂଡ଼ା ଖୋଷା ଜାମୁଡାଳି ।
କି ସୁନ୍ଦର ଦିଶୁଥାଇ ଆସୁ ଢଳି ଢଳି । ୨୧ ।

କେଡ଼େ ସ୍ୱଚ୍ଛ କେକୀପୁଚ୍ଛ ସୁଗୁଞ୍ଜାରାପାଟି ।
ଆସିବ କାହା ପାଟିକି ତେତେ ପରିପାଟି । ୨୨ ।

କସ୍ତୁରୀତିଳକ ନାସେ ଭାଲେ ଗୋରଚନା ।
ଭାଲରେ ଚନ୍ଦନପାଟି ମନ ବଶ ସିନା । ୨୩ ।

ରଙ୍ଗମାଟି କି ରଙ୍ଗରେ ହୃଦୟ ଚିତ୍ରିତ ।
କଉସ୍ତୁଭ ବନମାଳା ସୁଷମା ବିଚିତ୍ର । ୨୪ ।

କାଇଁଚ କଙ୍କଣ କରେ କଟିରେ କିଙ୍କିଣୀ ।
ନୂପୁର ଶବଦ ମୋର ମନ ମନ କିଏ କିଣି । ୨୫ ।

ସୁନ୍ଦର ସୁନ୍ଦର ଭଙ୍ଗୀ ନ ଦେଖି ତୋହର ।
ବାଇବୁଦ୍ଧି ହୋଇଲାନି ଆସି ତ ମୋହର । ୨୬ ।

କଂଟ କରିଥିଲୁ ପରା କାହିଁକି ନଇଲୁ ।
କାହା ସଙ୍ଗତରେ ଥିବା ପୁଣି କଲି କଲୁ । ୨୭ ।

**ପ୍ରଶ୍ନାବଳୀ :**

(i) ଲଲାଟ ତାଟକୁ କ'ଣ ଶୋଭା ଦିଶୁଥାଏ ?

(ii) ଆଖି କ'ଣ ଦେଖିବାପାଇଁ  ସଦାବେଳେ ରହୁଁଥାଏ ?

(iii) କ'ଣ ଦେଖି ପାଟିରେ ଭାଷା ଆସିନଥାଏ ?

(iv) କେଉଁ ରୂପସଜ୍ଜା ମନକୁ ବଶ କରିନିଏ ?

(v) ମାତାଙ୍କର ମନ କ'ଣ କିଣି ନିଏ ?

ଭିତରେ ଗଗନ-ନୀଳିମା ଦିଶେ ରଜତ-ହାସେ,
ତାରା ଖଣ୍ଡ ଏବେ ଲୁଚୁଛି ଉଷା-ଜ୍ୟୋତି ବିଭାସେ ।

ପରାଣେ ପରାଣେ ବହଇ ନବ-ଜୀବନ-ଧାରା,
ପଲକେ ପଲକେ ସ୍ଫୁରଇ ପ୍ରାଣ ପୀରତି-ଭରା ।

ଦିଗନ୍ତ-ପ୍ରସାରେ ଦିଶଇ ଦିଗ ଚୂର୍ଣ୍ଣ କୁନ୍ତଳ,
ନାରିକେଳ କୁଞ୍ଜ ଗହଳେ ଧୂମ୍ର-ନୀଳ-ପ୍ରାଚୀର ।

ନୀଳ-ଘନ- କାନ୍ତି ବିମଳ ବେଳା ସୀମନ୍ତ-ଶିଖେ
ସୂର୍ଯ୍ୟ-ରଥ ଭେଦି ଉଠିବ ଏହି ତଟିନୀ ମୁଖେ ।

ନ ଦିଶିବ ସିନ୍ଧୁ-ପରଶେ ବାଳ ଭାନୁ-ବିଭବ,
ଅରୁଣ-କମ୍ପନେ ସାଗର-ପୂରେ ହାଟକ ଦ୍ରବ ।

ଉଦୟ ବିଭବ କୋଣାର୍କେ ଶୁଣ କହୁଚି ହେଜି,
ଦୁର୍ଦ୍ଦିନ-ତାମସେ କାହୁଁରେ ବାପା ଦେଖିବ ଆଜି ?

ତୁମ୍ଭ ପରି ଥବଲି ଯେବେ ମୁଁ, ରାତି ନ ପାହୁ ଆସି,
ଚନ୍ଦ୍ରଭାଗା କୂଳେ ଥିଲିରେ ଚାହିଁ ଅରୁଣେ ବସି ।

କୁଆଁତାରା ଜ୍ୟୋତି ଲିଭିଲା, ଉଷା ଗଗନ-ପଟେ,
ଖେଳିଗଲା, ଗଲା କାଳିମା ଲୁଚି ପ୍ରତୀଚୀ-ତଟେ ।

**ପ୍ରଶ୍ନାବଳୀ :**

(i) ତାରାଖଣ୍ଡ କେଉଁଠି ଲୁଚୁଛି ବୋଲି ବର୍ଣ୍ଣିତ ?

(ii) ନାରିକେଳ କୁଞ୍ଜ ଗହଳେ ଧୂମ୍ର-ନୀଳ ପ୍ରାଚୀର କିପରି ଦେଖାଯାଉଛି ?

(iii) ସୂର୍ଯ୍ୟରଥ କେଉଁଠି ଉଠିବ ?

(iv) ସୂର୍ଯ୍ୟ ସାଗର ସ୍ପର୍ଶ କଲେ କ'ଣ ଦେଖାଯିବ ନାହିଁ ?

(v) ପିଲାଙ୍କ ପରି ଥିଲାବେଳେ କବି କ'ଣ କରୁଥିଲେ ?

***

# ସର୍ଜନାତ୍ମକ ରଚନା

ସୂକ୍ତି, ପ୍ରବାଦ, ପ୍ରବଚନ, ସୁଭାଷିତ ଇତ୍ୟାଦି କେଉଁ ଉଦ୍ଦେଶ୍ୟରେ, କେଉଁ କ୍ଷେତ୍ରରେ ବ୍ୟବହୃତ ହୁଅନ୍ତି, ସେଗୁଡ଼ିକର ତାତ୍ପର୍ଯ୍ୟାର୍ଥ କ'ଣ ହୋଇପାରେ, ବ୍ୟକ୍ତି ବା ବ୍ୟଷ୍ଟି ଜୀବନରେ ସେଗୁଡ଼ିକର ଆବଶ୍ୟକତା ଅଛି କି ନାହିଁ, ସମାଜକୁ ଜୀବନକୁ ସେ ଗୁଡ଼ିକ ଶୃଙ୍ଖଳିତ କରନ୍ତି କି ନାହିଁ, ଏ ସବୁ ଜାଣିବା ଓ ତା'ର ପ୍ରୟୋଗାତ୍ମକ ଦିଗ ପ୍ରତି ସଚେତନ ହେବା,ଏବଂ ତତ୍‌ସହିତ ଉପଯୁକ୍ତ କ୍ଷେତ୍ର ଓ ସ୍ଥଳରେ ବ୍ୟବହାର ମାଧ୍ୟମରେ ନିଜର ଯୁକ୍ତି ଓ ମନ୍ତବ୍ୟକୁ ଦୃଢ଼କରିବା କ୍ଷେତ୍ରରେ ଏହାର ଆବଶ୍ୟକତା ଅପରିହାର୍ଯ୍ୟ।

୧୫୦ ଶବ୍ଦରେ ଲେଖିବାକୁ ହେବ।

ପ୍ରଥମେ ଏଗୁଡ଼ିକର ଲାକ୍ଷଣିକ ବା ପ୍ରାୟୋଗିକ ଅର୍ଥ ଲେଖିବାକୁ ହେବ।

ଏହାର ଆବଶ୍ୟକତା ବର୍ଣ୍ଣନା ପାଇଁ ଏକ ଗଳ୍ପ (ଯଦି ମନକୁ ଆସେ / କି ପୂର୍ବରୁ ଶୁଣିଥିବା) ଅବତାରଣା କରିବାକୁ ହେବ। ଏହାର ଉପଯୋଗିତା ନିର୍ଣ୍ଣୟ କରିବାକୁ ହେବ।

### କେତୋଟି ଉଦାହରଣ

## ଆପଣା ହସ୍ତେ ଜିହ୍ୱା ଛେଦି

ଭାଗବତରେ ବର୍ଣ୍ଣିତ ଅଗଣିତ ସୁଭାଷିତ ମଧ୍ୟରୁ ଏହା ଏକ ବିଶେଷ ପଦର ପାଦ ପ୍ରକୃତରେ ଏହାର ଅପରପାଦଟି ହେଲା କେ ତା'ର ଅଛି ପ୍ରତିବାଦୀ।"

ମଣିଷ ଶରୀରର ପ୍ରତ୍ୟେକ ଅଙ୍ଗ ଅପରିହାର୍ଯ୍ୟ। ସେହିପରି ଜିହ୍ୱା। ଖାଦ୍ୟ ଚର୍ବଣ ଓ ହଜମ ପ୍ରକ୍ରିୟାରେ ଏହା ଯେପରି ସହାୟକ, ବାକ୍‌ଶକ୍ତି ପ୍ରୟୋଗରେ ମଧ୍ୟ ସେହିପରି ଆବଶ୍ୟକ। ଏହାର ଅନୁପସ୍ଥିତିରେ ଦୁଇଟି ଯାକ କ୍ରିୟା ସାଧନରେ ବ୍ୟାଘାତ ସୃଷ୍ଟି ହୁଏ। ଯଦି ସେହି ଜିହ୍ୱାକୁ କାଟି ଦିଆଯାଏ – ତେବେ ଉଭୟ ପାଚନ କ୍ରିୟା ଓ ବଚନ କ୍ରିୟା ଅସମ୍ଭବ ହୋଇପଡ଼ିବ। ପୁଣି ଯଦି କେହି ନିଜର ଜିହ୍ୱାକୁ କାଟି ଦିଏ – ତାହା ତ ସମ୍ପୂର୍ଣ୍ଣ ଆତ୍ମଘାତୀ ହେବ। ଏହା ହେଉଛି ସଂପୃକ୍ତ ଉକ୍ତିର ସାଧାରଣ ଅର୍ଥ।

ମାତ୍ର ଏହି ଅର୍ଥରେ ଅନ୍ତରାଳରେ ଏକ ସୁମହତ ବାଣୀ ଲୁକ୍‌କାୟିତ ଅବସ୍ଥାରେ ଅଛି। ଯେତେବେଳେ ଜଣକର କାର୍ଯ୍ୟ ତା ନିଜ ପାଇଁ ସକଳ ପ୍ରକାରର ବିପଦର କାରଣ ହୋଇଥାଏ, ସେତେବେଳେ ଏହି ଉକ୍ତିକୁ ଉଦାହରଣ ଛଳରେ ବ୍ୟବହାର କରାଯାଇଥାଏ। ଯଦି ଜଣେ କର୍ମଚାରୀ ଅନ୍ୟାୟ ଉପାୟ ଅବଲମ୍ବନ କରି ଭୋଗ ଲିପ୍ସାରେ ପ୍ରବୃତ୍ତ ରହେ କୌଣସି କାଳରେ ନିଜର ଏପରି କାର୍ଯ୍ୟ ପାଇଁ ଦଣ୍ଡ ଭୋଗିବାକୁ ହୁଏ– ସେତେବେଳେ ; କିମ୍ୱା କୌଣସି ଭଣ୍ଡବାବାଙ୍କର ଆଶ୍ରିତ ହୋଇ ନିଜର ସ୍ୱାଭିମାନ, ମାନ, ଇଜ୍ଜତ ହରାଇଥାଏ, ସେତେବେଳେ; ପୁଣି ଅଧିକ ଲାଭ ଆଶାରେ ଅନ୍ୟାୟ ଭାବେ ଅର୍ଥଲଗାଣ କରି ଅନ୍ୟଦାୟରେ ସବୁହରେଇ ବସେ, କିମ୍ୱା ସଡ଼କରେ ଯାତାୟତ କରିବାର ନିୟମ ନ ମାନି ଦୁର୍ଘଟଣାର ଶୀକାର ହେଲେ ଅନ୍ୟ ଉପରେ ଦୋଷ ଦିଆଯାଇ ପାରେନାହିଁ। ଏସବୁ କ୍ଷେତ୍ରରେ ଫଳାଫଳଟା ନିଜ କୃତକର୍ମ ଉପରେ ଆଧାରିତ।

ତେଣୁ ଉପରୋକ୍ତ କ୍ଷେତ୍ରରେ ଏହି ଉକ୍ତିକୁ ବ୍ୟବହାର କରାଯାଇଥାଏ। ଏକ ଶିକ୍ଷଣୀୟ ବକ୍ତବ୍ୟ ଭାବରେ ଏହାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ। ସେହିପରି 'ଆ ବଳଦ ମୋତେ ବିନ୍ଧ୍' ; ଯହିଁକି ଆପଣା କିଆ – ତହିଁ କି ଇଲାଜ କିଆ', ନିହ ହାତ, ନିଜ ଗାଲ; ଇତ୍ୟାଦି ଉକ୍ତି ଏହି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ।

## ଧୀର ପାଣି ପଥର କାଟେ

ଏହା ଏକ ବହୁ କଥିତ ଉପଦେଶାତ୍ମକ, ସାନ୍ତ୍ୱନାମୂଳକ ଉକ୍ତି। ଧୈର୍ଯ୍ୟର ସହିତ କାର୍ଯ୍ୟକଲେ ସିଦ୍ଧି ମିଳିବାର ସମ୍ଭାବନା ଅଧିକ ଥାଏ – ଏହି ପରିପ୍ରେକ୍ଷୀରେ ସଂପୃକ୍ତ ଉକ୍ତିଟି ବ୍ୟବହୃତ।

ପାଣି ତରଳ ଏବଂ ଏହାର କାଟିବାର କ୍ଷମତା ନାହିଁ। ସେହିପରି ପଥର କଠିନ ପଦାର୍ଥ ଏହା ସହଜରେ କଟାଯାଇପାରେନାହିଁ। କିନ୍ତୁ ଏକ ଜଳସ୍ରୋତ ଅନବରତ ଭାବେ କଠିନ ପ୍ରସ୍ତର ଶଯ୍ୟା ଉପରେ ପ୍ରବାହିତ ହେଲେ, ସେ ପ୍ରସ୍ତରର କ୍ଷୟ ଘଟେ ଏବଂ ବାଲୁକା ଭାବରେ କ୍ଷୁଦ୍ର କ୍ଷୁଦ୍ର ରେଣୁରେ ତାହା ପରିବର୍ତ୍ତିତ ହୋଇଥାଏ। ଅର୍ଥାତ୍ ଯାହା ଧୀର ଜଳସ୍ରୋତ ଦ୍ୱାରା ସମ୍ଭବ ହୁଏ – ତାହା ପ୍ରଖର ସ୍ରୋତ ଦ୍ୱାରା ସମ୍ଭବ ହେବାର ନିର୍ଦ୍ଦିଷ୍ଟ ନଥାଏ।

ଏହା ପ୍ରକୃତିର ଏକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏଥିରୁ ସମଗ୍ର ମାନବ ସମାଜ ପାଇଁ ଏକ ଶିକ୍ଷଣୀୟ ଓ ମହତ୍ତ୍ୱପୂର୍ଣ୍ଣ ଉପଦେଶ ମିଳିଥାଏ। ଜୀବନରେ ଅନେକ ପ୍ରତିକୂଳ ପରିବେଶ, ବାଧାବିଘ୍ନ, ଅସୁବିଧା ଆସିବ। ଲକ୍ଷ୍ୟପଥରେ ମଧ୍ୟ ଏ ସବୁର ଆଗମନ ଅନିବାର୍ଯ୍ୟ। ଏହାକୁ ଅତିକ୍ରମ କରି ଆଗେଇଯିବା ହେଉଛି ମାନବ ଧର୍ମ। ଗୋଟିଏ ଜାଗାରେ ଅଟକି ସେ ସ୍ଥାଣୁ ହୁଏ ନାହିଁ। ଚରୈବେତି ଚରୈବେତି

ନ୍ୟାୟରେ ସଫଳତା ଦିଗକୁ ଗତି କରିବାକୁ ହେଲେ ତାକୁ ଧୈର୍ଯ୍ୟର ସହିତ ଆଗେଇବାକୁ ହେବ। ଏହି ଧୈର୍ଯ୍ୟ ସାହାଯ୍ୟରେ ଗୋଟିଏ କାର୍ଯ୍ୟ ପାଇଁ ବାରମ୍ବାର ପ୍ରୟାସ ମାଧ୍ୟମରେ ସେ ଆବଶ୍ୟକ ସଫଳତାର ଶୀର୍ଷରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥାଏ।

ସବୁ କ୍ଷେତ୍ରରେ ଧୀର, ଶାନ୍ତ ଓ ଅବିଚଳିତ ଭାବରେ ଆଗେଇ ଯାଇ ଲକ୍ଷ୍ୟ ହାସଲ କରିବାର ଉପଲକ୍ଷ୍ୟରେ 'ଧୀର ପାଣି ପଥର କାଟେ' – ପ୍ରବାଦଟି ବ୍ୟବହୃତ ହୁଏ।

## ମୋତେ ଯେତେ ମାଠିବୁ ମାଠ୍ ମୁଁ ସେଇ ଦରପୋଡ଼ା କାଠ

ଓଡ଼ିଆ ଜନଜୀବନରେ ଏହା ଏକ ବହୁଚର୍ଚ୍ଚିତ କଥନିକା ଭାବରେ ପରିଗଣିତ। ଯେତେ ଚେଷ୍ଟା, ସୁଯୋଗ,ଏବଂ ଅବସର ଦେଲେ ମଧ୍ୟ ଯାହାର ଆଦୌ ପରିବର୍ତ୍ତନ ଘଟେ ନାହିଁ। ତାକୁ ହିଁ ସୂଚାଇବା ପାଇଁ ଏଭଳି ଏକ ଉକ୍ତିର ବ୍ୟବହାର କରାଯାଏ।

କାଠ କଞ୍ଚା ବା ନମନୀୟ ଥିଲାବେଳେ ତାକୁ ଯେମିତି ଆକୃତି ଦେବାକୁ ଚାହିଁବ, ସେମିତି ହୋଇପାରିବ। ମାତ୍ର ଦରପୋଡ଼ା କାଠକୁ ଯେ କୌଣସି ଆକୃତି ଦେବାକୁ ଯେତେ ଚେଷ୍ଟାକଲେ ବି ତାହା ସମ୍ଭବପର ହୋଇପାରେନାହିଁ। ଏହା ସାଧାରଣ ସତ୍ୟକୁ ବିଶେଷ ସତ୍ୟ ରୂପେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯାଇଥାଏ।

ଜୀବନରେ ବହୁ ଘଟଣା, ଦୁର୍ଘଟଣାର ସମ୍ମୁଖୀନ ହୁଏ ମଣିଷଟିଏ। ଏ ସବୁ ପରିବେଶ ସହିତ ତାକୁ ଖାପ ଖୁଆଇବାକୁ ହୋଇଥାଏ। ଯଦି ପ୍ରତ୍ୟେକ କ୍ଷେତ୍ରରେ ତା'ର ଏମିତି ସାଲିସ୍ କରିବାର ଭାବ ବା ପରିବେଶ ଅନୁସାରେ ପରିବର୍ତ୍ତିତ ହେବାର ଉଦ୍ୟମ ନ ରହେ ତେବେ ତା'ର ଜୀବନରେ ସାର୍ଥକତା ଆସିବ ନାହିଁ। ବେଳେବେଳେ ବ୍ୟର୍ଥ ଜୀବନ ନେଇ ହା ହୁତାଶମୟ ଜୀବନ ବଞ୍ଚିବାକୁ ହେବ।

ଜଣକୁ ଏକ ଜଙ୍ଗଲିଆ କଙ୍କରିଳ ଅଙ୍କାବଙ୍କା ରାସ୍ତାରେ ଗାଡ଼ିଚଲେଇ ଯିବାକୁ ଅଛି। ସିଧା, ଚିକ୍କଣ ରାସ୍ତାରେ ଯିବାପାଇଁ ଯେପରି କୌଶଳ ଅବଲମ୍ବନ କରିବାକୁ ହୋଇଥାଏ, ଜଙ୍ଗଲିଆ ରାସ୍ତାରେ ସେପରି କୌଶଳକୁ ପରିବର୍ତ୍ତନ କରିବାକୁ ହୁଏ, ନଚେତ୍ ଅସୁବିଧାରେ ପଡ଼ିବାଟା ସ୍ୱାଭାବିକ।

ତେଣୁ ଆବଶ୍ୟକତା, ସମୟ, ପରିବେଶକୁ ଆଗରେ ରଖି ଯେ ଆଦୌ ପରିବର୍ତ୍ତିତ ହୁଏ ନାହିଁ – ସେଇ ପୁରାତନ ପ୍ରଥାକୁ ଗ୍ରହଣ କରି ଚାଲିଯାଏ, ସେ କ୍ଷେତ୍ରରେ ଏହି ପ୍ରଯୁକ୍ତିକୁ ବ୍ୟବହାର କରାଯାଇଥାଏ। ଏହିପରି ଲେଖିବାକୁ ହେବ।

ତଳେ ଏଭଳି କିଛି ପ୍ରବାଦ / ପ୍ରବଚନ / ସୂକ୍ତି ଇତ୍ୟାଦିର ପ୍ରୟୋଗାତ୍ମକ ଅର୍ଥ ସହ ପ୍ରଦତ୍ତ ହୋଇଛି।

- ଅନ୍ଧଦେଶକୁ ଗଲି ଦର୍ପଣ ବିକି (ମୂର୍ଖ ରାଜ୍ୟରେ ଜ୍ଞାନ ଚର୍ଚ୍ଚା କରିବା)
- ଆଖି ପାଣି ଆଖିରେ ମରିବା (ବ୍ୟର୍ଥ ଅପେକ୍ଷା କରିବା)
- ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା
  (ଛୋଟ କଥାରୁ ବିରାଟ ଘଟଣାର ସୂତ୍ର ମିଳିବା)
- ଋଣଂ କୃତ୍ୱା ଘୃତଂ ପିବେତ୍ (ଶକ୍ତି ବହିର୍ଗତ ଖର୍ଚ୍ଚ କରିବା)
- ଋଷି ଜଟା ଛିଣ୍ଡାଇ ମରିବା
  (ଅତି ସହିଷ୍ଣୁ ପକ୍ଷରେ ମଧ୍ୟ ଅସହ୍ୟ ହେବା)
- ଋଷିଙ୍କୁ ଭାର ବୁହାଇବା (ଗୁରୁଜନଙ୍କୁ ଅପମାନିତ କରିବା)
- କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା
  (ବିନା କାରଣରେ ଅନ୍ୟ ସହ ଝଗଡ଼ା କରିବା)
- କୁଟା ଖଣ୍ଡିକ ଦିଖଣ୍ଡ ନ କରିବା
  (ପରିଶ୍ରମ କାତରତା ପ୍ରକାଶ କରିବା)
- କାଲଠା'ର କାଲ ମା' ଜାଣେ
  (ଏକା କାର୍ଯ୍ୟରେ ଲିପ୍ତ ଲୋକ ପରସ୍ପରକୁ ଜାଣନ୍ତି)
- କାହାର ପୁଷମାସ – କାହାର ସର୍ବନାଶ
  (ଗୋଟିଏ ଘଟଣା ଜଣକୁ ସୁଖ ଅନ୍ୟଜଣକୁ ଦୁଃଖ ଦେଉଥିଲେ)
- କଳି ଯଦି କରି ବସିବ ସଙ୍ଗେଥିବ ଭାଇ
  (ବିପଦ ଆପଦରେ ଭାଇ ଯିଏ ସହାୟତା କରନ୍ତି)
- ଏ ମନ ଭାଲୁଥାଏ ଯାହା – କାଳେ ପ୍ରାପତ ହୁଏ ତାହା
  (ଇଚ୍ଛା ଅନୁସାରେ ଫଳ ପାଇବା)
- କୁସୁମ ପରଶେ ପଟ ନିସ୍ତରେ
  (ସଜ୍ଜନ ସାନ୍ନିଧ୍ୟରେ ଦୁର୍ଜନ ବି ସୁଧୁରିଯାଏ)
- କୋପେ ବର ନ ହେଲ ତପେ ବର
  (କାର୍ଯ୍ୟ ହାସଲ ପାଇଁ ଉଭୟ କ୍ରୋଧ ଓ ଅନୁନୟ ପ୍ରକାଶ କରିବା)
- ଖାଇବା ପତରରେ ଧୂଳି ଦେବା (ଜୀବିକାରେ ବାଧା ଦେବା)
- ଗଛ ଚଢ଼ି ନ ଜାଣେ ଯେ କୁଆ ଅଇଁଠା ଖାଏ ସେ
  (ପରିଶ୍ରମ ନ କରି ଅନ୍ୟର ସହାୟତାରେ ବଞ୍ଚିବା)
- ଗଛର ଛାଇ ମଣିଷର ହାଇ ଯେଉଁଠାରେ ପଡ଼େ ଉଧାଏ ନାହିଁ
  (ଅନ୍ୟ କେହି ଅନିଷ୍ଟ ଚିନ୍ତା କରୁଥିଲେ ବିକାଶ ସମ୍ଭବ ହୁଏ ନାହିଁ)
- ଗରଜିଲା ମେଘ ବରଷେ ନାହିଁ
  (ମୁହେଁ ମୁହେଁ କହୁଥିବା ବ୍ୟକ୍ତି କ୍ଷତିକାରକ ନୁହେଁ)

- ଖୁଣ୍ଟ ଗୁଣେ ଘୋଡ଼ା କୁଦେ
(ମାଲିକର ଦୁର୍ବଳତାରୁ କର୍ମଚାରୀ ଉଶୃଙ୍ଖଳ ହେବା)
- ଖଣ୍ଡରେ ଧୋଇଲେ କ୍ଷୀରରେ ମୋହିଲେ ନିମକି ମଧୁର ହୋଇବ
(ପ୍ରକୃତି ଅପରିବର୍ତ୍ତନୀୟ)
- ଗୁହାଳ ସୁତୁରା ଦେଖିଲେ ଗାଇ ହମାଳି ପଶେ
(ଅନୁକୂଳ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରେ)
- ଗୋଠ ମାତିଲେ ଖଣ୍ଡିଆ ମାତେ
(ଗଣ ବିପ୍ଳବ କାଳରେ ଦିବ୍ୟାଙ୍ଗ ମଧ୍ୟ ମାତିଯାଏ)
- ଚକୁଳି ଖାଇବା ଲୋକର ବିନ୍ଧ ଗଣା
(ଅସାର ବିଷୟରେ ମନ ଦେବା)
- ଛତୁ ଫୁଟା କାଠ, ନିଶ ଉଠା ପାଠ
(ଅତିକ୍ରାନ୍ତ ସମୟରେ କାର୍ଯ୍ୟ ଆରମ୍ଭ କରିବା)
- ଛୋଟୀକୁ ଶ୍ରୀମତୀ କହିଲେ ଗୋଡ଼ ବୁଲେଇ ବୁଲେଇ ପକାଏ
(ଗୁଣହୀନ ଲୋକକୁ ପ୍ରଶଂସା କଲେ ଗର୍ବିତ ହେବା)
- ଟେକାଟିଏ ମାରିଲେ ପଥରଟିଏ ଥୁଆ
(ଅକାରଣରେ ଅନ୍ୟର କ୍ଷତି କଲେ ତାହା ନିଜ ଉପରକୁ ଆସିପାରେ)
- ଗୋଡ଼ ବୋଇଲେ ହାତ ବୋଲ କରିବା (ଅତି ଦୁଷ୍ଟ)
- ଘରେ ନ ପଶୁଣୁ ମୁଣ୍ଡରେ ଚଳ ବାଜିବା
(କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଘ୍ନ ଉପୁଜିବା)
- ଛେନାରୁ ଚେପା ଛଡ଼ାଇବା
(ଖୋଜି ଖୋଜି ଦୋଷ ବାହାର କରିବା)
- ଜଳନ୍ତା ନିଆଁରେ କୁଟା ପକାଇବା (ଉସୁକେଇବା)
- ଝିଣ୍ଟିକା ମାରି ବଣି ପୋଷିବା
(ଗରୀବଙ୍କୁ ମାରି ବଡ଼ ଲୋକଙ୍କୁ ପୋଷିବା)
- ଠେକିଏ ପାଣି ପିଆଇବା (ଅସ୍ତବ୍ୟସ୍ତ କରିବା)
- ଡିହରେ ବିଲୁଆ ଡେଇଁବା (ବଂଶ ବୁଡ଼ିଯିବା)
- ଦେଉଳଠୁ ମୁଖଶାଳା ବଳିବା
(ମୂଳ ଖର୍ଚ୍ଚ ଠାରୁ ଆନୁଷଙ୍ଗିକ ଖର୍ଚ୍ଚ ବଳକା ହେବା)
- ନାହିରେ ତେଲ ଦେବା (ଚିନ୍ତାଶୂନ୍ୟ ହେବା)
- ପର ମୁଣ୍ଡରେ ନଡ଼ିଆ ବାଡ଼େଇବା
(ଅନ୍ୟକୁ ଦାୟିତ୍ୱ ଦେଇ ଖସିଯିବା)
- ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା
(ଶକ୍ତିଶାଳୀ ଲୋକ ବିରୁଦ୍ଧରେ ପ୍ରଥମେ ବାହାରିବା)
- ମହରଗରୁ ଯାଇ କାନ୍ତାରରେ ପଡ଼ିବା
(ଛୋଟ ବିପଦରୁ ମୁକୁଳି ବଡ଼ ବିପଦରେ ପଡ଼ିବା)
- ଷଣ୍ଢକୁ ଭାଗବତ ପଢ଼େଇବା
(ଅଯୋଗ୍ୟ ଲୋକକୁ ଉପଦେଶ ଦେବା)
- ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା
(ନିଜର ଅଯଥା ଖର୍ଚ୍ଚରେ ଅକାର୍ଯ୍ୟ କରିବା)
- ଅଖ ଢିଲାକୁ ଚକ ଢିଲା (ସମ୍ପୂର୍ଣ୍ଣ ବିଶୃଙ୍ଖଳା)
- ପାଲିଙ୍କି ଉପରେ ପାଟଛତା (ଉନ୍ନତି ଉପରେ ଉନ୍ନତି)
- ବାପ ରାଣ ଢୀଙ୍କି ଗିଳି (ବାଧ୍ୟ କରିବା)
- ଅଜାଗା ଘାଆ ଦେଖିହୁଏ ନାହିଁକି ଦେଖେଇ ହୁଏ ନାହିଁ
(ନିଜର ବୋକାମି ବା ଭୁଲ୍ କାହାକୁ ଦେଖେଇ ହୁଏ ନାହିଁ କି ନିଜେ ସହି ପାରେନାହିଁ)
- ଏକା ଢେଲାରେ ଦୁଇଟି ଶୀକାର
(ଗୋଟିଏ କାର୍ଯ୍ୟରେ ଦୁଇଟି ସିଦ୍ଧି)
- କର୍ଣ୍ଣ ମଲେ ପାଞ୍ଚ ତ ଅର୍ଜୁନ ମଲେ ପାଞ୍ଚ
(ଉଭୟେଆଡୁ ଲାଭ କି କ୍ଷତି ହେବ ନାହିଁ)
- ଏକା ମାଘ କେ ଶୀତ ଯାଏନା (ସୁଯୋଗ ବାରମ୍ବାର ଆସେ)
- ଆଗେ ବୁଣ୍ ପଛେ ବୁଣ୍ ଗର୍ଭଣାକୁ ଟୁଣ୍‌ଟୁଣ୍
(ଆସିବାରେ ଆଗପଛ ହେଲେ ବି ଏକାସମୟରେ ଫଳ ଧରିବା)
- ବିଲୁଆ ବିଚାର (ଅସଫଳ ମେଳି)
- ମୋତେ ମାରନା ମୁଁ ମଲିଣି (ବିନା ସର୍ତ୍ତରେ ଶରଣ ପଶିବା)
- ସାପ ମରିବନି କି ବାଡ଼ି ଭାଙ୍ଗିବନି
(ଦି ପଟକୁ ସୁହାଇଲା ଭଳି ମନ୍ତବ୍ୟ)
- ବାୟାର କି ଯାଏ, ବାଆ କଲେ ବସା ଦୋହଲୁ ଥାଏ
(ନିଶ୍ଚିନ୍ତ ହୋଇ ବସିବା)
- ନଇକେ ବାଙ୍କ୍ ଦେଶକେ ଫାଙ୍କ୍ (ମତାମତ ଭିନ୍ନ ଭିନ୍ନ ହେବା)
- ଆଲୋ ସଖି ଆପଣା ମହତ ଆପେ ରଖି
(ନିଜର ସ୍ୱାଭିମାନକୁ ଜଗି ଚଳିବା)
- ପୁନର୍ମୂଷିକ ଭବଃ (ନିଜ ପ୍ରକୃତିକୁ ଛାଡ଼ି ନ ପାରିବା)
- ଉଡ଼ା ଚଢ଼େଇର ଠିକଣା କ'ଣ (ବିପର୍ଯ୍ୟସ୍ତ ଜୀବନ)
- ସଜ ମାଛରେ ପୋକ ପକାଇବା (ଅକାରଣରେ ନିନ୍ଦା କରିବା)
- ତିନି ତୁଣ୍ଡରେ ଛେଳି କୁକୁର
(ଅନ୍ୟ କଥାରେ ପରିଚାଳିତ ହେବା)
- ବ୍ରହ୍ମା ବିଳି ବିଳେଇଲେ ବେଦ
(ପ୍ରତିଷ୍ଠିତ ବ୍ୟକ୍ତିଙ୍କର ମତାମତକୁ ବାଧ୍ୟ ହୋଇ ଗ୍ରହଣ କରିବା)
- ଧୂଆ ମୂଳା ଅଧୂଆ ମୂଳା ସବୁ ସମାନ
(ସବୁକୁ ସମାନ ବିଚାର କରିବା)

***

## ପଞ୍ଚମ ଏକକ

# ଦରଖାସ୍ତ / ପତ୍ରଲିଖନ

ନିଜର ଅସୁବିଧା / ଆବଶ୍ୟକତା / ଇତ୍ୟାଦି ଦର୍ଶାଇ ତା'ର ଦୂରୀକରଣ ନିମିତ୍ତ ଯେତେବେଳେ କୌଣସି ପଦାଧିକାରୀ, କିମ୍ବା ଉପରିସ୍ଥ କର୍ମକର୍ତ୍ତା, କିମ୍ବା ଅନୁଷ୍ଠାନର ମୁଖ୍ୟଙ୍କ ନିକଟରେ ନିବେଦନ ବା ଦାବୀ ଉପସ୍ଥାପନ କରାଯାଏ, ତାହା ଦରଖାସ୍ତ ନାମରେ ପରିଚିତ।

ଏହାର ରଚନା ବିଧି ପ୍ରାୟ ସମାନ।

ପ୍ରଥମେ ବାମ ପଟରେ ଆରମ୍ଭରୁ ଯାହାକୁ ଅସୁବିଧା ଜଣାଇବାକୁ ଉଦ୍ୟମ କରାଯାଏ ତାଙ୍କର କାର୍ଯ୍ୟାଳୟ ଗତି ପଦ, ସ୍ଥାନର ନାମ, ରହିବ।

ତା ତଳକୁ ବ୍ରାକେଟ ମଧ୍ୟରେ ଆବେଦନର ବିଷୟ ରହିବ।

ତା ତଳକୁ କାର୍ଯ୍ୟାଳୟର ପତ୍ର ସଂଖ୍ୟା ରହିପାରେ।

ବାମପଟରେ ସମ୍ବୋଧନ ରହିବ।

ବିଷୟବସ୍ତୁରେ ନିବେଦନର ଅଭିପ୍ରାୟ ରହିବ।

ଦରଖାସ୍ତ ଶେଷରେ ଉପସଂହାର କ୍ରମରେ ବଶମ୍ବଦ /ବିନୀତ / ଆଜ୍ଞାଧୀନ / ବିଶ୍ୱସ୍ତ ଇତ୍ୟାଦି ପରେ ଆବେଦନ କାରୀଙ୍କ ନାମ ରହିବ।

ଗୋଷ୍ଠୀଭିତ୍ତିକ ଆବେଦନ ପତ୍ର ହୋଇଥିଲେ – ଆବେଦନକାରୀଙ୍କ ନାମ ଓ ଦସ୍ତଖତ ରହିବ।

ଦରଖାସ୍ତର ଶେଷ ଭାଗର ବାମ ପଟକୁ ସ୍ଥାନ ଓ ତାରିଖ ରହିବ।

ସର୍ବଶେଷରେ – ଠିକଣା କ୍ରମରେ ଦକ୍ଷିଣପଟରେ ପ୍ରାପକ ଓ ବାମପଟରେ ପ୍ରେରକଙ୍କ ଡାକ ଠିକଣା ରହିବ।

## ନମୂନା

### ଘରପୋଡ଼ି ଜନିତ କ୍ଷୟକ୍ଷତି ସୂଚାଇ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଦରଖାସ୍ତ

ସମ୍ମାନନୀୟ ଜିଲ୍ଲାପାଳ, ମାଲକାନଗିରି, ଓଡ଼ିଶା

ମହୋଦୟ ............................... ସମୀପେଷୁ

(ବିଷୟ : ଆର୍ଥିକ ସାହାଯ୍ୟ ସମ୍ପର୍କରେ)

ମହାଶୟ;

ବିଷୟବସ୍ତୁ :-

ଆପଣଙ୍କର ବିଶ୍ୱସ୍ତ

________ ଗ୍ରାମବାସୀ ବୃନ୍ଦ

ଗାଁର ନାମ – ବାଘସିଂହ                ୧

ତା :                ୨

୩

୪

୫

୬

୭

ଠିକଣା

ପ୍ରେରକ                ପ୍ରାପକ

- ଗ୍ରାମରେ ଅଚଳ ହୋଇ ପଡ଼ିଥିବା ନଳକୂପର ମରାମତି ଓ ପୁନରୁଦ୍ଧାର ପାଇଁ ୱାର୍ଡ କାଉନସିଲଙ୍କ ମାଧ୍ୟମରେ ବିଡ଼ିଓଙ୍କୁ ଦରଖାସ୍ତ।
- ତୁମ ଅଞ୍ଚଳରେ ଜଳବାହିତ ରୋଗର ପ୍ରତିକାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦରଖାସ୍ତ।
- ବାରମ୍ବାର ବିଦ୍ୟୁତ୍‌କାଟ ଜନିତ ଅସୁବିଧା ଦର୍ଶେଇ ତା'ର ପ୍ରତିକାର ପାଇଁ ବିଦ୍ୟୁତ୍ ବିଭାଗର ସଂଶ୍ଳିଷ୍ଟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ।
- ଜଳକଷ୍ଟରୁ ରକ୍ଷା ପାଇବା ପାଇଁ ପୁରାତନ ପୁଷ୍କରିଣୀର ଜୀର୍ଣ୍ଣୋଦ୍ଧାର ପାଇଁ ବି.ଡି.ଓ.ଙ୍କ ନିକଟକୁ ଦରଖାସ୍ତ।
- ଘରପୋଡ଼ି ଜନିତ ରିଲିଫ୍ ସାହାଯ୍ୟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ସାମୂହିକ ଆବେଦନ ପତ୍ର।
- ବାର୍ଦ୍ଧକ୍ୟଭତ୍ତା ତାଲିକାରେ ନାମ ଉଠାଇବା ପାଇଁ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦରଖାସ୍ତ।
- ବର୍ଷାଋତୁରେ ଗ୍ରାମକୁ ଯୋଗାଯୋଗ ରାସ୍ତାର ଦୁରବସ୍ଥା ଜଣାଇ ତା'ର ପୁନର୍ବିନ୍ୟାସ ପାଇଁ ବି.ଡି.ଓଙ୍କୁ ସାମୂହିକ ଦରଖାସ୍ତ।
- ଗ୍ରାମ ଲାଇବ୍ରେରୀକୁ କିଛି ଉପକରଣ ଓ ପୁସ୍ତକ ପ୍ରଦାନ ପାଇଁ ଅଞ୍ଚଳର ମାନ୍ୟବର ସାଂସଦଙ୍କୁ ଦରଖାସ୍ତ (ସାମୂହିକ)।
- ଗ୍ରାମର ଅସହାୟା ରୋଗଗ୍ରସ୍ତା ବୃଦ୍ଧାଙ୍କୁ ଚିକିତ୍ସା ସହାୟତା ପ୍ରଦାନ ପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଆକର୍ଷଣୀକାରୀ ଦରଖାସ୍ତ।
- ବୁଲା କୁକୁର ଓ ଗାଈଙ୍କ କବଳରୁ ରାସ୍ତା ମୁକ୍ତ କରିବାପାଇଁ ମୁନିସିପାଲଟିର ଚେୟାରମ୍ୟାନଙ୍କୁ ଦରଖାସ୍ତ।
- ଶ୍ରେଣୀରେ ଅନୁପସ୍ଥିତି ରହିବାର କାରଣ ଦର୍ଶାଇ ଉପସ୍ଥାନ ସଂଖ୍ୟା ଭରଣା ପାଇଁ ଅଧ୍ୟକ୍ଷଙ୍କ ନିକଟକୁ ଦରଖାସ୍ତ।
- ଛାତ୍ର କଲ୍ୟାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ଅଧ୍ୟକ୍ଷଙ୍କୁ ଦରଖାସ୍ତ।
- ବଣୁଆ ପଶୁ ଆକ୍ରମଣରୁ ଫସଲ ସୁରକ୍ଷା ପାଇଁ ବନଖଣ୍ଡର ଅଧିକାରୀଙ୍କୁ ଦରଖାସ୍ତ।
- ସ୍ଥାନୀୟ ଦର୍ଶନୀୟ ସ୍ଥାନ ଭ୍ରମଣ ପାଇଁ ଅନୁମତି ମାଗି ତୁମ କ୍ଲାସ ତରଫରୁ ଅଧ୍ୟକ୍ଷଙ୍କୁ ଦରଖାସ୍ତ।
- ବନ୍ୟା କ୍ଷତିଗ୍ରସ୍ତ ସଡ଼କ ମରାମତି ପାଇଁ ବି.ଡି.ଓ.ଙ୍କୁ ଦରଖାସ୍ତ।
- ଗ୍ରାମର ପାଠାଗାରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଦ୍ୟୁତ୍ ବିଭାଗର କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ।
- ଚାକିରୀ କ୍ଷେତ୍ରରୁ ସାମୟିକ ଛୁଟି ପାଇଁ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ।
- ମୋବାଇଲ୍ ହଜିଯିବା ସମ୍ପର୍କରେ ଥାନା ଅଧିକାରୀଙ୍କୁ ଦରଖାସ୍ତ।
- ମଟର ସାଇକେଲ ଚୋରି ସଂକ୍ରାନ୍ତରେ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଦରଖାସ୍ତ।
- ତୁମର ଏକ ଆପତ୍ତିଜନକ ଫଟୋ ଭାଇରାଲ୍ ହୋଇଛି। ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଇବର ଥାନାରେ ଦରଖାସ୍ତ।
- ରାସ୍ତା ଉପରେ ଗୃହନିର୍ମାଣ ଉପକରଣ ରଖି ରାସ୍ତା ଅବରୋଧ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ସଂପୃକ୍ତ ଥାନାରେ ଅଭିଯୋଗର ଦରଖାସ୍ତ।

## ପତ୍ରଲିଖନ

ବ୍ୟାବସାୟିକ, ବ୍ୟକ୍ତିଗତ ସଂପାଦଙ୍କୁ ପତ୍ର, ନିମନ୍ତ୍ରଣ ପତ୍ର ଭେଦରେ ମୁଖ୍ୟତଃ ଚାରିପ୍ରକାରର ପତ୍ର ଲିଖନର ଆବଶ୍ୟକତା ଅଛି। ଏଗୁଡ଼ିକ ପାଇଁ ପ୍ରାୟ ଏକ ପ୍ରକାରର ଲିଖନଶୈଳୀ ବ୍ୟବହାର କରାଯାଇଥାଏ।

ବ୍ୟକ୍ତିଗତ ପତ୍ର

ପତ୍ର ଆରମ୍ଭର ଦକ୍ଷିଣ ଶୀର୍ଷରେ ସ୍ଥାନ ଓ ଦିନାଙ୍କ ରହିବ।

ବାମ ପାର୍ଶ୍ୱରେ ସମ୍ବୋଧନ,

କନିଷ୍ଠ ମାନଙ୍କୁ ସ୍ନେହର, ଶ୍ରଦ୍ଧେୟ / ସମବୟସ୍କ ବନ୍ଧୁମାନଙ୍କୁ ପ୍ରିୟ, ସାଙ୍ଗ ଇତ୍ୟାଦି

ବରିଷ୍ଠ ପୂଜନୀୟ ମାନଙ୍କୁ ପୂଜନୀୟ, ମାନନୀୟ, ପୂଜାସ୍ପଦ ଆଦିରେ ସମ୍ବୋଧନ କରାଯିବ।

ମଧ୍ୟଭାଗରେ ଆବଶ୍ୟକତା ଅନୁସାରେ ବିଷୟର ରୂପାୟଣ କରାଯିବ।

ପରିସମାପ୍ତିର ଦକ୍ଷିଣ ପାର୍ଶ୍ୱରେ 'ଇତି' ତଳକୁ ସମ୍ବନ୍ଧ ଅନୁସାରେ ହିତାକାଙ୍କ୍ଷୀ, ଶୁଭେଚ୍ଛୁ, ସାଙ୍ଗ, ଶ୍ରଦ୍ଧାବନତି, ଶ୍ରଦ୍ଧେୟ ସ୍ନେହାଧୀନ ଲେଖି ନିଜର ନାମ ଲେଖାଯିବ।

ଶେଷରେ ପ୍ରାପକ ଓ ପ୍ରେରକଙ୍କ ନାମ ରହିବ।

ସମ୍ବୋଧନ — ସ୍ଥାନ –

ଶ୍ରଦ୍ଧା / ସମ୍ମାନ ବାଚକ, — ତାରିଖ –

ବିଷୟବସ୍ତୁ :

। ଇତି ।

ସମ୍ବନ୍ଧ ଭିତ୍ତିରେ ଶବ୍ଦ ପ୍ରୟୋଗ

ନାମ

ପ୍ରେରକଙ୍କ ନାମ ଓ ଠିକଣା — ପ୍ରାପକଙ୍କ ନାମ ଓ ଠିକଣା

## ବ୍ୟବସାୟିକ ପତ୍ର

କୌଣସି ଅନୁଷ୍ଠାନ, ବ୍ୟକ୍ତି ବିଶେଷ ଇତ୍ୟାଦିଙ୍କ ସହିତ କୌଣସି ଆବଶ୍ୟକତା ଦୃଷ୍ଟିରୁ ପତ୍ର ବିନିମୟ କରିବାକୁ ହେଲେ ଆଙ୍ଗିକରେ ସମାନ୍ୟ ପରିବର୍ତ୍ତନ ଆବଶ୍ୟକ ପଡ଼େ।

ପତ୍ର ଆରମ୍ଭର ଦକ୍ଷିଣ ପାର୍ଶ୍ୱ ଶୀର୍ଷରେ ସ୍ଥାନ, ଦିନାଙ୍କ ରହିବ।

ବାମ ପାର୍ଶ୍ୱରେ ସମ୍ବୋଧନ ସ୍ଥଳେ ମହାଶୟ, ରହିବ।

ମଧ୍ୟଭାଗରେ ଆବଶ୍ୟକତା ଅନୁସାରେ ବିଷୟର ରୂପାୟଣ ରହିବ।

ପରିସମାପ୍ତିର ଦକ୍ଷିଣ ଦିଗରେ

ଇତି ସହିତ ଆପଣଙ୍କର ବଶମ୍ବଦ/ବିନୀତ ଓ ପ୍ରେରକଙ୍କ ନାମ ରହିବ

ମହାଶୟ; — ସ୍ଥାନ –

(ବିଷୟ ବିନ୍ୟାସ) — ତାରିଖ –

। ଇତି ।

ଆପଣଙ୍କର ବିଶ୍ୱସ୍ତ / ବଶମ୍ବଦ

**ବି.ଦ୍ର :** ପତ୍ର ସହିତ କୌଣସି ଅନ୍ୟ ଗୁରୁତ୍ୱପୂର୍ଣ୍ଣନାମ ନଥି ଦାଖଲ କରୁଥିଲେ, ତା'ର ସୂଚନା ରହିବ।

ପ୍ରେରକ — ପ୍ରାପକ

ନାମ ଓ ଠିକଣା ରହିବ — ନାମ ଓ ଠିକଣା

## ନିମନ୍ତ୍ରଣ ପତ୍ର

ବିବାହ / ଜନ୍ମଦିନ ବା ବ୍ରତୋପନୟନ / କିମ୍ବା ଏକାଦଶାହ ଇତ୍ୟାଦି ସାମାଜିକ ଅନୁଷ୍ଠାନ ପାଇଁ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରାଯାଇଥାଏ ।

ବିବାହ ନିମନ୍ତ୍ରଣ ପତ୍ର

ଉପରେ ଗଣନାଥଙ୍କ ସ୍ତୁତି ରହିବ

ଓଁ ପ୍ରଜାପତୟେ ନମଃ

ମହାଶୟା / ମହାଶୟ;

ବିଷୟବସ୍ତୁ :- ......... ଓ ...........ଙ୍କର ବିବାହ ଉତ୍ସବରେ ନିମ୍ନ କାର୍ଯ୍ୟସୂଚୀ ମତେ ଯୋଗଦେବା ପାଇଁ ଅନୁରୋଧ ରହିବ।

ସ୍ଥାନ — ଆପଣଙ୍କର ଦର୍ଶନାଭିଳାଷୀ

ତାରିଖ — ଶ୍ରୀମତୀ

ଶ୍ରୀ

**କାର୍ଯ୍ୟସୂଚୀ :**

- ମଙ୍ଗଳ କୃତ୍ୟ
- ବିବାହ ପାଣିଗ୍ରହଣ
- ସମ୍ବର୍ଦ୍ଧନା ଭୋଜି

ପ୍ରେରକ — ପ୍ରାପକ

ନାମ — ନାମ

ଠିକଣା — ଠିକଣା

## ଜନ୍ମଦିନ ବା ବ୍ରତୋପନୟନରେ

ବିଷୟବସ୍ତୁ ଅନୁଷ୍ଠାନ ଅନୁସାରେ ହେବ।

କାର୍ଯ୍ୟସୂଚୀରେ - ଷଡ଼କର୍ମ

ବ୍ରତଭିକ୍ଷା

ଭୋଜିର ତାରିଖ ଓ ସମୟ ସୂଚିତ ହେବ।

ଅନ୍ୟାନ୍ୟ ସବୁ ଉପର ପତ୍ର ଭଳି।

## ଏକାଦଶ କର୍ମ

ଉପର ଅଂଶରେ ଓଁ ଗଙ୍ଗା

ମହାଶୟା / ମହାଶୟ;

ବିଷୟ

ସ୍ଥାନ- — ଇତି

ତାରିଖ - — ଆପଣଙ୍କର ଦର୍ଶନାଭିଳାଷୀ

**କାର୍ଯ୍ୟସୂଚୀ** — ହତଭାଗ୍ୟ

ଦଶାହ କାର୍ଯ୍ୟ ତାରିଖ — ନାମ

ଏକାଦଶାହ କାର୍ଯ୍ୟ - ତାରିଖ

**ପ୍ରେରକ** — **ପ୍ରାପକ**

ନାମ ଓ ଠିକଣା — ନାମ ଓ ଠିକଣା

- ଜଣେ ପିତାଙ୍କ ତରଫରୁ କନ୍ୟା ପାଇଁ ଏକ ବିବାହ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର।
- ଜଣେ ପିତା ଭାବେ ପୁତ୍ରର ବିବାହ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର।
- କାର୍ଯ୍ୟାଳୟରେ ବର୍ଷକ ପାଇଁ ଆବଶ୍ୟକ ହେଉଥିବା ବ୍ୟବହାର ଯୋଗ୍ୟ ସାମଗ୍ରୀ ଯୋଗାଣ ପାଇଁ ଏକ ବ୍ୟବସାୟ ପ୍ରତିଷ୍ଠାନକୁ ପତ୍ର।
- ପୁସ୍ତକ କ୍ରୟ ନିମିତ ପ୍ରକାଶକ / ବିକ୍ରେତାଙ୍କ ପାଖକୁ ଏକ ପତ୍ର।
- ପରୀକ୍ଷାରେ ଆଶାତୀତ ଭଲ କରିଥିବା ତୁମ ଭାଇଙ୍କ ପୁଅକୁ ଏକ ଅଭିନନ୍ଦନ ପତ୍ର।
- ଆଗାମୀ ପରୀକ୍ଷା ପାଇଁ କିପରି ପ୍ରସ୍ତୁତ ହେବ ତାହା ଜଣାଇ ହଷ୍ଟେଲରେ ରହୁଥିବା ତୁମ ସାନ ଭାଇ ପାଖକୁ ପତ୍ର।
- ଦେଖିଥିବା ଶିଳ୍ପ / ପୁସ୍ତକ/ ପୋଷାକ ମେଳା ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରି ସାନ ଭଉଣୀ ପାଖକୁ ପତ୍ର।
- ଶିକ୍ଷାଗସ୍ତରେ ଯାଉଥିବା ତୁମ ଭାଇକୁ ଉପଦେଶ ଦେଇ ଏକ ପତ୍ର।
- ବେଶୀ ସମୟ ଟି.ଭି କିମ୍ବା ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍ ଫୋନ୍ ବ୍ୟବହାର ନ କରିବାପାଇଁ ପୁତୁରା ପାଖକୁ ପତ୍ର।
- ପୁସ୍ତକ ପଠନର ଉପକାରିତା ଦର୍ଶାଇ ଛାତ୍ରାବାସରେ ଥିବା ତୁମ ଝିଅ ପାଖକୁ ପତ୍ର।
- ଖେଳକୁଦରେ ଭାଗ ନେବାପାଇଁ ସାନ ଭାଇ ପାଖକୁ ପତ୍ର।
- ରାଜ୍ୟ ବାହାରେ ଥାଇ ତୁମ ଗାଁର ଝିଅ ସାଙ୍ଗ ପାଖକୁ ଅଭିଜ୍ଞତା ଦର୍ଶାଇ ଏକ ପତ୍ର।
- ଛାତ୍ରାବାସରେ ପ୍ରଥମ  ଦିନ/ରାତିର ଅନୁଭୂତି ଜଣାଇ ସାଙ୍ଗ ନିକଟକୁ ପତ୍ର।
- ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ଆୟୋଜନ ସଂକ୍ରାନ୍ତରେ ଜଣାଇ ବଡ଼ଭାଇଙ୍କ ନିକଟକୁ ପତ୍ର।
- ବନ୍ଧୁଙ୍କର ଅକାଳ ମାତୃବିୟୋଗ ପାଇଁ ଅନ୍ୟ ପ୍ରଦେଶରେ ଥିବା ତୁମ ସାଙ୍ଗକୁ ସହାନୁଭୂତି ପୂର୍ଣ୍ଣ ପତ୍ର।
- ଉଚିତ୍ ମାର୍ଗ ଦର୍ଶନ ଦେଇ ତୁମକୁ ପରୀକ୍ଷାରେ ଭଲ କରିବାର ଯୋଗ୍ୟତା ଦେଇଥିବା ଶିକ୍ଷକଙ୍କୁ ଏକ ପତ୍ର।
- ଏକ ନିର୍ଦ୍ଦିଷ୍ଟ ତିଥିରେ ତୁମର ଘରକୁ ଫେରିବାର ଅଛି। ସେତେବେଳେ ଆସିଲେ କ'ଣ କ'ଣ କରିବ ତାହା ଜଣାଇଜଣେ ସହପାଠୀଙ୍କୁ ପତ୍ର।
- ଠିକ୍ ସମୟରେ ଦୈନିକ ସମ୍ବାଦପତ୍ର ତୁମେ ପାଉନାହଁ। ଏହା ଜଣାଇ ସମ୍ବାଦପତ୍ରର ସମ୍ପାଦକଙ୍କ ପାଖକୁ ପତ୍ରଲେଖ।
- ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବାର ଉପାୟ ଜଣାଇ ଭଣଜା ପାଖକୁ ପତ୍ର।
- ରାସ୍ତା ଅବରୋଧ ଜନିତ ଅସୁବିଧା ଜଣାଇ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର।
- ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପ୍ରୟାସ କରିବାପାଇଁ ଏକ ସଙ୍ଗଠନ ତରଫରୁ ସଂସ୍କୃତି ମନ୍ତ୍ରୀଙ୍କୁ ପତ୍ର।
- ବୃକ୍ଷ ସଂପଦ ସୁରକ୍ଷା ନିମିତ୍ତ ସଂପୃକ୍ତ ବନଖଣ୍ଡର ଅଧିକାରୀଙ୍କୁ ଏକ ସାମୂହିକ ପତ୍ର।
- ପାଠାଗାର ପାଇଁ ଦୈନିକ ସମ୍ବାଦପତ୍ର ବିନା ଶୁଳ୍କରେ ପ୍ରେରଣ ପାଇଁ ସଂପୃକ୍ତ ସମ୍ପାଦକଙ୍କୁ ପତ୍ର।
- ଗ୍ରାମର ବୟସ୍କ ଓ ମାନ୍ୟବ୍ୟକ୍ତିଙ୍କର ଶୁଦ୍ଧକ୍ରିୟାରେ ଯୋଗଦେବା ପାଇଁ ଗାଁର କ୍ଲବ ତରଫରୁ ଏକ ସୂଚନା ପତ୍ର ପ୍ରସ୍ତୁତି।

## କୌଣସି ଗଦ୍ୟାଂଶର ଠିକ୍ ସଂକ୍ଷିପ୍ତୀକରଣ କରିବାବେଳେ ନିମ୍ନ ଉପାୟ ଅବଲମ୍ବନ କରିବା ଦରକାରୀ।

(୧) ଗଦ୍ୟାଂଶକୁ ଅନୁଚ୍ଛେଦ ବା ପାରାଗ୍ରାଫ୍ କ୍ରମରେ ପଢ଼ାନ୍ତୁ।
(୨) ପ୍ରତି ପାରାଗ୍ରାଫ୍‌ର ଗୁରୁତ୍ୱପୂର୍ଣ୍ଣ କଥାକୁ ରଫ୍ ଅଂଶରେ ଲେଖି ରଖନ୍ତୁ।
(୩) ପାରାଗ୍ରାଫ୍‌ରେ ବ୍ୟବହୃତ ଶବ୍ଦ ସଂଖ୍ୟାର ଏକ ତୃତୀୟାଂଶରେ ସେହି କଥାକୁ ଲେଖନ୍ତୁ।
(୪) ପ୍ରତି ପାରାଗ୍ରାଫ୍‌ରୁ ପ୍ରସ୍ତୁତ ଏକ ତୃତୀୟାଂଶ ଶବ୍ଦ ସମୂହ ସାରାଂଶକୁ ଏକତ୍ରିତ କରି ଗଦ୍ୟାଂଶର ସଂକ୍ଷିପ୍ତକରଣ ପ୍ରକାଶ କରନ୍ତୁ।
(୫) ଉପରେ ଏକ ଶିରୋନାମା ପ୍ରସ୍ତୁତ କରନ୍ତୁ।
(୬) ତଳେ ବ୍ୟବହୃତ ଶବ୍ଦ ସଂଖ୍ୟା ଲେଖନ୍ତୁ।

ନିମ୍ନରେ କେତୋଟି ଗଦ୍ୟାଂଶ ପ୍ରଦତ୍ତ ହେଲା।

ଓଡ଼ିଶାର ସୁଦୀର୍ଘ ପରମ୍ପରା ଏହି ଯେ ଜଗନ୍ନାଥ କ୍ଷେତ୍ର ସର୍ବଧର୍ମର ସମନ୍ୱୟ ଏବଂ ଜଗନ୍ନାଥ ସର୍ବ ଅବତାର ଓ ସର୍ବଧର୍ମମତର ପ୍ରତୀକ। ସ୍ୱାଧୀନତା ପ୍ରାପ୍ତି ଠାରୁ ଏହି ପରମ୍ପରା ଭାଙ୍ଗିପଡ଼ିଛି ଓ ତତ୍‌ସଙ୍ଗେ ଓଡ଼ିଆ ସଂସ୍କୃତି ତଥା ସଂହତିର ଗୋଟିଏ ସୁଦୃଢ଼ ସ୍ତମ୍ଭ ଦୋହଲି ଯାଉଛି। ଭାରତୀୟ ଧର୍ମମତାନୁସାରେ ପୃଥିବୀର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ଭଗବାନଙ୍କ ଦଶଟି ଅବତାର ହୋଇଛି। ମତ୍ସ୍ୟ-କୁର୍ମାଦି ଅବତାରକୁ ଜୀବଜଗତର କ୍ରମ-ବିକାଶର ପ୍ରତୀକ ବୋଲି କେହି କେହି ବ୍ୟାଖ୍ୟା କରନ୍ତି। ଅତଏବ ହିନ୍ଦୁ ମତାନୁସାରେ ବହୁ ଲକ୍ଷ ବର୍ଷ ମଧ୍ୟରେ ଭଗବାନଙ୍କର ମାତ୍ର ଦଶଟି ଅବତାର ଘଟିଥିଲା; କିନ୍ତୁ ଗତ ପଚିଶ ବର୍ଷ ମଧ୍ୟରେ ଭଗବାନଙ୍କର କେତୋଟି ଅଧିକ ଅବତାର ହେଲାଣି, ତାହା କେହି ହିସାବ କରୁଛନ୍ତି କି ? ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟର ପ୍ରଚାରକ ମାନେ ଦମ୍ଭ ସହିତ ପ୍ରକାଶ କରୁଛନ୍ତି ଯେ ତାଙ୍କ ସମ୍ପ୍ରଦାୟର ସଂସ୍ଥାପକ ହେଉଛନ୍ତି ଭଗବାନଙ୍କର ଜଣେ ଅବତାର। ଭଗବାନଙ୍କର ଅବତାର ସଂଖ୍ୟା ଯେପରି ବଢ଼ିଚାଲିଛି, ସେଥିରୁ ଅନୁମିତ ହୁଏ ଯେ ବିଂଶ ଶତାବ୍ଦୀର ଶେଷ ବେଳକୁ ଏହି ସଂଖ୍ୟା ଶହେରେ ପହଞ୍ଚି ଯାଇଥିବ ଏବଂ ଏହି ଭଗବାନ ମାନେ ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ରହନ୍ତୁ ବା ନ ରହନ୍ତୁ, ଓଡ଼ିଶାରେ ନିଶ୍ଚୟ ରହିଥିବେ।

ମୋଟ ଉପରେ ଓଡ଼ିଶାରେ ସ୍ୱାଧୀନଚିନ୍ତାର ନିତାନ୍ତ ଅଭାବ ଘଟିଛି ଏବଂ ହାତପାତି ନିର୍ବିଚାରରେ ଗ୍ରହଣ କରିବାରେ ଓଡ଼ିଆମାନେ ଅତ୍ୟନ୍ତ ଅଭ୍ୟସ୍ତ ହୋଇପଡ଼ିଛନ୍ତି। ସେମାନଙ୍କର କିଛି ଯେ ଦେବାର ଅଛି, ଏ କଥା ସେମାନଙ୍କର ମସ୍ତିଷ୍କରେ ପ୍ରବେଶ କରେ ନାହିଁ। କେବଳ ଭିକ୍ଷୁକତ୍ୱରେ କୌଣସି ଜାତିର ସଂସ୍କୃତିର ଅଗ୍ରଗତି ଘଟେନାହିଁ। ପୋଷାହାତୀ ସାହାଯ୍ୟରେ ବନ୍ୟହାତୀ ମାନଙ୍କୁ ପୋଷାମନାଇବା ରୀତିରେ ବିଭିନ୍ନ ସଂପ୍ରଦାୟ ଓଡ଼ିଆ ପ୍ରଚାରକ ମାନଙ୍କ ସାହାଯ୍ୟରେ ହିଁ ସ୍ୱ - ସ୍ୱ ଆସ୍ଥାନକୁ ଓଡ଼ିଶରେ ସୁଦୃଢ଼ କରିଛନ୍ତି। ଓଡ଼ିଶାରୁ ଜମିଦାରୀ ଲୋପ ପାଇଥିଲେ ହେଁ ଧର୍ମ ସମ୍ପ୍ରଦାୟ ମାନଙ୍କ ଜମିଦାରୀ ଲୋପ ପାଇନାହିଁ। ଓଡ଼ିଶାରୁ ରାଜା ମହାରାଜା ପଦବୀ ଲୋପ ପାଇଥିଲେ ହେ ଧର୍ମ-ସମ୍ପ୍ରଦାୟ ମାନଙ୍କ ମହାରାଜ ଓ ତତ୍ତୁଲ୍ୟ ବହୁ ପଦବୀ ଲୋପ ପାଇନାହିଁ। ବରଂ ଏହି ପଦବୀମାନ ବଢ଼ିଚାଲିଛି ଓ ବହୁ ପ୍ରଚାରକ ଏହି ପଦବୀ ଆଶାରେ ଧର୍ମ-ସମ୍ପ୍ରଦାୟମାନଙ୍କରେ ପ୍ରବେଶ କରୁଛନ୍ତି।

ଓଡ଼ିଆ ସାହିତ୍ୟରେ ସଙ୍ଗୀତରେ, କଳାରେ ଭାସ୍କର୍ଯ୍ୟରେ, ନୃତ୍ୟରେ ନାଟକରେ ପୁଣି ଦର୍ଶନ ଓ ଧର୍ମଚେତନାରେ ଶ୍ରୀଜଗନ୍ନାଥ ପାଲଟି ଗଲେ ନାଭିକେନ୍ଦ୍ର। ଏ ମାଟିର ମହାକବି ସାରଳାଦାସଙ୍କ 'ମହାଭାରତ' ଠାରୁ ସନ୍ଥ ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ପର୍ଯ୍ୟନ୍ତ ପୁଣି ଅସଂଖ୍ୟ କାବ୍ୟ କବିତା, ଭଜନ ଜଣାଣ, କଥା ଓ ଗାଥା ତଥା କାହାଣୀ ଓ କିମ୍ବଦନ୍ତୀର ମହାନାୟକ ହିଁ ମହାପ୍ରଭୁ। ଏପରିକି ଆଧୁନିକ କାବ୍ୟକବିତା, ଗଳ୍ପ ଉପନ୍ୟାସ, ନୃତ୍ୟ ଓ ଚାରୁକଳାରେ ଜଗନ୍ନାଥ ଚେତନା ଏକ ପ୍ରମୁଖ ସ୍ରୋତ।

ଜଗନ୍ନାଥଙ୍କ ପର୍ବପର୍ବାଣି, ଯାନିଯାତରା, ନୀତିନୈବେଦ୍ୟ, ଭୋଗରାଗ - ଏସବୁ ଓଡ଼ିଆ ଜାତିର ଏକାନ୍ତ ନିଜସ୍ୱ। ଓଡ଼ିଆ ଜୀବନଧାରା ସହିତ ଏହା ଏପରି ଛନ୍ଦି ହୋଇଯାଇଛି ଯେ ଏହା ବ୍ୟତିରେକ ଓଡ଼ିଆ ଜୀବନଧାରାର ପରିକଳ୍ପନା ଅସମ୍ଭବ। ସେହିପରି ଶ୍ରୀ ଜଗନ୍ନାଥଙ୍କ ସେବକ ଗଜପତି ରାଜାମାନଙ୍କ ଅଙ୍କ ଓଡ଼ିଆ ଶିଶୁର ଜନ୍ମଜାତକରେ ଅଙ୍କିତ ଓ ରାଜକୀୟ ସନନ୍ଦ ଆଦି ଦସ୍ତାବିଜରେ ପ୍ରତିଫଳିତ। ଓଡ଼ିଶାର ପୁରପଲ୍ଲୀରେ ବୁଢ଼ୀମା' କାହାଣୀରେ କେତେବେଳେ 'କାଞ୍ଚି ଅଭିଯାନ' ଆଖ୍ୟାୟିକା ତ ପୁଣି କେତେବେଳେ ରକ୍ତବାହୁ ଯବନ ବା କଳା ପାହାଡ଼ କଥନିକା ଗୁମ୍ଫିତ।

ଜଗନ୍ନାଥଙ୍କୁ କେନ୍ଦ୍ର କରି ଶବର ରାଜା ବିଶ୍ୱାବସୁ ବୃତ୍ତାନ୍ତ ଓଡ଼ିଶାର ଏକ ଚଳମାନ କିମ୍ବଦନ୍ତୀ। ଶବରୀବାଳା ଲଳିତା ସହିତ ବିପ୍ର ବିଦ୍ୟାପତିଙ୍କ ପରିଣୟ ଆଦିକାଳରୁ ଓଡ଼ିଶା ସଂସ୍କୃତିର ସହନଶୀଳ ଓ ସମନ୍ୱୟୀ ଆଦର୍ଶର ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଏହା ମାଧ୍ୟମରେ ସୃଷ୍ଟି ହୋଇଥିଲା ଜାତୀୟ ଓ ଜନଜାତୀୟ ସ୍ରୋତର ଶାଶ୍ୱତ ସଙ୍ଗମ, ତଟୀୟ ଓ ପାର୍ବତ୍ୟ ଓଡ଼ିଶାର ମହାମିଳନ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହିତ ଓଡ଼ିଆ ଜାତିର ଏହି ଭାବବନ୍ଧନ ଏତେ ସୁଦୃଢ଼ ଥିଲା ଯେ କାଳ କବଳରେ ଏ ଜାତିର ଭୌଗୋଳିକ ବିଖଣ୍ଡନ ଏହି ବନ୍ଧନକୁ କ୍ଷୁଣ୍ଣ କରି ପାରି ନଥିଲା।

ଏଠାରେ ଉଲ୍ଲେଖନୀୟ ଯେ ଅନନ୍ତବର୍ମା ଚୋଡ଼ଗଙ୍ଗଦେବଙ୍କ ଠାରୁ ସୂର୍ଯ୍ୟବଂଶୀ ସମ୍ରାଟ ପୁରୁଷୋତ୍ତମ ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶା

ସାମ୍ରାଜ୍ୟର ବିଶାଳତା ଅତୁଟ ରହିଥିଲା । ତେବେ ସମ୍ରାଟ ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ସୁବିସ୍ତୃତ ଓଡ଼ିଶୀ ସାମ୍ରାଜ୍ୟର ସଙ୍କୋଚନ ଆରମ୍ଭ ହୋଇ ୧୫୬୮ ମସିହାରେ ଗଜପତି ରାଜା ମୁକୁନ୍ଦଦେବଙ୍କ ପରାଜୟ ପରେ ଏହାର ପତନ ଘଟିଥିଲା । ୧୫୬୮ ମସିହା ଠାରୁ ୧୮୬୮ ମସିହାରେ ଭାଷା ବିଲୋପ ଚକ୍ରାନ୍ତ ପର୍ଯ୍ୟନ୍ତ ଏହି ତିନିଶହ ବର୍ଷର କାଳଖଣ୍ଡ ଥିଲା ଓଡ଼ିଶା ଇତିହାସର ତିମିରାଚ୍ଛନ୍ନ ଅଧ୍ୟାୟ । ଘନ ଘନ ବୈଦେଶିକ ଆକ୍ରମଣ, ଲୁଣ୍ଠନ, ଅତ୍ୟାଚାର ଓ ଅରାଜକତା ସାଙ୍ଗକୁ ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଗୋଟିଏ ବୀର ଜାତିର ମେରୁଦଣ୍ଡକୁ ଚୁରମାର କରିଥିଲା । ଅଶିକ୍ଷା, ଅଜ୍ଞତା, ଅନ୍ଧବିଶ୍ୱାସ, ଦାରିଦ୍ର୍ୟ ଓ ଭୀରୁତା ଭିତରେ ସଢ଼ି ଓଡ଼ିଆ ଜାତି ତାର' ସ୍ଥିତି ହରାଇ ବସିଥିଲା । କିନ୍ତୁ ସାଂସ୍କୃତିକ ଓ ସାମାଜିକ ବନ୍ଧନର ଯଥାର୍ଥତା ହେତୁ ତାର ଆତ୍ମପରିଚିତି ସଂପୂର୍ଣ୍ଣ ଧ୍ୱଂସ ପାଇନଥିଲା ।

ବିଳମ୍ବ କରିବାକୁ ସମୟ ନଥିଲା । କାରଣ ମଦୁରାଇ ଗାନ୍ଧୀଗ୍ରାମ ଠାରୁ ୫୦କି.ମି ଦୂର । ସେଇ କୋଠରୀରେ ଆମର ଜିନିଷ ପତ୍ର ରଖିଦେଇ ଆମେ ସଙ୍ଗେସଙ୍ଗେ ବାହାରି ପଡ଼ିଲୁ । ଲକ୍ଷ୍ନୌରୁ ଆସିଥିବା ପ୍ରଫେସର ସିଂହ ଓ ତାଙ୍କର ସହଗାମୀ ଛାତ୍ରଛାତ୍ରୀ ଦୁଇ ଜଣ ମଧ୍ୟ ଆମ ସାଙ୍ଗରେ ଯୋଗଦେଲେ ।

ସକାଳୁ ସକାଳୁ କନ୍ୟାକୁମାରୀରେ ପହଂଚିଗଲୁ । ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ଦର୍ଶନ କରିବାପାଇଁ ଅନେକ ଲୋକ ଉତ୍କଣ୍ଠାର ସହ ଚାହିଁ ବସିଥାଆନ୍ତି । ମାତ୍ର ନିରାଶ ହେବାକୁ ହେଲା । ସୂର୍ଯ୍ୟ ସେଦିନ ବାଦଲ ଅନ୍ତରାଳରେ ଆତ୍ମଗୋପନ କରି ଅଳ୍ପ କିଛି ଉଚ୍ଚତାରେ ଆତ୍ମପ୍ରକାଶ କଲେ । କେବଳ ଏଇଠି କାହିଁକି ପୁରୀର ସମୁଦ୍ରବେଳାରେ, ଚନ୍ଦ୍ରଭାଗାରେ ଏମିତି କେତେଥର ସୂର୍ଯ୍ୟୋଦୟର ପ୍ରତୀକ୍ଷା କରିଛି । ମାତ୍ର 'କୋଣାର୍କେ' କାବ୍ୟରେ ନୀଳକଣ୍ଠ ଯେଉଁ ସୂର୍ଯ୍ୟୋଦୟର ବର୍ଣ୍ଣନା କରିଛନ୍ତି ତାହାର ପ୍ରତ୍ୟକ୍ଷ ଦର୍ଶନ ସମ୍ଭବ ହୋଇନାହିଁ । 'ରାମଚଣ୍ଡୀରେ ସକାଳ' ନୀଳକଣ୍ଠଙ୍କୁ ଏକ ଚମତ୍କାର ସୂର୍ଯ୍ୟୋଦୟ ଉପହାର ଦେଇଛି । ବର୍ତ୍ତୁଳାକାର ସୂର୍ଯ୍ୟଙ୍କର ଅର୍ଦ୍ଧାଂଶରୁ ଅଧିକ ଜଳ ଉପରକୁ ଉଠିଥିବା ବେଳେ ଜଳରେ ତା'ର ପ୍ରତିଫଳନ ସହିତ ମିଶି ଯେପରି ଡମ୍ବରୁ ଆକାର ଧାରଣ କରିଥାଏ, ତାହା କେବଳ କଳ୍ପନା ନେତ୍ରରେ ଦେଖିଛି ସିନା, ବାସ୍ତବ କ୍ଷେତ୍ରରେ କୌଣସି ସମୁଦ୍ର ତଟରେ ସେଇ ବିରଳ ଦୃଶ୍ୟ ଦେଖିବା ମୋ ପକ୍ଷରେ ସୁଲଭ ହୋଇନାହିଁ । ସେ ଦିନ କନ୍ୟାକୁମାରୀରେ କେବଳ ତା'ର ପୁନରାବୃତ୍ତି ହିଁ ଘଟିଥିଲା ।

ନିର୍ନିମେଷ ନୟନରେ ବାମ, ସମ୍ମୁଖ ଓ ଦକ୍ଷିଣ ପାର୍ଶ୍ୱରେ ଅନନ୍ତ ଜଳ ବିସ୍ତାରକୁ କିଛି ସମୟ ପାଇଁ ମୁଗ୍ଧ ନେତ୍ରରେ ଚାହିଁ ରହିଲି । ଦୁଇ ସମୁଦ୍ରର ସୁନୀଳ ବରଣ ସହ ଅନନ୍ତ ଆକାଶର ପରିବ୍ୟାପ୍ତ ନୀଳିମା ଘନଶ୍ୟାମ ରୂପ ଧରି ସତେ ଯେପରି ମୋହନ ମୁରଲୀ ବାଦନ କରୁଥିଲା । ସ୍ଥୂଳ ଦୃଷ୍ଟି ଏକ ସୂକ୍ଷ୍ମ ଅନ୍ତଃଚେତନାରେ ବିଲୀନ ହୋଇଯାଇଥିଲା । ମାତ୍ର ତାହା ବେଶୀକ୍ଷଣ ରହିବା ପାଇଁ ଅଭିପ୍ରେତ ନଥିଲା ସତେ ବା ! ସହସା ରୂପାନ୍ତର ଘଟିଲା । ସୂକ୍ଷ୍ମ ଦୃଷ୍ଟି ତିରୋହିତ ହେଲା । ଅନନ୍ତ ନୀଳିମା ବିଭାଜିତ ହୋଇଗଲା । ବଙ୍ଗୋପସାଗର ଓ ଆରବ ସାଗର ସୁସ୍ପଷ୍ଟ ହୋଇ ଉଠିଲେ । ବଙ୍ଗୋପସାଗରର ନୀଳ ରୂପଶ୍ରୀ ଓ ଆରବ ସାଗରର କୃଷ୍ଣକାନ୍ତି ବେଶ୍ ବାରି ହୋଇପଡ଼ିଲେ । ଯେଉଁଠି ଉଭୟ ସାଗର ମିଶିଥିଲେ ସମ୍ମୁଖ ଭାଗର ସେଇ ଅଂଶରେ ଠାକୁ ଠା ନୀଳ ଓ କୃଷ୍ଣ ଜଳର ଅପୂର୍ବ ସମାବେଶ ଘଟିଥିଲା । ମୁମ୍ବାଇରେ ମୁଁ ଆରବ ସାଗରକୁ ଦେଖିଛି, ଦ୍ୱାରକାରେ ଆରବସାଗର ଦେଖିଛି, ଦେଖିଛି ମଧ୍ୟ ସୋମନାଥ ମନ୍ଦିର ପାର୍ଶ୍ୱରେ, କିନ୍ତୁ ତା'ର ଜଳ ଯେ କୃଷ୍ଣ ଏ ଧାରଣା ମୋ ମନରେ କେବେ ସ୍ଥାନ ପାଇ ନାହିଁ । ବଙ୍ଗୋପସାଗର ଓ ଆରବସାଗରକୁ ଏକତ୍ର ନଦେଖିଲେ ଜଳର ଏ ବର୍ଣ୍ଣବୈଷମ୍ୟ ସହଜରେ ବୁଝିହେବ ନାହିଁ । ମୋତେ ସେଇ ଦୃଶ୍ୟ ହିଁ ବିମୋହିତ କରିଥିଲା, ସୂର୍ଯ୍ୟୋଦୟ ଦର୍ଶନର ବିଫଳତା ସେଇ ମୁଗ୍ଧାନୁଭବକୁ ତିଳେମାତ୍ର ସ୍ପର୍ଶ କରିପାରିନଥିଲା ।

କନ୍ୟାକୁମାରୀ ମନ୍ଦିର ଦର୍ଶନ କରି ଆମେ ବିବେକାନନ୍ଦ ଧ୍ୟାନ କେନ୍ଦ୍ର ଦର୍ଶନରେ ବାହାରି ପଡ଼ିଲୁ । ସମୁଦ୍ର ମଧ୍ୟସ୍ଥ ଏହି ପାହାଡ଼ ମୁଣ୍ଡିଆଟିରେ ସେଦିନ ପ୍ରବଳ ଲୋକଭିଡ଼ ଲାଗି ରହିଥିଲା । କନ୍ୟାକୁମାରୀର ପ୍ରତ୍ୟେକ ଦର୍ଶକଙ୍କ ଅନ୍ୟତମ ମୁଖ୍ୟ ଆକର୍ଷଣ ଏଇ ଧ୍ୟାନ କେନ୍ଦ୍ର । କେଉଁ ଏକ ଆଦେଶରେ କେଜାଣି ବିବେକାନନ୍ଦ ଦିନେ ସମୁଦ୍ରର ଜଳ ଅତିକ୍ରମ କରି ଏଇ ନିର୍ଜନ ଦ୍ୱୀପରେ ଧ୍ୟାନସ୍ଥ ହୋଇ ପଡ଼ିଥିଲେ । ଭାରତ ଭ୍ରମଣ ଶେଷରେ କନ୍ୟାକୁମାରୀରେ ପହଞ୍ଚିଲା ବେଳକୁ ସେ ଥିଲେ କପର୍ଦ୍ଦକ ଶୂନ୍ୟ । ଭ୍ରମଣ ଉଦ୍‌ଯାପନ ପାଇଁ ଭାରତ ଭୂମିର ଏକ ଶେଷ ପ୍ରାନ୍ତରେ ପହଞ୍ଚିବାକୁ ଡଙ୍ଗାରେ ବସି ଯିବା ଦରକାର ଥିଲା, ମାତ୍ର ଭଡ଼ା ପଇସା ଦେବା ବିବେକାନନ୍ଦଙ୍କ ପକ୍ଷରେ ସମ୍ଭବ ନଥିଲା । ସେ ସମୁଦ୍ର ମଧ୍ୟକୁ ଡେଇଁ ପଡ଼ିଥିଲେ ଏବଂ ରାଜହଂସ ଭଳି ପହଁରି ପହଁରି ସେଇଠି ପହଞ୍ଚିଥିଲେ । ସମଗ୍ର ଭାରତର ରୂପ ତାଙ୍କ ଆଗରେ ଉଦ୍ଭାସିତ ହୋଇ ଉଠୁଥିଲା । ଦାରିଦ୍ର୍ୟ, ଅଶିକ୍ଷା ଓ ଅଜ୍ଞତାର ଶୋଚନୀୟ ରୂପ ତାଙ୍କୁ ଅତିଷ୍ଠ କରିଥିଲା । ଗତ କିଛି ଦିନ ହେବ ଗରମ କଡ଼େଇରେ ପଡ଼ି ଛଟପଟ ହେଲା ଭଳି ସେ ଅନୁଭବ କରୁଥିଲେ । ଏଇ ଦ୍ୱୀପଟି ତାଙ୍କୁ ଭିନ୍ନ ଏକ ରାଜ୍ୟକୁ ନେଇଗଲା । ତାଙ୍କର ଦୃଷ୍ଟିରୁ ନୂତନ ଜ୍ୟୋତି ଦେଲା, ଅନ୍ତରରେ ଅମାପ ଶକ୍ତି ଭରିଦେଲା । ତାଙ୍କର ମନେହେଲା ସତେ ଯେପରି ପୂର୍ଣ୍ଣତାରେ ସେ ଫାଟି ପଡ଼ିବେ । ଦିବ୍ୟତାର ଏଇ ଅଫୁରନ୍ତ ଶକ୍ତି ଆଜି ବି ସେଇ ଦ୍ୱୀପର ପରିମଣ୍ଡଳରେ ବ୍ୟାପ୍ତ ହୋଇ ରହିଛି । ଶାନ୍ତି ଓ ସ୍ନିଗ୍ଧତାର ଅପୂର୍ବ ପୂରବୀ ଆଜି ସେଇଠି ପ୍ରାଣକୁ ଶୀତଳ କରୁଛି ।

ଖୁବ୍ ଅଳ୍ପ ସମୟ ପରେ ଦ୍ୱୀପ ଭ୍ରମଣ ଶେଷ କରି ଆମକୁ ଫେରିବାକୁ ହେଲା । ବାଟରେ ଶୁଚୀନ୍ଦ୍ରମ ମନ୍ଦିର ଦେଖିବାର ଯୋଜନା

ଥିଲା । ମନ୍ଦିରରେ ପ୍ୟାଣ୍ଟ ପିନ୍ଧି ଦେବ ଦର୍ଶନ ମନା । ପୁରୁଷ ମାନେ କେବଳ ଧୋତି ଓ ମହିଳାମାନେ ଶାଢ଼ୀ ପିନ୍ଧି ମନ୍ଦିରକୁ ଯିବାର ବିଧି । ଆମ ଦଳରେ ମୁଁ କେବଳ ଧୋତି ପଞ୍ଜାବୀ ପିନ୍ଧିଥିଲି, ତଥାପି ପଞ୍ଜାବୀ ଓ ଗେଞ୍ଜି ଓହ୍ଲାଇବାକୁ ହେଲା । ଧୋତି ଭଡ଼ାରେ ମିଳୁଥିଲା, ପ୍ୟାଣ୍ଟ ପିନ୍ଧାଳିମାନେ ତା'ରି ସହାୟତାରେ ମନ୍ଦିରକୁ ଗଲେ । ବସ୍ତୁତଃ ଏହିଠାରୁ ଆମର ଲେଉଟାଣି ଆରମ୍ଭ ହେଲା । ଏତେ କମ୍ ସମୟ ହାତରେ ରଖି କନ୍ୟାକୁମାରୀକୁ ବୁଲିଆସିବା ସ୍ପୃହଣୀୟ ନଥିଲା ସତ, ମାତ୍ର ଏକଥା ମଧ୍ୟ ଭାବିବାକୁ ହେଉଥିଲା ଯେ ଏହି ସମୟର ସୁଯୋଗ ନନେଲେ ଭବିଷ୍ୟତରେ ଏଠାକୁ ଆସିବାର ନୈଶ୍ଚିତ୍ୟ ନଥିଲା । ବହୁ ସମୟ ଧରି ଏଠାରେ ଅନନ୍ୟ ଦୃଶ୍ୟ ଉପଭୋଗ କରି ହେଲାନାହିଁ ସିନା, ହେଲେ କନ୍ୟାକୁମାରୀର ସ୍ୱଚ୍ଛ ଅନୁଭୂତି ତଥାପି ମୋର ସ୍ମୃତିକୋଷରେ ଅମୂଲ୍ୟ ମଣିମାଣିକ ହୋଇ ଚିରକାଳ ରହିଗଲା ।

ଗାନ୍ଧୀଗ୍ରାମ ପ୍ରକୃତରେ ଗାନ୍ଧୀଜୀଙ୍କ ଆଦର୍ଶର ଅନୁସରଣରେରୂପ ନେଉଥିଲା । ବିଶ୍ୱବିଦ୍ୟାଳୟର ମୁଖ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ରନ୍ ଥିଲେ ଗାନ୍ଧୀ ଆଦର୍ଶର ପ୍ରତୀକ । ଶ୍ରଦ୍ଧାରେ ତାଙ୍କୁ ସମସ୍ତେ ମାମା ବୋଲି ସମ୍ବୋଧନ କରୁଥିଲେ । ସେଇ ଲବିରେ ମୋତେ ଡ଼ାକି ପାଖରେ ବସାଇ କହିଲେ – " ମୁଁ ଦିନେ ସେଣ୍ଟ୍ରାଲ ଆସେମ୍ବ୍ଲିକୁ ଆସିଥିଲି, ତମରି ପରି ଉତ୍ସାହରେ । ତମରି ପରି ଟାସ୍କ କରି ବିଡ଼ା ବିଡ଼ା ନୋଟ୍ ଧରି ଆସୁଥିଲି । ଭାଷଣ ଦେବା ପାଇଁ । ସୁଯୋଗ ମିଳୁଥିଲା କିନ୍ତୁ କ୍ୱଚିତ୍ । ନକ୍, ନକ୍ ନକ୍ ଆଟ୍ ଦି ଡୋର୍ ଆଣ୍ଡ ଦି ଡୋର୍ ଉଇଲ୍ ବି ଓପନ୍ ଅନ୍ ଟୁ ୟୁ ।"

ତା'ପରେ ସେ ମୋତେ କାଉନ୍ସିଲ ଅଫ୍ ଷ୍ଟେଟସ୍ ଲବିରୁ ଇନ୍ ଚ୍ୟାମ୍ବର ଭିତରକୁ ଯାଇଥିବା ଗୋଟିଏ ଦରଜାର ଖିଲାଣ ଉପରେ, ସୁନେଲୀ ଅକ୍ଷରର ଲେଖା ଯାଇଥିବା 'ଗୀତା'ର ସେଇ ପ୍ରସିଦ୍ଧ ଶ୍ଲୋକଟି ସବୁ ଦିନେ ପଢ଼ିବା ପାଇଁ କହିଲେ । ଶ୍ଲୋକଟି ହେଉଛି; "କର୍ମଣ୍ୟେ ବାଧିକାରସ୍ତେ/ମା ଫଳେଷୁ କଦାଚନ" ।

ଯା' ହେଉ, ମୋର ଉଦ୍ୟମ, ଅଧ୍ୟବସାୟ ଓ ଆଗ୍ରହ ଫଳରେ ମୁଁ ଦିନ ଛଅଟାରେ କାଉନ୍ସିଲ ଅଫ୍ ଷ୍ଟେଟସ୍‌ରେ ବେଶ୍ ଜଣାଶୁଣା ହୋଇଗଲି ।

ପାର୍ଲାମେଣ୍ଟ ହେଉ ବା ବିଧାନସଭା ହେଉ, ନାଆଁ କରିବାର ଗୋଟି ସରଳ ଉପାୟ ହେଲା ପ୍ରଶ୍ନୋତର କାଳରେ ଖୁବ୍ ସକ୍ରିୟ ହେବା । ଏଥିପାଇଁ ପ୍ରତ୍ୟୁତ୍ପନ୍ନମତି ଓ ବିଷୟବସ୍ତୁ ଉପରେ ସବିଶେଷ ଜ୍ଞାନର ଯଥେଷ୍ଟ ପ୍ରୟୋଜନ ରହିଛି । ସେତେବେଳେ ସମ୍ବଲପୁରରେ ହୀରାକୁଦ ବନ୍ଧ ନିର୍ମାଣ ସଂକ୍ରାନ୍ତରେ ବହୁ ଅବ୍ୟବ ଓ ଦୁର୍ନୀତିର ଅଭିଯୋଗ ଏକ ସ୍କାଣ୍ଡାଲ୍‌ର ଆକାର ଧାରଣ କରିଥିଲା । ପରବର୍ତ୍ତୀ କାଳର ଓଡ଼ିଶା ରାଜ୍ୟପାଳ ଡଃ ଅଯୋଧ୍ୟାନାଥ ଖୋସଲା ସେତେବେଳେ ହୀରାକୁଦ ଯୋଜନାର ଚିଫ୍-ଇଞ୍ଜିନିୟର । ଓଡ଼ିଶାରେ ପ୍ରଚୁର ଜଙ୍ଗଲ ସମ୍ପଦ ରହିଥିଲେ ହୀରାକୁଦ ଯୋଜନା ପାଇଁ ପଞ୍ଜାବରୁ କିଣା ହୋଇ ଆସୁଥିଲା ଶାଳ ଓ ଦେବଦାରୁ କାଠ ସ୍ଲିପର । ପଞ୍ଜାବରୁ ମଇଁଷୀ ସୁଦ୍ଧା ଆସୁଥିଲେ ହୀରାକୁଦ ଯୋଜନାରେ କାର୍ଯ୍ୟ କରୁଥିବା ପଞ୍ଜାବୀ ଇଞ୍ଜିନିୟର ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ କ୍ଷୀର ଯୋଗାଇବା ପାଇଁ । ସର୍ବ ଦୁର୍ନୀତିର ଅଭିଯୋଗ । କାର୍ଯ୍ୟର ଗତି ମଧ୍ୟ ମନ୍ଥର । ମୁଁ ଗଣତନ୍ତ୍ର ପରିଷଦ ଆସେମ୍ବ୍ଲି ପାର୍ଟିର ଅଫିସ୍ ସେକ୍ରେଟେରୀ ଥିବାବେଳେ ଏମ୍.ଏଲ୍.ଏ ମାନଙ୍କ ପାଇଁ ହୀରାକୁଦ ଉପରେ ପ୍ରାୟ ଶହେଟି ଷ୍ଟାରଡ୍ ଓ ଅନ୍‌ଷ୍ଟାରଡ୍ ପ୍ରଶ୍ନ ତିଆରି କରିଥିଲି । ଏବେ ଦେଖିଲି, କେନ୍ଦ୍ର ସରକାରଙ୍କ ସେଂଟ୍ରାଲ୍ ୱାଟାର୍ ଆଣ୍ ପାୱାର କମିଶନ୍ ଅଧୀନରେ ଏହି ଯୋଜନାର ନିର୍ମାଣ କାର୍ଯ୍ୟ ଚାଲିଛି । ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ, ତାହା ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରାଯିବ । ତେଣୁ ପ୍ରଶ୍ନ ଗୁଡ଼ିକ ଉପରେ ନୋଟିସ୍ କାଉନ୍‌ସିଲ୍ ଅଫ୍ ଷ୍ଟେଟସ୍‌କୁ ମଧ୍ୟ ଦିଆଯାଇପାରିବ । ସଙ୍ଗେସଙ୍ଗେ ସେଇ ପ୍ରଶ୍ନ ଗୁଡ଼ିକର ନୋଟିସ୍ ପଠାଇ ଦେଲି । ପରବର୍ତ୍ତୀ ଅଧିବେଶନରେ ଦେଖେ, ଯେଉଁଦିନ ଇରିଗେସନ ଓ ପାୱାର ମିନିଷ୍ଟ୍ରିର ଉତ୍ତର ଦେବାପାଇଁ ଥାଏ – ସେଦିନର ଷ୍ଟାରଡ୍ କ୍ୱେଶ୍ଚିନ୍ ଲିଷ୍ଟ୍‌ରେ ମୋର ଗୋଟିଏ ବା ଦୁଇଟି ପ୍ରଶ୍ନ ରହିଛି । କାରଣ ନିର୍ଦ୍ଦୟ – ପ୍ରକୃତିର ଲୋକକୁ ଅନ୍ୟମାନେ ଘୃଣା କରନ୍ତି ଏବଂ ତା'ର ପ୍ରତିକ୍ରିୟା ସ୍ୱରୁପ ମଧ୍ୟ ସେ ଲୋକଙ୍କୁ ଭଲପାଏ ନାହିଁ । ଫଳରେ ତା' ମନ ଭିତରେ ଘୃଣା ବଦ୍ୱେଷ ଓ ତିକ୍ତତାର ପାପଚକ୍ର ଘୁରି ବୁଲୁଥାଏ । ସେ ଏଥିଲାଗି ଅନ୍ୟମାନଙ୍କୁ ସବୁବେଳେ ସମାଲୋଚନା କରେ ଏବଂ ଯେହେତୁ ଅକାରଣରେ ସେ ଲୋକଙ୍କୁ ସମାଲୋଚନା ଓ ଘୃଣା କରେ, ତା' ମନରେ ସବୁବେଳେ ପାପ ଚିନ୍ତା ରହିଥାଏ । ଏହି ସଂଶୟ ଓ ଅହେତୁକ ସନ୍ଦେହ ଯୋଗୁଁ ସେ ସବୁବେଳେ ଅଶାନ୍ତିରେ ସମୟ କାଟେ । ତେଣୁ ନିର୍ଦ୍ଦୟ ଓ ପରଶ୍ରୀକାତର ଶ୍ରେଣୀର ଲୋକେ ସୁନାଗରିକ ନୁହନ୍ତି କି ସୁଖୀ ବି ନୁହନ୍ତି । ସେହିପରି ଭାବରେ ମିଥ୍ୟାବାଦୀ, ପ୍ରବଂଚକ ଓ ନୀତିହୀନ ଲୋକ ମଧ୍ୟ କଦାପି ସୁନାଗରିକ ହୋଇପାରିବ ନାହିଁ ।

ମିଥ୍ୟା କହିବା ଅର୍ଥ ସମାଜର ଅନ୍ୟ ଜଣେ ବ୍ୟକ୍ତିର ପ୍ରତ୍ୟକ୍ଷରେ ବା ପରୋକ୍ଷରେ କ୍ଷତି ସାଧନ କରାହୁଏ । ବିଶେଷତଃ ଯେଉଁମାନେ ଅନବରତ ମିଛ କହିଯାଆନ୍ତି, ସେମାନଙ୍କୁ ସମାଜରେ କେହି ଭଲ ପାଆନ୍ତି ନାହିଁ ଏବଂ ଏମାନଙ୍କ ଯୋଗୁଁ ବହୁଲୋକ ଅଯଥା କଷ୍ଟ ପାଆନ୍ତି । ତା'ର ସାମାଜିକ ପ୍ରତିକ୍ରିୟା ଫଳରେ ମିଥ୍ୟାବାଦୀ ନିଜେ ମଧ୍ୟ ଏଥିଲାଗି ବହୁ କଷ୍ଟ ପାଏ । ଅନେକ ସମାଜରେ ମିଛ କହି ବା ଅନ୍ୟକୁ ପ୍ରବଚଂନା କରି ଆମେ ହୁଏତ କେତେକ ସୁବିଧା ପାଇଯାଉ କିନ୍ତୁ ଜଣକର ଜୀବନକାଳ ଭିତରେ ଯଦି ଏ ପ୍ରକାର ପ୍ରବଚଂନା ଜନିତ ଲାଭ କ୍ଷତିର ହିସାବ ଧରାଯାଏ, ତା'ହେଲେ ତା'ର ମୋଟାମୋଟି କ୍ଷତି ସିନା ହୁଏ, ଲାଭ ହୁଏ ନାହିଁ । କେତେଥର ମିଛ କହିବା ଫଳରେ ମୋଟା ଲାଭ ହୋଇଗଲେ ଲୋକର ଲୋଭ ବଢ଼ିଯାଏ । ସେ ଅଧିକରୁ ଅଧିକ ମିଥ୍ୟା ପ୍ରବଞ୍ଚନାର ସାହାଯ୍ୟ ନେବାରେ ଅଭ୍ୟସ୍ତ ହୋଇପଡ଼େ କିନ୍ତୁ ଠିକ୍ ଏହି ପ୍ରବଞ୍ଚନା ଯୋଗୁଁ କ୍ରମେ କ୍ରମେ ଲୋକେ ତାକୁ ଅବିଶ୍ୱାସ କରନ୍ତି;

ତା'ଛଡ଼ା ସେ ନିଜେ ନିଜ ବିବେକ ଆଗରେ ସବୁବେଳେ ଦୋଷୀ ସାବ୍ୟସ୍ତ ହୁଏ। ଏପରିକି ସେ ଭଲରେ ଶୋଇ ପାରେ ନାହିଁ। ବହୁ ପ୍ରକାର ଭୟଙ୍କର ସ୍ୱପ୍ନ ଦେଖେ। ଅକାରଣ ଆତୁରତା ଓ ଉଦ୍ବେଗର ମାତ୍ରା ତା ଠାରେ ବେଶି ଦେଖାଯାଏ। ତା'ର ମୁହ, କପାଳ, ଓ ଆଖି ତଳେ ଦୁଶ୍ଚିନ୍ତା ରେଖା ଦେଖାଯାଏ ଏବଂ ଅନେକ ସମୟରେ ଏ ପ୍ରକାର ଲୋକେ ପାଗଳ ହୋଇ ଯାଆନ୍ତି କିମ୍ବା ମଦ ପ୍ରଭୃତି ମାଦକ ଦ୍ରବ୍ୟର ନିଜକୁ ସର୍ବଦା ଏପରି ବୁଡ଼ାଇ ରଖନ୍ତି ଯେ ନିଜ ବିବେକର ସମ୍ମୁଖୀନ ହେବାଲାଗି ତାଙ୍କର ଚେତନା ନ ଥାଏ।

ଭୌଗୋଳିକ ବିଚ୍ଛିନ୍ନତାର ଶିକାର ହୋଇ ଓଡ଼ିଆ ମାନେ ଭିନ୍ନ ଭିନ୍ନ ପ୍ରଶାସନିକ ଖଣ୍ଡରେ ବସବାସ କରୁଥିଲେ ମଧ୍ୟ ସାମାଜିକ ଓ ସାଂସ୍କୃତିକ ମୁଖ୍ୟସ୍ରୋତରୁ କେବେ ମଧ୍ୟ ବିଚ୍ଛିନ୍ନ ହୋଇ ନ ଥିଲେ। ଏହାର କାରଣ ପୂର୍ବବର୍ଣ୍ଣିତ ସୁଦୃଢ଼ ସାଂସ୍କୃତିକ ବନ୍ଧନ ଯାହା ଶତାବ୍ଦୀ ଶତାବ୍ଦୀ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଏବଂ ସମଗ୍ର ଓଡ଼ିଆ ଜାତିକୁ ଏକ ଅଦୃଶ୍ୟ ଅଥଚ ସଶକ୍ତ ସୂତ୍ରରେ ବାନ୍ଧି ରଖିଥିଲା।

ଓଡ଼ିଶା ଇତିହାସରୁ ଗୋଟିଏ ବା ଯୋଡ଼ିଏ ଦୃଷ୍ଟାନ୍ତ ଅବତାରଣା କଲେ ଏହି ବନ୍ଧନର ଯଥାର୍ଥ୍ୟ ଆହୁରି ସ୍ପଷ୍ଟ ହେବ।

୧୮୧୭ ମସିହାର ପାଇକ ବିଦ୍ରୋହ ଓଡ଼ିଶା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଓ ଗୌରବମୟ ଘଟଣା। ଏହାକୁ ଐତିହାସିକମାନେ ଓଡ଼ିଶାର ପ୍ରଥମ ଗଣସଂଗ୍ରାମ ଓ ଆଦ୍ୟ ଜାତୀୟବାଦୀ ସମର ବୋଲି ଅଭିହିତ କରିଛନ୍ତି। ଖୋରଧା ରାଜାଙ୍କର ସେନାଧ୍ୟକ୍ଷ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଘଟିତ ଏହି ବିଦ୍ରୋହ ଯୋଦ୍ଧା ଜାତି ପାଇକମାନଙ୍କ ମଧ୍ୟରେ ସୀମିତ ନ ରହି ସାଧାରଣ ଜନତା ମଧ୍ୟରେ ଅପୂର୍ବ ଶିହରଣ ସୃଷ୍ଟି କରିଥିଲା। ଯେହେତୁ ଖୋର୍ଦ୍ଧାର ରାଜା ଥିଲେ ମହାପ୍ରଭୁଙ୍କ ପ୍ରତିନିଧି ଏବଂ ଜଗନ୍ନାଥଙ୍କ ପୂଜକମାନଙ୍କର ଏହି ସଂଗ୍ରାମ ପ୍ରତି ଥିଲା ଅକୁଣ୍ଠସମର୍ଥନ, ଓଡ଼ିଶାର ପାଇକ ମାନେ ଏହି ସଂଗ୍ରାମରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଝାସ ଦେଇଥିଲେ ଏବଂ ଓଡ଼ିଶାର ବିପୁଳ ଜନସମୁଦାୟର ଏଥିପ୍ରତି ଥିଲା ଆନ୍ତରିକ ସହଯୋଗ। ଗୋଟିଏ ବିଖଣ୍ଡିତ ଭୂଖଣ୍ଡରେ ଏପରି ସଂଗ୍ରାମ ସଂଘଟିତ ହୋଇପାରିଥିଲା ଭାବବନ୍ଧନର ନିବିଡ଼ତା ହେତୁ ଏବଂ କହିବା ବାହୁଲ୍ୟ ଯେ ଏହି ଭାବବନ୍ଧନର କର୍ଣ୍ଣଧାର ଥିଲେ ସ୍ୱୟଂ ଜଗନ୍ନାଥ।

ସେମିତି ଓଡ଼ିଶାରେ ବିଦେଶୀ ବସ୍ତ୍ର ବର୍ଜନର କଥା। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନେ ବିଦେଶୀ ବସ୍ତ୍ର ବର୍ଜନ ସନ୍ଦେଶ ଗାଁ ଗହଳିରେ ପହଂଚାଇଥିଲେ ଅବଶ୍ୟ। କିନ୍ତୁ ଶ୍ରୀମନ୍ଦିରର ପଣ୍ଡାମାନେ ମହାପ୍ରଭୁଙ୍କ ନିକଟରେ ବିଦେଶୀ ବସନ ଲାଗି କରାଇବାକୁ ମନା କରିଦେବା ଦ୍ୱାରା ଏହା ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା। ଏପରିକି କଲିକତାର ଓଡ଼ିଆ କୁଲିମାନେ ବିଦେଶୀ ବସ୍ତ୍ରର ମୋଟ ବୋହିବାକୁ ଅମଙ୍ଗ ହୋଇଥିଲେ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବରେ ଉଭା ହେବା ବା ଦେଶ ସ୍ୱାଧୀନ ହେବା ପୂର୍ବରୁ ଓଡ଼ିଆମାନଙ୍କର ଏହି ଭାବଗତ ଐକ୍ୟ ଓଡ଼ିଶାର ନିରବଚ୍ଛିନ୍ନ ସାଂସ୍କୃତିକ ଗତିଶୀଳତାର ଅନନ୍ୟ ନିଦର୍ଶନ।

ସେଥିରୁ କ'ଣ ମନେହେଲା କେଜାଣି ସେ ଗାଇଆଳ ଟୋକାଟାର। କେତୋଟି ମୁହୂର୍ତ୍ତ ପାଇଁ ସେ କେବଳ ମୁଗ୍ଧ ନୁହେଁ, ବିଚଳିତ ହୋଇଗଲା, ଏକ ଆକସ୍ମିକ ଆନନ୍ଦରେ। ତାକୁ ଜଣାପଡ଼ିଲା ଚଢ଼େଇର ସେହି ଅତୁଳନୀୟ ସମ୍ପଦ ମଧ୍ୟ ତା'ର ସମ୍ପଦ। ସେଇ ଅଣ୍ଡାଗୁଡ଼ିକର ଭବିଷ୍ୟତ ସତେ ଅବା ତା'ନିଜର ଭବିଷ୍ୟତ।

ଚଢ଼େଇର ସଂସାର ପାଖରେ ପହଞ୍ଚିଥିଲା ବୋଲି ଗୋଟିଏ ଅଣ୍ଡା ହିଁ ଅକାଟ୍ୟ ପ୍ରମାଣ। ସେ ହାତ ବଢାଇଲା ଏବଂ ବିସ୍ମିତ ହେଲା ଯେ ହାତ ମୋଟେ ଗତିକରୁନାହିଁ ଲୁଣ୍ଠନ କରିବା ସକାଶେ। ହଜାରେ କଂସ ମଧ୍ୟ ପକ୍ଷାଘାତ ରୋଗୀଭଳି ସ୍ତବ୍ଧ ଅଞ୍ଚଳ ହୋଇ ପଡ଼ନ୍ତେ ଏଭଳି କାମ କରିବା ପାଇଁ। ଆହା 'ଦେବକୀ ଏଭଳି ଅପୂର୍ବ ଦୃଶ୍ୟଟେ ତ ତା' ଭାଇକୁ ଦେଖାଇ ଦେଇ ପାରିଥା'ନ୍ତା ଏଡ଼େଇ ଦେବାପାଇଁ ସମସ୍ତ ଦୁଃଖ ଓ ବିଚ୍ଛେଦ।

ଯା ପରେ ସେ ଟୋକାର ତଳକୁ ଫେରି ଆସିବା ହିଁ ଉଚିତ୍ ଥିଲା, କିନ୍ତୁ ସେ ଋହିଁ ରହିଲା ଋରୋଟି ଧଳା, ଗୋଲାକାର ଜିନିଷକୁ, ଯାହା ଭିତରେ ଅକାଟ୍ୟ ଭବିଷ୍ୟତର ହସ୍ତାକ୍ଷର ରହିଥିଲା। ଅଜାଣତରେ ତା'ର ହାତ ଏଥର ଲମ୍ବିଗଲା ସେହି ଦିଗକୁ। ପରାକ୍ଷଣରେସେ ଏପଟସେପଟ କରି ଦେଖିଲା ଗୋଟିଏ ଅଣ୍ଡାକୁ। ଠିକ୍‌କଲା ଯେ, ଏହାକୁ ସାଙ୍ଗମାନଙ୍କୁ ଦେଖାଇଦେବା ପରେ ସେ ପୁଣି ଗଛ ଚଢିବ ଏବଂ ଯଥା ସ୍ଥାନରେ ତାହାକୁ ରଖିଦେବ।

ସେ ଭଲ ଭାବରେ ଅଣ୍ଡାଟିକୁ ଗାମୁଛାରେ ବାନ୍ଧିବା ପାଇଁ ସମୟ ପାଇଲା ନାହିଁ। ଶୁଭିଲା ଗୋଟାଏ ଆତୁର, ଅସ୍ଥିର, ଆବେଗ ଭରପୂର ସ୍ୱର। ସେ ସ୍ୱରରେ ଥିଲା ଉତ୍କଣ୍ଠା ଏବଂ ସର୍ବନାଶ ହୋଇଯାଉଥିବା ଭଳି ଅସାଧ ଦୁଃଖ। ଅଣ୍ଡାମାନଙ୍କର ମା' ବୋଧହୁଏ ଟୋକାକୁ ଠାବ କରି ପାରିଥିଲା ଯାରି ଭିତରେ।

ଏଇଥିପାଇଁ ଦୂର ଦିଗ୍‌ବଳୟରୁ ଏଇ ସ୍ୱର ତୁହାଇ ତୁହାଇ ଭାସି ଆସିଲା ଏବଂ ପାଖେଇ ଆସିଲା। ସେ ହୁଏତ ଚିତ୍କାର ଜରିଆରେ ଅଭିଶାପ ଏବଂ ଆର୍ତ୍ତନାଦ ପ୍ରକାଶ କରୁଥିଲା।

କୌଣସି ମତେ ତଳକୁ ଓହ୍ଲାଉଥିବାବେଳେ ସମସ୍ତ ପ୍ରତିବାଦ ପୂର୍ଣ୍ଣ କ୍ରୋଧ ସହିତ ହତଭାଗୀ ମା' ଜଣକ ଉଡ଼ି ବୁଲିଲା ସେ ଟୋକା ପାଖରେ। ଟୋକା ନିଜ ମୁହଁ ଓ ପିଠି ଉପରେ ପ୍ରାୟ ଅନୁଭବ କରୁଥିଲା ମା' ଡେଣାର ସ୍ପର୍ଶ। ସେ ବେଶ୍ ହରକତ ହୋଇପଡୁଥିଲା, କିନ୍ତୁ ତାକୁ ଖଇଋ କରୁଥିବା ଚଢ଼େଇ ପ୍ରତି ତା' ମନରେ କୌଣସି ବିଦ୍ୱେଷ କିମ୍ବା ବିରକ୍ତି ନଥିଲା। ଅଥଚ ଚଢେଇଟି ଗୋଟାଏ ସର୍ବହରା ଚିତ୍କାର ଓ ପ୍ରତିବାଦର ଡେଣା ଫଡଫଡ ଅବ୍ୟାହତ ରଖିଥିଲା ଟୋକା ପାଖରେ।

ଏବଂ ସେ ଟୋକା ଗଛରୁ ଓହ୍ଲାଇ ପଡ଼ିବା ମାତ୍ରେ ହିଁ ଚୂଡ଼ାନ୍ତ ସର୍ବନାଶ ସଂଘଟିତ ହୋଇଗଲା । ଅଣ୍ଟାରେ ବନ୍ଧା ଯାଇଥିବା ଗାମୁଛା ଅନ୍ତରାଳରେ ସେ ପର୍ଯ୍ୟନ୍ତ ରହିଥିବା ଅଣ୍ଡାଟି ଖସି ପଡ଼ିଲା ତଳକୁ । ଛିନ୍ନ ଭିନ୍ନ ହୋଇଗଲା ଖୋଳପାର ପରଦା ଏବଂ ଉନ୍ମୋଚିତ ହୋଇଗଲା ତା' ଭିତରର ଅପ୍ରତ୍ୟାଶିତ ପରିପାଟୀ । ଆପାତତଃ ପୁଳାଏ କଅଁଳ ମାଂସ ଭଳି ତା' ଭିତରେ ରହିଥିଲା ଅନ୍ୟ ଏକ ଚଢେଇର ଅଚେତନ ଶୈଶବ । ତାହାର ଆଖି ଖୋଲି ନଥିଲା କିମ୍ବା ଆଖି ଖୋଲି ସଂସାରକୁ ଏବଂ ତାକୁ ବରବାଦ କରିଥିବା ଘାତକକୁ ଋହିଁବାର କୌଣସି ସ୍ପୃହା ନଥିଲା । ନିତାନ୍ତ ନିକଟରେ ପଡ଼ି ରହିଥିବାରୁ ସେ ଟୋକା ଦେଖିଲା ଛତୁ କଢଭଳି କୁନି କୁନି ପକ୍ଷୀର କଢ ରହିଚି, ତା' ଉପରେ; ବାସ୍ତବିକ ସମଗ୍ର ଦେହ ଉପରେ । ଆଶ୍ଚର୍ଯ୍ୟର କଥା, ଆଖି ବନ୍ଦ ଥିଲେ ମଧ୍ୟ ସଦ୍ୟଜାତ ଚଢେଇର ଚଞ୍ଚୁ ରହିଚି ଭୋକର ଇସ୍ତାହାର ଧରି ।

ଦେଶପ୍ରାଣତା ତା' ଠାରେ ଦେଖାଦେବା ଅସମ୍ଭବ । ଲୋକଙ୍କୁ ଠକିବା ଲାଗି କେତେଗୁଡ଼ିଏ ବଡ଼ ବଡ଼ କଥା ସେ ମୁହଁରେ କରିପାରେ କିନ୍ତୁ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ତା'ର କୌଣସି ସହୃଦୟତା ନଥାଏ କି ଅନ୍ୟ ଲୋକଙ୍କ ପ୍ରତି ତା'ର କୌଣସି ସ୍ନେହ ଶ୍ରଦ୍ଧା ନଥାଏ । ସେ ଅତିମାତ୍ରାରେ ସ୍ୱାର୍ଥପର ହୋଇପଡ଼େ । ନିଜର ସ୍ୱାର୍ଥ ଅନୁସାରେ ସେ ତା'ର ନୀତିକୁ ସର୍ବଦା ବଦଳାଇ ବଦଳାଇ ଋଲିଥାଏ । ଏପରି ଲୋକକୁ ବିଶ୍ୱାସ କରିବା ଉଚିତ୍ ନୁହେଁ । ଏମାନେ ସାଧାରଣତଃ କ୍ଷୁଦ୍ର ନ୍ୟସ୍ତସ୍ୱାର୍ଥ, ସଂକୀର୍ଣ୍ଣ ଗୋଷ୍ଠୀ ବା ସଂପ୍ରଦାୟ ପ୍ରତି ଅତିମାତ୍ରାରେ ଅନୁରକ୍ତି ଦେଖାନ୍ତି ସତ କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନେ ନିଜର ଓ ନିଜ ପରିବାରବର୍ଗଙ୍କର ସ୍ୱାର୍ଥ ଲାଗି କେବଳ କାମ କରନ୍ତି । ତେଣୁ ଏ ପ୍ରକାର ଲୋକେ ଆଦୌ ସୁଖୀ ହୋଇ ପାରିବେ ନାହିଁ ।

ତା' ହେଲେ ସୁନାଗରିକର ମନସ୍ତାତ୍ତ୍ୱିକ ସଂଜ୍ଞା କଣ ? ଅର୍ଥାତ୍ କି ପ୍ରକାର ମନସ୍ତାତ୍ତ୍ୱିକ ବା ସାମାଜିକ ଚରିତ୍ର ସୁନାଗରିକ ହେବା ଲାଗି ଉପଯୁକ୍ତ ବୋଲି ବିବେଚିତ ହେବ ? ସୁଖୀ ଓ ସୁସଂଯତ ଲୋକ ହିଁ ସୁଖୀ ନାଗରିକ ହୋଇପାରିବ । କାରଣ ଯେଉଁମାନଙ୍କ ମନରେ ବ୍ୟକ୍ତିଗତ ତିକ୍ତତା, ପାରସ୍ପରିକ ବିଦ୍ୱେଷ ଓ ସାମାଜିକ ବ୍ୟର୍ଥତା ରହିଥିବ, ସେମାନେ ସବୁବେଳେ ଅସୁଖୀ ଓ ଅସହିଷ୍ଣୁ । ତେଣୁ ସେମାନଙ୍କର ଅନ୍ୟମାନଙ୍କର କଥା ଭାବିବା ପାଇଁ ସମୟ ବା ସ୍ପୃହା ନ ଥାଏ । ସବୁବେଳେ ତ ସେମାନେ ନିଜ ନିଜର କ୍ଷୁଦ୍ର ବ୍ୟର୍ଥତାର ଋରିପାଖେ ପରହୀନ ଶକୁନି ପରି ବୁଲୁଥାଆନ୍ତି । ଅନ୍ୟମାନଙ୍କୁ ଆଖେପାଖେ ଦେଖିଲାକ୍ଷଣି ସେମାନେ ବିରକ୍ତ ହୁଅନ୍ତି । ଯେଉଁ ଦେଶରେ ସାମାଜିକ ଅଶାନ୍ତି ଯେତେ ବେଶି, ସେ ଦେଶରେ ଅସୁଖୀ ଲୋକଙ୍କ ସଂଖ୍ୟା ସେତେ ବେଶି ଏବଂ ସୁନାଗରିକଙ୍କ ସଂଖ୍ୟା ସେହି ପରିମାଣରେ କମ୍ ହେବାକୁ ବାଧ୍ୟ । ତେଣୁ ସୁନାଗରିକ ହେବା ଅର୍ଥ ନିଜ ବ୍ୟକ୍ତିତ୍ୱର ସାମାଜିକ ପରିପୂର୍ଣ୍ଣତା ହାସଲ କରିବା । ଏହି କାରଣରୁ ପ୍ରକୃତ ସୁନାଗରିକ ସଂଖ୍ୟା ବଢ଼ାଇବାକୁ ହେଲେ ଦେଶର ସମଗ୍ର ପାରିପାର୍ଶ୍ୱିକ ଅବସ୍ଥାକୁ ମଧ୍ୟ ବଦଳାଇବା ଦରକାର । ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ବ୍ୟକ୍ତିତ୍ୱ ତଥା ସୁନାଗରିକତ୍ୱର ବିକାଶ ହୋଇଥାଏ । ଏହି ବୈଜ୍ଞାନିକ ତଥ୍ୟଟି ପ୍ରତି ଆମର ସବୁବେଳେ ନଜର ରଖିବା ଉଚିତ୍ । ତା'ହେଲେ ଯାଇ ସାରା ସମାଜରେ ଏହାର ବିକାଶ ଲାଗି ଆମକୁ ନାନା ଭାବରେ ଚେଷ୍ଟା କରିବାକୁ ପଡ଼ିବ ।

ଗତ ପଚିଶ ବର୍ଷ ମଧ୍ୟରେ ଓଡ଼ିଶାରେ ପର୍ବପର୍ବାଣୀର ଆଡ଼ମ୍ବର ବହୁ ପରିମାଣରେ ବୃଦ୍ଧି ପାଇଛି । ସ୍ୱାଧୀନତା ପୂର୍ବରୁ ମଧ୍ୟ ଓଡ଼ିଶାରେ ପର୍ବପର୍ବାଣି ଥିଲା; ମାତ୍ର ସେଗୁଡ଼ିକ ଆଡ଼ମ୍ବରପୂର୍ଣ୍ଣ ହୋଇ ସାତ୍ତ୍ୱିକତାର ସତ୍ତା ହରାଇ ନଥିଲା । ବର୍ତ୍ତମାନର ପର୍ବପର୍ବାଣିରେ ସାତ୍ତ୍ୱିକତାର ସତ୍ତା ମିଳେନାହିଁ । ସମସ୍ତ ପର୍ବପର୍ବାଣି ତାମସିକ ସମାରୋହରେ ପର୍ଯ୍ୟବସିତ ହେଉଛି । ଦୁର୍ଗାପୂଜା, କାଳୀପୂଜା, ଦୋଳୋତ୍ସବ, ସରସ୍ୱତୀପୂଜା, ଗଣେଶପୂଜା ଇତ୍ୟାଦି ସମସ୍ତ ପୂଜାର ଆକାର ବର୍ତ୍ତମାନ ବଦଳି ଯାଇଛି । ଅସଂଖ୍ୟ ମୂର୍ତ୍ତି, ବହୁବ୍ୟୟରେ ନିର୍ମିତ ମେଢ ଓ ତୋରଣ, ଡାକବାଜି ଯନ୍ତ୍ରର ବହୁଳ ବ୍ୟବହାର, ବ୍ୟୟବହୁଳ ଭୋଜି, ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରା ପ୍ରତ୍ୟେକ ପର୍ବପର୍ବାଣିର ପ୍ରଧାନ ଅଙ୍ଗ ହୋଇଛି । ଏ ସମସ୍ତ ଆଡ଼ମ୍ବର ମଧ୍ୟରେ ଧର୍ମଭାବ ସମ୍ପୂର୍ଣ୍ଣ ଲୋପପାଇଛି । ଏ ସମସ୍ତ ମହୋତ୍ସବରେ ପ୍ରଚୁର ମାଦକଦ୍ରବ୍ୟ ମଧ୍ୟ ବ୍ୟବହୃତ ହେଉଛି । ମଦ, ଭାଙ୍ଗ ଇତ୍ୟାଦି ମାଦକ ଦ୍ରବ୍ୟ ପାନ କରି, ମୂର୍ତ୍ତି ମୂଖରେ ସିଗାରେଟ୍ ଗୁଞ୍ଜି ଦେଇ ନବଯୁବକମାନେ ନିତମ୍ବର ରମ୍ୟଋଳନାପୂର୍ବକ ବାଦ୍ୟଝଞ୍ଜା ମୁଖରିତ ଶୋଭାଯାତୀମାନଙ୍କ ଉପରେ ସେମାନଙ୍କ ଟେକାପଥର ବୃଷ୍ଟି, ସଙ୍ଗେସଙ୍ଗେ ପୋଲିସର ମୁତାୟନ ଓ ଆମ୍ବୁଲେନ୍ସ ଆନୟନର ଦୃଶ୍ୟ ଦେଖିଲେ କିଏ କହିବ ଯେ ଏ ସମସ୍ତ ଧର୍ମ ପାଇଁ ଉଦ୍ଦିଷ୍ଟ ? ଯେଉଁ ଧର୍ମ ମହୋତ୍ସବ ମାନ ଗ୍ରାମ-ଗ୍ରାମ ଓ ସାହି-ସାହି ମଧ୍ୟରେ ସୌହାଦ୍ୟ ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇଥିଲା, ସେଗୁଡ଼ିକ ବର୍ତ୍ତମାନ ସ୍ଥାୟୀ କଳହ ଓ ବିଭେଦ ସୃଷ୍ଟି କରୁଛି । ଏହି ସମୟ ମଧ୍ୟରେ ପର୍ବପର୍ବାଣିର ଆଡ଼ମ୍ବରବୃଦ୍ଧି ପାଇଥିଲେ ହେଁ ଓଡ଼ିଶାରେ ଯେ ଧର୍ମଭାବ ବୃଦ୍ଧି ପାଇ ନାହିଁ, ଏହା ନିଶ୍ଚିତ କଥା ।

ଦେଶର ଶିକ୍ଷା ସଂସ୍କୃତିର ପ୍ରଧାନ ସହାୟକ ଓ ପରିପୂରକ । ଗତ ପଚିଶ ବର୍ଷ ମଧ୍ୟରେ ଓଡ଼ିଶାରେ ପ୍ରାଥମିକ , ମାଧ୍ୟମିକ ଓ ଉଚ୍ଚଶିକ୍ଷାର ବହୁଳ ବିସ୍ତାର ଘଟିଛି । ୧୯୪୩ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଏକମାତ୍ର ରେଭେନ୍ସା କଲେଜ ଓ ସାମାନ୍ୟ କେତୋଟି ପ୍ରାଥମିକ ସ୍କୁଲ ଓ ମାଧ୍ୟମିକ ସ୍କୁଲ ଓଡ଼ିଶାରେ ଶିକ୍ଷାଲୋକ ବିତରଣ କରୁଥିଲେ । ସେହି ସ୍ଥାନରେ ଆଜି ଶତ ଶତ କଲେଜ, ସହସ୍ର ସଂଖ୍ୟାର ହାଇସ୍କୁଲ ଓ ପ୍ରାଥମିକ ସ୍କୁଲମାନଙ୍କର ଆବିର୍ଭାବ ଘଟିଛି । ଓଡ଼ିଶା ଶିକ୍ଷା କ୍ଷେତ୍ରରେ ଯେ ନିତାନ୍ତ ଅନଗ୍ରସର, ଏହି ଅପବାଦ କ୍ରମଶଃ ଦୂର ହେଉଛି । ନାରୀଶିକ୍ଷାର ପ୍ରଭୂତ ପ୍ରସାର ଘଟିବାରୁ ନାରୀମାନେ ମଧ୍ୟ ଶିକ୍ଷା, ସଂସ୍କୃତି ଓ ରାଜନୀତିରେ ଅଂଶଗ୍ରହଣ କରି ପୁରୁଷର ସମକକ୍ଷ ହୋଇପାରୁଛନ୍ତି ।

## ଏକପଦୀକରଣ

ସମୁଦାୟ ଚରିଗୋଟି ପ୍ରଶ୍ନ ଆସିବ। ସେଥିମଧ୍ୟରୁ ଦୁଇଟିର ଉତ୍ତର ଦେବାକୁ ହେବ।

| | | |
|---|---|---|
| ଭିକ୍ଷାର ଅଭାବ | - | ଦୁର୍ଭିକ୍ଷ |
| ସ୍ତ୍ରୀ ସହିତ ବର୍ତ୍ତମାନ | - | ସସ୍ତ୍ରୀକ |
| କାନରେ କହେ ଯେ | - | କାନକୁହା |
| ମରଣ ପର୍ଯ୍ୟନ୍ତ | - | ଆମରଣ |
| କୂଳର ସମୀପ | - | ଉପକୂଳ |
| ଧନ ନାହିଁ ଯାହାର | - | ନିର୍ଦ୍ଧନ |
| ଯେ ପ୍ରତିଷ୍ଠା ଲାଭ କରିଛନ୍ତି | - | ଲବ୍ଧ ପ୍ରତିଷ୍ଠ |
| ବିଧିକୁ ଅତିକ୍ରମ ନ କରି | - | ଯଥାବିଧି |
| ଶୋଭନ ହୃଦୟ ଯାହାର | - | ସୁହୃଦ |
| ଜାତ ହୋଇ ନାହିଁ ଶତ୍ରୁ ଯାହାର | - | ଅଜାତ ଶତ୍ରୁ |
| ଜାଣିବାର ଇଚ୍ଛା | - | ଜିଜ୍ଞାସା |
| ଅନୁସନ୍ଧାନ କରିବାର ଇଚ୍ଛା | - | ଅନୁସନ୍ଧିତ୍ସା |
| ବୁଦ୍ଧଙ୍କ ଉପାସକ | - | ବୌଦ୍ଧ |
| ଶକ୍ତିଙ୍କର ଉପାସକ | - | ଶାକ |
| ଶିବଙ୍କର ଉପାସକ | - | ଶୈବ |
| ଦର୍ଶନ ଶାସ୍ତ୍ରରେ ପଣ୍ଡିତ | - | ଦାର୍ଶନିକ |
| ଇତିହାସରେ ପଣ୍ଡିତ | - | ଐତିହାସିକ |
| ଯିଏ କଥା ସୃଷ୍ଟି କରନ୍ତି | - | କଥାକାର |
| ଯାହାର ତନ୍ତ୍ରରେ ଜ୍ଞାନ ଅଛି | - | ତାନ୍ତ୍ରିକ |
| ଯିଏ ଶ୍ରବଣ କରେ | - | ଶ୍ରୋତା |
| ଯିଏ ସଂସାର ତ୍ୟାଗ କରନ୍ତି | - | ସନ୍ନ୍ୟାସୀ |
| ଯିଏ ନିଏ | - | ନେତା |
| ଯିଏ ଦାନ କରେ | - | ଦାତା |
| ସାଧୁର ଗୁଣ | - | ସାଧୁତା |
| ଦୂତର କାର୍ଯ୍ୟ | - | ଦୌତ୍ୟ |
| କୃପଣର ପ୍ରକୃତି | - | କାର୍ପଣ୍ୟ |
| ପୂର୍ବ ଦିଗରୁ ବହୁଥିବା | - | ପୂବେଇ |
| ଘୋଡ଼ା ଟଣା ଗାଡ଼ି | - | ଘୋଡ଼ାଗାଡି |
| ସିଂହ ଚିହ୍ନିତ ଆସନ | - | ସିଂହାସନ |
| ବନର ପତି | - | ବନସ୍ପତି |
| ଅନ୍ୟ ଦେଶ | - | ଦେଶାନ୍ତର |
| ଅନ୍ୟ ରୂପ | - | ରୂପାନ୍ତର |
| ନାହିଁ ଦୋଷ ଯାହାର | - | ନିର୍ଦ୍ଦୋଷ |
| ନାହିଁ ବୋଧ ଯାହାର | - | ନିର୍ବୋଧ |
| ନାହିଁ ରବ ଯାହାର | - | ନୀରବ |
| ଅନ୍ୟ ଆଡ଼େ ମନ ଯାହାର | - | ଅନ୍ୟମନସ୍କ |
| ସମସ୍ତଙ୍କୁ ସମାନ ଭାବରେ ଯେ ଦେଖନ୍ତି | - | ସମଦର୍ଶନ |
| ବିଘ୍ନର ଅଭାବ | - | ନିର୍ବିଘ୍ନ |
| ଜନ୍ତୁ ସମ୍ବନ୍ଧୀୟ | - | ଜାନ୍ତବ |
| ସମୁଦ୍ର ସମ୍ବନ୍ଧୀୟ | - | ସାମୁଦ୍ରିକ |
| ଆଗରେ ଜନ୍ମିଛି ଯେ | - | ଅଗ୍ରଜ |
| ଶରଣ ଇଚ୍ଛା କରେ ଯେ | - | ଶରଣାର୍ଥୀ |
| ଦଣ୍ଡ ପରି ଆଚରଣ କରେ ଯେ | - | ଦଣ୍ଡାୟମାନ |
| ଜଳରେ ଜାତ | - | ଜଳଜ |
| ସମ୍ୟକ ଭାଷଣ | - | ସମ୍ଭାଷଣ |
| ମୂର୍ତ୍ତିର ସଦୃଶ | - | ପ୍ରତିମୂର୍ତ୍ତି |
| ଶତ୍ରୁକୁ ବଧ କରିଛି ଯେ | - | ଶତ୍ରୁଘ୍ନ |
| ଯାହା ଭସ୍ମ ହୋଇ ନଥିଲା ଏବେ ହୋଇଅଛି | - | ଭସ୍ମୀଭୂତ |
| ପିତୃ ସମ୍ବନ୍ଧୀୟ | - | ପୈତୃକ |
| ଆଳସ୍ୟ କରିବା ସ୍ୱଭାବ ଯାହାର | - | ଅଳସୁଆ |
| ପଛେ ପଛେ ଯିବା | - | ଅନୁଗମନ |
| ମେଧା ଅଛି ଯାହାର | - | ମେଧାବୀ |
| ଭଗିନୀର ପୁତ୍ର | - | ଭାଗନେୟ |
| ଯାହା ସ୍ମରଣ ରଖିବା ଉଚିତ୍ | - | ସ୍ମରଣୀୟ |
| ଯାହାର ସଂଯମ ନାହିଁ | - | ଅସଂଯତ |
| ତେଜ ଅଛି ଯାହାର | - | ତେଜସ୍ୱୀ |
| ପାଦ ଠାରୁ ମସ୍ତକ ପର୍ଯ୍ୟନ୍ତ | - | ଆପାଦ ମସ୍ତକ |
| ଅନ୍ୟ ମାନେ ଯାହା କରୁଛନ୍ତି ସେପରି କରିବା | - | ଅନୁକରଣ |
| ଈଷତ ରକ୍ତ | - | ଆରକ୍ତ |
| ଯାହାକୁ ଦୁଃଖରେ ଲାଭ କରାଯାଏ | - | ଦୁର୍ଲ୍ଲଭ |
| ଯାହା କରିବା ଉଚିତ୍ | - | କର୍ତ୍ତବ୍ୟ |
| ଯାହା ଦେଖାଯାଇଅଛି | - | ଦୃଷ୍ଟ |
| ଲେହ୍ୱନ କରିବାର ଯୋଗ୍ୟ | - | ଲେହ୍ୟ |
| ଯିଏ ତତ୍ତ୍ୱକୁ ଦର୍ଶନ କରନ୍ତି | - | ତତ୍ତ୍ୱଦର୍ଶୀ |
| ନିନ୍ଦା କଲାଭଳି କାର୍ଯ୍ୟ | - | ନିନ୍ଦନୀୟ |
| ଯହିଁରେ କର ଦେବାକୁ ହୁଏ ନାହିଁ | - | ନିଷ୍କର |
| କାଠ କାମ କରେ ଯେ | - | ବଢ଼େଇ |
| ଯେ ଜାହାଜରେ କାମ କରେ | - | ଜାହାଜିଆ |

## ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦ

ଅନିଳ - ବାୟୁ
ଅନୀଳ - ଯାହା ନୀଳ ନୁହେଁ
ଅବଦାନ - ଅର୍ଘ୍ୟ
ଅବଧାନ - ମନଯୋଗ
ଅସନ - କ୍ଷେପଣ
ଅଶନ - ଭୋଜନ
ଅଂସ - ସ୍କନ୍ଧ
ଅଂଶ - ଭାଗ
ଅସି - ଖଡ଼ଗ
ଅଶୀ - ସଂଖ୍ୟା ବିଶେଷ
ଇତି - ଶେଷ
ଈତି - ଅତିବୃଷ୍ଟି / ଅନାବୃଷ୍ଟି
ଉପାଦାନ - ଉପକରଣ
ଉପାଧାନ - ତକିଆ
କାଳୀ - ଦୁର୍ଗାଙ୍କର ଏକ ରୂପ
କାଳି - କଳାରଂଗ
କୁଳ - ବଂଶ
କୂଳ - ନଦୀ / ପୁଷ୍କରିଣୀ ତଟ
କୁଜନ - ଖରାପ ଲୋକ
କୂଜନ - ପକ୍ଷୀର କଳରବ
ଶିରିଶ - ଶିବ
ଗିରିଶ - ଶିବ
ଗିରୀଶ - ପର୍ବତ ଶ୍ରେଷ୍ଠ
ଗୁଣି - ମନ୍ତ୍ର ଯନ୍ତ୍ର ବିଦ୍ୟା
ଗୁଣୀ - ଗୁଣବାନ
ଗୋଲକ - ଗୋଲାକାର ବସ୍ତୁ
ଗୋଲୋକ - ସ୍ୱର୍ଗପୁର
ଚିର - ସର୍ବଦା
ଚୀର - ଛିଣ୍ଡା ଲୁଗା
ଭିତ୍ତି - ମୂଳଦୁଆ
ଭୀତି - ଭୟଭାବ
ମତ - ଇଚ୍ଛା
ମତ୍ତ - ପାଗଳ
ଯମକ - କାବ୍ୟ ଅଳଙ୍କାର ବିଶେଷ
ଜମକ - ଆଡ଼ମ୍ବର
ଚୂତ - ଆମ୍ବ
ଚ୍ୟୁତ - ସ୍ଖଳିତ

ତରଣି - ସୂର୍ଯ୍ୟ
ତରଣୀ - ନୌକା
ଦିନ - ଦିବସ
ଦୀନ - ଦରିଦ୍ର
ଦ୍ୱିପ - ହସ୍ତୀ
ଦ୍ୱୀପ - ଚର୍ତୁର୍ଦ୍ଦିଗରେ ଜଳବେଷ୍ଟିତ ଭୂଭାଗ
ଦୂତ - ଚର
ଦ୍ୟୁତ - ପଶାଖେଳ
ନିତି - ପ୍ରତିଦିନ
ନୀତି - ନିୟମ
ପରଶ୍ୱ - ଆସନ୍ତା କାଲି
ପରସ୍ୱ - ପରର ଦ୍ରବ୍ୟ
ପରିଚ୍ଛଦ - ପୋଷାକ
ପରିଚ୍ଛେଦ - ପୁସ୍ତକର ଅଂଶବିଶେଷ
ପୁର - ନଗର
ପୂର - ପ୍ରବାହ
ପ୍ରସାଦ - ଅନୁଗ୍ରହ/ଠାକୁରଙ୍କ ଭୋଗ
ପ୍ରାସାଦ - ଅଟ୍ଟାଳିକା
ପୃଷ୍ଟ - ପଚରାଯାଇଥିବା
ପୃଷ୍ଠ - ପଛ ଭାଗ
ବିଷ - ଗରଳ
ବୀସ - ମୃଣାଳ
ବେଦି - ପୀଠ
ବେଦୀ - ବେଦକି
ଶପ୍ତ - ସାପଗ୍ରସ୍ତ
ସପ୍ତ - ସାତ
ଶିର - ଶିଖର
ସୀର - ସୂର୍ଯ୍ୟ
ଶ୍ରବଣ - ଶୁଣିବା
ସ୍ରବଣ - ଝରିବା
ସକଳ - ସବୁ
ଶକଳ - ଖଣ୍ଡ
ସର୍ଗ - ଅଧ୍ୟାୟ
ସ୍ୱର୍ଗ - ଦେବଲୋକ
ସବଳ - ବଳଶାଳୀ
ଶବଳ - ସଚିତ୍ର
ସମ - ସମାନ

ଶମ - ଶାନ୍ତି
ସର - ପୁଷ୍କରିଣୀ
ଶର - ଧନୁର ତୀର
ସାପ - ସର୍ପ
ଶାପ - ଅଭିଶାପ
ଶିତ - ତୀକ୍ଷଣ
ଶୀତ - ଥଣ୍ଡା ଲାଗିବା ଭାବ
ସୁତା - କନ୍ୟା
ସୂତା - ସୂତ୍ର
ସୁଧ - କଳନ୍ତର
ଶୁଦ୍ଧ - ପବିତ୍ର
ସୁର - ଦେବତା
ସୂର - ସୂର୍ଯ୍ୟ
ସୂକ୍ତି - ବେଦବର୍ଣ୍ଣିତ ମନ୍ତ୍ର ଇତ୍ୟାଦି
ଶୁକ୍ତି - ଶଙ୍ଖ / ଶାମୁକା
ସୂଚି - ଛୁଞ୍ଚି
ଶୁଚି - ପବିତ୍ରତା
ଶିଳ - ବଟା ପଇର
ଶୀଳ - ଚରିତ୍ର
ସୁତ - ପୁଅ
ସୂତ - ସାରଥି
ବେଳା - ସମୁଦ୍ର କୂଳ
ବେଳା - ସମୟ
ନିଧନ - ବିନାଶ
ନିଧାନ - ଭଣ୍ଡାର
ସ୍ମୃତି - ସ୍ମରଣ (ଶାସ୍ତ୍ର) ବିଶେଷ
ଶ୍ରୁତି - ବେଦ
ବନ୍ଦନ - ପ୍ରଶଂସାଗାନ
ବନ୍ଧନ - ବାନ୍ଧିବା
ସ୍କନ୍ଦ - କାର୍ତ୍ତିକେୟ
ସ୍କନ୍ଧ - କାନ୍ଧ
ଯବ - ଶସ୍ୟ ବିଶେଷ
ଜବ - ଦ୍ରୁତ
ଯାତ - ଯାତ୍ରା
ଜାତ - ଜନ୍ମ
ମତ୍ତ - ବିଗ୍ଭର
ମର - ପାଗଳ

# ବିପରୀତାର୍ଥ ବୋଧକ ଶବ୍ଦ

| | | |
|---|---|---|
| ଅକ୍ଷତ | - | କ୍ଷତ |
| ଅଗ୍ର | - | ପଶ୍ଚାତ୍ (ପଛ) |
| ଅଗ୍ରଜ | - | ଅନୁଜ |
| ଅଗ | - | ମୂଳ |
| ଅଗ୍ରଗାମୀ | - | ଅନୁଗାମୀ |
| ଅନୁରାଗ | - | ବିରାଗ |
| ଅଭିଜ୍ଞ | - | ଅନଭିଜ୍ଞ |
| ଅମୀର | - | ଫକୀର |
| ଆକର୍ଷଣ | - | ବିକର୍ଷଣ |
| ଆଗମନ | - | ପ୍ରତ୍ୟାଗମନ (ପ୍ରସ୍ଥାନ) |
| ଆଦାନ | - | ପ୍ରଦାନ |
| ଆଦ୍ୟ | - | ପ୍ରାନ୍ତ |
| ଆବାହନ | - | ବିସର୍ଜନ |
| ଆମଦାନି | - | ରପ୍ତାନି |
| ଉତ୍କର୍ଷ | - | ଅପକର୍ଷ |
| ଇହକାଳ | - | ପରକାଳ |
| ଉଠାଣି | - | ଗଡ଼ାଣି |
| ଉଷା | - | ପ୍ରଦୋଷ |
| ପ୍ରତ୍ୟୁଷ | - | ପ୍ରଦୋଷ |
| ଉତ୍କୃଷ୍ଟ | - | ନିକୃଷ୍ଟ |
| ଉପକାର | - | ଅପକାର |
| ଉର୍ବର | - | ଅନୁର୍ବର |
| କଠିନ | - | ସରଳ / କୋମଳ |
| କୃପଣ | - | ବଦାନ୍ୟ |
| କୋମଳ | - | କର୍କଶ / କଠିନ |
| କ୍ରେତା | - | ବିକ୍ରେତା |
| କ୍ଷୀଣ | - | ପୃଥୁଳ |
| ଗର୍ବୀ | - | ବିନୟୀ |
| ଚଉଡ଼ା | - | ଲମ୍ବା |
| ଚଞ୍ଚଳ | - | ଧୀର |
| କ୍ଷୟ | - | ବୃଦ୍ଧି |
| ଖାଣ୍ଟି | - | ଭେଜାଲ |
| ଚାକର | - | ମାଲିକ |
| ଜନତା | - | ନେତା |
| ଜଟିଳ | - | ସରଳ |
| ଜୁଆର | - | ଭଟ୍ଟା |
| ଜୀବିତ | - | ମୃତ |
| ଜୀବନ | - | ମରଣ |
| ସ୍ୱର୍ଗ | - | ନରକ |
| ତବତ | - | ପଖାଳ |
| ତିରସ୍କାର | - | ପୁରସ୍କାର |
| ଦୟାଳୁ | - | ନିର୍ଦ୍ଦୟ |
| ଦୁର୍ବଳ | - | ସବଳ |
| ଦେବା | - | ନେବା |
| ଉଗ୍ର | - | ନମ୍ର |
| ତରଳ | - | କଠିନ |
| ତୁଷ୍ଟ | - | ରୁଷ୍ଟ |
| ଦୁର୍ଲ୍ଲଭ | - | ସୁଲଭ |
| ଦୃଢ଼ | - | ଶିଥିଳ |
| ଦ୍ରୁତ | - | ମନ୍ଥର |
| ନବୀନ | - | ପ୍ରାଚୀନ |
| ପ୍ରକାଶ୍ୟ | - | ଗୋପନୀୟ |
| ପ୍ରବୃତ୍ତି | - | ନିବୃତ୍ତି |
| ପ୍ରଶଂସା | - | ନିନ୍ଦା |
| ପ୍ରିୟ | - | ଅପ୍ରିୟ |
| ମଧୁ | - | ତିକ୍ତ |
| ମସୃଣ | - | ବନ୍ଧୁର |
| ବିନୀତ | - | ଉଦ୍ଧତ |
| ନିର୍ବୋଧ | - | ବୁଦ୍ଧିମାନ |
| ମହଙ୍ଗା | - | ଶସ୍ତା |
| ସୁପ୍ତ | - | ଜାଗ୍ରତ |
| ଶସ୍ତା | - | ମହର୍ଗ |
| ମୂକ | - | ବାଚାଳ |
| ଲୋଭ | - | ନିର୍ଲୋଭ |
| ଶାକାହାରୀ | - | ମାଂସାହାରୀ |
| ସଦୟ | - | ନିର୍ଦ୍ଦୟ |
| ସମ୍ପତ୍ତି | - | ବିପତ୍ତି |
| ସରସ | - | ନୀରସ |
| ସରୁ | - | ମୋଟା |
| ଶୁକ୍ଳ | - | କୃଷ୍ଣ |
| ସଞ୍ଜ | - | ସକାଳ |
| ସଫଳ | - | ବିଫଳ |
| ସମ୍ପୂର୍ଣ୍ଣ | - | ଅସମ୍ପୂର୍ଣ୍ଣ |
| ସଦୟ | - | ନିର୍ଦ୍ଦୟ |
| ଶୁଦ୍ଧ | - | ଅଶୁଦ୍ଧ |
| ସୁଗମ | - | ଦୁର୍ଗମ |
| ସଭ୍ୟ | - | ଅସଭ୍ୟ |
| ସୁକୃତ | - | ଦୁଷ୍କୃତ |
| ସ୍ଥୂଳ | - | ସୂକ୍ଷ୍ମ |
| ସ୍ଥାୟୀ | - | ଅସ୍ଥାୟୀ |
| ହର୍ଷ | - | ବିଷାଦ |
| ଲାଭ | - | ହାନି |
| କାନ୍ଦ | - | ହସ |
| ସ୍ୱଦେଶ | - | ବିଦେଶ |
| ସ୍ମରଣ | - | ବିସ୍ମରଣ |
| ସଂକୀର୍ଣ୍ଣ | - | ପ୍ରଶସ୍ତ |
| ସହଜ | - | କଠିନ |
| ସୁନାମ | - | ଦୁର୍ନାମ |
| ଶ୍ରୋତା | - | ବକ୍ତା |
| ଶୁଭ | - | ଅଶୁଭ |
| ମୂକ | - | ବାଚାଳ |
| ଭେଦ | - | ଅଭେଦ |
| ଆୟତ | - | ଅଣାୟତ |
| ଇଚ୍ଛା | - | ଅନିଚ୍ଛା |
| ଉତ୍ସାହ | - | ନିରୁତ୍ସାହ |
| କୃତକାର୍ଯ୍ୟ | - | ଅକୃତକାର୍ଯ୍ୟ |
| ଉଭା | - | ପୋତା |
| ଓଦା | - | ଶୁଖିଲା |
| ଜ୍ୱଳନ୍ତ | - | ନିର୍ବାପିତ |
| ଚେତନ | - | ଅଚେତନ |
| ଦାତା | - | ଗ୍ରହୀତା |
| ଜୟ | - | ପରାଜୟ |

# ଅଶୁଦ୍ଧି ସଂଶୋଧନ

| ଅଶୁଦ୍ଧ | ଶୁଦ୍ଧ | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ଆବିସ୍କାର | ଆବିଷ୍କାର | ମନବାଞ୍ଛା | ମନୋବାଞ୍ଛା |
| ଉତପ୍ତ | ଉତ୍ତପ୍ତ | ମନମାଳିନ୍ୟ | ମନୋମାଳିନ୍ୟ |
| ଗଣେଷ | ଗଣେଶ | ମୟୁର | ମୟୂର |
| ଦିଗାମ୍ବର | ଦିଗମ୍ବର | ଦୃଢିଭୂତ | ଦୃଢୀଭୂତ |
| ଅକ୍ଷୁର୍ଣ୍ଣ | ଅକ୍ଷୁଣ୍ଣ | ଯାତାୟାତ | ଯାତାୟତ |
| ବିଷର୍ଣ୍ଣ | ବିଷଣ୍ଣ | ଯୋସା | ଯୋଷା |
| କ୍ଷୁର୍ଣ୍ଣ | କ୍ଷୁଣ୍ଣ | ରଙ୍ଗୀନ | ରଙ୍ଗିନ |
| ଅଭ୍ୟସ୍ଥ | ଅଭ୍ୟସ୍ତ | ରଥି | ରଥୀ |
| ସାହାର୍ଯ୍ୟ | ସାହାଯ୍ୟ | ରାକ୍ଷାସ | ରାକ୍ଷସ |
| ଉଣା | ଊଣା | ଲୀପ୍‌ସା | ଲିପ୍ସା |
| ଆର୍ଦ୍ରତା | ଆଦ୍ରତା | ଲକ୍ଷ୍ମୀମନ୍ତ | ଲକ୍ଷ୍ମୀବନ୍ତ |
| ନିର୍ଦ୍ଧନୀ | ନିର୍ଦ୍ଧନ | ଶଂସୟ | ସଂଶୟ |
| ସକ୍ଷମ | କ୍ଷମ | ଶତାଦ୍ଧି | ଶତାବ୍ଦୀ |
| ଅହର୍ନିଶ | ଅହର୍ନିଶ | ଶଶୀକାନ୍ତ | ଶଶିକାନ୍ତ |
| ଗୁଣୀଗଣ | ଗୁଣିଗଣ | ସତ୍ୱାଧିକାର | ସ୍ୱତ୍ୱାଧିକାର |
| ସବାନ୍ଧବେ | ସବାନ୍ଧବ | ସନ୍ୟାସୀ | ସନ୍ନ୍ୟାସୀ |
| ନିରପରାଧୀ | ନିରପରାଧ | ସମାସ୍ୟା | ସମସ୍ୟା |
| ହସ୍ତୀଦନ୍ତ | ହସ୍ତିଦନ୍ତ | ସ୍ୱାଧିନ | ସ୍ୱାଧୀନ |
| ପୂଜ୍ୟାସ୍ପଦ | ପୂଜାସ୍ପଦ | ହାର୍ଦ୍ଧିକ | ହାର୍ଦ୍ଦିକ |
| ନୀରୋଜ | ନୀରଜ | ହାନୀ | ହାନି |
| ସୌଜନ୍ୟତା | ସୌଜନ୍ୟ | ହୃଷ୍ଟପୃଷ୍ଟ | ହୃଷ୍ଟପୁଷ୍ଟ |
| ଆଧିକ୍ୟତା | ଆଧିକ୍ୟ | ହୃଷିକେଶ | ହୃଷୀକେଶ |
| ସର୍ବଜନୀନ | ସାର୍ବଜନୀନ | କୌତୁହଳ | କୌତୂହଳ |
| ବୈରତା | ବୈର | ହିନ୍ଦୁସ୍ତାନ | ହିନ୍ଦୁସ୍ଥାନ |
| ଅନାଥିନୀ | ଅନାଥା | ହ୍ରସ | ହ୍ରସ୍ୱ |
| ଅପରାହ୍ନ | ଅପରାହ୍ଣ | କ୍ଷିଣ | କ୍ଷୀଣ |
| ମଧ୍ୟାହ୍ନ | ମଧ୍ୟାହ୍ନ | କ୍ଷିର | କ୍ଷୀର |
| ପୁରଷ୍କାର | ପୁରସ୍କାର | କ୍ଷ୍ୟାତି | ଖ୍ୟାତି |
| ତିରଷ୍କାର | ତିରସ୍କାର | ଲବ୍ଧ ପ୍ରତିଷ୍ଠିତ | ଲବ୍ଧ ପ୍ରତିଷ୍ଠ |
| ବଳିଷ୍ଟ | ବଳିଷ୍ଠ | ଲାବନ୍ୟ | ଲାବଣ୍ୟ |
| ବାହାନ | ବାହନ | ରାଗୀଣୀ | ରାଗିଣୀ |
| ବୀଥୀକା | ବୀଥିକା | ଶୀକାର | ଶିକାର |
| ବିକୀରଣ | ବିକିରଣ | ଶ୍ରଦ୍ଧାଞ୍ଜଳୀ | ଶ୍ରଦ୍ଧାଞ୍ଜଳି |
| ବେଷ୍ଟନୀ | ବେଷ୍ଟନୀ | ସପ୍ତାହିକ | ସାପ୍ତାହିକ |

## ରଢିକୁ ବାକ୍ୟରେ ପ୍ରୟୋଗ

ଅକସ ରଖିବା – (ରାଗ ରଖିବା) – ଗୁଣ୍ଡାଙ୍କର ପ୍ରତିରୋଧ କରିବାକୁ ସେମାନେ ମୋ ଉପରେ ଅକସ ରଖିଛନ୍ତି।

ଅଗ୍ନିଶର୍ମା ହେବା – ଖୁବ୍ ରାଗିବା – କପିଳର କାର୍ଯ୍ୟକଳାପରେ ପ୍ରତିବାଦ କରିବାକୁ ସେ ଅଗ୍ନିଶର୍ମା ହୋଇଗଲେ।

ଅଣ୍ଟାଭିଡ଼ିବା – କାର୍ଯ୍ୟ ପାଇଁ ସାହାସ କରିବା – ଗାଁ ସଫେଇ ପାଇଁ ବୁଢ଼ାମାନେ ଏଥର ଅଣ୍ଟା ଭିଡ଼ିଛନ୍ତି।

ଅଠା ବୋଳିବା – ଦୋଷଦେବା – ଭୁଲ୍ କାମ କରିବ ତୁମେ, ହେଲେ ମୋ ମୁଣ୍ଡରେ ଅଠା ବୋଳିବ।

ଆଖିଦେବା – ଇର୍ଷା କରିବା – ତାଙ୍କର ଧନ ସମ୍ପତ୍ତି ଉପରେ ଆଖିଦେବା ଅସଙ୍ଗତ।

ଆଖି ରଖିବା – ଲକ୍ଷ୍ୟ ରଖିବା – ମୁଁ ବାହାରକୁ ଯାଉଛି – ଘର ଆଡ଼େ ଟିକେ ଆଖି ରଖିଥିବ।

ଆଖିରେ ଧୂଳି ଦେବା – କୌଶଳରେ ଠକିବା – ଇଂରେଜ ଶାସକଙ୍କ ଆଖିରେ ଧୂଳି ଦେଇ ସୁବାସ ବୋଷ ବିଦେଶ ପଳାଇଥିଲେ।

ଆପଣା ଶିଙ୍ଗରେ ମାଟି ତାଡ଼ିବା – ଆତ୍ମନିର୍ଭରଶୀଳ ହେବା – ବୈଷୟିକ ଶିକ୍ଷାଦାନର ମୂଳଲକ୍ଷ୍ୟ ହେଲା ଆପଣା ଶିଙ୍ଗରେ ମାଟି ତାଡ଼ିବା।

ଆପଣା ସୁନା ଭେଣ୍ଡି – ନିଜ ଲୋକ ଶତ୍ରୁତା ଆଚରଣ କରିବା – ଆପଣା ସୁନା ତ ଭେଣ୍ଡି–କାହାକୁ ଆଉ ଦୋଷ ଦେବା ?

ଉଷୁନା ଧାନ ଗଜା ହେବା – ଅସମ୍ଭବ କଥା ସମ୍ଭବ ହେବା – ସତେ ଉଷୁନା ଧାନ ଗଜା ହେବ ନାଁ – ତାଙ୍କର ସୁନା ଫେରିଆସିବ !

ଏକା ମାଘକେ ଶୀତ ଯାଏନି – ଶଠତା ଦ୍ୱାରା ସବୁବେଳେ ସ୍ୱାର୍ଥସିଦ୍ଧି ସମ୍ଭବ ନୁହେଁ – ବୁଝିଲ – ଏକା ମାଘକେ ଶୀତ ତ ଯାଏନି – ମୋର ବି ପାଳି ଆସିବ ଯେ !

ଓର ଉଣ୍ଡିବା – ସୁଯୋଗକୁ ଅପେକ୍ଷା କରିବା – ସେ ମୋ ଉପରେ ଦାଉ ସାଧିବା ପାଇଁ ଓର ଉଣ୍ଡି ବସିଛି।

କଥାଦେବା – ପ୍ରତିଶ୍ରୁତି ଦେବା – ମୁଁ କଥା ଦେଉଛି ଆସନ୍ତାକାଲି ଆସିବି।

କଥା ଛିଣ୍ଡାଇବା– ନିଷ୍ପତ୍ତି କରିବା – କଥା ତ ଛିଣ୍ଡିଲା ତୁମେ ଘର ଛାଡ଼ିବ ପୁଣି କ'ଣ ?

କପାଳ ଫିଟିବା – ସୌଭାଗ୍ୟ ଉଦୟ ହେବା – ବ୍ୟବସାୟ କଲେ ଯେ ତାଙ୍କର କପାଳ ଫିଟିଲା।।

କଟା ଘା'ରେ ଚୂନ – ବିପଦ ଉପରେ ବିପଦ – କାହିଁକି ଆଉ କଟା ଘା'ରେ ଚୂନ ଦେଉଛ ?

କଳାକନା ବୁଲାଇବା – ସର୍ବସ୍ୱ ଲୁଟିନେବା – ତାଙ୍କର ବଜାରବୁଲା ସୁଯୋଗ ନେଇ ଠାଉକା ଚୋର ମାନେ ଘରେ କଳାକନା ବୁଲେଇ ଦେଲେ।

କାନ୍ଧ ଲଗେଇବା – ସାହାଯ୍ୟ କରିବା – ଆସ ଟିକେ କାନ୍ଧ ଲଗାଅ – ସବୁ ହେଇଯିବ।

କୁହୁଡ଼ି ପହଁରିବା – ବୃଧା ଭାବନା – ବାବୁଙ୍କ ପୁଅ ଭଲ ଚାକିରି କରିବ ବୋଲି ବାବୁ କୁହୁଡ଼ି ପହଁରୁଛନ୍ତି।

କରଡ଼ି ଜଳିବା – କ୍ଷୁଧାରେ ଆତୁର ହେବା – ଭୋକରେ ମୋ କରଡ଼ି ଜଳିଲାଣି – କହୁଛ କ'ଣ ନା ଖାଇବ କି ?

ଖାଲରେ ପକାଇବା – ବିପଦରେ ପକାଇବା – ତମକୁ ବିଶ୍ୱାସ କରି ଆସିଛି – ଆଉ ଖାଲରେ ପକାଇବନି ତ ?

ଖିଅ କାଢ଼ିବା – ଦୋଷ ଦେଖେଇବା – ସବୁ କଥାରେ ଖିଅ କାଢିବା ସନ୍ତୋଷର ଏକ ଅଭ୍ୟାସ।

ଗାଲରେ ହାତ ଦେବା – ଚିନ୍ତିତ ହେବା – ପୁଅର ପରୀକ୍ଷା କଥା ଶୁଣି ସାବିତ୍ରୀ ଗାଲରେ ହାତ ଦେଇ ବସିଛି।

ଗୁମର ଫିଟିବା – ଗୁପ୍ତ କଥା ଜଣାପଡ଼ିବା – ରଗାନା ତାକୁ – ଗୁମର ଫିଟେଇ ଦେବ ଟି ?

ଗୋଟିଏ ଚାଉଳରେ ଗଢ଼ା – ନିଖୁଣ ସୁନ୍ଦର – ତାଙ୍କ ବୋହୂଟି ଗୋଟିଏ ଚାଉଳରେ ଗଢ଼ା।

ଗୋଡ଼ ହାତ ନ ପାଇବା – କଳନା କରି ନପାରିବା – ତାଙ୍କର ଧନ ସମ୍ପତ୍ତି ଆକଳନ କରିବାରେ ଗୋଡ଼ହାତ ପାଇବ ନାହିଁ।

ଗୋଡ଼ ତଳର ଲୋକ – ନ୍ୟୁନ ଲୋକ – ଆଜିକାଲି ଗୋଡ଼ ତଳର ଲୋକ ବେଶୀ କଥା କହିଲେଣି।

ଗୋବର ଗଣେଶ – ଅତି ମୂର୍ଖ – ସେ ଗୋଟିଏ ଗୋବର ଗଣେଶ – ତାକୁ କ'ଣ ପଚାରୁଛ ?

ଘର ବୁଡ଼ି ପାଣି ଆଣ୍ଠୁଏ – ଅସମ୍ଭାଳ ଅବସ୍ଥା – ଘରବୁଡ଼ି ପାଣି ଆଣ୍ଠୁଏ ହେଲାଣି, ନାହିରେ ତେଲ ଦେଇ ବସିଛ ?

ଘର ଢ଼େଙ୍କୀ କୁମ୍ଭୀର – ନିଜ ଲୋକ ଶତ୍ରୁ – ସେଠି ଘର ଢ଼ିଙ୍କୀତ କୁମ୍ଭୀର – ଦୋଷ କାହାକୁ ଦେବା ?

ଚଲୁ କରିଦେବା – ଆତ୍ମସାତ କରିଦେବା – ସେତ ସାମାନ୍ୟ ସୁଯୋଗରେ ଚଲୁକରିଦେବା ଲୋକ।

ଝରି ଦଉଡ଼ି କଟା – ଲଗାମ ହୀନ – ଅନନ୍ତାଟା ଝରି ଦଉଡ଼ି କଟା।

ଚିତା କାଟିବା – ଠକିବା – ବୁଝିଲ – ଏକାବାଜୀ କେତେ ଯେ ଚିତା କାଟିଛି !

ଛାତି ପତେଇବା – ସାହାଯ୍ୟ ପାଇଁ ଆଗେଇ ଆସିବା – ତାଙ୍କୁ କାହିଁକି ସନ୍ଦେହ କରୁଛ – ସେତ ସବୁ କଥାରେ ଛାତି ପତେଇବା ଲୋକ।

ଛାଇ ନ ମାଡ଼ିବା – ପାଖକୁ ନ ଯିବା – ପିଲାଟି ସାର୍‌ଙ୍କ ଛାଇ ନ ମାଡ଼ିବା ଭଲ।

ଛୁଞ୍ଚି ମାଛି ପରଖ – ଟିକିନିଖି ପରୀକ୍ଷା – ସବୁ କଥାରେ ଛୁଞ୍ଚିମାଛି ପରଖ କରିବା ତାଙ୍କର ବଦଭ୍ୟାସ।

ଜିରାରୁ ଶିରା କାଢ଼ିବା – ସବୁ କଥାରେ ଦୋଷ ଦେଖିବା – ଏତେ ଜିରାରୁ ଶିରା କାଢ଼ିଲେ ଚଳିବ ନା ?

ଛାତି ପଥର କରିବା – ସବୁ ସହିବା – ସ୍ୱାମୀଙ୍କ ମୃତ୍ୟୁ ସମ୍ବାଦ ପାଇ ସନ୍ତୋଷୀ ନିଜର ଛାତିକୁ ପଥର କରି ଦେଇଛି।

ଜପାମାଳି – ସବୁବେଳେ ଖୋଜିହେବା – ବିଦାୟ ବେଳର କେତେପଦ କଥାକୁ ସେ ଜପାମାଳି କରି ବସିଛନ୍ତି।

ଜୋକ ମୁହଁରେ ଲୁଣ – ଟାଣ ଭାଙ୍ଗିଦେବା – ଗୋବିନ୍ଦ ଅସଲ କଥାଟା ଶୁଣି ସାରିଲା ପରେ ଜୋକ ମୁହଁରେ ଲୁଣ ଦେଲାଭଳି ବସିଛି।

ଝାଳ ବୁହା ଧନ – କଷ୍ଟ ଉପାର୍ଜିତ ସଂପତ୍ତି – ବାପାଙ୍କ ଝାଳ ବୁହା ଧନକୁ ଏମିତି ସାରୁଛୁ ତ !

ଢ଼େଙ୍ଗା ମୁଣ୍ଡରେ ଠେଙ୍ଗା – ମୁଖିଆଙ୍କ ଉପରେ ସବୁ ଦାୟିତ୍ୱ – କୁଆଡେ ଯିବ ତୁମେ – ଜାଣିନ କି ଢେଙ୍ଗା ମୁଣ୍ଡରେ ଠେଙ୍ଗା !

ତିନି ପାଞ୍ଚିରୁ ଯିବା – ସର୍ବନାଶ ଘଟିବା – ତାକୁ ଏମିତି ଦଫା ଲଗେଇଛି ଯେ ସେ ତିନିପାଞ୍ଚିରୁ ଯିବ।

ତିଳକୁ ତାଳ କରିବା – ବଢ଼େଇ କରି କହିବା – ତିଳକୁ ତାଳ କରିବା ତା'ର ଏକ ଅଭ୍ୟାସ।

ତେଲ ମାରିବା – ଖୋସାମତ କରିବା – ତା'ର ତ ତେଲ ମାରିବା ଅଭ୍ୟାସ !

ଦଗା ଦେବା – ବିଶ୍ୱାସଘାତକତା କରିବା – ସେ ତ ବହୁଲୋକଙ୍କୁ ଦଗାଦେଇଛି ଛାଡ଼ିବ କାହାକୁ ?

ଦାଉ ସାଧିବା – ପ୍ରତିଶୋଧ ନେବା – କାହିଁକି ଚନ୍ଦ୍ରମଣି ବାକୁ ଏମିତି ଦାଉ ସାଧିଲେ।

ଦିଅଁ ଖାଇ ଖଟୁଲି ଖାଇବା – ସବୁ ଆତ୍ମସାତ କରିବା – ତାଙ୍କ ହାତରେ ଏ ସବୁ କାହିଁକି ଦେଲ ! ସେ ତ ଦିଅଁ ଖାଇ ଖଟୁଲି ଖାଇବା ଲୋକ।

ନଈ ନ ଦେଖୁଣୁ ଲଙ୍ଗଳା – ବିପଦ ପଡ଼ିବା ପୂର୍ବରୁ ବିଚଳିତ ହେବା – ସବୁ କଥାରେ ଏମିତି ନଈ ନ ଦେଖୁଣୁ ଲଙ୍ଗଳା ହେଉଛୁ କାହିଁକି ?

ନାଆଁ ପକାଇବା – ବଦନାମ କରିବା – କାହିଁକି ଏ କାମ କରି ନାଁ ପକାଉଛ ?

ନାଟର ଗୋବର୍ଦ୍ଧନ – ସବୁ କଳହର ମୂଳ – ସଂଜୟ ହେଉଛନ୍ତି ନାଟର ଗୋବର୍ଦ୍ଧନ।

ନାଟ ଲଗେଇବା – ବିଭେଦ ସୃଷ୍ଟି କରିବା – ଦେଖ ହେ; ଲୋକଟା ନାଟ ଲଗେଇ ଚୁପ୍ ହୋଇ ବସିଛି !

ନାହି ଡେଇଁବା – ଇର୍ଷା କରିବା – ମୋ ଛାଇ ପଡ଼ିଲେ ତ ତା'ର ନାହି ଡ଼େଉଁଛି।

ନାହିରେ ତେଲ ପକାଇ ଶୋଇବା – ନିଶ୍ଚିତ ନିଦ୍ରାଯିବା – ରବିବାବୁ ସାଙ୍ଗଙ୍କୁ ସବୁ ଦାୟିତ୍ୱ ଦେଇ ନାହିରେ ତେଲ ପକେଇ ଶୋଇଯାଇଛନ୍ତି।

ପାଖ ନ ମାଡ଼ିବା – ଉପେକ୍ଷା କରିବା – ଏଇ ପଦକ କଥାରେ ସେ ଆଉ ପାଖ ମାଡୁନାହିଁ।

ପାଣି ନ ଗଳିବା – ନିବିଡ଼ ସମ୍ପର୍କ– ତାଙ୍କ ଭିତରେ ତ ପାଣି ଗଳୁନି । ତମେ କ'ଣ କରିବ ?

ପାଲରେ ପକାଇବା – ଭୁଲାଇ ରାଜି କରାଇବା – ସବିତା ତାଙ୍କୁ ପାଲରେ ପକାଇଛି।

ପିଠିରେ ପଡ଼ିବା – ସାହାଯ୍ୟ କରିବା – ଦେଖିବା ଏତେବେଳେ ତା'ପିଠିରେ କିଏ ପଡୁଛି ?

ପୋଥି ବାଇଗଣ – କାଳ୍ପନିକ ବସ୍ତୁ – ପୋଥି ବାଇଗଣ ଓ ବାଡ଼ି ବାଇଗଣର ଫରକ ଜାଣିନ ?

ଫାଙ୍କିଦେବା – ଅସ୍ୱୀକାର କରିବା – ସଭାରେ ସେ ଏ କଥା କହି ଏବେ ଫାଙ୍କି ଦେଉଛି ।

ବଣ ବିଛୁଆତି – ଜନ୍ମରୁ ଦୁଷ୍ଟ – ସେ ତ ବଣ ବିଛୁଆତି – ତାକୁ ବିଶ୍ୱାସ କ'ଣ ?

ବାଆକୁ ବତା – ସାମାନ୍ୟ ପ୍ରତିରୋଧ – ଏ ପ୍ରବଳ ବାତ୍ୟାକୁ ପାଲ ଖଣ୍ଡେ ସାହାଯ୍ୟ ବାଆକୁ ବତା ଭଳି।

ବାଘ ଘରେ ମିରିଗ ନାଟ – ସୀମା ବାହାରକୁ ଯିବାର ଦୁଃସାହାସ – କ'ଣ ଚାଲିଛି ଏଠି ? କ'ଣ ବାଘ ଘରେ ମିରିଗ ନାଟ !

ବାଟ କାଟିବା – ଆଡ଼ ହୋଇଯିବା – ଦୁର୍ଘଟଣା ଦେଖି ବାଟ କାଟିବା ସ୍ୱାଭାବିକ କାର୍ଯ୍ୟ ନୁହେଁ।

ବାଟ ଛାଡ଼ିଦେବା – ସୁଯୋଗ ଦେବା – ଯଦି ତୁମେ ଏ କାର୍ଯ୍ୟ ନ କରିପାରିବ – ତେବେ ବାଟ ଛାଡ଼ି ଦେଉନ !

ବାହାବେଳେ ବାଇଗଣ ରୁଆ – ଦରକାରବେଳେ ମନେପକାଇବା – ହଇ ଓ ! ଏ କ'ଣ ବାହାଘର ବେଳେ ବାଇଗଣ ରୁଆ ଭଳି ହୋଇଛି ?

ବସି ଖାଇଲେ ନଈ ବାଲି ସରେ – ପରିଶ୍ରମ ନ କରି ବସିଲେ ଅଚଳା ଚଳ ସଂପତ୍ତି ବି ଶେଷ ହୁଏ। ତୁମେ କ'ଣ ଜାଣିନ – ବସି ଖାଇଲେ ନଈ ବାଲି ସରେ !

ବିରାଡ଼ି ବୈଷ୍ଣବ / ବକଧାର୍ମିକ – ଭଣ୍ଡ ତପସ୍ୱୀ – ସେ ତ ଜଣେ ବିରାଡ଼ି ବୈଷ୍ଣବ – ତାଙ୍କ ପାଖରୁ ଦୂରେଇ ରୁହ।

ବୋଝ ଉପରେ ନଳିତା ବିଡ଼ା – କଷ୍ଟ ଉପରେ କଷ୍ଟ – ଘରବୋଝ ସହିତ ଏ ବନ୍ଧୁ ଅଳିଆ – ତ ବୋଝ ଉପରେ ନଳିତା ବିଡ଼ା ଭଳି।

ଭୁଆଁ ବୁଲାଇବା – ଭଣ୍ଡେଇବା – ସେ ଜାଣିଶୁଣି ମୋତେ ଭୁଆଁ ବୁଲାଉଛନ୍ତି।

ଭୂତ ଖାଇବା – ଅକାରଣରେନଷ୍ଟ ହେବା – ଏତ ସଂପତ୍ତି କ'ଣ କରିବ ? ଶେଷରେ ଭୂତ ଖାଇବ ତ !

ଭେକ ଥିଲେ ଭିକ ମିଳେ – ବେଶ ଦେଖି ସମ୍ମାନ ମିଳିବା – କାମିକା ଲୋକ ପାଇଁ କ'ଣର ଅଭାବ – ଆପଣ କ'ଣ ଜାଣି ନାହାନ୍ତି – ଭେକ ଥିଲେ ଭିକ ମିଳେ !

ଭେଳା ବୁଡ଼ିବା – ସର୍ବନାଶ ହେବା – ଏ ବର୍ଷ ବନ୍ୟାରେ ଫସଲ ନଷ୍ଟ ତାଙ୍କର ଭେଳା ବୁଡ଼ାଇଦେଲା।

ମାଙ୍କଡ଼ ହାତରେ ଶାଳଗ୍ରାମ – ଅଯୋଗ୍ୟ ହାତରେ ଦାୟିତ୍ୱ – ତାଙ୍କୁ ଏ ଦାୟିତ୍ୱ ଦେବା ଯାହା ମାଙ୍କଡ଼ ହାତରେ ଶାଳଗ୍ରାମ ଦେବା ତାହା।

ମାଗି ଆଣିଲା ତିଅଣ – ଯାହା ଯଥେଷ୍ଟ ନୁହେଁ – ମୋତେ ଏକଥା କ'ଣ ଦେଖାଉଛୁ – ମାଗିଆଣିଲା ତିଅଣ – ସବୁଠି ନିଷ୍ଫଳ।

ମାଛି କୁ ମ' ନ କହିବା – କାହାର କ୍ଷତି ନ କରିବା – ସେ ତ ମାଛିକୁ ମ' କହନ୍ତି ନାହିଁ – ତାଙ୍କୁ କି ଦାୟିତ୍ୱ !

ମୁଣ୍ଡ ଗୁଞ୍ଜିବା – ଆଶ୍ରୟ ଦେବା – ତା'ର ତ ମୁଣ୍ଡ ଗୁଞ୍ଜିବାକୁ ଥାନ ନାହିଁ – ତା' ଘରେ ସମ୍ବଧ କ'ଣ ?

ମାଟିରେ ମିଶିବା – ସର୍ବନାଶ ହେବା – ନିଜର ଅହଂକାର ପାଇଁ ଦୁର୍ଯ୍ୟୋଧନର ସ୍ୱପ୍ନ ମାଟିରେ ମିଶିଗଲା।

ମୁଣ୍ଡ ଝାଳ ତୁଣ୍ଡରେ ମାରିବା – କଠିନ ପରିଶ୍ରମ କରିବା – ସେ ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜର ଗୁଜୁରାଣ ମେଂଟାଇଥାନ୍ତି।

ମୁଣ୍ଡ ପୂରେଇବା – ଭାଗନେବା – ପଙ୍କଜ ଦାଦା ଏଥିରେ ମୁଣ୍ଡ ପୂରେଇଲେଣି – ଆଉ ସମସ୍ୟା ରହିବ ନାହିଁ।

ମୁହଁ ଦେବା – ପ୍ରଶ୍ରୟ ଦେବା – ରମାଦେଇ ତାଙ୍କ ପୁଅକୁ ମୁହଁ ଦେଇ ଏମିତି କରିଛନ୍ତି।

ମୁହଁ ଭାଙ୍ଗିବା– ଟାଣପଣ ଭାଙ୍ଗିଦେବା – ସାବିନାନୀଙ୍କ ଝିଅ ତାଙ୍କ ମୁହଁ ଭାଙ୍ଗିଦେଲା।

ମୁହଁ ମାରିବା – ଖୋଜିବା – ମଝିରେ ମଝିରେ ତାଙ୍କ ପାଖରେ ମୁହଁ ନ ମାରିଲେ କ'ଣ କାମ ହେବ ?

ଯତି ପଡିବା – ମେଳ ଖାଇବା – ରବୀନ୍ଦ୍ର ଓ ପ୍ରତାପଙ୍କର ପରସ୍ପର ଭଲ ଯତି ପଡୁଛି।

ରୁକୁଣାରଥ ଅଣ ଲେଉଟା – ଅପରିବର୍ତ୍ତନୀୟ – ବୁଝିଲ ତାଙ୍କ କଥା ପରା ରୁକୁଣାରଥ ଅଣ ଲେଉଟା – ଧୈର୍ଯ୍ୟଧର।

ଲଗା ନା ପଘା – ଦାୟିତ୍ୱ ହୀନ – ସଂସାର କଥାକୁ ତାଙ୍କର ଲଗା ନା ପଘା – କିଛି ଅଛି ?

ଲୁହା ଜାଣି ପାଣିଦେବା – ଅବସ୍ଥା ଦେଖି ଉତ୍ତର ଦେବା – ସେ ତ ଲୁହା ଜାଣି ପାଣି ଦେବା ଲୋକ ତାଙ୍କ ସାଙ୍ଗରେ କି ସାଙ୍ଗ ?

ଲଙ୍କାରେ ହରି ଶବ୍ଦ – ଅସମ୍ଭବ କଥା – ପାକିସ୍ଥାନର ଶାନ୍ତିବାର୍ତ୍ତା ତ ଲଙ୍କାରେ ହରି ଶବ୍ଦ ଭଳି।

ସମୁଦ୍ରକୁ ଶଙ୍ଖେ – ଯଥେଷ୍ଟ ନୁହେଁ – ଏତକ ଧନ ସମୁହକୁ ଶଙ୍ଖେ – ଆଉ କ'ଥା କ'ଣ କହିବି ?

ହାଟ ମଧ୍ୟରେ ବ୍ରହ୍ମ ଜ୍ଞାନ – ଅଜାଗାରେ ଦାନ – ତାଙ୍କର ଏ କ୍ଷେତ୍ରରେ ଉପଦେଶ ଦେବା ହାଟ ମଧ୍ୟରେ ବ୍ରହ୍ମଜ୍ଞାନ ଭଳି।

ହାଟ ହେବା – ପ୍ରଘଟ ହେବ – ସରିତାର ଆର ସାହି ପିଲା ସହ ପଳେଇ ଯିବା ପରା ହାଟ ହେଲାଣି।

ହାତବାରିସି – ବୋଲକରା – ଉମା ବୋଉର ସପନି ପରା ହାତବାରିସି !

***